ଦାଦା ଭଗବାନ କଥିତ

# ଅହିଂସା

କ୍ରୋଧ
ମାନ
**କଷାୟ**
ମାୟା
ଲୋଭ











Odia

ଦାଦା ଭଗବାନ କଥିତ

# ଅହିଂସା

ମୂଳ ଗୁଜରାତୀ ସଙ୍କଳନ : ଡା. ନୀରୂବେନ ଅମୀନ

ଅନୁବାଦ : ମହାତ୍ମାଗଣ

**ପ୍ରକାଶକ :** ଶ୍ରୀ ଅଜିତ୍ ସି. ପଟେଲ
ଦାଦା ଭଗବାନ ବିଜ୍ଞାନ ଫାଉଣ୍ଡେସନ୍,
1, ବରୁଣ ଆପାର୍ଟମେଣ୍ଟ, 37, ଶ୍ରୀମାଳି ସୋସାଇଟୀ,
ନବରଙ୍ଗପୁରା ପୋଲିସ ଷ୍ଟେସନ୍ ପାଖ, ନବରଙ୍ଗପୁରା,
ଅହମଦାବାଦ- 380009, ଗୁଜରାଟ, ଇଣ୍ଡିଆ ।
ଫୋନ୍ - +91 93 2866 1166 / 77

© : Dada Bhagwan Foundation,
5, Mamata Park Society, B/h. Navgujarat College,
Usmanpura, Ahmedabad-380014, Gujarat, India
**Email :** info@dadabhagwan.org
**Tel.:** +91 9328661166 / 9328661177
**All rights are Reserved. No part of this book may be shared, copied,translated or reproduced in any form(including electronic storage or audio recording) without written permission from the holder of the copyright.This publication is licenced for your personal use.**

**ପ୍ରଥମ ସଂସ୍କରଣ :** 500 ଖଣ୍ଡ, ଜୁନ 2024
**ଭାବ ମୂଲ୍ୟ :** 'ପରମ ବିନୟ' ଏବଂ
'ମୁଁ କିଛି ମଧ୍ୟ ଜାଣି ନାହିଁ', ଏହି ଭାବ !
**ଦ୍ରବ୍ୟ ମୂଲ୍ୟ :** 40 ଟଙ୍କା

**ମୁଦ୍ରକ :** ଅମ୍ବା ମଲ୍ଟିପ୍ରିଣ୍ଟ,
ଏଚ.ବି.କାପଡୀୟା ନ୍ୟୁ ହାଇସ୍କୁଲ ସାମନାରେ,
ଛତ୍ରାଲ-ପ୍ରତାପପୁରା ରୋଡ, ତା. କୋଲଲ,
ଜିଲ୍ଲା-ଗାନ୍ଧୀନଗର-382729,ଗୁଜରାଟ.
ଫୋନ୍ -+91 7935002142

**ISBN :** 978-93-91375-75-1

Printed in India

# ତ୍ରିମନ୍ତ୍ର








ନମୋ ଅରିହନ୍ତାଣଂ

ନମୋ ସିଦ୍ଧାଣଂ

ନମୋ ଆୟରିୟାଣଂ

ନମୋ ଉବଜ୍ଝାୟାଣଂ

ନମୋ ଲୋଏ ସବ୍ୱସାହୁଣଂ

ଏସୋ ପଞ୍ଚ ନମୁକ୍କାରୋ,

ସବ୍ୱ ପାବପ୍ପଣାସଣୋ

ମଙ୍ଗଲାଣଂ ଚ ସବ୍ୱେସିଂ,

ପଢମଂ ହବଇ ମଙ୍ଗଲମ୍ ॥୧॥

ॐ ନମୋ ଭଗବତେ ବାସୁଦେବାୟ ॥୨॥

ॐ ନମଃ ଶିବାୟ ॥ ୩ ॥

॥ ଜୟ ସଚ୍ଚିଦାନନ୍ଦ ॥



## 'ଦାଦା ଭଗବାନ' କିଏ ?

ଜୁନ୍ ୧୯୫୮ର ଏକ ସନ୍ଧ୍ୟା, ସମୟ ପାଖାପାଖି ଛ'ଟା, ଭିଡ଼ରେ ଭରା ସୁରଟ ସହରର ରେଲୱେ ଷ୍ଟେସନ୍, ପ୍ଲାଟ୍‌ଫର୍ମ ନମ୍ବର ୩ର ବେଞ୍ଚ୍ ଉପରେ ବସିଥିବା ଶ୍ରୀ ଅମ୍ବାଲାଲ୍ ମୁଲ୍‌ଜୀଭାଇ ପଟେଲ ରୂପୀ ଦେହମନ୍ଦିରରେ ପ୍ରାକୃତିକ ରୀତିରେ, ଅକ୍ରମ ରୂପରେ, କେତେ ଜନ୍ମରୁ ବ୍ୟକ୍ତ ହେବାପାଇଁ ଆତୁର 'ଦାଦା ଭଗବାନ' ପୂର୍ଣ୍ଣ ରୂପରେ ପ୍ରକଟ ହେଲେ । ଏବଂ ପ୍ରକୃତି ସର୍ଜନ କଲା ଅଧ୍ୟାତ୍ମର ଅଦ୍ଭୁତ ଆଶ୍ଚର୍ଯ୍ୟ । ଏକ ଘଣ୍ଟାରେ ତାଙ୍କୁ ବିଶ୍ୱ ଦର୍ଶନ ହେଲା । 'ମୁଁ କିଏ ? ଭଗବାନ କିଏ ? ଜଗତ କିଏ ଚଳାଉଛି ? କର୍ମ କ'ଣ ? ମୁକ୍ତି କ'ଣ ?' ଇତ୍ୟାଦି ଜଗତର ସମସ୍ତ ଆଧ୍ୟାତ୍ମିକ ପ୍ରଶ୍ନର ସମ୍ପୂର୍ଣ୍ଣ ରହସ୍ୟ ପ୍ରକଟ ହେଲା । ଏହିପରି ପ୍ରକୃତି, ବିଶ୍ୱ ସମ୍ମୁଖରେ ଏକ ଅଦ୍ୱିତୀୟ ପୂର୍ଣ୍ଣ ଦର୍ଶନ ପ୍ରସ୍ତୁତ କଲା ଏବଂ ତାହାର ମାଧ୍ୟମ ହେଲେ ଶ୍ରୀ ଅମ୍ବାଲାଲ୍ ମୂଲ୍‌ଜୀଭାଇ ପଟେଲ, ଯିଏ ଗୁଜରାଟର ଚରୋତର କ୍ଷେତ୍ରର ଭାଦରଣ ଗାଁ'ର ପାଟୀଦାର, କଣ୍ଟ୍ରାକ୍ଟ ବ୍ୟବସାୟ କରିବାବାଲା, ତଥାପି ପୂର୍ଣ୍ଣ ରୂପରେ ବୀତରାଗ ପୁରୁଷ !

'ବ୍ୟାପାରରେ ଧର୍ମ ରହିବା ଉଚିତ, ଧର୍ମରେ ବ୍ୟାପାର ନୁହେଁ', ଏହି ସିଦ୍ଧାନ୍ତ ସହ ସେ ସାରା ଜୀବନ ବିତାଇଲେ । ଜୀବନରେ କେବେ ମଧ୍ୟ ସେ କାହାରିଠାରୁ ପଇସା ନେଇ ନାହାନ୍ତି, ବରଂ ନିଜ ରୋଜଗାରରୁ ଭକ୍ତମାନଙ୍କୁ ଯାତ୍ରା କରାଉଥିଲେ ।

ତାଙ୍କୁ ଯେପରି ପ୍ରାପ୍ତ ହେଲା, ସେହିପରି କେବଳ ଦୁଇ ଘଣ୍ଟାରେ ଅନ୍ୟ ମୁମୁକ୍ଷୁମାନଙ୍କୁ ମଧ୍ୟ ସେ ଆତ୍ମଜ୍ଞାନ ପ୍ରାପ୍ତି କରାଉଥିଲେ, ତାଙ୍କର ଅଦ୍ଭୁତ ସିଦ୍ଧ ହୋଇଥିବା ଜ୍ଞାନପ୍ରୟୋଗ ଦ୍ୱାରା । ତାହାକୁ ଅକ୍ରମ ମାର୍ଗ କହିଲେ । ଅକ୍ରମ, ଅର୍ଥାତ୍ ବିନା କ୍ରମରେ ଏବଂ କ୍ରମ ଅର୍ଥାତ୍ ସିଢ଼ି ପରେ ସିଢ଼ି, କ୍ରମାନୁସାରେ ଉପରକୁ ଚଢ଼ିବା । ଅକ୍ରମ ଅର୍ଥାତ୍ ଲିଫ୍ଟ ମାର୍ଗ, ସର୍ଟ କଟ୍ ।

ସେ ନିଜେ ପ୍ରତ୍ୟେକଙ୍କୁ 'ଦାଦା ଭଗବାନ କିଏ ?'ର ରହସ୍ୟ ବୁଝାଇବାକୁ ଯାଇ କହୁଥିଲେ ଯେ, "ଏ ଯିଏ ଆପଣଙ୍କୁ ଦେଖାଯାଉଛନ୍ତି ସେ ଦାଦା ଭଗବାନ ନୁହଁନ୍ତି, ସେ ତ 'ଏ.ଏମ୍. ପଟେଲ' ଅଟେ । ମୁଁ ଜ୍ଞାନୀପୁରୁଷ ଅଟେ ଏବଂ ଭିତରେ ଯିଏ ପ୍ରକଟ ହୋଇଛନ୍ତି, ସେ 'ଦାଦା ଭଗବାନ' ଅଟନ୍ତି । ଦାଦା ଭଗବାନ ତ' ଚଉଦ ଲୋକର ନାଥ ଅଟନ୍ତି । ସେ ତୁମ ଭିତରେ ମଧ୍ୟ ଅଛନ୍ତି, ସମସ୍ତଙ୍କ ଭିତରେ ଅଛନ୍ତି । ତୁମ ଭିତରେ ଅବ୍ୟକ୍ତ ରୂପରେ ଅଛନ୍ତି ଏବଂ 'ଏଠାରେ' ମୋ ଭିତରେ ସମ୍ପୂର୍ଣ୍ଣ ରୂପରେ ବ୍ୟକ୍ତ ହୋଇଛନ୍ତି । ଦାଦା ଭଗବାନଙ୍କୁ ମୁଁ ମଧ୍ୟ ନମସ୍କାର କରେ ।"

# ଆତ୍ମଜ୍ଞାନ ପ୍ରାପ୍ତି ପାଇଁ ପ୍ରତ୍ୟକ୍ଷ ଲିଙ୍କ୍

"ମୁଁ ତ କିଛି ଲୋକଙ୍କୁ ନିଜ ହାତରେ ସିଦ୍ଧି ପ୍ରଦାନ କରିବି । ପରେ ଅନୁଗାମୀ ଦରକାର କି ନାହିଁ? ପରେ ଲୋକଙ୍କୁ ମାର୍ଗ ତ ଦରକାର ନା?"

**- ଦାଦାଶ୍ରୀ**

ପରମ ପୂଜ୍ୟ ଦାଦାଶ୍ରୀ ଗାଁ'-ଗାଁ', ଦେଶ-ବିଦେଶ ପରିଭ୍ରମଣ କରି ମୁମୁକ୍ଷୁମାନଙ୍କୁ ସତ୍‌ସଙ୍ଗ ଏବଂ ଆତ୍ମଜ୍ଞାନର ପ୍ରାପ୍ତି କରାଉ ଥିଲେ । ସେ ନିଜର ଜୀବନକାଳ ମଧ୍ୟରେ ପୂଜ୍ୟ ଡା. ନୀରୂବେନ ଅମୀନ(ନୀରୂମାଁ)ଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରାଇବାର ଜ୍ଞାନସିଦ୍ଧି ପ୍ରଦାନ କରିଥିଲେ । ଦାଦାଶ୍ରୀଙ୍କ ଦେହବିଲୟ ପରେ ନୀରୂମାଁ ସେହିପରି ମୁମୁକ୍ଷୁମାନଙ୍କୁ ସତ୍‌ସଙ୍ଗ ଏବଂ ଆତ୍ମଜ୍ଞାନର ପ୍ରାପ୍ତି, ନିମିତ୍ତ ଭାବରେ କରାଉ ଥିଲେ । ପୂଜ୍ୟ ଦୀପକଭାଇ ଦେଶାଈଙ୍କୁ ଦାଦାଶ୍ରୀ ସତ୍‌ସଙ୍ଗ କରିବା ପାଇଁ ସିଦ୍ଧି ପ୍ରଦାନ କରିଥିଲେ । ନୀରୂମାଁଙ୍କ ଉପସ୍ଥିତିରେ ହିଁ ତାଙ୍କର ଆଶୀର୍ବାଦ ଦ୍ୱାରା ପୂଜ୍ୟ ଦୀପକଭାଇ ଦେଶ-ବିଦେଶରେ ଅନେକ ଜାଗାକୁ ଯାଇ ମୁମୁକ୍ଷୁମାନଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରାଉଥିଲେ, ଯାହା ନୀରୂମାଁଙ୍କ ଦେହବିଲୟ ପରେ ଆଜି ମଧ୍ୟ ଚାଲୁଅଛି । ଏହି ଆତ୍ମଜ୍ଞାନ ପ୍ରାପ୍ତି ପରେ ହଜାର ହଜାର ମୁମୁକ୍ଷୁ ସଂସାରରେ ରହି, ନିଜର ସାଂସାରିକ ଦାୟିତ୍ୱ ବହନ କରି ମଧ୍ୟ ମୁକ୍ତ ରହି ଆତ୍ମରମଣତାର ଅନୁଭବ କରୁଛନ୍ତି ।

ଗ୍ରନ୍ଥରେ ମୁଦ୍ରିତ ବାଣୀ ମୋକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ ପାଇଁ ଅତ୍ୟନ୍ତ ଉପଯୋଗୀ ସିଦ୍ଧ ହେବ, କିନ୍ତୁ ମୋକ୍ଷପ୍ରାପ୍ତି ପାଇଁ ଆତ୍ମଜ୍ଞାନ ପ୍ରାପ୍ତ କରିବା ଆବଶ୍ୟକ ଅଟେ । ଅକ୍ରମ ମାର୍ଗ ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତିର ମାର୍ଗ ଆଜି ମଧ୍ୟ ଖୋଲା ଅଛି । ଯେପରି ପ୍ରଜ୍ୱଳିତ ଦୀପ ହିଁ ଅନ୍ୟ ଦୀପକୁ ପ୍ରଜ୍ୱଳିତ କରିପାରିବ, ସେହିପରି ପ୍ରତ୍ୟକ୍ଷ ଆତ୍ମଜ୍ଞାନୀଙ୍କଠାରୁ ଆତ୍ମଜ୍ଞାନ ପ୍ରାପ୍ତ କରି ହିଁ ସ୍ୱୟଂର ଆତ୍ମା ଜାଗୃତ ହୋଇପାରିବ ।

## ନିବେଦନ

ଜ୍ଞାନୀପୁରୁଷ ସଂପୂଜ୍ୟ ଦାଦା ଭଗବାନଙ୍କ ଶ୍ରୀମୁଖରୁ ଅଧ୍ୟାତ୍ମ ତଥା ବ୍ୟବହାର ଜ୍ଞାନ ସମ୍ବନ୍ଧୀୟ ଯେଉଁ ବାଣୀ ବାହାରିଛି, ସେସବୁକୁ ରେକର୍ଡ଼ କରି, ସଙ୍କଳନ ତଥା ସମ୍ପାଦନ କରି ପୁସ୍ତକ ରୂପରେ ପ୍ରକାଶିତ କରାଯାଇଛି । ବିଭିନ୍ନ ବିଷୟ ଉପରେ ବାହାରିଥିବା ସରସ୍ୱତୀ ବାଣୀର ଅଦ୍‌ଭୁତ ସଙ୍କଳନ ଏହି ପୁସ୍ତକରେ ହୋଇଛି, ଯାହା ନୂଆ ପାଠକଙ୍କ ପାଇଁ ବରଦାନ ରୂପ ସାବ୍ୟସ୍ତ ହେବ ।

ପ୍ରସ୍ତୁତ ଅନୁବାଦରେ ଏହା ବିଶେଷ ଧ୍ୟାନ ରଖାଯାଇଛି ଯେ ପାଠକଙ୍କୁ ଦାଦାଜୀଙ୍କର ହିଁ ବାଣୀ ଶୁଣା ଯାଉଛି, ଏପରି ଅନୁଭବ ହେଉ, ଯେଉଁ କାରଣରୁ ହୁଏତ କିଛି ଜାଗାରେ ଅନୁବାଦର ବାକ୍ୟ ରଚନା ଓଡ଼ିଆ ବ୍ୟାକରଣ ଅନୁସାରେ ତ୍ରୁଟିପୂର୍ଣ୍ଣ ଲାଗିପାରେ, କିନ୍ତୁ ଏଠାରେ ଯଦି ଆଶୟକୁ ବୁଝି ପଢ଼ାଯାଏ ତେବେ ଅଧିକ ଲାଭକାରୀ ହେବ ।

ପ୍ରସ୍ତୁତ ପୁସ୍ତକରେ ଅନେକ ଜାଗାରେ ବନ୍ଧନୀରେ ଦର୍ଶା ଯାଇଥିବା ଶବ୍ଦ ବା ବାକ୍ୟ ପରମ ପୂଜ୍ୟ ଦାଦାଶ୍ରୀଙ୍କ ଦ୍ୱାରା କୁହା ଯାଇଥିବା ବାକ୍ୟକୁ ଅଧିକ ସ୍ୱଷ୍ଟତାପୂର୍ବକ ବୁଝାଇବା ପାଇଁ ଲେଖାଯାଇଛି । ଯେବେକି କିଛି ଜାଗାରେ ଇଂରାଜୀ ଶବ୍ଦକୁ ଓଡ଼ିଆ ଅକ୍ଷରରେ ଲେଖାଯାଇଛି । ଦାଦାଶ୍ରୀଙ୍କ ଶ୍ରୀମୁଖରୁ ବାହାରିଥିବା କିଛି ଗୁଜରାତୀ ଶବ୍ଦ ଯେମିତିକୁ ସେମିତି *ଇଟାଲିକ୍ସରେ* ରଖାଯାଇଛି, କାରଣ ସେହି ଶବ୍ଦଗୁଡ଼ିକ ପାଇଁ ଓଡ଼ିଆରେ ଏପରି କୌଣସି ଶବ୍ଦ ନାହିଁ, ଯାହା ତାହାର ପୂର୍ଣ୍ଣ ଅର୍ଥ ଦେଇ ପାରିବ । ପରନ୍ତୁ ସେହି ଶବ୍ଦର ସମାର୍ଥକ ଶବ୍ଦ, ବନ୍ଧନୀରେ ଏବଂ ପୁସ୍ତକର ଶେଷରେ ମଧ୍ୟ ଦିଆଯାଇଛି ।

ପୁସ୍ତକରେ ଯେଉଁ ଯେଉଁ ଠାରେ 'ଚନ୍ଦୁଭାଇ' ନାମର ପ୍ରୟୋଗ କରାଯାଇଛି, ସେଠି ପାଠକ ନିଜ ନାମ ବୁଝି ପଢ଼ନ୍ତୁ ।

ଜ୍ଞାନୀଙ୍କ ବାଣୀକୁ ଓଡ଼ିଆ ଭାଷାରେ ଯଥାର୍ଥ ରୂପରେ ଅନୁବାଦ କରିବାର ପ୍ରୟାସ କରାଯାଇଛି ତଥାପି ଦାଦାଶ୍ରୀଙ୍କ ଆତ୍ମଜ୍ଞାନର ପ୍ରକୃତ ଆଶୟ, ଯେମିତିକୁ ସେମିତି, ଆପଣଙ୍କୁ ମୂଳ ଗୁଜରାଟୀ ଭାଷାରେ ହିଁ ଅବଗତ ହେବ । ଯେଉଁମାନଙ୍କୁ ଜ୍ଞାନର ଗଭୀରତାକୁ ଯିବାର ଥିବ, ଜ୍ଞାନର ପ୍ରକୃତ ମର୍ମ ବୁଝିବାର ଥିବ, ସେମାନେ ଏଥିପାଇଁ ଗୁଜରାଟୀ ଭାଷା ଶିଖନ୍ତୁ, ଏହା ଆମର ଅନୁରୋଧ ।

ଅନୁବାଦଜନିତ ତ୍ରୁଟି ପାଇଁ ଆପଣଙ୍କ ପାଖରେ କ୍ଷମାପ୍ରାର୍ଥୀ ଅଟୁ ।

❖ ❖ ❖ ❖ ❖

# ସମ୍ପାଦକୀୟ

ହିଂସାର ସାଗରରେ ହିଂସା ହି ହୁଏ, କିନ୍ତୁ ହିଂସାର ସାଗରରେ ଅହିଂସା ପ୍ରାପ୍ତ କରିବାର ଥିବ ତେବେ ପରମ ପୂଜ୍ୟ ଦାଦାଶ୍ରୀଙ୍କ ମୁଖ ନିଃଶୃତ ଅହିଂସାର ବାଣୀ ପଠନ କରି, ମନନ କରି ଅନୁସରଣ କରିଲେ ହିଁ ଏହା ସମ୍ଭବ ହୋଇପାରିବ । ଅନ୍ୟଥା ଲୋକମାନେ ସ୍ଥୁଳ ଅହିଂସାକୁ ବହୁତ ଗଭୀରତା ପର୍ଯ୍ୟନ୍ତ ପାଳୁଛନ୍ତି କିନ୍ତୁ ସୂକ୍ଷ୍ମ,ସୁକ୍ଷ୍ମତର ଏବଂ ସୂକ୍ଷ୍ମତମ ଅହିଂସା ଜାଣିବା ବହୁତ କଷ୍ଟକର । ତେବେ ତାହାକୁ ପ୍ରାପ୍ତ କରିବା କଥା ହିଁ କେଉଁଠି ରହିଲା ?

ସ୍ଥୁଳ ଜୀବର ହିଂସା, ସେହିପରି ସୂକ୍ଷ୍ମାତୀତ ସୂକ୍ଷ୍ମ ଜୀବର ହିଂସା, ଯେପରିକି *ବାୟୁକାୟ-ତେଉକାୟ* ଆଦିଠାରୁ ନେଇ ଶେଷରେ ଭାବହିଂସା, ଭାବମରଣ ପର୍ଯ୍ୟନ୍ତ ସଠିକ୍ ଦୃଷ୍ଟି ଯଦି ନ ରୁହେ ତେବେ ତାହା ପରିଣମିତ ହୁଏ ନାହିଁ ଏବଂ କେବଳ ଶବ୍ଦରେ କିମ୍ବା କ୍ରିୟାରେ ହିଁ ଅହିଂସା ଅଟକି ଯାଏ ।

ହିଂସାର ଯଥାର୍ଥ ସ୍ୱରୂପର ଦର୍ଶନ ତ ଯିଏ ହିଂସାକୁ ସଂପୂର୍ଣ୍ଣ ପାର କରି ସଂପୂର୍ଣ୍ଣ ଅହିଂସକ ପଦରେ ଅଛନ୍ତି, ସେ ହିଁ କରି-କରାଇ ପାରିବେ ! 'ସ୍ୱୟଂ' 'ଆତ୍ମସ୍ୱରୂପ'ରେ ରହିଲେ, ସେତେବେଳେ ତାହା ହିଁ ଏକ ଏପରି ସ୍ଥାନ ଯେଉଁଠି ସଂପୂର୍ଣ୍ଣ ଅହିଂସାରେ ରହିହେବ ! ଏବଂ ସେଠି ତ ତୀର୍ଥଙ୍କର ଆଉ ଜ୍ଞାନୀଙ୍କର ହିଁ ଆଚରଣ !!! ହିଂସାର ସାଗରରେ ସଂପୂର୍ଣ୍ଣ ଅହିଂସକ ରୂପରେ ରହୁଥିବା ଏପରି ଜ୍ଞାନୀପୁରୁଷଙ୍କ ମାଧ୍ୟମରେ ପ୍ରକାଶମାନ ହୋଇଥିବା ହିଂସା ସମ୍ବନ୍ଧିତ, ସ୍ଥୁଳ ହିଂସା-ଅହିଂସା ଠାରୁ ନେଇ ସୂକ୍ଷ୍ମତମ ହିଂସା-ଅହିଂସା ପର୍ଯ୍ୟନ୍ତ ସଠିକ୍ ଦର୍ଶନ ଏଠାରେ ସଂକଳିତ କରି ଏହି ଅନ୍ତର ଆଶୟ ସହ ପ୍ରକାଶିତ କରାଯାଇଛି, ଯାହା ଦ୍ୱାରା ଘୋର ହିଂସାରେ ଫଶିଥିବା ଏହି କାଳର ମନୁଷ୍ୟଙ୍କ ଦୃଷ୍ଟି କିଛି ବଦଳିବ ଏବଂ ଏହି ଭବ-ପରଭବ ର ଶ୍ରେୟ ସେମାନଙ୍କ ଦ୍ୱାରା ସାଧିତ ହେବ ।

ଅନ୍ୟଥା ଦ୍ରବ୍ୟ ହିଂସାରୁ ତ କିଏ ବଞ୍ଚିପାରିବ ? ସ୍ୱୟଂ ତୀର୍ଥଙ୍କରମାନେ ମଧ୍ୟ ନିର୍ବାଣ ପୂର୍ବରୁ ଅନ୍ତିମ ଶ୍ୱାସ ନେଇ ଛାଡିଥିଲେ, ସେତେବେଳେ କେତେ ହି *ବାୟୁକାୟ* ଜୀବ ମରିଯାଇଥିଲେ ! ସେପରି ହିଂସାର ଦୋଷ ସେତେବେଳେ ଯଦି ସେମାନଙ୍କୁ ଲାଗିଥାନ୍ତା ତେବେ ସେହି ପାପ ପାଇଁ ପୁଣି ପରେ ଅନ୍ୟ କାହାପାଖରେ ଜନ୍ମ ନେବାକୁ ହିଁ ପଡିଥାନ୍ତା । ତେବେ କଣ ମୋକ୍ଷ ସମ୍ଭବ ? ସେଥିପାଇଁ ସେମାନଙ୍କ ପାଖରେ ଏପରି କଣ ପ୍ରାପ୍ତ ହୋଇଥିଲା, ଯେ ଯାହା ଆଧାରରେ ସେ ସର୍ବ ପାପରୁ, ପୁଣ୍ୟରୁ ଆଉ କ୍ରିୟା ମାତ୍ରରୁ ମୁକ୍ତ ରହିଲେ ଆଉ ମୋକ୍ଷରେ ଗଲେ ? ସେହି ସମସ୍ତ ରହସ୍ୟ ପ୍ରକଟ ଜ୍ଞାନୀ, ଯାହାଙ୍କ ହୃଦୟରେ ତୀର୍ଥଙ୍କରଙ୍କ ଜ୍ଞାନ ଯେପରି ଅଟେ ସେପରି ପ୍ରକଟିତ ହୋଇଥିବ, ସେ ହିଁ କରିପାରିବେ ଏବଂ ତାହା ଏଠି ଯେପରି ଅଟେ ସେପରି ପ୍ରକାଶିତ ହୋଇଅଛି । ଏହି କାଳର ଜ୍ଞାନୀ ପରମ ପୂଜ୍ୟ ଦାଦାଶ୍ରୀଙ୍କ ଶ୍ରୀମୁଖ ନିଃଶୃତ ବାଣୀ ଅହିଂସା ଗ୍ରନ୍ଥ ଦ୍ୱାରା ସଂକଳିତ ହୋଇଛି, ଯାହା ମୋକ୍ଷ ମାର୍ଗର ଅଭିଳାଷୀ ମାନଙ୍କୁ ଅହିଂସା ପାଇଁ ଅତି-ଅତି ସରଳ ମାର୍ଗଦର୍ଶିକା ରୂପରେ ଉପଯୋଗୀ ହେବ ।

**ଡା.ନୀରୂବେନ ଅମୀନ**

# ସୂଚୀପତ୍ର

## ଅହିଂସା


ପ୍ରଗତି, 'ଅହିଂସା ପରମଧର୍ମ' ଦିଗରେ ୧
ଟଳେ ହିଂସା, ଅହିଂସା ଦ୍ୱାରା... ୨
ଜ୍ଞାନ, ଅହିଂସାର ୨
ଓଡ଼ଶ, ଏକ ସମସ୍ୟା ( ?) ୩
ଓଡ଼ଶମରା, ତୁମେ ଓଡ଼ଶ ମେକର୍ ? ୪
ଭଗବାନଙ୍କ ବଗିଚାକୁ ଲୁଟାଯାଏ ନାହିଁ ୫
ତପ – ପ୍ରାପ୍ତ ତପ... ୬
ମାତା ସଂସ୍କାର ଦେଲେ ଅହିଂସା ଧର୍ମର ୬
ସଫା ରଖ, ଔଷଧ ଛିଞ୍ଚ ନାହିଁ ୭
ପୁରା କର ପେମେଣ୍ଟ୍ ଫଟାଫଟ ୮
ସେ ରକ୍ତ ପିଏ ନା ଦେହଭାବ ଛଡ଼ାଏ ? ୮
ତାହା ନିୟମ ବାହାରେ ନୁହେଁ ୯
ନିଜର ହିଁ ହିସାବ ୧୦
କରିପାରିବା ନାହିଁ କେଉଁଠି ବି, ହିଟଲରୀ.. ୧୦
ନାହିଁ କିଛି ଅନ୍ତର, କଣ୍ଢା ଏବଂ ମଶା.. ୧୧
କାହାରି ବଞ୍ଚିବାର ରାଇଟ୍, ଛଡ଼ାଇବା .. ୧୨
ସହମତି ଦେଲେ ତାହାର ଦୋଷ ୧୪
ପାଠପଢ଼ାରେ ହିଂସା ? ୧୭
ଅଲଗା ହିସାବ ପାପର ...୧୮
ଚାଷରେ ପୁଣ୍ୟ-ପାପର ନିୟମ... ୨୦
ସ୍ପେସିଆଲ ପ୍ରତିକ୍ରମଣ ଚାଷୀ ମାନଙ୍କ ପାଇଁ ୨୧
ସ୍ୱରୂପଜ୍ଞାନୀକୁ ପୁଣ୍ୟ-ପାପ ଛୁଏଁ... ୨୨
ହିଂସକ ବ୍ୟାପାର ୨୫
ଉତ୍ତମ ବ୍ୟାପାର, ଅଳଙ୍କାର... ୨୬
ସଂଗ୍ରହ, ତାହା ମଧ୍ୟ ହିଂସା ୨୭
ସାମନା କର, କିନ୍ତୁ ଶାନ୍ତିରେ ୨୮
ହିଂସାର ବିରୋଧ,ବଞ୍ଚାଏ ଅନୁମୋଦନାରୁ.. ୨୮
କୃଷ୍ଣଙ୍କ ଗୋବର୍ଦ୍ଧନ-ଗାଇଙ୍କର... ୩୦
କ'ଣ ଫୁଲ ପୂଜାରେ ପାପ ? ୩୨
ଫୁଲ ପାଖୁଡ଼ା ଯେଉଁଠି ଦୁଃଖ ପାଏ...୩୩
ଏକେନ୍ଦ୍ରିୟ ଜୀବଙ୍କ ସୃଷ୍ଟି ୩୫
ସିଦ୍ଧି, ଅହିଂସାର ୩୭
ପ୍ରଥମେ ବଡ଼ ଜୀବ ବଞ୍ଚାଅ ୩୮
କେଉଁ ଆହାର ଉତ୍ତମ ? ୪୦
ବିଜ୍ଞାନ, ରାତ୍ରିଭୋଜନର ୪୧
କନ୍ଦମୂଳ, ସୂକ୍ଷ୍ମ ଜୀବଙ୍କ ଭଣ୍ଡାର ୪୩
ସବୁଠାରୁ ବଡ଼ ହିଂସା, କଷାୟରେ ୪୫
କଥାକୁ ବୁଝ ୪୫
'ମୁଁ' ମଧ୍ୟ ନିୟମ ପାଳିଥିଲି ୪୫
ଫୁଟା ପାଣି, ପିଇବାରେ ୪୬
ସବୁଜ ପନିପରିବାରେ ବୁଝିଲେ... ୪୮
ଆଣ୍ଟିବାୟୋଟିକ୍ସ ଦ୍ୱାରା ହେଉଥିବା ହିଂସା ୪୮
ଆହାର, ଡେଭଲମେଣ୍ଟ୍ ଆଧାରରେ ୪୯
ମାଂସାହାରୀ ଉପରେ ଚିଡ଼ିବା... ୫୦
ନିଜେ କାଟିକି ଖାଇବ ? ୫୧
ମହିମା, ସାତ୍ତ୍ୱିକ ଆହାରର ୫୨
କ'ଣ ମାଂସାହାର ଦ୍ୱାରା ନର୍କଗତି ? ୫୪
ହିସାବ ଅନୁସାରେ ଗତି ୫୫
ଅହିଂସକକୁ କିଛି ଛୁଏଁ ନାହିଁ ୫୫
ଦୋଷୀ, କଂସେଇ ନା ଖାଇବାବାଲା ? ୫୭

| | |
|---|---|
| ପାରା, ଶୁଦ୍ଧ ଶାକାହାରୀ | ୫୭ |
| ଅଣ୍ଡା ଖାଇ ହେବ ? | ୫୮ |
| କ୍ଷୀର ପିଇ ହେବ ? | ୬୦ |
| ହିଂସ୍ର ପ୍ରାଣୀର ହିଂସାରେ ହିଂସା ? | ୬୧ |
| ଜୀବ ଜୀବସ୍ୟ ଭୋଜନମ୍ | ୬୨ |
| ସମ୍ପୂର୍ଣ୍ଣ ଅହିଂସକକୁ ନାହିଁ କୌଣସି ଆଞ୍ଚ | ୬୩ |
| ଜୀବଙ୍କ ବଳି | ୬୪ |
| ଅହିଂସାର ଅନୁମୋଦନା, ଭାବନା... | ୬୪ |
| ସବୁଠୁ ବଡ଼ ଅହିଂସକ କିଏ ? | ୬୬ |
| ଅଭୟଦାନ, କେଉଁ ଜୀବଙ୍କ ପାଇଁ ? | ୬୬ |
| ଅଭୟଦାନ - ମହାଦାନ | ୬୭ |
| ତାହା ଅଟେ ବଞ୍ଚାଇବାର ଅହଙ୍କାର | ୬୮ |
| ସେ ଦୁହେଁ ଅହଙ୍କାରୀ | ୭୦ |
| କେବଳ ଅହିଂସାର ପୂଜାରୀମାନଙ୍କ ପାଇଁ | ୭୧ |
| 'ଏହା' ସମସ୍ତଙ୍କ ପାଇଁ ନୁହେଁ | ୭୨ |
| ମାରିବା-ବଞ୍ଚାଇବାର ଗୁପ୍ତ ରହସ୍ୟ | ୭୩ |
| ମରଣକାଳରେ ହିଁ ମରଣ | ୭୩ |
| 'ମାରିବାର ନାହିଁ'ର ନିଶ୍ଚୟ କର | ୭୫ |
| 'ମରେ' ନାହିଁ କେହି ଭଗବାନଙ୍କ.. | ୭୬ |
| ଭାରତରେ ଭାବହିଂସା ଭାରୀ | ୭୮ |
| ଭାବ ସ୍ୱତନ୍ତ୍ର, ଦ୍ରବ୍ୟ ପରତନ୍ତ୍ର | ୭୯ |
| ପ୍ରଥମେ ଭାବହିଂସାରୁ ବ | ୮୦ |
| ଏପରି ହୁଏ ଭାବ ଅହିଂସା | ୮୧ |
| ସବୁଠାରୁ ବଡ଼ ଆତ୍ମହିଂସା, କଷାୟ | ୮୨ |
| ନିଜର ଭାବମରଣ ପ୍ରତିକ୍ଷଣ | ୮୩ |
| ଅହିଂସାରୁ ବଢ଼ିଲା ବୁଦ୍ଧି | ୮୫ |
| ବଡ଼ ହିଂସା, ଲଢ଼ିବାର ନା କଷାୟର ? | ୮୬ |
| ବୁଦ୍ଧିଦ୍ୱାରା ମାରେ ତାହା ହାର୍ଡ଼.. | ୮୮ |
| ଏତିକି କର, ଏବଂ ଅହିଂସକ ହୁଅ | ୮୯ |
| ସାବଧାନ ହୋଇଯାଅ, ଅଛି ବିଷୟରେ... | ୯୦ |
| ମନରୁ ଉର୍ଦ୍ଧ୍ୱରେ ଅହିଂସା | ୯୧ |
| ଜ୍ଞାନୀପୁରୁଷଙ୍କ ଅହିଂସାର ପ୍ରତାପ | ୯୩ |
| ଅହିଂସା, ସେଠି ହିଂସା ନାହିଁ | ୯୩ |
| ହିଂସା-ଅହିଂସାରୁ ଉର୍ଦ୍ଧ୍ୱରେ | ୯୪ |
| ଜ୍ଞାନୀ, ହିଂସାର ସାଗରରେ ସମ୍ପୂର୍ଣ୍ଣ ଅହିଂସକ | ୯୫ |
| ସମ୍ପୂର୍ଣ୍ଣ ଅହିଂସା, ସେଠି ପ୍ରକଟେ ... | ୯୯ |
| ଚରମ ଅହିଂସାର ବିଜ୍ଞାନ | ୯୯ |
| ଶଙ୍କା, ସେପର୍ଯ୍ୟନ୍ତ ଦୋଷ | ୧୦୦ |
| ବେଦକ-ନିର୍ବେଦକ-ସ୍ୱସମ୍ବେଦକ | ୧୦୧ |
| ଲାଇଟ୍‌କୁ କାଦୁଅ ରଙ୍ଗେଇ ପାରିବ ? | ୧୦୩ |
| ଛୁଏଁ ନାହିଁ ହିଂସା, ଆତ୍ମସ୍ୱରୂପୀକୁ | ୧୦୪ |

# ଅହିଂସା

## ପ୍ରଗତି, 'ଅହିଂସା ପରମଧର୍ମ' ଦିଗରେ

**ପ୍ରଶ୍ନକର୍ତ୍ତା :** 'ଅହିଂସାର ମାର୍ଗରେ ଧାର୍ମିକ-ଆଧ୍ୟାତ୍ମିକ ଉନ୍ନତି' ଏହି ବିଷୟରେ ବୁଝାନ୍ତୁ ।

**ଦାଦାଶ୍ରୀ :** ଅହିଂସା, ତାହା ହିଁ ଧର୍ମ ଏବଂ ଅହିଂସା ତାହା ହିଁ ଅଧ୍ୟାତ୍ମର ଉନ୍ନତି । କିନ୍ତୁ ଅହିଂସା ଅର୍ଥାତ୍ 'ମନ-ବଚନ-କାୟା(ଶରୀର) ଦ୍ୱାରା କୌଣସି ବି ଜୀବକୁ କିଞ୍ଚିତ ମାତ୍ର ଦୁଃଖ ନ ହେଉ' ତାହା ଧ୍ୟାନରେ ରହିବା ଉଚିତ୍, ଶ୍ରଦ୍ଧାରେ ରହିବା ଉଚିତ୍, ତେବେ ତାହା ହୋଇପାରିବ ।

**ପ୍ରଶ୍ନକର୍ତ୍ତା :** 'ଅହିଂସା ପରମଧର୍ମ' - ଏହି ମନ୍ତ୍ର ଜୀବନରେ କିପରି କାମରେ ଆସେ ?

**ଦାଦାଶ୍ରୀ :** ତାହା ତ ସକାଳୁ ପ୍ରଥମେ ବାହାରକୁ ବାହାରିବା ସମୟରେ 'ମନ-ବଚନ-କାୟା ଦ୍ୱାରା କୌଣସି ବି ଜୀବକୁ କିଞ୍ଚିତ ମାତ୍ର ଦୁଃଖ ନ ହେଉ' ଏପରି ପାଞ୍ଚଥର ଭାବନା କରି, ପୁଣି ବାହାରିବା ଉଚିତ୍ । ପୁଣି ଯଦି କାହାକୁ ଦୁଃଖ ହୋଇ ଯାଇଥିବ, ତା'କୁ ମନେ ରଖି ତାହାର ପଶ୍ଚାତାପ କରିବା ଉଚିତ୍ ।

**ପ୍ରଶ୍ନକର୍ତ୍ତା :** କାହାରିକୁ ବି ଦୁଃଖ ନ ଦେଇ, ସେପରି ଜୀବନ ଏହି କାଳରେ କିପରି ବଞ୍ଚି ହେବ?

**ଦାଦାଶ୍ରୀ :** ତୁମକୁ ସେହିପରି ଭାବ ହିଁ ରଖିବାର ଅଛି ଏବଂ ସେହିପରି ଯତ୍ନ କରିବା ଉଚିତ୍ । ଯଦି ଯତ୍ନ ନ ହୋଇପାରେ ତାହାର ପଶ୍ଚାତାପ କରିବ ।

**ପ୍ରଶ୍ନକର୍ତ୍ତା :** ଆମ ଆଖପାଖ ସମ୍ବନ୍ଧିତ ଜୀବଜନ୍ତୁଙ୍କ ମଧ୍ୟରୁ କୌଣସି ଜୀବକୁ ଦୁଃଖ ନ ହେଉ, ସେପରି ଜୀବନ କ'ଣ ସମ୍ଭବ ? ଆମ ଆଖପାଖରେ ପ୍ରତ୍ୟେକ ଜୀବଙ୍କୁ ପ୍ରତ୍ୟେକ ସଂଯୋଗରେ ସନ୍ତୋଷ ଦିଆ ଯାଇପାରିବ କି ?

**ଦାଦାଶ୍ରୀ :** ଯାହାକୁ ଏପରି ଦେବାର ଇଚ୍ଛା ଅଛି, ସେ ସବୁକିଛି କରିପାରିବ । ଗୋଟିଏ ଜନ୍ମରେ ଯଦି ସିଦ୍ଧ ହେବ ନାହିଁ, ତେବେ ଦୁଇ ତିନି ଜନ୍ମରେ ବି ସିଦ୍ଧ ହେବ ହିଁ ! ତୁମ ଧ୍ୟେୟ ନିଶ୍ଚିତ ହେବା ଉଚିତ୍, ଲକ୍ଷ୍ୟ ହିଁ ରହିବା ଉଚିତ୍, ତେବେ ସିଦ୍ଧ ନ ହୋଇ ରହିବ ହିଁ ନାହିଁ ।

## ଟଳେ ହିଂସା, ଅହିଂସା ଦ୍ୱାରା...

**ପ୍ରଶ୍ନକର୍ତ୍ତା :** ହିଂସା ରୋକିବା ପାଇଁ କ'ଣ କରିବା ଉଚିତ୍ ?

**ଦାଦାଶ୍ରୀ :** ନିରନ୍ତର ଅହିଂସକ ଭାବ ଉତ୍ପନ୍ନ କରିବା ଉଚିତ୍ । ମୋତେ ଲୋକେ କୁହନ୍ତି ଯେ, 'ହିଂସା ଏବଂ ଅହିଂସା କେଉଁ ପର୍ଯ୍ୟନ୍ତ ପାଳିବୁ ?' ମୁଁ କହିଲି, 'ହିଂସା ଏବଂ ଅହିଂସାର ଭେଦ ମହାବୀର ଭଗବାନ କରିକି ହିଁ ଯାଇଛନ୍ତି ।' ସେ ଜାଣିଥିଲେ ଯେ ପରେ ଦୁଷମକାଳ ଆସିବାର ଅଛି । ଭଗବାନ କ'ଣ ଜାଣି ନଥିଲେ ଯେ ହିଂସା କାହାକୁ କୁହାଯିବ ଏବଂ ଅହିଂସା କାହାକୁ କୁହାଯିବ ? ଭଗବାନ ମହାବୀର କ'ଣ କୁହନ୍ତି ଯେ ହିଂସା ସାମ୍ନାରେ ଅହିଂସା ରଖ । ଯଦି ସାମ୍ନାବାଲା ମନୁଷ୍ୟ ହିଂସାର ହତିଆର ଆପଣାଏ ତେବେ ଆମେ ଅହିଂସାର ହତିଆର ଆପଣେଇବା, ତେବେ ସୁଖ ଆସିବ । ନହେଲେ ହିଂସା ଦ୍ୱାରା ହିଂସା କେବେ ବି ବନ୍ଦ ହେବ ନାହିଁ । ଅହିଂସା ଦ୍ୱାରା ହିଂସା ବନ୍ଦ ହେବ ।

## ଜ୍ଞାନ, ଅହିଂସାର

**ପ୍ରଶ୍ନକର୍ତ୍ତା :** ଲୋକମାନେ ହିଂସା ଦିଗରେ ବହୁତ ଯାଉଛନ୍ତି, ତେବେ ଅହିଂସା ଦିଗରେ ଫେରିବା ପାଇଁ କ'ଣ କରିବା ଉଚିତ୍ ?

**ଦାଦାଶ୍ରୀ :** ସେମାନଙ୍କୁ ବୁଝାଇବା ଉଚିତ୍ । ଯଦି ବୁଝାଇବା ତେବେ ଅହିଂସା ଦିଗରେ ଫେରିବେ ଯେ 'ଭାଇ, ଏଥିରେ, ଏହି ପ୍ରତ୍ୟେକ ଜୀବ ମଧ୍ୟରେ ଭଗବାନ ଅଛନ୍ତି । ଏଥିପାଇଁ ତୁମେ ଯଦି ଜୀବଙ୍କୁ ମାରିବ ତେବେ ସେମାନଙ୍କୁ ବହୁତ ଦୁଃଖ ହେବ, ତାହାର ଦୋଷ ତୁମକୁ ଲାଗିବ ଏବଂ ତାହାଦ୍ୱାରା ତୁମକୁ ଆବରଣ ଆସିବ ଏବଂ ଭୟଙ୍କର ଅଧୋଗତିରେ ଯିବାକୁ ପଡ଼ିବ ।' ଏପରି ଯଦି ବୁଝାଇବା ତେବେ ଢଙ୍ଗରେ ଚାଲିବେ । ଜୀବହିଂସା ଦ୍ୱାରା ତ ବୁଦ୍ଧି ବି ବିଗିଡ଼ିଯାଏ । ଏପରି କାହାକୁ ବୁଝାଉଛ ?

**ପ୍ରଶ୍ନକର୍ତ୍ତା :** କିନ୍ତୁ ଅହିଂସା ପାଳିବା ପ୍ରତି ନିଜର ଦୃଢ଼ ଭାବନା ଥିବ, ପରନ୍ତୁ କିଛି ବ୍ୟକ୍ତି ତାହାକୁ ବିଲକୁଲ ମାନୁ ନଥିବେ ତେବେ କ'ଣ କରିବା ଉଚିତ୍ ?

**ଦାଦାଶ୍ରୀ :** ନିଜର ଅହିଂସା ପାଳିବାର ଦୃଢ଼ ଭାବନା ଥିବ ତେବେ ନିଜେ ଅହିଂସା ପାଳିବା ଉଚିତ୍ । ତଥାପି କେଉଁ ବ୍ୟକ୍ତି ଯଦି ମାନୁ ନଥିବ ତେବେ ତା'କୁ ଧିରତାର ସହ ବୁଝାଇବା ଉଚିତ୍ । ତାହା ମଧ୍ୟ ଧୀରେ-ଧୀରେ ବୁଝାଇବା, ଯାହାଦ୍ୱାରା ସେ ମାନିବାକୁ ଲାଗିବ । ନିଜର ପ୍ରୟାସ ଥିଲେ ତେବେ ଦିନେ ନା ଦିନେ ହୋଇଯିବ ।

**ପ୍ରଶ୍ନକର୍ତ୍ତା :** ହିଂସା ରୋକିବାର ପ୍ରୟାସ କରିବାରେ ନିମିତ୍ତ ହେବା ପାଇଁ ଆପଣ ପୂର୍ବରୁ ବୁଝାଇଥିଲେ । ଯିଏ ଅହିଂସାର ଆଚରଣକୁ ମାନୁନଥିବ ତେବେ ତା'କୁ ପ୍ରେମପୂର୍ବକ ବୁଝାଇ କଥା ହେବା ଉଚିତ୍ । କିନ୍ତୁ ପ୍ରେମପୂର୍ବକ ବୁଝାଇବା ପରେ ମଧ୍ୟ ଯଦି ନ ମାନେ ତେବେ କ'ଣ କରିବା ଉଚିତ୍ ? ହିଂସା ଚାଲିବାକୁ ଦେବା ନା ଶକ୍ତିଦ୍ୱାରା ରୋକିବାର ପ୍ରୟାସ କରିବା ଯୋଗ୍ୟ କୁହାଯିବ ?

**ଦାଦାଶ୍ରୀ :** ଆମେ ଭଗବାନଙ୍କ ଭକ୍ତି ଏପରି କରିବା, ଯେଉଁ ଭଗବାନଙ୍କୁ ତୁମେ ମାନୁଛ ତାଙ୍କ ପାଖରେ, ଯେ 'ହେ ଭଗବାନ, ସମସ୍ତଙ୍କୁ ହିଂସା ରହିତ କର ।' ତୁମେ ଏପରି ଭାବନା କର ।

## ଓଡ଼ଶ, ଏକ ସମସ୍ୟା ( ? )

**ପ୍ରଶ୍ନକର୍ତ୍ତା :** ଘରେ ଯଦି ଓଡ଼ଶ ବହୁତ ବଢ଼ିଯାଇଥିବେ ତେବେ କ'ଣ କରିବୁ ?

**ଦାଦାଶ୍ରୀ :** ଥରେ ମୋ ଘରେ ଓଡ଼ଶ ବଢ଼ିଯାଇଥିଲେ, ବହୁତ ବର୍ଷ ପୂର୍ବର କଥା । ସେମାନେ ସବୁ ଏଇଠି ବେକରେ କାମୁଡୁଥିଲେ ତ, ସେତେବେଳେ ମୁଁ ଏଠି ଗୋଡ଼ରେ ରଖିଦେଉଥିଲି । ଏହି ବେକରେ କେବଳ ସହି ହେଉ ନଥିଲା, ସେଥିପାଇଁ ଏଠି ବେକରେ ଯେତେବେଳେ କାମୁଡ଼ନ୍ତି, ସେତେବେଳେ ଗୋଡ଼ ପାଖରେ ରଖି ଦେଉଥିଲି । କାହିଁକି ନା ଆମ ହୋଟେଲକୁ ଆସିଛି ଆଉ କେହି ଭୋକିଲା ଯିବ, ତାହା ବ୍ୟର୍ଥ କୁହାଯିବ ନା ? ! ସେ ଯଦି ଆମ ଘରେ ଭୋଜନ କରିକି ଯାଏ ତେବେ ଭଲ ନା ! କିନ୍ତୁ ତୁମକୁ ଏତେ ଅଧିକ ଶକ୍ତି ଆସିବ ନାହିଁ । ସେଥିପାଇଁ ତୁମକୁ ସେପରି କହୁନାହିଁ । ତୁମକୁ ତ ଓଡ଼ଶକୁ ଧରି ବାହାରେ ଛାଡ଼ି ଆସିବାର ଅଛି । ଫଳରେ ତୁମକୁ ମନରେ ସନ୍ତୋଷ ହେବ ଯେ ଏ ଓଡ଼ଶ ବାହାରକୁ ଗଲା ।

ଏବେ ନିୟମ ଏପରି ଅଟେ ଯେ ତୁମେ ଲକ୍ଷେ ଓଡ଼ଶ ବାହାରେ ଛାଡ଼ି ଆସ, କିନ୍ତୁ ଆଜି ରାତିରେ ସାତୋଟି କାମୁଡ଼ିବାର ଥିବ ତେବେ ସାତୋଟି କାମୁଡ଼ିବା ବିନା ରହିବେ ନାହିଁ । ତୁମେ ମାରିଲେ ମଧ୍ୟ ସାତୋଟି କାମୁଡ଼ିବେ, ଘର ବାହାରେ ଛାଡ଼ି

ଆସିଲେ ମଧ୍ୟ ସାତୋଟି କାମୁଡ଼ିବେ, ଦୂରରେ ଛାଡ଼ି ଆସିଲେ ମଧ୍ୟ ସାତୋଟି କାମୁଡ଼ିବେ ଆଉ କିଛି ନ କଲେ ମଧ୍ୟ ସାତୋଟି କାମୁଡ଼ିବେ ।

ସେ ଓଡ଼ଶ କ'ଣ କୁହେ ? 'ଯଦି ତୁ କୁଳବାନ ଅଟୁ ତେବେ ଆମକୁ ଆମ ଆହାର ନେବାକୁ ଦେ ଆଉ କୁଳବାନ ନୁହେଁ ତେବେ ଆମେ ଏମିତି ହିଁ ଖାଇକି ଯିବୁ, କିନ୍ତୁ ଯେତେବେଳେ ତୁମେ ଶୋଇଯିବ ସେତେବେଳେ । ଏଣୁ ତୁ ପ୍ରଥମରୁ ହିଁ କୁଳବାନ ପଣିଆ ରଖ ନା !' ଏଥିପାଇଁ ମୁଁ କୁଳବାନ ହୋଇଯାଇଥିଲି । ପୁରା ଶରୀରରେ କାମୁଡୁଥିବେ, ତେବେ ମଧ୍ୟ କାମୁଡ଼ିବାକୁ ଦିଏ । ଓଡ଼ଶ ମୋ ହାତକୁ ବି ଆସିଯାଉଥିଲେ । କିନ୍ତୁ ତା'କୁ ପୁଣି  ଗୋଡ଼ ଉପରେ ରଖିଦେଉଥିଲି । ନହେଲେ ତଥାପି ନିଦରେ ତ ପୁରା ଭୋଜନ କରି ଯାଇଥାନ୍ତେ ! ଆଉ ସେ ଓଡ଼ଶ ସାଥିରେ ନେଇଯିବା ପାଇଁ ଅଲଗା ପାତ୍ର ବି ଆଣେ ନାହିଁ । ନିଜ କ୍ଷମତା ଅନୁସାରେ ଖାଇ ଘରକୁ ଫେରିଯାଏ ଆଉ ପୁଣି ଏପରି ମଧ୍ୟ ନୁହେଁ ଯେ ଆରାମରେ ଦଶ-ପନ୍ଦର ଦିନ ପାଇଁ ଏକା ସାଥିରେ ଖାଇ ନିଏ ! ଏଣୁ ତା'କୁ ଭୋକିଲା କିପରି ବାହାର କରି ଦେଇ ହେବ ? ! ହେ ! କେତେସାରା (ଓଡ଼ଶ) ଖାଇକି ଯାଆନ୍ତି, ଆରାମରେ ! ସେତେବେଳେ ରାତିରେ ମୋତେ ଆନନ୍ଦ ହେଉଥିଲା ଯେ ବହୁତ ଜଣ(ଓଡ଼ଶ) ଭୋଜନ କରିକି ଗଲେ, ଦୁଇ ବ୍ୟକ୍ତିଙ୍କୁ ଭୋଜନ କରାଇବାର ଶକ୍ତି ନାହିଁ ଆଉ ଏହା ତ ଏତେ ଜଣଙ୍କୁ ଭୋଜନ କରାଇଲି ! !

## ଓଡ଼ଶମରା, ତୁମେ ଓଡ଼ଶ ମେକର୍ ?

**ପ୍ରଶ୍ନକର୍ତ୍ତା :** କିନ୍ତୁ ଘରେ ଯଦି ଓଡ଼ଶ-ମଶା-କକ୍ରୋଚ୍(ଅସରପା) ହଇରାଣ କରନ୍ତି ତେବେ ଆମେ କିଛି ପଦକ୍ଷେପ ନେବା ଉଚିତ୍ ?

**ଦାଦାଶ୍ରୀ :** ଓଡ଼ଶ-ମଶା-କକ୍ରୋଚ୍ ଇତ୍ୟାଦି ନ ହୁଅନ୍ତୁ, ସେଥିପାଇଁ ଆମେ ପୋଛା ଇତ୍ୟାଦି ସବୁ କରିବା ଉଚିତ୍, ସଫା ରଖିବା ଉଚିତ୍ । କକ୍ରୋଚ୍ ଯଦି ହୋଇଯାଇଥିବେ, ତାଙ୍କୁ ଧରି ଆମେ ବାହାରେ କୌଣସି ଜାଗାରେ, ବହୁତ ଦୂର, ଗାଁ'ରୁ ବାହାରେ ଦୂରକୁ ଯାଇ ପକାଇ ଆସିବା ଉଚିତ୍ । କିନ୍ତୁ ସେମାନଙ୍କୁ ମାରିବା ତ ଉଚିତ୍ ହିଁ ନୁହେଁ ।

ବହୁତ ବଡ଼ କଲେକ୍ଟର ପରି ଜଣେ ବ୍ୟକ୍ତି ଥିଲେ । ତାଙ୍କ ଘରକୁ ସେ ମୋତେ ଡାକିଥିଲେ । ମୋତେ କହିଲେ, 'ଓଡ଼ଶ ତ ମାରି ଦେବା ହିଁ ଉଚିତ୍ ।' ମୁଁ କହିଲି 'କେଉଁଠି ଏପରି ଲେଖା ହୋଇଛି ?' ତେବେ ସେ କହିଲେ, 'କିନ୍ତୁ ସେମାନେ ତ

ଆମକୁ କାମୁଡୁଛନ୍ତି ଏବଂ ଆମ ରକ୍ତ ଶୋଷି ନେଉଛନ୍ତି ।’ ମୁଁ କହିଲି ଯେ, “ତୁମକୁ ମାରିବାର ଅଧିକାର କେତେ ଅଛି, ତାହା ତୁମକୁ ନିୟମ ପୂର୍ବକ ବୁଝାଉଛି । ପୁଣି ମାରିବ କି ନାହିଁ, ସେଥିରେ ମୁଁ ତୁମକୁ କିଛି କହିବି ନାହିଁ । ଏହି ଜଗତରେ କୌଣସି ବି ବ୍ୟକ୍ତି ଯଦି ଗୋଟିଏ ଓଡ଼ଶ  ତିଆରି କରିପାରିବ ତେବେ ପୁଣି ମାର । ଯାହା ତୁମେ ‘କ୍ରିଏଟ୍’ (create, ସୃଷ୍ଟି) କରିପାରିବ, ତାହାର ତୁମେ ନାଶ କରି ପାର । ତୁମେ ଯଦି ‘କ୍ରିଏଟ୍’ କରୁ ନାହଁ, ତାହାର ନାଶ ତୁମେ କରି ପାରିବ ନାହିଁ ।”

ଏଣୁ ଯେଉଁ ଜୀବ ତୁମେ ତିଆରି କରି ପାରିବ, ତା’କୁ ମାରିବାର ଅଧିକାର ଅଛି । ତୁମେ ଯଦି ତିଆରି କରି ପାରିବ ନାହିଁ, ଯଦି ତୁମେ ‘କ୍ରିଏଟ୍’କରି ପାରିବ ନାହିଁ ତେବେ ତୁମକୁ ମାରିବାର ଅଧିକାର ନାହିଁ । ଏ ଚଉକି ତୁମେ ତିଆରି କରୁଛ ସେହି ଚଉକିକୁ ତୁମେ ଭାଙ୍ଗି ପାରିବ, କପ୍-ପ୍ଲେଟ୍ ତିଆରି କରୁଛ ତେବେ ଭାଙ୍ଗି ପାରିବ, କିନ୍ତୁ ଯାହା ତିଆରି କରାଯାଇ ପାରିବ ନାହିଁ, ସେମାନଙ୍କୁ ମାରିବାର ଅଧିକାର ତୁମର ନାହିଁ ।

**ପ୍ରଶ୍ନକର୍ତ୍ତା :** ତେବେ ସେମାନେ କାମୁଡ଼ିବା ପାଇଁ କାହିଁକି ଆସୁଛନ୍ତି ?

**ଦାଦାଶ୍ରୀ :** ହିସାବ ଅଛି ତୁମର ସେଥିପାଇଁ ଆସୁଛନ୍ତି ଆଉ ଏହି ଦେହ ତୁମର ବି ନୁହେଁ କି ତୁମେ ଏହାର ମାଲିକ ନୁହଁ । ଏସବୁ ମାଲ୍ ତୁମେ ଚୋରି କରି ଆଣିଛ, ଏଥିପାଇଁ ସେଥିରୁ ଏହି ଓଡ଼ଶମାନେ ତୁମ ପାଖରୁ ଚୋରି କରି ନେଇ ଯାଉଛନ୍ତି । ସେସବୁର ହିସାବ ସୁଝୁଅଛି । ସେଥିପାଇଁ ଏବେ ମରାମରି କର ନାହିଁ ।

## ଭଗବାନଙ୍କ ବଗିଚାକୁ ଲୁଟାଯାଏ ନାହିଁ

ଏପରି ଯେ, ଏଠାରେ ବଗିଚା ଥିବ ଏବଂ ବଗିଚା ଚାରିପଟେ ପାଚେରୀ ଥିବ । ଏବଂ ପାଚେରୀ ବାହାରେ ତୁରାଇ(ଜହ୍ନି ପରି ପରିବା), ଲାଉ, ସେସବୁ ଝୁଲୁଥିବ, ତାହାର ମୂଳ ମାଲିକର ସ୍ପେସ୍(Space, ଜାଗା) ବାହାରେ ଝୁଲୁଥିବ, ତଥାପି ଲୋକେ କ’ଣ କୁହନ୍ତି ? ‘ଆରେ, ଏହା ତ ସେ ସଲିଆର ବାଡ଼ି, ଛିଡ଼ାଇବ ନାହିଁ । ନହେଲେ ମିଆଁଭାଇ ମାରି ମାରି ତେଲ ବାହାର କରିଦେବ ।’ ଆଉ ଯଦି କେହି ନିଜ ଲୋକଙ୍କର ହୋଇଥିବ ତେବେ ଲୋକେ ଛିଡ଼େଇ ନିଅନ୍ତି । କାରଣ ସେମାନେ ବୁଝନ୍ତି ଯେ ଏହି ବାଡ଼ି ତ ଅହିଂସକ ଭାବବାଲାର । ସେ ତ ଛାଡ଼ିଦେବେ । ଲେଟ୍ ଗୋ(Let go) କରିବେ । ଆଉ ସଲିଆ ତ ଭଲଭାବେ ମାଡ଼ ମାରିବ । ସେଥିପାଇଁ ସଲିଆ ବାଡ଼ିରୁ ଗୋଟେ ବି ତୁରାଇ ବା ଲାଉ ନେଇ ହୁଏ ନାହିଁ, ତେବେ ଏହି ଭଗବାନଙ୍କ ବାଡ଼ିରେ

ଓଡ଼ଶ କାହିଁକି ମାରୁଛ ? ତୁମେ ଭଗବାନଙ୍କ ବାଡ଼ି ଲୁଟୁଛ ?!! ତୁମକୁ ବୁଝା ପଡ଼ିଲା ? ସେଥିପାଇଁ ଗୋଟିଏ ବି ଜୀବକୁ ମାରିପାରିବା ନାହିଁ ।

## ତପ - ପ୍ରାପ୍ତ ତପ...

**ପ୍ରଶ୍ନକର୍ତ୍ତା :** କିନ୍ତୁ ଓଡ଼ଶ କାମୁଡ଼ି ପକାନ୍ତି ତାହାର କ'ଣ ?

**ଦାଦାଶ୍ରୀ :** କିନ୍ତୁ ତା'ର ଆହାର ହିଁ ରକ୍ତ । ତା'କୁ ଯଦି ଆମେ ଖିଚିଡ଼ି ଦେବା ତେବେ ଖାଇବ ? ତା'କୁ ବହୁତ ଘିଅ ପକାଇ ଖିଚିଡ଼ି ଦେବା ତଥାପି ଖାଇବ ? ନା । ତା' ଆହାର ହିଁ 'ବ୍ଲଡ୍'(Blood) ଅଟେ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ତା'କୁ କାମୁଡ଼ିବାକୁ ଦେବା ତାହା ଉଚିତ୍ କଥା ନୁହେଁ ନା ?!

**ଦାଦାଶ୍ରୀ :** କିନ୍ତୁ ଉପବାସ କରି (ପେଟ) ଭିତରେ ନିଆଁ ଲାଗିଲେ ତାହା ଚଳାଇ ଦେବା ?! ବଦଳରେ ଏହି ତପ କର ନା!! ଏହି ତପ ତ ପ୍ରତ୍ୟକ୍ଷ ମୋକ୍ଷର କାରଣ ଅଟେ । ନିଜେ ସୃଷ୍ଟି କରିଥିବା ତପ କାହିଁକି କରୁଛ ? ଆସି ପଡ଼ିଥିବା ତପ କର ନା! ସେହି ଆସି ପଡ଼ିଥିବା ତପ, ତାହା ପ୍ରତ୍ୟକ୍ଷ ମୋକ୍ଷର କାରଣ ଅଟେ ଆଉ ସୃଷ୍ଟି କରିଥିବା ତପ, ତାହା ସଂସାରର କାରଣ ଅଟେ ।

**ପ୍ରଶ୍ନକର୍ତ୍ତା :** ହଁ, ବହୁତ ମଜାଦାର କଥା କହିଲେ । ତାହା ବହୁତ ଟାଣି-ଓଟାରି ତପ କରନ୍ତି, ତାହା ଅପେକ୍ଷା ତ ଏହା ଯାହା ଆସି ପଡ଼ିଛି, ସେହି ତପ ହେବାକୁ ଦିଅ ।

**ଦାଦାଶ୍ରୀ :** ହଁ, ତାହା ତ ଆମେ ଜବରଦସ୍ତି କରୁ ଆଉ ଏହା ତ ପ୍ରାପ୍ତ ଅଟେ, ଆସି ପଡ଼ିଛି ଆରାମରେ ! ଆମେ ଅନ୍ୟ କାହାକୁ ଡାକିବାକୁ ଯାଉ ନାହୁଁ । ଯେତିକି ଓଡ଼ଶ ଆସିଥିବେ ସେତିକି ଭୋଜନ କରନ୍ତୁ ଆରାମରେ, 'ତୁମର ହିଁ ଘର' । ପୁଣି ଭୋଜନ କରାଇ ପଠାଅ ।

## ମାତା ସଂସ୍କାର ଦେଲେ ଅହିଂସା ଧର୍ମର

ମୋ ମଦର୍(Mother) ମୋ ଠାରୁ ଛତିଶ ବର୍ଷ ବଡ଼ । ମୁଁ ମଦରଙ୍କୁ ପଚାରିଲି, 'ଘରେ ଓଡ଼ଶ ହୋଇଛନ୍ତି, ସେମାନେ ତୁମକୁ କାମୁଡୁ ନାହାନ୍ତି ?' ତେବେ ମଦର୍ କୁହନ୍ତି, "ପୁଅ, କାମୁଡୁଛନ୍ତି ତ ନିଶ୍ଚିତ । କିନ୍ତୁ ସେମାନେ କ'ଣ ଟିଫିନ୍ ବକ୍ସ ନେଇ ଆସୁଛନ୍ତି ଅନ୍ୟ ସମସ୍ତଙ୍କ ପରି ଯେ 'କିଛି ଦିଅନ୍ତୁ ବାପା-ମା ।' ସେ ବିଚରା କିଛି ପାତ୍ର

ନେଇ ଆସେ ନାହିଁ ଏବଂ ତା'ର ଖାଇ ସାରି ଫେରିଯାଏ !" ମୁଁ କହିଲି, ଧନ୍ୟ ତୁମ ପରି ମା ! ଏବଂ ଧନ୍ୟ ଏହି ପୁଅକୁ ମଧ୍ୟ ! !

କାହାକୁ ଯଦି ପଥର ମାରି ଆସିଥିବି, ତେବେ ମା' ମୋତେ କ'ଣ କୁହନ୍ତି ? 'ତା'ର ରକ୍ତ ବାହାରିବ । ତା'ର ମା' ନାହିଁ ତେବେ ସେ ବିଚରାର ମଲମ-ପଟି କିଏ ଲଗାଇବ ? ଆଉ ତୋ ପାଇଁ ତ ମୁଁ ଅଛି । ତୁ ମାଡ଼ ଖାଇକି ଆସିବୁ, ମୁଁ ତୋତେ ଔଷଧ ଲଗାଇ ଦେବି । ମାଡ଼ ଖାଇକି ଆସିବୁ, କିନ୍ତୁ ମାରିକି ଆସିବୁ ନାହିଁ ।' ଏବେ କୁହ, ଏପରି ମା' ମହାବୀର ତିଆରି କରିବେ କି ନାହିଁ ? !

**ପ୍ରଶ୍ନକର୍ତ୍ତା :** ଏବେ ତ ସବୁ ଓଲଟା ଚାଲିଛି । ଏବେ ତ କହିବେ, ଦେଖ, ଯଦି ମାଡ଼ ଖାଇକି ଆସିଥିବୁ ତ !

**ଦାଦାଶ୍ରୀ :** ଆଜି ନୁହେଁ, ପୂର୍ବରୁ ହିଁ ଓଲଟା ଅଛି । ଏବେ ଏହି କାଳ କାରଣରୁ କିଛି ବଦଳି ନାହିଁ । ତାହା ତ ପୂର୍ବରୁ ହିଁ ଓଲଟା ଥିଲା, ଏହି ଜଗତ ଏପରି ହିଁ ଅଟେ ! ଏଥିରୁ ଯାହାକୁ ଭଗବାନ ମହାବୀରଙ୍କ ଶିଷ୍ୟ ହେବାକୁ ଥିବ ସେ ହୋଇପାରିବ, ନହେଲେ ଲୋକଙ୍କ ଶିଷ୍ୟ ତ ହେବାକୁ ହିଁ ପଡ଼ିବ । ସେମାନେ ଗୁରୁ, ସେମାନେ ବୋସ୍ (Boss) ଆଉ ଆମେ ତାଙ୍କ ଶିଷ୍ୟ । ମାଡ଼ ଖାଉ ଥାଅ ନା ! ଏହା ଅପେକ୍ଷା ତ ମହାବୀର ଭଗବାନ ଆମ ବୋସ୍ ହିସାବରେ ଭଲ, ସେ ବୀତରାଗ ତ ଅଟନ୍ତି । ଲଢ଼େଇ କରନ୍ତି ତ ନାହିଁ !

## ସଫା ରଖ, ଔଷଧ ଛିଞ୍ଚ ନାହିଁ

କେତେ ଲୋକ ଓଡ଼ଶ ମାରନ୍ତି ନାହିଁ, କିନ୍ତୁ ବିଛଣା ଏବଂ ସେସବୁ ବାହାରେ ଖରାରେ ଶୁଖାନ୍ତି । କିନ୍ତୁ ମୁଁ ତ ସେଥିପାଇଁ ମଧ୍ୟ ନିଜ ଘରେ ମନା କରିଦେଇଥିଲି, ବିଛଣା ଶୁଖାଇବା ପାଇଁ ମନା ହିଁ କରିଦେଇଥିଲି । ମୁଁ କହିଲି, 'ଖରାରେ କାହିଁକି ବିଚରା ଓଡ଼ଶକୁ ହଇରାଣ କରୁଛ ?' ସେତେବେଳେ ସେମାନେ କୁହନ୍ତି, 'ତା'ହେଲେ ସେମାନଙ୍କର କେବେ ଅନ୍ତ ଆସିବ ?' ମୁଁ କହିଲି, 'ଓଡ଼ଶ ମାରିବାଦ୍ୱାରା ଓଡ଼ଶର ବସ୍ତି କମ୍ ହୋଇଯାଏ ନାହିଁ । ତାହା ଏକ ଭୁଲ ଧାରଣା ଅଟେ ଯେ ଓଡ଼ଶ ମାରିବା ଦ୍ୱାରା କମ୍ ହୋଇଯାନ୍ତି । ମାରିଲେ କମ୍ ହୁଅନ୍ତି ନାହିଁ । କମ୍ ଲାଗନ୍ତି ନିଶ୍ଚିତ, କିନ୍ତୁ ପରଦିନ ସେତିକି ହିଁ ଥାଆନ୍ତି ।

ତେଣୁ ଆମେ ସବୁ ସଫାସୁତୁରା ରଖିବା ଉଚିତ୍ । ସଫା-ସଫି ଥିବ ତେବେ ଓଡ଼ଶ ରହିବେ ନାହିଁ । କିନ୍ତୁ ତା' ଉପରେ ଔଷଧ ଛିଞ୍ଚିବା ତେବେ ତାହା ଦୋଷ ହିଁ କୁହାଯିବ ନା ! ଆଉ ଔଷଧ ଦ୍ୱାରା ମରନ୍ତି ନାହିଁ । ଥରେ ମରିଯିବା ପରି ଦେଖାଯାନ୍ତି,

କିନ୍ତୁ ପୁଣି ଅନ୍ୟ ଜାଗାରେ ଉତ୍ପନ୍ନ ହୋଇଯାନ୍ତି । ଓଡ଼ଶର ଏକ ନିୟମ ଥାଏ । ମୁଁ ଅନୁସନ୍ଧାନ କରିଥିଲି ଏହା ଉପରେ, ଯେ ଅମୁକ କାଳରେ ଗୋଟିଏ ବି ଦେଖାଯାନ୍ତି ନାହିଁ । କାରଣ ଏହା ଅମୁକ କାଳବର୍ତ୍ତି ଅଟେ, ଆଉ ଯେବେ ତାହାର ସିଜିନ୍(season) ଆସେ, ସେତେବେଳେ ବହୁତ ବାହାରନ୍ତି, ସେତେବେଳେ ପଛେ କିଭଳି ବି ଔଷଧ ପକାଅ ତଥାପି ବାହାରିବେ ।

## ପୁରା କର ପେମେଣ୍ଟ୍ ଫଟାଫଟ

**ପ୍ରଶ୍ନକର୍ତ୍ତା :** ସେହି ଓଡ଼ଶ ତାଙ୍କର ଯେତିକି ହିସାବ ଥାଏ ସେତିକି ହିଁ ନିଅନ୍ତି ନା ?

**ଦାଦାଶ୍ରୀ :** ମୁଁ ତ ପୂର୍ବରୁ ହିଁ ପେମେଣ୍ଟ୍ ସୁଝି ଦେଇଥିଲି, ସେଥିପାଇଁ ଏବେ ବେଶୀ ମିଳୁ ନାହାନ୍ତି । କିନ୍ତୁ ଏବେ ବି ଓଡ଼ଶ କେବେ ଯଦି ମୋ ପାଖକୁ ଆସିଯାନ୍ତି, ତଥାପି ସେମାନେ ମୋତେ ଚିହ୍ନି ନିଅନ୍ତି ଯେ ଏଠି କେହି ମାରିବାବାଲା ନାହାନ୍ତି, ହଇରାଣ କରିବାବାଲା ନାହାଁନ୍ତି । ମୋତେ ଚିହ୍ନନ୍ତି । ସେମାନେ ଅନ୍ଧାରରେ ବି ମୋ ହାତକୁ ହିଁ ଆସନ୍ତି । କିନ୍ତୁ ସେମାନେ ଜାଣନ୍ତି ଯେ ମୋତେ ଛାଡ଼ିଦେବେ । ମୋତେ ଚିହ୍ନନ୍ତି । ଅନ୍ୟ ସବୁ ଜୀବଙ୍କୁ ମଧ୍ୟ ଚିହ୍ନନ୍ତି ଯେ ଇଏ ନିର୍ଦୟୀ ଅଟେ, ଇଏ ଏପରି ଅଟେ । କାରଣ ତା ଭିତରେ ମଧ୍ୟ ଆତ୍ମା ଅଛି । ତେବେ କାହିଁକି ଚିହ୍ନିବ ନାହିଁ ? !

ଆଉ ଏହି ହିସାବ ତ ସୁଝିବା ବିନା ଚାରା ହିଁ ନାହିଁ । ଯାହା-ଯାହାର ରକ୍ତ ପିଇଥିବା ନା, ପୁଣି ସେମାନଙ୍କୁ ରକ୍ତ ପିଆଇବାକୁ ପଡ଼ିବ । ଯେମିତି କି, ସେ ବ୍ଲଡ଼ ବ୍ୟାଙ୍କ୍ ଥାଏ ନା ? ସେହିପରି ଏହା ଓଡ଼ଶ ବ୍ୟାଙ୍କ କୁହାଯାଏ । କେହି ଦୁଇ ନେଇକି ଆସିଥିବ ତେବେ ଦୁଇ ନେଇକି ଯାଏ । ଏପରି ଏସବୁ ବ୍ୟାଙ୍କ କୁହାଯାଏ, ଆଉ ବ୍ୟାଙ୍କରେ ସବୁ ଜମା ହୋଇଯାଏ ।

## ସେ ରକ୍ତ ପିଏ ନା ଦେହଭାବ ଛଡ଼ାଏ ?

ଅର୍ଥାତ୍ ଯଦି ଓଡ଼ଶ କାମୁଡୁଥିବେ ତେବେ ତା'କୁ ଭୋକିଲା ଯିବାକୁ ନଦେବା ଉଚିତ୍ । ଆମେ ଏତେ ଶ୍ରୀମନ୍ତ ବ୍ୟକ୍ତି ଆଉ ସେଠାରୁ ସେ ଗରୀବ ବ୍ୟକ୍ତି ଭୋକିଲା ଯିବ, ତାହା କିପରି ପୋଷାଇବ ?

ଆଉ ମୋର କହିବା କଥା ଯେ ଆମକୁ ଯଦି ନ ପୋଷାଏ ତେବେ ତା'କୁ ବାହାରେ ରଖି ଆସିବା । ଆମକୁ ପୋଷାଇବା ଉଚିତ୍, ତା'କୁ ଭୋଜନ କରାଇବାର ଶକ୍ତି ଥିବା ଉଚିତ୍ । ସେ ଶକ୍ତି ଯଦି ନଥିବ ତେବେ ବାହାରେ ରଖି ଆସିବା ଯେ ଭାଇ, ତୁମେ ଅନ୍ୟ ଜାଗାରେ ଭୋଜନ କରିନିଅ । ଆଉ ଭୋଜନ କରାଇବାର ଶକ୍ତି ଯଦି ଥିବ ତେବେ ଭୋଜନ କରାଇ ଯିବାକୁ ଦିଅ । ଆଉ ସେ ଯଦି ଖାଇକି ଯିବ ତେବେ ତୁମକୁ ବହୁତ ଲାଭ ଦେଇ ଯିବ । ଆତ୍ମା ମୁକ୍ତ କରି ଦେବ । ଦେହ ପ୍ରତି ଅଳ୍ପ ଭାବ ରହିଥିବ ତାହା ଚାଲିଯିବ । ଆଉ ଏ ଓଡ଼ଶ କ'ଣ କୁହନ୍ତି ? 'ତୁମେ କ'ଣ ଭାବି କି ଶୋଉଛ ? ତୁମର କିଛି କାମ କରିନିଅ ନା !' ଅର୍ଥାତ୍ ସେମାନେ ତ ଚୌକିଦାର ଅଟନ୍ତି ।

## ତାହା ନିୟମ ବାହାରେ ନୁହେଁ

**ପ୍ରଶ୍ନକର୍ତ୍ତା :** ଆଉ ଏ ମଶା ବହୁତ ପୀଡ଼ା ଦେଉଛନ୍ତି, ତାହା କଣ ?

**ଦାଦାଶ୍ରୀ :** ଏପରି ଅଟେ, ଏହି ଜଗତରେ କୌଣସି ବି ଜିନିଷ ପୀଡ଼ା ଦେଉଛି ନା, ତାହା ନିୟମ ବାହାରେ କେହି ପୀଡ଼ାଦେଇ ପାରିବ ଏପରି ବିଲକୁଲ ବି ନୁହେଁ । ଏଣୁ ତାହା ନିୟମରୁ ବାହାରେ ନୁହେଁ । ତୁମେ ନିୟମ ଅନୁସାରେ ପୀଡ଼ା ପାଉଛ । ଏବେ ତୁମକୁ ଯଦି (ପୀଡ଼ାରୁ) ବଞ୍ଚିବାର ଅଛି ତେବେ ମଶାରୀ ରଖ । ଆଉ କିଛି ରଖ, ସାଧନ ରଖ । କିନ୍ତୁ ତା'କୁ ମାରିବା ତାହା ଅପରାଧ ଅଟେ ।

**ପ୍ରଶ୍ନକର୍ତ୍ତା :** ବଞ୍ଚାଇବାର ଉପାୟ କରିବୁ, ମାରିବୁ ନାହିଁ ।

**ଦାଦାଶ୍ରୀ :** ହଁ, ବଞ୍ଚାଇବାର ଉପାୟ କର ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ମଶାକୁ ମାରିବୁ ଏବଂ 'ଶ୍ରୀରାମ' କହିବୁ ତେବେ ତା'ର ଉଚ୍ଚ ଗତି ହୁଏ ?

**ଦାଦାଶ୍ରୀ :** କିନ୍ତୁ ତାହା ନିଜର ଅଧୋଗତି କରାଏ । କାରଣ ତା'କୁ ପୀଡ଼ା ହୁଏ ।

**ପ୍ରଶ୍ନକର୍ତ୍ତା :** ସନ୍ଥଙ୍କୁ ମଶା କାମୁଡ଼େ କି ନାହିଁ ?

**ଦାଦାଶ୍ରୀ :** ଭଗବାନଙ୍କୁ କାମୁଡ଼ିଥିଲେ ପରା ! ମହାବୀର ଭଗବାନଙ୍କୁ ତ ବହୁତ କାମୁଡ଼ି ଥିଲେ । ହିସାବ ନସୁଝି ରୁହନ୍ତି ନାହିଁ ନା !

## ନିଜର ହିଁ ହିସାବ

ଅର୍ଥାତ୍ ଗୋଟିଏ ମଶା ଛୁଉଁଛି, ତାହା ଗପ ନୁହେଁ । ତେବେ ଅନ୍ୟ କେଉଁ ଜିନିଷ ଗପରେ ଚାଲିବ ? ! ଆଉ ପୁଣି ଏଠି ଗୋଡ଼ ପାଖରେ ତା'କୁ ଛୁଇଁବାକୁ ଥିବ ତେବେ ମଧ୍ୟ ଛୁଇଁ ପାରେ ନାହିଁ, ଏଠି ହାତରେ ଯଦି ଛୁଇଁବ ତେବେଯାଇ ମେଳ ପଡିବ, ଏହି ଜାଗାରେ ହିଁ ! ଏତେ ଅଧିକ ବ୍ୟବସ୍ଥା ବାଲା ଏହି ଜଗତ ଅଟେ । ସେଥିପାଇଁ ଏ ଜଗତ କ'ଣ ଗପ୍ପ ଅଟେ ? ବିଲକୁଲ 'ରେଗୁଲେଟର ଅଫ୍ ଦି ଓ୍ୱାର୍ଲଡ୍'(Regulator of the world) ଅଛି ଏବଂ ଓ୍ୱାର୍ଲଡ୍‌କୁ ନିରନ୍ତର ରେଗୁଲେଶନ୍‌ରେ ହିଁ ରଖୁଛି ଆଉ ଏସବୁ ମୁଁ ନିଜେ ଦେଖିକି କହୁଛି ।

## କରିପାରିବା ନାହିଁ କେଉଁଠି ବି, ହିଟଲରୀଜିମ୍

ଓ୍ୱାର୍ଲଡ୍(World)ରେ କେହି ତୁମକୁ *ଦଖଲ* (ହସ୍ତକ୍ଷେପ) କରିପାରିବ ଏପରି ସ୍ଥିତିରେ ହିଁ ନାହିଁ । ଏଣୁ ଓ୍ୱାର୍ଲଡ୍‌ର ଦୋଷ ବାହାର କରିବ ନାହିଁ, ତୁମର ହିଁ ଦୋଷ । ତୁମେ ଯେତିକି *ଦଖଲ* କରିଛ ସେ ସବୁର ଏହା ପ୍ରତିଧ୍ୱନୀ(ପରିଣାମ) ଅଟେ । ତୁମେ ଯଦି ଦଖଲ କରି ନଥିବ, ତାହାର ପ୍ରତିଧ୍ୱନୀ(ପରିଣାମ) ତୁମକୁ ଛୁଇଁବ ନାହିଁ ।

ଅର୍ଥାତ୍ ଗୋଟିଏ ବି ମଶା ତୁମକୁ ଛୁଇଁ ପାରିବ ନାହିଁ, ଯଦି ତୁମେ ଦଖଲ (ହସ୍ତକ୍ଷେପ) ନ କରିବ । ଏହି ବିଛଣାରେ ବହୁତ ଓଡ଼ଶ ଥାଏ ଏବଂ ତୁମକୁ ସେଠାରେ ଶୁଆଯାଏ ଆଉ ଯଦି ତୁମେ ବିନା ଦଖଲବାଲା ଅଟ ତେବେ ଗୋଟିଏ ବି ଓଡ଼ଶ ତୁମକୁ ଛୁଇଁବ ନାହିଁ । କେଉଁ ନିୟମ ଥିବ ଏହା ପଛରେ ? ଏହା ତ ଓଡ଼ଶ ପାଇଁ ଲୋକ ବିଚାର କରନ୍ତି ନା, ଯେ 'ଆରେ, ଧରି ପକାଅ, ଏମିତି କର, ସେମିତି କର ?' ଏପରି ହସ୍ତକ୍ଷେପ କରନ୍ତି ନା, ସମସ୍ତେ ? ଆଉ ଔଷଧ ଛିଞ୍ଚନ୍ତି ? ହିଟଲରୀଜିମ୍ ପରି କରନ୍ତି ? କରନ୍ତି କି ଏପରି ? ତଥାପି ଓଡ଼ଶ କୁହନ୍ତି, 'ଆମ ବଂଶର ନାଶ ହେବାର ନାହିଁ । ଆମ ବଂଶ ବଢ଼ି ଚାଲିବ ।'

ଏଣୁ ଯଦି ତୁମର ଦଖଲ ବନ୍ଦ ହୋଇଯିବ ତେବେ ସବୁ ସଫା ହୋଇଯିବ । ଯଦି ହସ୍ତକ୍ଷେପ ନଥିବ ତେବେ ଏହି ଜଗତରେ କେହି କାମୁଡ଼ିବେ ନାହିଁ । ନହେଲେ ଏହି ହସ୍ତକ୍ଷେପ କାହାକୁ ଛାଡ଼େ ନାହିଁ ।

ସବୁବେଳ ପାଇଁ ହିସାବ ସୁଝିଗଲା ଏପରି କେବେ କୁହାଯିବ ? ମଶାଙ୍କ ମଝିରେ

ବସିଥିବ ତଥାପି ମଶା ଛୁଅନ୍ତି ନାହିଁ, ତେବେ ସୁଝିଗଲା କୁହାଯିବ । ମଶା ତା'ର ସ୍ୱଭାବ ଭୁଲିଯାଏ । ଓଡ଼ଶ ତା'ର ସ୍ୱଭାବ ଭୁଲିଯାଏ । ଏଠାକୁ ଯଦି କେହି କାହାକୁ ମାରିକି ଆସିଥିବ ନା, କିନ୍ତୁ ମୋତେ ଯଦି ଦେଖେ ତେବେ ସେ ମାରିବା ଭୁଲିଯାଏ । ତା'ର ବିଚାର ହିଁ ସବୁ ବଦଳି ଯାଏ, ତା' ଉପରେ ପ୍ରଭାବ ପଡ଼େ, ଅହିଂସାର ଏତେ ସବୁ ଇଫେକ୍ଟ(Effect) ହୁଏ ।

ମଶାକୁ ଜଣା ନାହିଁ ଯେ ମୁଁ *ଚନ୍ଦୁଭାଇ ପାଖକୁ ଯାଉଛି କି ଚନ୍ଦୁଭାଇକୁ ଜଣାନାହିଁ ଯେ ଏ ମଶା ମୋ ପାଖକୁ ଆସୁଛି । ଏହି ବ୍ୟବସ୍ଥିତ ସଂଯୋଗ କାଳ ସବୁ ଏପରି କରି ଦିଏ ଯେ ଉଭୟଙ୍କୁ ମିଳାଇ ଉଭୟଙ୍କ ଭାବ ସୁଝି ସାରି ପୁଣି ଅଲଗା ହୋଇଯାନ୍ତି । ଏତେ ଅଧିକ ଏହି 'ବ୍ୟବସ୍ଥିତ' ଅଟେ ! ସେଥିପାଇଁ ମଶାକୁ ପବନରେ ଟାଣି ଟାଣି ଏଠାକୁ ଆଣେ ଏବଂ ଡଙ୍କ ମାରି ପୁଣି ପବନରେ ଟାଣି ହୋଇଯାଏ । ପୁଣି କେଜାଣି ସେ କେତେ ମାଇଲ ଦୂର ଯାଇଥିବ ! ଯିଏ ତେଢ଼ା ଥାଏ ତା'କୁ ପୁଣି ଫଳ ଦିଏ ।

## ନାହିଁ କିଛି ଅନ୍ତର, କଣ୍ଟା ଏବଂ ମଶା ମଧ୍ୟରେ

ଏ ମଶା କାମୁଡ଼େ ତେବେ ଲୋକଙ୍କୁ ମଶାର ଦୋଷ ଦେଖାଯାଏ ଆଉ ସେ କଣ୍ଟା ଯେତେବେଳେ ଫୋଡ଼ି ହୋଇଯାଏ ସେତେବେଳେ କ'ଣ କରେ ? ଏତେ ବଡ଼ କଣ୍ଟା ଯଦି ଫୋଡ଼ି ହୋଇଯାଏ ତେବେ ? ସେହି କଣ୍ଟା ଏବଂ ମଶା ମଧ୍ୟରେ ତିଳେ ମାତ୍ର ବି ଅନ୍ତର ନାହିଁ, ଭଗବାନ ଅନ୍ତର ଦେଖି ନାହାଁନ୍ତି । ଯିଏ କାମୁଡ଼େ ନା, ସେ ଆତ୍ମା ନୁହେଁ । ସେମାନେ କଣ୍ଟା ହିଁ ଅଟନ୍ତି ସବୁ । ସେ କଣ୍ଟାର ଦୋଷ ଦେଖାଯାଏ ନାହିଁ ନା ! ତାହାର କାରଣ କ'ଣ ?

**ପ୍ରଶ୍ନକର୍ତ୍ତା :** ଜୀବନ୍ତ ନିମିତ୍ତ କେହି ଦେଖାଯାଏ ନାହିଁ ନା ସେଠି !

**ଦାଦାଶ୍ରୀ :** ଆଉ ସେଥିରେ ଜୀବନ୍ତ ଦେଖାଯାଏ ନା, ସେଥିପାଇଁ ସେ ବୁଝେ ଯେ ଇଏ ହିଁ ମୋତେ କାମୁଡ଼ିଲା । 'ନିଜେ' ଭ୍ରାନ୍ତିବାଲା ପୁଣି ଜଗତ ତା'କୁ ଭ୍ରାନ୍ତିବାଲା ହିଁ ଦେଖାଯାଏ । ଆତ୍ମା କାହାକୁ କାମୁଡ଼େ ହିଁ ନାହିଁ । ଏସବୁ ଅନାତ୍ମା ହୋଇ ଦଣ୍ଡ ଦେଉ ଅଛି ଜଗତକୁ । ପରମାତ୍ମା ଦଣ୍ଡ ଦିଅନ୍ତି ନାହିଁ । ଆତ୍ମା ମଧ୍ୟ ଦଣ୍ଡ ଦିଏ ନାହିଁ, ଏହା ତ ବବୁଲ ଗଛର କଣ୍ଟା ହିଁ ସମସ୍ତଙ୍କୁ ଫୋଡ଼ି ହେଉଛି ।

ପାହାଡ଼ ଉପରୁ ଯଦି ଏତେ ବଡ଼ ପଥର ମୁଣ୍ଡରେ ପଡ଼େ ତେବେ ଉପରକୁ ଦେଖିନିଏ ଯେ କେହି ପକାଇଲା ନା ପଡ଼ିଗଲା ? ପୁଣି ଯଦି କେହି ନ ଦେଖାଯାଏ

*ପାଠକ 'ଚନ୍ଦୁଭାଇ' ସ୍ଥାନରେ ନିଜ ନାମ ପଢ଼ନ୍ତୁ

ତେବେ ଚୁପ ! ଆଉ କେହି ଯଦି ନିଜ ଉପରକୁ ଗୋଡ଼ିଟିଏ ମାରିଥିବ ତେବେ ହଳଦୀଘାଟର ଲଢ଼େଇ କରିଦିଏ । କାରଣ କ'ଣ ? ଯେ ଭ୍ରାନ୍ତଦୃଷ୍ଟି ଅଛି !

ଏହି 'ଅକ୍ରମ ବିଜ୍ଞାନ' କ'ଣ କୁହେ ? ଯେ ସେ କଣ୍ଟା ବି *ନିମିତ୍ତ* (ମାଧ୍ୟମ) ଅଟେ ଏବଂ ବ୍ୟକ୍ତି ବି *ନିମିତ୍ତ* ଅଟେ, ଦୋଷ ତୁମର ହିଁ । ଏହି ଫୁଲକୁ ଯଦି ମାଡ଼ିବା ତେବେ ତାହାର ଫଳ(ପରିଣାମ) ଆସେ ନାହିଁ ଆଉ କଣ୍ଟାକୁ ମାଡ଼ିବା ତେବେ ଫଳ(ପରିଣାମ) ଆସେ, ସେହିପରି ଏହି ମନୁଷ୍ୟରେ ମଧ୍ୟ ଅଛି । ସେଥିପାଇଁ ସମ୍ଭାଳିକି ଚାଲ! କଣ୍ଟା ଫୋଡ଼ିହେବା ଅଥବା ପୁଣି ବିଛା କାମୁଡ଼ିବା ଉଭୟ କର୍ମଫଳ ଅଟେ । ଏହି ଫଳ ଆସିଲା, କିନ୍ତୁ କାହାର ଫଳ ? ମୋ ନିଜର । ତେବେ କହିବା, 'ତା'କୁ(ନିମିତ୍ତକୁ) କ'ଣ ନେବା-ଦେବା ?' ସେମାନେ ତ ବିଚରା *ନିମିତ୍ତ* ଅଟନ୍ତି । ଭୋଜନ କରାଇବାବାଲା କିଏ ଆଉ ପରୋଷିବାବାଲା କିଏ ?

ଏଣୁ ସାବଧାନତାର ସହ ଚାଲିବ । ଏହି ଜଗତ ବହୁତ ଅଲଗା ପ୍ରକାରର । ବିଲକୁଲ ନ୍ୟାୟ ସ୍ୱରୂପ ଅଟେ । ମୁଁ ପୁରା ଜୀବନର ହିସାବ ବାହାର କରିଛି ନା, ସେ ହିସାବ ବାହାର କରୁ-କରୁ ଏତେ ଭଲ ହିସାବ ବାହାରିଛି, ଆଉ ଜଗତକୁ ଦିନେ ମୁଁ ସେ ହିସାବ ଦେବି ! ସେତେବେଳେ ଜଗତକୁ ଶାନ୍ତି ଲାଗିବ । ନହେଲେ ଶାନ୍ତି ଲାଗିବ ନାହିଁ । ଅନୁଭବରେ ତ ନେବାକୁ ପଡ଼ିବ ନା! ଅନୁଭବ ଷ୍ଟେଜ୍‌ରେ ଯଦି ନେବା ତେବେଯାଇ କାମ ହେବ ନା ! ଅର୍ଥାତ୍ 'ଏହାର କ'ଣ ପରିଣାମ ଆସିବ' ଏପରି ରିସର୍ଚ ତ କରିବାକୁ ପଡ଼ିବ ନା !

## କାହାରି ବଞ୍ଚିବାର ରାଇଟ୍, ଛଡ଼ାଇବା ଉଚିତ୍ ?

ଏହାର ମଧ୍ୟ ମୁଁ ଅନୁସନ୍ଧାନ କରିଛି । କଣ ବୁଦ୍ଧିବାଲା ପ୍ରତିଷ୍ଠା ପାଇଛନ୍ତି ! ମୂଷା, ତାହା ବିରାଡ଼ିର ଭୋଜନ ଅଟେ । ଖାଇବାକୁ ଦିଅ ନା ତା'କୁ! ଆଉ ଏ ଚୁଚୁନ୍ଦ୍ରା ଯଦି ଯାଉଥିବ ନା, ତେବେ ବିରାଡ଼ି ତା'କୁ ଛୁଏଁ ନାହିଁ । ବିରାଡ଼ି ଯଦି ଭୋକିଲା ଥିବ ଆଉ ମୂଷା, ଜୀବଜନ୍ତୁ ମାନଙ୍କୁ ଖାଇ ଯାଉଥିବ ତେବେ ଚୁଚୁନ୍ଦ୍ରାକୁ କାହିଁକି ଖାଏ ନାହିଁ ? କିନ୍ତୁ ସେ ଚୁଚୁନ୍ଦ୍ରାକୁ ଛୁଏଁ ନାହିଁ । ଏହା ଉପରେ ବିଚାର କର ।

ଏମାନେ କିଛି ପୁଣ୍ୟ କରିଥିଲେ, ସେଥିପାଇଁ ବସି-ବସି ଖାଇବାକୁ ମିଳିଲା । ଆଉ ଏହି ମଜୁରିଆ ମାନଙ୍କୁ ତ, ପରିଶ୍ରମ କରିବେ ତା'ପରେ ପଇସା ଆଣିବେ ତେବେଯାଇ ଖାଇବାକୁ ମିଳେ । ସେଥିପାଇଁ ଆମେ, ଏବେ କାହାକୁ ଦୁଃଖ ନହେଉ,

ପଶୁପକ୍ଷୀ ମାନଙ୍କୁ, ଛୋଟ ଜୀବଜନ୍ତୁଙ୍କୁ ମଧ୍ୟ ଦୁଃଖ ନହେଉ ସେହିପରି ଆଚରଣ ରଖିବା ଉଚିତ୍ । ଏମିତିରେ ତ ଲୋକେ ଭଗବାନଙ୍କ ନାମ ନିଅନ୍ତି ଆଉ ଯେଉଁମାନଙ୍କ ଭିତରେ ଭଗବାନ ଅଛନ୍ତି, ସେମାନଙ୍କୁ ମାରୁଥାନ୍ତି । ସାପ ବାହାରି ଥିବ ତେବେ ମାରି ପକାନ୍ତି, ଓଡ଼ଶକୁ ମଧ୍ୟ ମାରି ଦିଅନ୍ତି, ଏମିତି ଶୁରବୀର( !) ଲୋକ ! କ'ଣ ଲୋକେ ଏମିତି ମାରୁଛନ୍ତି ? ବଡ଼ ଶୁରବୀର କୁହାଯିବ ନା ? ! ଏଣୁ ଲୋକେ ମାରିବାରେ ପୁଣି ଶୁରବୀର ! ଆଉ ଏହି ସର୍ଜନ କାହାର, ଯାହାର ବିସର୍ଜନ ପାଇଁ ନିଜେ ପ୍ରସ୍ତୁତ ହୋଇ ଯାଉଛ ? ! ତୁମେ ଯଦି ସର୍ଜନ କରି ପାରିବ ତେବେ ତାହାର ବିସର୍ଜନ କରି ପାରିବ । କିଛି ନ୍ୟାୟ ଥିବ ନା ନାହିଁ ?

ଏପରି ଅଟେ, ଏମାନେ ତ ରିଲେଟିଭ୍ ଭ୍ୟୁ-ପଏଣ୍ଟରେ (Relative view-point) ଓଡ଼ଶ ଅଟନ୍ତି ଆଉ ରିୟଲ ଭ୍ୟୁ-ପଏଣ୍ଟରେ ଶୁଦ୍ଧାତ୍ମା ଅଟନ୍ତି । ତୁମକୁ କଣ ଶୁଦ୍ଧାତ୍ମାକୁ ମାରିବାର ଅଛି ? ଯଦି ପସନ୍ଦ ନୁହେଁ ତେବେ ବାହାରେ ଯାଇ ଛାଡ଼ି ଆସ ନା ! ଏବେ ସମସ୍ତଙ୍କୁ ମାରି ମନୁଷ୍ୟ ସୁଖ ଖୋଜୁଛି ଏଥିରେ । ମଶା ମାରିବା, ଓଡ଼ଶ ମାରିବା, ଯାହା ଆସିଥିବ ତା'କୁ ମାରିବା ଆଉ ସୁଖ ଖୋଜିବା, ଏ ଉଭୟ ସାଥିରେ କିପରି ହୋଇପାରିବ ?

**ପ୍ରଶ୍ନକର୍ତ୍ତା :** ଘରେ ପିମ୍ପୁଡ଼ି ବହୁତ ବାହାରୁଛନ୍ତି ତେବେ କ'ଣ କରିବା ଉଚିତ୍ ?

**ଦାଦାଶ୍ରୀ :** ଯେଉଁ ରୁମ୍‌ରେ ପିମ୍ପୁଡ଼ି ବାହାରୁଥିବେ ସେ ରୁମ୍ ବନ୍ଦ ରଖିବ । ଏହାକୁ ଉପଦ୍ରବ କୁହାଯାଏ । ପ୍ରକୃତିର ନିୟମ ଏପରି ଅଟେ ଯେ କିଛିଦିନ ସେମାନଙ୍କ ଉପଦ୍ରବ ଚାଲେ । ପୁଣି ତାହାର ଟାଇମ୍ ପୁରା ହୋଇଗଲେ ଉପଦ୍ରବ ବନ୍ଦ ହୋଇଯାଏ, ଆପେ ଆପେ, ପ୍ରାକୃତିକ ରୂପେ ! ସେଥିପାଇଁ ଆମେ ରୁମ୍ ବନ୍ଦ ରଖିବା, ଏସବୁ ତୁମେ ଅନୁସନ୍ଧାନ କରିବ ତେବେ ଜଣା ପଡ଼ିବ । ଏହା ପରମାନେଣ୍ଟ(Permanent) ଉପଦ୍ରବ ଅଟେ ନା ଟେମ୍ପରାରୀ(Temporary) ?

**ପ୍ରଶ୍ନକର୍ତ୍ତା :** ଅଧିକାଂଶ ପିମ୍ପୁଡ଼ି ରୋଷେଇ ଘରେ ହିଁ ଆସନ୍ତି, ତେବେ ରୋଷେଇ ଘର କିପରି ବନ୍ଦ ରଖିବୁ ?

**ଦାଦାଶ୍ରୀ :** ତାହା ତ ସବୁ ବିକଳ୍ପ ଅଟେ । ଆମକୁ ଏହା ବୁଝିନେବାର ଅଛି । ଉପଦ୍ରବ ଯଦି ହୁଏ ସେଠାରୁ ଖସିଯିବ, ଦୁଇଟି ରୋଷେଇ ଘର ରଖ, ଗୋଟିଏ ଷ୍ଟୋଭ ଅଲଗା ରଖ । ସେ ଦିନ କିଛି ସିଝେଇକି ଖାଇନେବ । ମାରିବାର ଦୋଷ ବହୁତ ଭୟଙ୍କର ଅଟେ ।

**ପ୍ରଶ୍ନକର୍ତ୍ତା :** ନିତିଦିନିଆ ବ୍ୟବହାରରେ ଯେଉଁମାନେ ଅବରୋଧରେ ଆସୁଛନ୍ତି କେବଳ ସେମାନଙ୍କୁ ମାରି ଦେଉଛି ଆଉ ଅନ୍ୟ ସମସ୍ତଙ୍କୁ ମାରିବାକୁ ଯାଏ ନାହିଁ ।

**ଦାଦାଶ୍ରୀ :** ଯାହାକୁ ଜୀବଜନ୍ତୁ ମାରିବାର ଅଛି ତା'କୁ ଏପରି ସଂଯୋଗ ମିଳିଯାଏ ଆଉ ଯାହାକୁ ମାରିବାର ନାହିଁ ତା'କୁ ସେପରି ସଂଯୋଗ ମିଳିଯାଏ ।

କିଛି ସମୟ 'ମାରିବାର ନାହିଁ' ଏପରି ପ୍ରୟାସ ଯଦି କରିବ ତେବେ ସଂଯୋଗ ବଦଳିବ । ଦୁନିଆର ନିୟମ ଯଦି ବୁଝିବ ତେବେ ସମାଧାନ ଆସିବ । ନହେଲେ ପୁଣି ମାରିବାର ପରମ୍ପରା ବନ୍ଦ ହେବ ନାହିଁ । ଫଳସ୍ୱରୂପ ସଂସାରର ପରମ୍ପରାରୁ ମୁକୁଳି ହେବ ନାହିଁ । ଭୁଲରେ ଯଦି ମରିଯାନ୍ତି ତେବେ ତାହାର ପ୍ରତିକ୍ରମଣ କରି କ୍ଷମା ମାଗିନେବ ।

**ପ୍ରଶ୍ନକର୍ତ୍ତା :** ମୁଁ ମଧ୍ୟ ଏହି ଦୈନନ୍ଦିନ ଜୀବନରେ ଏସବୁ ଔଷଧ ଛିଞ୍ଚି ସବୁ ଜୀବଜନ୍ତୁମାନଙ୍କୁ ମାରୁଛି, ତେବେ ତାହାର ଇଫେକ୍ଟ ନିଜ ଉପରେ ହେଉଛି ?

**ଦାଦାଶ୍ରୀ :** ମାରୁଛ ସେହି ସମୟରେ ଭିତରେ ତୁରନ୍ତ ପରମାଣୁ ବଦଳି ଯାଏ ଆଉ ତୁମ ଭିତରେ ମଧ୍ୟ ମରିଯାନ୍ତି । ଯେତିକି ତୁମେ ବାହାରେ ମାରିବ ସେତିକି ଭିତରେ ମରିବେ । ଯେତିକି ବାହାରେ ଜଗତ ଅଛି ସେତିକି ଭିତରେ ଜଗତ ଅଛି । ସେଥିପାଇଁ ତୁମକୁ ଯେତେ ମାରିବାର ଥିବ ସେତେ ମାର, ତୁମ ଭିତରେ ମଧ୍ୟ ମରି ଚାଲିବେ । ଯେତିକି ଏହି ବ୍ରହ୍ମାଣ୍ଡରେ ଅଛି ସେତିକି ପିଣ୍ଡରେ ଅଛି ।

ଏତେ ସାରା ଚୋର ଅଛନ୍ତି ଯେ ଆମେ ସେମାନଙ୍କଠାରୁ ବଞ୍ଚିବା ହିଁ ନାହିଁ । ଆମେ କେବେ କାହାର ପକେଟ ମାରିବାର, ଚୋରି କରିବାର ବିଚାର କରି ନାହେଁ, ସେଥିପାଇଁ ଆମର ସେମାନେ କାଟନ୍ତି ନାହିଁ । ସେଥିପାଇଁ ତୁମେ ଯଦି ହିଂସକ ବଦଳରେ ଅହିଂସକ ରହିବ, ତେବେ ହିଂସାର ସଂଯୋଗ ହିଁ ତୁମକୁ ମିଳିବ ନାହିଁ ଏପରି ଏହି ଜଗତ ଅଟେ । ଜଗତକୁ ଥରେ ବୁଝିନେବ ତେବେ *ନିବେଡ଼ା* (ସମାଧାନପୂର୍ବକ ଅନ୍ତ) ଆସିବ ।

## ସହମତି ଦେଲେ ତାହାର ଦୋଷ

**ପ୍ରଶ୍ନକର୍ତ୍ତା :** ଏହି ବର୍ଷାଦିନରେ ଗାଁ'ରେ ମାଛି ଅଧିକ ହୋଇଯାନ୍ତି, ମଶା ଅଧିକ ହୋଇଯାନ୍ତି, ତେବେ ମୁନ୍‌ସିପାଲଟୀବାଲା ବା ଆମେ ଘରେ ସବୁ 'ଫ୍ଲିଟ୍ (କୀଟନାଶକ)' ଛିଞ୍ଚୁ ତେବେ ତାହା ପାପ ହିଁ କୁହାଯିବ ନା ? କିନ୍ତୁ ଏପରି ଯଦି ନ କରିବୁ ତେବେ ମହାମାରୀ ଭୟଙ୍କର ରୂପ ନେଇଯିବ ।

**ଦାଦାଶ୍ରୀ :** ଏପରି ଅଟେ, ତୋର ଆଉ ସେ ଏକଛତ୍ରବାଦୀ ବୋମା ପକାନ୍ତି ସେଥିରେ ଫରକ କ'ଣ ? ତୁ ତାଙ୍କ ପରି ହିଁ ଛୋଟ ଏକଛତ୍ରବାଦୀ ହେଲୁ !

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏହା ତ ଗାଁ'ର କଥା ହେଲା ନା ! ଏହା ବର୍ଷାଦିନ ଅଟେ, ତେବେ ବର୍ଷାଦିନେ ସବୁଆଡ଼େ ଅଳିଆ ତ ହୋଇଥାଏ ନା । ସେତେବେଳେ ମଶା-ମାଛି ସବୁ ହୋଇଯାନ୍ତି । ତେବେ ମୁନ୍‌ସିପାଲଟୀ କ'ଣ କରେ ନା ସବୁ ଜାଗାରେ ଔଷଧ ଛିଞ୍ଚେ ।

**ଦାଦାଶ୍ରୀ :** ମୁନ୍‌ସିପାଲଟୀ କରେ, ସେଥିରେ ଆମକୁ କ'ଣ ନେବା-ଦେବା ? ଆମ ମନରେ ସେପରି ଭାବ ନ ହେବା ଉଚିତ୍ । ଆମ ମନରେ ଏପରି ହେବା ଉଚିତ ଯେ ଏପରି ଯଦି ନହେବ ତେବେ ଭଲ ।

**ପ୍ରଶ୍ନକର୍ତ୍ତା :** ତେବେ ମୁନ୍‌ସିପାଲଟୀର ଯେଉଁ କାମ କରିବାବାଲା ଲୋକ ଥାଆନ୍ତି, ଯିଏ ନିଯୁକ୍ତି ହୋଇଥାନ୍ତି, ତାଙ୍କୁ ଦୋଷ ଲାଗେ ?

**ଦାଦାଶ୍ରୀ :** ନା, ସେମାନଙ୍କୁ ମଧ୍ୟ ଲାଗେ ନାହିଁ ।

**ପ୍ରଶ୍ନକର୍ତ୍ତା :** ତେବେ କାହାକୁ ଲାଗେ ?

**ଦାଦାଶ୍ରୀ :** ସେମାନେ ତ କେବଳ କରିବାବାଲା ହିଁ ଅଟନ୍ତି । ସେମାନଙ୍କ ପାଖରୁ କିଏ କରାଏ ? ସେମାନଙ୍କର ଅଫିସର ଆଦି ସବୁ ।

**ପ୍ରଶ୍ନକର୍ତ୍ତା :** ତେବେ ଅଫିସର କାହା ପାଇଁ କରନ୍ତି ?

**ଦାଦାଶ୍ରୀ :** ସେମାନଙ୍କ କର୍ତ୍ତବ୍ୟ ! କିନ୍ତୁ ଆମ ପାଇଁ ନୁହେଁ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଆମେ ତ କମ୍ପ୍ଲେନ୍(Complain)କଲୁ, ପତ୍ର ଲେଖିକି ନୋଟିସ୍(Notice) ଦେଲୁ ।

**ଦାଦାଶ୍ରୀ :** କିନ୍ତୁ ଯାହାକୁ କହିବାର ନଥିବ ସେ କୁହେ ନାହିଁ । ଯାହାକୁ କରିବାର ନଥିବ ସେ କହିବ, 'ଭାଇ, ମୋତେ ଏହା ଦରକାର ନାହିଁ । ମୋତେ ଏହା ପସନ୍ଦ ନୁହେଁ ।' ତେବେ କଣ ? ତେବେ ନିଜର ଉତ୍ତରଦାୟିତ୍ୱ ନାହିଁ । ଆଉ ଯାହାକୁ ପସନ୍ଦ ତା'ର ଉତ୍ତରଦାୟିତ୍ୱ ।

**ପ୍ରଶ୍ନକର୍ତ୍ତା :** ଅର୍ଥାତ୍ ପ୍ରତ୍ୟେକଙ୍କର ନିଜର ଭାବ ଉପରେ ରହିଲା ?

**ଦାଦାଶ୍ରୀ :** ହଁ ନିଜର ଭାବ କେଉଁଥିରେ ଅଛି, ସେତିକି ତା'ର ଉତ୍ତରଦାୟିତ୍ୱ !

**ପ୍ରଶ୍ନକର୍ତ୍ତା :** ଏହି ପାଣି ଟାଙ୍କି ଥିବ, ସେଥିରେ ମୂଷା ମରିଗଲା ଅଥବା ପାରା ମରିଗଲା, ତେବେ ସେ ସବୁ ସଫାସଫି କରିବାକୁ ପଡ଼େ । ସଫାସଫି କରିବା ପରେ ସେଥିରେ ଔଷଧ ଛିଞ୍ଚିବାକୁ ପଡ଼େ ନହେଲେ ପୁଣି ମୁନ୍‌ସିପାଲଟୀ ବାଲାକୁ ଡକାଇ ଔଷଧ ପକାଉ, ଏଣୁ ସବୁ ଜୀବଜନ୍ତୁ ମରିଯିବେ ନା ? ତେବେ ତାହା ପାପ ତ ହେଲା ନା ? ସେ ବନ୍ଧନ କାହାକୁ ହେଲା ? କରିବାବାଲାକୁ ନା କରାଇବାବାଲାକୁ ?

**ଦାଦାଶ୍ରୀ :** କରିବାବାଲା ଏବଂ କରାଇବାବାଲା ଉଭୟଙ୍କୁ ହୁଏ । କିନ୍ତୁ ନିଜ ଭାବରେ ନହେବା ଉଚିତ୍ । ନିଜର ଏପରି ଅଭିପ୍ରାୟ ନହେବା ଉଚିତ୍ ।

**ପ୍ରଶ୍ନକର୍ତ୍ତା :** ମଇଳା ଦୂର କରିବାର ଭାବ ଅଛି । କାହିଁକି ନା ଯଦି ମଇଳା ଦୂର ନହୁଏ ତେବେ ସବୁ ମନୁଷ୍ୟ ପାଣି ପିଇବେ ଏବଂ ସେମାନଙ୍କୁ କ୍ଷତି ହେବ ।

**ଦାଦାଶ୍ରୀ :** ହଁ, କିନ୍ତୁ ସେଥିରେ ଦୋଷ ତ ଲାଗିବ ନା ! ଏପରି ଅଟେ, ଏପରି ଦୋଷ ଯଦି ଗଣିବାକୁ ଯିବା ନା, ତେବେ ଏହି ଜଗତରେ ନିରନ୍ତର ଦୋଷ ହିଁ ହେଉଅଛି ।

ଏଣୁ ତୁମକୁ କାହାର ଚିନ୍ତା କରିବାର ନାହିଁ । ତୁମେ ନିଜର ସମ୍ଭାଳ । ସମସ୍ତେ ନିଜ-ନିଜର ସମ୍ଭାଳ । ପ୍ରତ୍ୟେକ ଜୀବମାତ୍ର ନିଜ-ନିଜର ମରଣ ଏବଂ ବାକି ସବୁ ନେଇକି ଆସିଛନ୍ତି । ସେଥିପାଇଁ ତ ଭଗବାନ କହିଛନ୍ତି ଯେ କେହି କାହାକୁ ମାରି ପାରିବ ନାହିଁ । କିନ୍ତୁ ଏହା ଓପନ୍(Open) କରିବ ନାହିଁ, ନହେଲେ ଲୋକେ ଦୁରୁପଯୋଗ କରିବେ ।

ଆଉ ଘରେ ଯଦି ଦଶ ଜଣ ବ୍ୟକ୍ତି ଥିବେ ଏବଂ ଟାଙ୍କି ବିଗିଡ଼ିଲା, ତାହାକୁ କିଏ ସଫା କରିବା ପାଇଁ ବାହାରିବ ? ଯାହାଠାରେ ଅହଙ୍କାର ଥିବ ସେ ବାହାରିବ, ଯେ 'ମୁଁ କରିଦେବି । ଏହା ତୁମ କାମ ନୁହେଁ ।' ସେଥିପାଇଁ ଅହଙ୍କାରୀକୁ ସବୁ ଦୋଷ ଯାଏ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ସେ ତା'ର କରୁଣାର ଭାବ ସହ କରେ ।

**ଦାଦାଶ୍ରୀ :** କରୁଣା ହେଉ କି ପଛେ ଯାହା ହେଉ । ଆଉ ଏହି ପାପ ବି ବନ୍ଧା ହେବ ।

**ପ୍ରଶ୍ନକର୍ତ୍ତା :** ତେବେ କ'ଣ କରିବୁ ? ଯେକୌଣସି ବି ଗନ୍ଧିଆ ପାଣି ପିଇନେବୁ ?

**ଦାଦାଶ୍ରୀ :** ଏଥିରେ କିଛି ଚାଲିବ ଏପରି ନୁହେଁ । ସେ ଅହଙ୍କାର ନ କରି ରହିବ ହିଁ ନାହିଁ । ଆଉ ଏମିତି କିଛି ନୁହେଁ, ତୁମକୁ ତ ସଠିକ୍ ଶୁଦ୍ଧ ପାଣି ହିଁ ମିଳି ଚାଲିବ । କେହି ଅହଙ୍କାରୀ ତୁମ ପାଇଁ ଶୁଦ୍ଧ ହିଁ କରି ଦେବ । ହଁ, ଏହି ଦୁନିଆରେ ପ୍ରତ୍ୟେକ ଜିନିଷ ଅଛି । ଏପରି କୌଣସି ଜିନିଷ ନାହିଁ ଯାହା ମିଳିବ ନାହିଁ । କିନ୍ତୁ ତୁମର ପୁଣ୍ୟ ଅଟକି ରହିଛି କେବଳ । ତୁମର ଯେତିକି ଅହଙ୍କାର ସେତିକି ଅନ୍ତରାୟ । ଅହଙ୍କାର ନିର୍ମୂଳ ହେଲା ମାନେ ସବୁ ଜିନିଷ ତୁମ ଘରେ ! ଏହି ଜଗତର କୌଣସି ଜିନିଷ ତୁମ ଘରେ ନ ଥିବ ସେପରି ରହିବ ନାହିଁ ! ଅହଙ୍କାର ହିଁ *ଅନ୍ତରାୟ* (ବାଧକ) ଅଟେ ।

## ପାଠପଢ଼ାରେ ହିଂସା ?

**ପ୍ରଶ୍ନକର୍ତ୍ତା :** ଇଏ ଏଗ୍ରୀକଲ୍‌ଚର(Agriculture) କଲେଜରେ ପଢୁଛି, ଷ୍ଟୁଡେଣ୍ଟ(student)ଅଟେ ସେଠାରେ । ତେବେ କୁହେ, 'ଆମର ସେଠି କୀଟ-ପତଙ୍ଗ ଧରିବାକୁ ପଡୁଛି ପଢ଼ିବା ପାଇଁ ଏବଂ ସେମାନଙ୍କୁ ମାରିବାକୁ ପଡୁଛି, ତେବେ ସେଥିରେ ପାପର ବନ୍ଧନ ହେଉଛି କି ? ଯଦି ନ ଧରିବୁ ତେବେ ପରୀକ୍ଷାରେ ମାର୍କ୍ସ ମିଳିବ ନାହିଁ, ତେବେ ମୁଁ କ'ଣ କରିବା ଉଚିତ୍ ?'

**ଦାଦାଶ୍ରୀ :** ତେବେ ଭଗବାନଙ୍କୁ ପ୍ରତିଦିନ ଏକ ଘଣ୍ଟା ପ୍ରାର୍ଥନା କର ଯେ ଭଗବାନ ଏହା ମୋ ଭାଗରେ ଏପରି କେଉଁଠୁ ଆସିଲା, ସବୁ ଲୋକଙ୍କୁ କ'ଣ ଏପରି ମିଳୁଛି ? ! ତୋ ଭାଗରେ ଆସିଛି ତେଣୁ ଭଗବାନଙ୍କ ଠାରେ ପ୍ରାର୍ଥନା କରିବୁ ଯେ 'ହେ ଭଗବାନ, କ୍ଷମା ମାଗୁଛି । ଏବେ ଏପରି ନ ଆସୁ ଏପରି କରନ୍ତୁ ।'

**ପ୍ରଶ୍ନକର୍ତ୍ତା :** ଅର୍ଥାତ୍, ଏଥିରେ ଯେଉଁ ପ୍ରେରଣା ଦେବାବାଲା ମାଷ୍ଟର(ଶିକ୍ଷକ) ଥାଆନ୍ତି ନା, ସେମାନେ ଆମକୁ ଏପରି ପ୍ରେରିତ କରନ୍ତି ଯେ ତୁମେ ଏହି କୀଟ-ପତଙ୍ଗଙ୍କୁ ଧର ଏବଂ ଏହିପରି ଆଲବମ୍ ବନାଅ, ତେବେ ସେମାନଙ୍କର କିଛି ପାପ ନାହିଁ ?

**ଦାଦାଶ୍ରୀ :** ତାଙ୍କ ଭାଗରେ ଆସେ, ଯିଏ ପ୍ରେରଣା ଦିଏ ତା'କୁ ଷାଠିଏ ପ୍ରତିଶତ ଆଉ କରିବାବାଲାକୁ ଚାଳିଶ ପ୍ରତିଶତ !

**ପ୍ରଶ୍ନକର୍ତ୍ତା :** ଏହା ଯେକୌଣସି ବି ଜିନିଷ ଯାହା ହେଉଅଛି ତାହା *ବ୍ୟବସ୍ଥିତର* ନିୟମ ଅନୁସାରେ ଠିକ୍ ଗଣାଯିବ କି ନାହିଁ ? ସେ ନିମିତ୍ତ ହେଲେ ଏବଂ ତାଙ୍କୁ କରିବାକୁ ପଡ଼ିଲା । ତେବେ ପୁଣି ତାଙ୍କ ଭାଗରେ ପାପ କାହିଁକି ରହିବ ?

**ଦାଦାଶ୍ରୀ :** ପାପ ତ ଏଥିପାଇଁ ହୁଏ ଯେ ଏପରି କାମ ଆମ ଭାଗରେ ନ ହେବା ଉଚିତ୍, ତଥାପି ଆମ ଭାଗରେ ଏପରି ଆସିଲା ? ଛେଳି କାଟିବା ଯଦି ଭାଗରେ ଆସିବ ତେବେ କଣ ଭଲ ଲାଗିବ ?

**ପ୍ରଶ୍ନକର୍ତ୍ତା :** ଭଲ ତ ଲାଗିବ ନାହିଁ । କିନ୍ତୁ ଦାଦା, କରିବାକୁ ହିଁ ପଡ଼େ ଏପରି ଯଦି ହୋଇଥିବ ତେବେ ? ଅନିବାର୍ଯ୍ୟ ରୂପେ କରିବାକୁ ହିଁ ପଡ଼େ, ଅନ୍ୟ ଚାରା ହିଁ ନଥିବ, ତେବେ କ'ଣ କରିବୁ ?

**ଦାଦାଶ୍ରୀ :** କରିବାକୁ ପଡ଼ିବ ତେବେ.... ପଶ୍ଚାତାପପୂର୍ବକ କରିବାକୁ ପଡ଼ିବ, ତେବେ କାମର । ଏକ ଘଣ୍ଟା ପଶ୍ଚାତାପ କରିବାକୁ ପଡ଼ିବ ପ୍ରତିଦିନ, ଗୋଟିଏ ପ୍ରଜାପତି ତିଆରି କରି ଦେ, ଦେଖିବା ? ଫରେନ୍ (foreign)ର ସାଇଣ୍ଟିଷ୍ଟ (scientist) ତିଆରି କରିପାରିବେ କି ଗୋଟିଏ ପ୍ରଜାପତି ?

**ପ୍ରଶ୍ନକର୍ତ୍ତା :** ନା, ତାହା ତ ସମ୍ଭବ ହିଁ ନୁହେଁ ନା ଦାଦା !

**ଦାଦାଶ୍ରୀ :** ତାହା ହେଲେ ଯଦି ତିଆରି କରି ପାରିବ ନାହିଁ ତେବେ ପୁଣି ମାରି ପାରିବ କିପରି ?

ସେ ଲୋକମାନେ ଭଗବାନଙ୍କୁ ପ୍ରାର୍ଥନା କରିବା ଉଚିତ୍, ଯେ ଆମ ଭାଗରେ ଏହା କେଉଁଠୁ ଆସିଲା, ଚାଷବାସର କାମ କେଉଁଠୁ ଆସିଲା.... ଚାଷବାସରେ ତ ନିରୋଳା ହିଂସା ହିଁ ହୁଏ କିନ୍ତୁ ଏପରି ନୁହେଁ, ଏହା(ପ୍ରଜାପତି ମାରିବା) ତ ଖୋଲାଖୋଲି ହିଂସା ଅଟେ ।

**ପ୍ରଶ୍ନକର୍ତ୍ତା :** ବହୁତ ଭଲ ନମୁନା ଯଦି ମାରିକି ନେଇ ଆସେ, ତେବେ ପୁଣି ଖୁସି ହୁଏ ଯେ ମୁଁ କିଭଳି ମାରିକି ଆଣିଲି, କେତେ ଭଲ ନମୁନା ମିଳିଲା । ସେଥିପାଇଁ ଅଧିକ ମାର୍କ୍ସ ମିଳେ । କେତେ ଭଲ ମୁଁ ଧରିଲି !

**ଦାଦାଶ୍ରୀ :** ଖୁସି ହୁଏ ନା ! ସେଠାରେ ସେତିକି ହିଁ କର୍ମ ଲାଗିବ, ତାହାର ଫଳ ଆସିବ ପୁଣି, ଯେତିକି ଖୁସି ହେବ ସେତିକି ହିଁ କଟୁତା ଭୋଗିବାକୁ ପଡ଼ିବ ।

## ଅଲଗା ହିସାବ ପାପର....

**ପ୍ରଶ୍ନକର୍ତ୍ତା :** ଜଣେ ବ୍ୟକ୍ତି ଘାସ ଛିଡ଼ାଇଲା, ଦ୍ୱିତୀୟ ବ୍ୟକ୍ତି ଗଛ କାଟିଲା, ତୃତୀୟ ବ୍ୟକ୍ତି ମଶା ମାରିଲା, ଚତୁର୍ଥ ବ୍ୟକ୍ତି ହାତୀ ମାରିଲା, ପଞ୍ଚମ ବ୍ୟକ୍ତି ମଣିଷ

ମାରିଲା । ଏବେ ଏ ସବୁଥିରେ ଜୀବହତ୍ୟା ତ ହେଲା ନିଶ୍ଚିତ କିନ୍ତୁ ତାହାର ପାପର ଫଳ ଅଲଗା-ଅଲଗା ଅଟେ ନା ?

**ଦାଦାଶ୍ରୀ :** ଅଲଗା-ଅଲଗା । ଏପରି ଅଟେ, ଖଣ୍ଡେ ଘାସର କୌଣସି ମୂଲ୍ୟ ହିଁ ନାହିଁ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ସେଥିରେ ଆତ୍ମା ତ ଅଛି ନା ?

**ଦାଦାଶ୍ରୀ :** ତାହା ତ ଅଛି । କିନ୍ତୁ ସେ ନିଜେ ଯାହା ଭୋଗେ, ତାହା ଅଚେତ ଅବସ୍ଥାରେ ଭୋଗେ ନା !

**ପ୍ରଶ୍ନକର୍ତ୍ତା :** ଅର୍ଥାତ୍ ସାମନାବାଲାର ଭୋଗିବା ଅନୁସାରେ ପାପ ହୁଏ ?

**ଦାଦାଶ୍ରୀ :** ସାମନାବାଲାକୁ କେତେ ଦୁଃଖ ହେଲା, ସେହି ଅନୁସାରେ ଆମକୁ ପାପ ଲାଗେ ।

**ପ୍ରଶ୍ନକର୍ତ୍ତା :** ବଙ୍ଗଳାର ଆଖପାଖରେ ନିଜେ ନିଜର ବଗିଚା ବନାଏ ।

**ଦାଦାଶ୍ରୀ :** ସେଥିରେ ଆପତ୍ତି ନାହିଁ । ସେତିକି ଟାଇମ୍ ଆମର ବେକାର ଯାଏ, ସେଥିପାଇଁ ମନା କରିଛି । ସେ ଜୀବମାନଙ୍କ ପାଇଁ ମନା କରି ନାହିଁ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଆମେ ନିମିତ୍ତ ହେଲୁ କୁହାଯିବ ନା ?

**ଦାଦାଶ୍ରୀ :** ନିମିତ୍ତରେ ଆପତ୍ତି ନାହିଁ । ଜଗତ ନିମିତ୍ତସ୍ୱରୂପ ହିଁ ଅଟେ । ସେହି ଏକେନ୍ଦ୍ରିୟ ଜୀବଙ୍କୁ କୌଣସି ଦୁଃଖ ଦେଉ ନାହୁଁ ଆମେ । ସେ ସବୁ ଚାଲି ରହିଥାଏ । ଏକେନ୍ଦ୍ରିୟ ଜୀବ ଯାହାର ଚିନ୍ତା କରିବାର ନାହିଁ, ତାହାର ଦ୍ୱନ୍ଦ୍ୱ ପୁରାଇ ଦେଲେ । କିନ୍ତୁ ଜାଣିଶୁଣି ରାସ୍ତାରେ ଚାଲୁ ଚାଲୁ ଗଛର ପତ୍ର ଅକାରଣରେ ଛିଡ଼ାଇବ ନାହିଁ, ଅନର୍ଥକାରୀ କ୍ରିୟା କରିବ ନାହିଁ । ଆଉ ଯଦି ଦାନ୍ତକାଠି ଦରକାର ଥିବ ତେବେ ତୁମେ ଗଛକୁ କହିବ ଯେ, 'ମୋତେ ଖଣ୍ଡିଏ ଦରକାର' ଏପରି ମାଗିନେବ ।

**ପ୍ରଶ୍ନକର୍ତ୍ତା :** ଜଣେ ବ୍ୟକ୍ତି ଫୁଟ୍‌ପାଥରେ ଚାଲୁଥିବ, ଅନ୍ୟ ଜଣେ ବ୍ୟକ୍ତି ଘାସ ଉପରେ ଚାଲୁଥିବ । ଅନ୍ତର ତ ଅଛି ନା ?

**ଦାଦାଶ୍ରୀ :** ଠିକ୍ କଥା କିନ୍ତୁ ସେଥିରେ ବହୁତ ଲମ୍ବା ଅନ୍ତର ନାହିଁ । ଏହା ତ ଲୋକମାନେ ଓଲଟା ପୁରାଇ ଦେଇଛନ୍ତି । ବଡ଼କଥା ରହିଗଲା ଆଉ ଛୋଟ କଥା

ପୁରାଇ ଦେଲେ । ଲୋକଙ୍କ ଉପରେ ଚିଡ଼ିବା ତାହାକୁ ବଡ଼ ହିଂସା କହିଛନ୍ତି । ସାମନାବାଲାକୁ ଦୁଃଖ ହେଉଛି ନା !

## ଚାଷରେ ପୁଣ୍ୟ-ପାପର ନିୟମ...

**ପ୍ରଶ୍ନକର୍ତ୍ତା :** ଏ ଚାଷୀ ଚାଷ କରନ୍ତି ସେଥିରେ ପାପ ଅଛି ?

**ଦାଦାଶ୍ରୀ :** ସବୁଆଡ଼େ ପାପ ଅଛି । ଚାଷୀ ଚାଷ କରନ୍ତି ସେଥିରେ ବି ପାପ ଅଛି ଆଉ ଏମାନେ ଶସ୍ୟର ବ୍ୟାପାର କରନ୍ତି, ସେ ସବୁ ପାପ ଅଟେ । ଶସ୍ୟରେ ପୋକ ପଡ଼ନ୍ତି ନା ନାହିଁ ? ଆଉ ଲୋକେ ପୋକଙ୍କ ସହିତ ବାଜରା ବିକନ୍ତି । ଆରେ ଜୀବଙ୍କର ବି ପଇସା ନେଲ ଏବଂ ତାହା ଖାଇଲ !

**ପ୍ରଶ୍ନକର୍ତ୍ତା :** କିନ୍ତୁ ଚାଷ କରିବାବାଲାକୁ ଗୋଟିଏ ଚାରା ବଡ଼ କରିବାକୁ ପଡ଼େ ଏବଂ ଅନ୍ୟ ଚାରା ଉପାଡ଼ିବାକୁ ପଡ଼େ । ତଥାପି ସେଥିରେ ପାପର ଭାର ଅଛି କିଛି ?

**ଦାଦାଶ୍ରୀ :** ଅଛି ନା !

**ପ୍ରଶ୍ନକର୍ତ୍ତା :** ତେବେ ଚାଷୀ କିପରି ଚାଷ କରିବ ?

**ଦାଦାଶ୍ରୀ :** ତାହା ତ ଏପରି ଯେ, କୌଣସି ବି ଏକ କାର୍ଯ୍ୟ କର, ସେଥିରେ ପୁଣ୍ୟ ଏବଂ ପାପ ସମାହିତ ଥାଏ । ଏହି ଚାଷୀ ଚାଷ କରନ୍ତି, ସେମାନେ ଅନ୍ୟ ଚାରାକୁ ଉପାଡ଼ି ଦିଅନ୍ତି ଆଉ ଏହି କାମର ଚାରାକୁ ରଖନ୍ତି, ଅର୍ଥାତ୍ ତାହାକୁ ପାଳନ୍ତି-ପୋଷନ୍ତି, ସେଥିରେ ତାଙ୍କୁ ବହୁତ ପୁଣ୍ୟ ବନ୍ଧନ ହୁଏ ଆଉ ଯାହାକୁ ବାହାର କରି ଦିଅନ୍ତି, ତାହାର ତାଙ୍କୁ ପାପ ବନ୍ଧନ ହୁଏ । ଏହି ପାପ ପଚିଶ ପ୍ରତିଶତ ହୁଏ ଆଉ ପୁଣ୍ୟ ତାଙ୍କୁ ପଞ୍ଚସ୍ତରୀ ପ୍ରତିଶତ ହୁଏ । ତେବେ ପୁଣି ପଚାଶ ପ୍ରତିଶତର ଫାଇଦା ହେଲା ନା !

**ପ୍ରଶ୍ନକର୍ତ୍ତା :** ତେବେ ସେହି ପାପ ଏବଂ ପୁଣ୍ୟ 'ପ୍ଲସ୍-ମାଇନସ୍' ହୋଇଯାଏ ?

**ଦାଦାଶ୍ରୀ :** ନା, ତାହା 'ପ୍ଲସ୍-ମାଇନସ୍' ହୁଏ ନାହିଁ । ବହିରେ ତ ଉଭୟ ଲେଖାଯାଏ । ଯଦି 'ପ୍ଲସ୍-ମାଇନସ୍' ହେଇ ଯାଉଥାନ୍ତା ନା, ତେବେ ତ କାହାକୁ ଏଠାରେ ତିଳେମାତ୍ର ବି ଦୁଃଖ ହୋଇ ନଥାନ୍ତା । ତେବେ ତ କେହି ମୋକ୍ଷରେ ବି ଯାଆନ୍ତା ନାହିଁ । ସେ ତ କୁହନ୍ତା, 'ଏଇଠି ଭଲ, କୌଣସି ଦୁଃଖ ନାହିଁ ।' ଲୋକେ ତ ବହୁତ ପକ୍କା(ଚତୁର) ଅଟନ୍ତି । କିନ୍ତୁ ଏପରି କିଛି ହୁଏ ନାହିଁ ।

ଆଉ ପୁରା ଜଗତ ତ ପାପରେ ହିଁ ଅଛି ଏବଂ ପୁଣ୍ୟରେ ମଧ୍ୟ ଅଛି । ପାପ

ସାଥେ-ସାଥେ ପୁଣ୍ୟ ବି ହେଉଛି । କିନ୍ତୁ ଭଗବାନ କହିଛନ୍ତି ଯେ ଲାଭାଲାଭର ବ୍ୟାପର କର ।

## ସ୍ପେସିଆଲ ପ୍ରତିକ୍ରମଣ ଚାଷୀ ମାନଙ୍କ ପାଇଁ

**ପ୍ରଶ୍ନକର୍ତ୍ତା :** ଆପଣଙ୍କ ବହିରେ ପଢ଼ିଛି ଯେ, 'ମନ-ବଚନ-କାୟା ଦ୍ୱାରା କୌଣସି ଜୀବକୁ କିଞ୍ଚିତ ମାତ୍ର ଦୁଃଖ ନହେଉ' ଏପରି ପଢିଛି କିନ୍ତୁ ଅନ୍ୟ ପଟେ ଆମେ ତ ଚାଷୀ ଅଟୁ, ଏଣୁ ଯେତେବେଳେ ତମାଖୁ ଫସଲ ବୁଣୁ, ସେତେବେଳେ ଆମକୁ ପ୍ରତ୍ୟେକ ଚାରାର ଅଗ୍ରଭାଗ, ଅର୍ଥାତ ତାହାର ଅଙ୍କୁରିତ ଡାଳର ପତ୍ରକୁ ଭାଙ୍ଗିବାକୁ ହିଁ ପଡ଼େ । ତେବେ ଏହାଦ୍ୱାରା ତା'କୁ ଦୁଃଖ ତ ହେଲା ନା ? ତାହାର ପାପ ତ ହେବ ହିଁ ନା ? ଏହିପରି ଲକ୍ଷ-ଲକ୍ଷ ଚାରାର ଡାଳର ପତ୍ରକୁ ଭାଙ୍ଗି ଦେଉ । ତେବେ ଏହି ପାପର ନିବାରଣ କିପରି କରିବୁ ?

**ଦାଦାଶ୍ରୀ :** ତାହା ତ ମନ ଭିତରେ ଏପରି ହେବା ଉଚିତ ଯେ ଏହି ବ୍ୟବସାୟ ମୋ ଭାଗରେ କେଉଁଠୁ ଆସିଲା ? ବାସ୍ ଏତିକି । ଚାରାର ଅଗ୍ରଭାଗ ବାହାର କରିଦେବ କିନ୍ତୁ ମନରେ ପଶ୍ଚାତାପ ହେବା ଉଚିତ ଯେ 'ଏପରି ବ୍ୟବସାୟ ମୋ ଭାଗରେ କେଉଁଠୁ ଆସିଲା । ଏମିତି କରିବା ଉଚିତ ନୁହେଁ', ଏପରି ମନରେ ରହିବା ଉଚିତ, ବାସ୍ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏଥିରେ ପାପ ତ ହେବ ହିଁ ନା ?

**ଦାଦାଶ୍ରୀ :** ତାହା ତ ହେବ । ତାହା ତୁମକୁ ଦେଖିବାର ନାହିଁ । ଯାହା ହୋଇଚାଲିଛି, ସେ ପାପକୁ ଦେଖିବାର ନାହିଁ । 'ଏହା ନ ହେବା ଉଚିତ', ଏପରି ତୁମକୁ ସ୍ଥିର କରିବାର ଅଛି, ନିଶ୍ଚୟ କରିବା ଉଚିତ । ଏହି ବ୍ୟବସାୟ କାହିଁକି ମିଳିଲା ? ଅନ୍ୟ ଭଲ କାମ ଯଦି ମିଳିଥାନ୍ତା ତେବେ ଆମେ ଏପରି କରି ନଥାନ୍ତେ । ଆଗରୁ ପଶ୍ଚାତାପ ହେଉନଥିଲା । ଯେପର୍ଯ୍ୟନ୍ତ ଏହା ଜାଣି ନଥିଲେ, ସେପର୍ଯ୍ୟନ୍ତ ପଶ୍ଚାତାପ ହେଉନଥିଲା । ଖୁସି ହୋଇ ଚାରାକୁ ଫୋପାଡ଼ି ଦେଉଥିଲେ । ମୋ କହିବା ଅନୁସାରେ କରିବ ନା, ତୁମର ସବୁ ଦାୟିତ୍ୱ ମୋର । ଚାରା ଫୋପାଡ଼ି ଦିଅ, ସେଥିରେ ଅସୁବିଧା ନାହିଁ, ପଶ୍ଚାତାପ ହେବା ଉଚିତ ଯେ ଏହା ମୋ ଭାଗରେ କେଉଁଠୁ ଆସିଲା ?

**ପ୍ରଶ୍ନକର୍ତ୍ତା :** ହଁ ବୁଝିଲି ।

**ଦାଦାଶ୍ରୀ :** ଏହି ଚାଷୀଙ୍କ ଠାରୁ ଅଧିକ ପାପ ତ ବେପାରୀ ମାନେ କରନ୍ତି

ଆଉ ଏ ବେପାରୀଙ୍କ ଅପେକ୍ଷା ଏମାନେ ଘରେ ବସି ରୁହନ୍ତି, ସେମାନେ ତ ବହୁତ ପାପ କରନ୍ତି । ପାପ ତ ମନରେ ହୁଏ, ଶରୀର ଦ୍ୱାରା ପାପ ହୁଏ ନାହିଁ । ତୁମକୁ ଏହି କଥା ବୁଝିବାକୁ ପଡିବ । ଏହା ଅନ୍ୟ ଲୋକଙ୍କୁ ବୁଝିବାର ଆବଶ୍ୟକତା ନାହିଁ । ତୁମେ ତୁମର ଆବଶ୍ୟକତା ଅନୁସାରେ ବୁଝିବା ଦରକାର । ଅନ୍ୟ ଲୋକ ଯାହା ବୁଝନ୍ତି ତାହା ଠିକ୍ ଅଟେ ।

**ପ୍ରଶ୍ନକର୍ତ୍ତା :** କପାଗଛରେ ଔଷଧ ଛିଞ୍ଚିବାକୁ ପଡ଼େ, ତେବେ କ'ଣ କରିବୁ ? ସେଥିରେ ହିଂସା ତ ହେଲା ନା ?

**ଦାଦାଶ୍ରୀ :** ଅନିବାର୍ଯ୍ୟ ରୂପେ ଯେଉଁ ଯେଉଁ କାର୍ଯ୍ୟ କରିବାକୁ ପଡ଼େ, ତାହା ପ୍ରତିକ୍ରମଣ କରିବାର ସର୍ତ୍ତରେ କରିବା ଉଚିତ ।

ଏହି ସଂସାର ବ୍ୟବହାରରେ କିପରି ଚାଲିବା ଉଚିତ, ତାହା ତୁମକୁ ଆସୁ ନାହିଁ । ତାହା ମୁଁ ତୁମକୁ ଶିଖାଉଛି, ଯାହାଦ୍ୱାରା ନୂଆ ପାପର ବନ୍ଧନ ହେବ ନାହିଁ ।

ଜମିରେ ଚାଷବାସ କରାଯାଏ, ଏଣୁ ପାପ ତ ବନ୍ଧାହୁଏ । ମାତ୍ର ଯେଉଁ ପାପ ବନ୍ଧନ ହୁଏ, ତା ସହ ମୁଁ ତୁମକୁ ଔଷଧ ଦିଏ ଯେ ଏମିତି କୁହ । ଏହାଦ୍ୱାରା ପାପ କମ୍ ହୋଇଯାଏ । ମୁଁ ପାପ ଧୋଇବା ପାଇଁ ଔଷଧ ଦେଉଛି । ଔଷଧ ଦରକାର ନାହିଁ କି ? ଜମିକୁ ଗଲ ସେଥିପାଇଁ ହଳ ତ କରିବ, ସେଥିରେ ପାପ ତ ହେବ ହିଁ । ଭିତରେ କେତେ ଜୀବଜନ୍ତୁ ମରିଯାଆନ୍ତି । ଏହି ଆଖୁ କାଟୁଛ, ତେବେ ପାପ କୁହାଯିବ କି ନାହିଁ ? ତାହା ଜୀବ ହିଁ ଅଟେ ନା ବିଚରା ? ମାତ୍ର ଏହାର କଣ କରିବା ତାହା ମୁଁ ତୁମକୁ ବୁଝାଉଛି, ଯାହାଦ୍ୱାରା ତୁମକୁ କମ୍ ଦୋଷ ଲାଗିବ ଏବଂ ଭୌତିକ ସୁଖ ଭଲଭାବେ ଭୋଗିପାରିବ ।

ଚାଷବାସରେ ଜୀବଜନ୍ତୁ ମରନ୍ତି, ତାହାର ଦୋଷ ତ ଲାଗିବ ନା । ସେଥିପାଇଁ ଚାଷୀମାନେ ପ୍ରତିଦିନ ପାଞ୍ଚ-ଦଶ ମିନିଟ ଭଗବାନଙ୍କ ଠାରେ ପ୍ରାର୍ଥନା କରିବା ଉଚିତ ଯେ 'ଏହି ଦୋଷ ହେଲା ସେଥିପାଇଁ କ୍ଷମା ମାଗୁଛି ।' ଚାଷୀକୁ କୁହେ ଯେ ତୁ ଏହି ବ୍ୟବସାୟ କରୁଛୁ ସେଥିରେ ଜୀବ ମରୁଛନ୍ତି, ସେଥିପାଇଁ ଏହିପରି ପ୍ରତିକ୍ରମଣ କରିବୁ । ତୁ ଯେଉଁ ଭୁଲ କରୁଛୁ ସେଥିପାଇଁ ମୋତେ ଅସୁବିଧା ନାହିଁ । କିନ୍ତୁ ସେଥିପାଇଁ ତୁ ଏହିପରି ପ୍ରତିକ୍ରମଣ କର୍ ।

## ସ୍ୱରୂପଜ୍ଞାନୀକୁ ପୁଣ୍ୟ-ପାପ ଛୁଏଁ ନାହିଁ

**ପ୍ରଶ୍ନକର୍ତ୍ତା :** କୀଟନାଶକ ଔଷଧ ଆମେ ତିଆରି କରୁଛୁ ଏବଂ ପୁଣି ତାହା

କ୍ଷେତରେ ଛିଞ୍ଚୁଛୁ, ସେଥିରେ କେତେସାରା ଜୀବ ମରିଯାନ୍ତି । ତେବେ ପୁଣି ସେଥିରେ ପାପ ଲାଗେ ନା ନାହିଁ ? ପୁଣି ସେ ଔଷଧ ତିଆରି କରିବା, ତାହା ପାପ କୁହାଯିବ ନା ନାହିଁ ?

**ଦାଦାଶ୍ରୀ :** ହଁ । କାରଣ ସେ ଔଷଧ ଜୀବଙ୍କୁ ମାରିବା ଉଦ୍ଦେଶ୍ୟରେ ହିଁ ତିଆରି ହୁଏ । ଔଷଧ ଆଣନ୍ତି, ତାହା ମଧ୍ୟ ଜୀବଙ୍କୁ ମାରିବା ଉଦ୍ଦେଶ୍ୟରେ ହିଁ ଆଣନ୍ତି ଏବଂ ଔଷଧ ଛିଞ୍ଚନ୍ତି ତାହା ମଧ୍ୟ ଜୀବଙ୍କୁ ମାରିବା ଉଦ୍ଦେଶ୍ୟରେ ହିଁ ଛିଞ୍ଚନ୍ତି । ସେଥିପାଇଁ ସବୁ ପାପ ହିଁ ଅଟେ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ସେଥିରେ ହେତୁ ଏପରି ଅଟେ ଯେ ଫସଲ ଅଧିକ ଭଲ ହେଉ, ଅଧିକ ଫସଲ ହେଉ ।

**ଦାଦାଶ୍ରୀ :** ଏପରି ଅଟେ, ଏହି ଫସଲ କେଉଁ ଆଧାରରେ ହୁଏ, ଚାଷୀ କେଉଁ ଆଧାରରେ ହଳ କରନ୍ତି, କେଉଁ ଆଧାରରେ ବୁଣନ୍ତି, ସେସବୁ କେଉଁ ଆଧାରରେ ଚାଲେ, ତାହା ମୁଁ ଜାଣିଛି । ଏ ସବୁ ନ ଜାଣିବା କାରଣରୁ ଲୋକଙ୍କ ମନରେ ଏପରି ହୁଏ ଯେ 'ଏହା ତ ମୋ ଆଧାରରେ ଚାଲୁଥିଲା । ଏହା ତ ମୁଁ ଔଷଧ ଛିଞ୍ଚିଲି ସେଥିପାଇଁ ବଞ୍ଚିଲା ।' ଏବେ ଏହି ଆଧାର ଦେବା ଭୟଙ୍କର ପାପ ଅଟେ । ଆଉ ନିରାଧାର ହେଲା ମାନେ ସେ ସବୁ ପଡ଼ିଯାଏ ।

**ପ୍ରଶ୍ନକର୍ତ୍ତା :** ତେବେ ପୁଣି ପୁରୁଷାର୍ଥ କୁଆଡ଼େ ଗଲା ?

**ଦାଦାଶ୍ରୀ :** ପୁରୁଷାର୍ଥ ତ, କ'ଣ ହେଉଛି ତାହାକୁ ଦେଖିବା-ଜାଣିବା ତାହା ପୁରୁଷାର୍ଥ ଅଟେ, ଆଉ କିଛି ନୁହେଁ । ଆଉ, ମନରେ ବିଚାର ଆସେ ତାହା 'ଫାଇଲ୍ (File)' ଅଟେ । ସେସବୁ ତ ତୁମକୁ ଦେଖିବାର ଅଛି । ଅଲଗା ଝଂଜଟ୍‌ରେ ପଡ଼ିବାର ନାହିଁ ।

**ପ୍ରଶ୍ନକର୍ତ୍ତା :** ତେବେ ପୁଣି ଏହି ଚାଷ କରିବା ଉଚିତ ନା କରିବା ଉଚିତ ନୁହେଁ ?

**ଦାଦାଶ୍ରୀ :** ଚାଷରେ ଆପତ୍ତି ନାହିଁ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ସେ ପାପର ଭାର ବଢ଼ିବ ତାହାର କ'ଣ ?

**ଦାଦାଶ୍ରୀ :** ଏପରି ଯେ, ଏହି ଜ୍ଞାନ ପରେ ତୁମକୁ ତ ପାପ ଏବେ ଛୁଇଁବ ନାହିଁ ନା ! ତୁମେ 'ନିଜେ' ଏବେ ଚନ୍ଦୁଭାଇ ରହିଲ ନାହିଁ । ଯେ ପର୍ଯ୍ୟନ୍ତ ତୁମେ ଚନ୍ଦୁଭାଇ ଅଟ ସେ ପର୍ଯ୍ୟନ୍ତ ପାପ ଲାଗେ । 'ମୁଁ ଚନ୍ଦୁଭାଇ' ଏପରି ତୁମେ ନିଶ୍ଚିତ ଅଟ ?

**ପ୍ରଶ୍ନକର୍ତ୍ତା :** ନା ।

**ଦାଦାଶ୍ରୀ :** ତେବେ ପୁଣି ପାପ କେଉଁଠୁ ଛୁଇଁବ ? ଏହା ଚାର୍ଜ ହିଁ ହେବ ନାହିଁ ନା ! (କର୍ମ ଫଳରେ)ଯେତିକି ଚାଷ ଆସିଥିବ ସେତିକିର *ନିକାଲ୍* (କର୍ମ ପୂରା କରିବା) କରିବାର ଅଛି । ତାହା 'ଫାଇଲ୍' ଅଟେ । ଆସି ପଡ଼ିଛି, ସେହି 'ଫାଇଲ୍'ର ସମଭାବରେ *ନିକାଲ୍* କରିବାର ଅଛି ।

କିନ୍ତୁ ଯଦି ମୋ କହିବା ଅନୁସାରେ 'ମୁଁ ଶୁଦ୍ଧାତ୍ମା ଅଟେ' କେବେ ବି ଭୁଲେ ନାହିଁ, ତେବେ ଯେତେ ବି ପଛେ ଔଷଧ ଛିଞ୍ଚିବ ତଥାପି ତା'କୁ ଛୁଇଁବ ନାହିଁ । କାରଣ 'ନିଜେ' ଶୁଦ୍ଧାତ୍ମା ଅଟେ । ଆଉ ଔଷଧ ଛିଞ୍ଚିବାବାଲା କିଏ ? ଚନ୍ଦୁଭାଇ ଅଟେ । ଆଉ ତୁମକୁ ଯଦି ଦୟା ଆସୁଥିବ ତେବେ 'ତୁମେ' 'ଚନ୍ଦୁଭାଇ' ହୋଇଗଲ ।

**ପ୍ରଶ୍ନକର୍ତ୍ତା :** ଏପରି ଔଷଧ ତିଆରି କଲେ, ବିକ୍ରି କଲେ, କିଣିଲେ, ପକାଇଲେ ତା'କୁ କର୍ମର ବନ୍ଧନ ହୁଏ ନା ନାହିଁ ?

**ଦାଦାଶ୍ରୀ :** ହଁ, କିନ୍ତୁ ତାହା ତ ଔଷଧର କାରଖାନା ଯେଉଁମାନେ ତିଆରି କରିଛନ୍ତି ସେମାନେ ସବୁ ମୋତେ ପଚାରନ୍ତି ଯେ 'ଦାଦା, ଏବେ ଆମର କ'ଣ ହେବ ?' ମୁଁ କହିଲି, 'ମୋ କହିବା ଅନୁସାରେ ଯଦି ରହିବ ତେବେ ତୁମକୁ କିଛି ବି ହେବାର ନାହିଁ ।'

**ପ୍ରଶ୍ନକର୍ତ୍ତା :** ତେବେ ପୁଣି ତାହାର ଅର୍ଥ ଏପରି ହେଲା ଯେ ଶୁଦ୍ଧାତ୍ମା ଭାବରେ ହିଂସା କରାଯାଇପାରିବ କି ?

**ଦାଦାଶ୍ରୀ :** ହିଂସା କରିବାର ପ୍ରଶ୍ନ ହିଁ ନାହିଁ । ଶୁଦ୍ଧାତ୍ମା ଭାବରେ ହିଂସା ହୁଏ ହିଁ ନାହିଁ । କରିବାର କିଛି ବି ନ ଥାଏ ନା !

**ପ୍ରଶ୍ନକର୍ତ୍ତା :** ତେବେ ପୁଣି ଆଚାରସଂହିତାର ଦୃଷ୍ଟିରୁ ଦୋଷ କୁହାଯିବ ନାହିଁ ?

**ଦାଦାଶ୍ରୀ :** ଆଚାରସଂହିତା ଦୃଷ୍ଟିରୁ ଦୋଷ କୁହାଯିବ ନାହିଁ । ଆଚାରସଂହିତା କେବେ ହୁଏ ? ଯଦି ତୁମେ ଚନ୍ଦୁଭାଇ ଅଟ ସେ ପର୍ଯ୍ୟନ୍ତ ଆଚାରସଂହିତା । ତେବେ ସେହି ଦୃଷ୍ଟିରୁ ଦୋଷ ହିଁ କୁହାଯିବ । କିନ୍ତୁ ଏହି 'ଜ୍ଞାନ' ପରେ ଏବେ ତୁମେ ତ ଚନ୍ଦୁଭାଇ ନୁହଁ, ଶୁଦ୍ଧାତ୍ମା ହୋଇଗଲ ଏବଂ ତାହା ତୁମକୁ ନିରନ୍ତର ଧ୍ୟାନରେ ରହୁଛି । 'ମୁଁ ଶୁଦ୍ଧାତ୍ମା ଅଟେ' ଏହା ନିରନ୍ତର ଆତ୍ମ ଧ୍ୟାନରେ ରହିବା, ତାହା ଶୁକ୍ଲଧ୍ୟାନ । 'ମୁଁ ଚନ୍ଦୁଭାଇ ଅଟେ' ତାହା ଅହଙ୍କାରୀ ଧ୍ୟାନ ଅଟେ ।

ଆମର ମହାତ୍ମା ଏତେ ଅଛନ୍ତି, କିନ୍ତୁ କେହି ଦୁରୁପଯୋଗ କରି ନାହାନ୍ତି । ସେମିତିରେ ମୋତେ ପଚାରନ୍ତି ନିଶ୍ଚୟ, ଏବଂ ପରେ କୁହନ୍ତି ଯେ, 'ଆମେ କାମ ବନ୍ଦ କରିଦେବୁ ?' ମୁଁ କହିଲି, 'ନା, କାମ ଯଦି ବନ୍ଦ ହୋଇଯାଏ ତେବେ ବନ୍ଦ ହେବାକୁ ଦିଅ ଆଉ ବନ୍ଦ ନହୁଏ ତେବେ ଚାଲିବାକୁ ଦିଅ ।'

## ହିଂସକ ବ୍ୟାପାର

**ପ୍ରଶ୍ନକର୍ତ୍ତା :** ଏ ଯେଉଁ କାମ ଆଗରୁ କରୁଥିଲା, କୀଟନାଶକ ଔଷଧର ବ୍ୟାପାର, ସେ ସମୟରେ ତା'କୁ ମୁଣ୍ଡରେ କଥା ପସୁ ନଥିଲା ଯେ ଏହା କର୍ମର ହିସାବରେ ଯେଉଁ ବ୍ୟାପାର ମିଳିଛି, ସେଥିରେ କ'ଣ ଅସୁବିଧା ? କାହାକୁ ମାଂସ ବିକ୍ରି କରିବାକୁ ଥିବ ସେଥିରେ ତା'ର କ'ଣ ଦୋଷ ? ତା'ର ତ କର୍ମର ହିସାବରେ ଯାହା ଥିଲା ତାହା ହିଁ ଆସିଲା ନା ?

**ଦାଦାଶ୍ରୀ :** ଏପରି ଅଟେ, ଯଦି ଭିତରେ ପୁଣି ଶଙ୍କା ନ ପଡ଼ିଥାନ୍ତା ତେବେ ଚାଲୁଥାନ୍ତା । କିନ୍ତୁ ଏହି ଶଙ୍କା ହେଲା, ତାହା ତା'ର ପୁଣ୍ୟ କାରଣରୁ । ଜବରଦସ୍ତ ପୁଣ୍ୟ କୁହାଯିବ । ନହେଲେ ଏହି ଜଡ଼ତା ଆସିଯା'ନ୍ତା । ସେଠାରେ କୌଣସି ଜୀବ ମଲେ ସେମାନେ କମିଗଲେ ନାହିଁ, ତୁମର ହିଁ ଜୀବ ଭିତରେ ମରିଯାଏ (ଜୀବ ହତ୍ୟାର ହିଂସକ ଭାବ ହେବା ଦ୍ୱାରା ଜୀବ ହତ୍ୟା ପରି ପାପ ଲାଗେ) ଏବଂ ଜଡ଼ତା ଆସେ । ଜାଗୃତି ବନ୍ଦ ହୋଇଯାଏ, ଡଲ୍(Dull) ହୋଇଯାଏ ।

**ପ୍ରଶ୍ନକର୍ତ୍ତା :** ଏବେ ବି ପୁରୁଣା ମିତ୍ର ସବୁ ମୋତେ ଭେଟନ୍ତି, ତେବେ ସମସ୍ତଙ୍କୁ ଏପରି କୁହେ ଯେ ଏଥିରୁ ବାହାରି ଯାଅ ଏବଂ ସେମାନଙ୍କୁ ପଚାଶ ଉଦାହରଣ ଦେଇ ବୁଝାଇଲି ଯେ ଦେଖ ଏତେ ଉପରକୁ ଚଢ଼ିବାବାଲା ତଳେ ଖସି ପଡ଼ିଲା । କିନ୍ତୁ ଏହା ସମସ୍ତଙ୍କ ମୁଣ୍ଡରେ ପଶିବ ନାହିଁ! ପରେ ଠୋକ୍ର ଖାଇ ସମସ୍ତେ ସେଥିରୁ ବାହାରି ଗଲେ ।

**ଦାଦାଶ୍ରୀ :** ଅର୍ଥାତ୍ କେତେ ଅଧିକ ପାପ ଥିବ, ତେବେ ହିଂସାବାଲା ବ୍ୟାପାର ହାତକୁ ଆସେ । କଥା ଏପରି ଯେ, ଏହି ହିଂସକ କାମରୁ ଯଦି ମୁକୁଳିଯିବା ତେବେ ଉତ୍ତମ କୁହାଯିବ । ଅଲଗା ବହୁତ କାମ-ଧନ୍ଦା ଅଛି । ଏବେ ଜଣେ ବ୍ୟକ୍ତି ମୋତେ କୁହେ, ମୋର ସବୁ ବ୍ୟାପାର ମଧ୍ୟରୁ ଏହି ତେଜରାତି ଦୋକାନ ବହୁତ ଫାଇଦାବାଲା ଅଟେ । ମୁଁ ତା'କୁ ବୁଝାଇଲି ଯେ ଯେତେବେଳେ ଜୀବଜନ୍ତୁ ପଡ଼ି ଯାଆନ୍ତି ଯଅ ଆଉ

ବାଜରା ଆଦି ସବୁରେ ସେତେବେଳେ କ'ଣ କର ? ତେବେ କୁହେ, ସେଠି ଆମେ ଆଉ କ'ଣ କରିବୁ ? ଆମେ ବାଛି ଦେଉ । ସବୁକିଛି କରୁ । ତାହାର ଯତ୍ନ ନେଉ । କିନ୍ତୁ ଯଦି ସେମାନେ ରହିଯିବେ ସେଥିରେ ଆମେ କ'ଣ କରିବୁ ? ମୁଁ କହିଲି, 'ରହିଗଲେ ସେଥିରେ ମୋର କିଛି ଅସୁବିଧା ନାହିଁ, କିନ୍ତୁ ସେ ପୋକର ପଇସା ତୁମେ ନିଅ ? ଓଜନରେ ? ହଁ, ପଛେ ଦୁଇ ତୁଲା ହେଉ !' ଆରେ ଏହାକୁ କଣ ଜୀବନ କୁହାଯିବ ? ସେ ଜୀବମାନଙ୍କର ଓଜନ ହେଉଛି ଏକ-ଦୁଇ ତୁଲା ! ସେ ଓଜନ ପାଇଁ ପଇସା ନେଲ ।

## ଉତ୍ତମ ବ୍ୟାପାର, ଅଳଙ୍କାର ବ୍ୟାପାରୀର

ଅର୍ଥାତ୍ ପୁଣ୍ୟଶାଳୀକୁ କେଉଁ ବ୍ୟାପାର ମିଳେ ? ଯେଉଁଥିରେ ସବୁଠାରୁ କମ୍ ହିଂସା ଥିବ ସେହି ବ୍ୟାପାର ପୁଣ୍ୟଶାଳୀକୁ ମିଳିଯାଏ । ଏବେ ଏପରି ବ୍ୟାପାର କେଉଁଟା ? ହୀରା-ମାଣିକର, ଯେଉଁଥିରେ କୌଣସି ଅପମିଶ୍ରଣ ନାହିଁ । କିନ୍ତୁ ସେଥିରେ ମଧ୍ୟ ଦେଖ ଆଜିକାଲି ଅପମିଶ୍ରଣ ହୋଇଗଲାଣି । କିନ୍ତୁ ଯାହାକୁ ଶୁଦ୍ଧ ବ୍ୟାପାର କରିବାର ଥିବ ତେବେ କରିପାରିବ । ସେଥିରେ ଜୀବ ମରନ୍ତି ନାହିଁ, କୌଣସି ଝଂଜଟ ନାହିଁ । ଆଉ ପୁଣି ଦୁଇ ନମ୍ବରରେ ସୁନା-ଚାନ୍ଦୀର (ବ୍ୟାପାର) । ଆଉ ସବୁଠାରୁ ଅଧିକ ହିଂସାବାଲା ବ୍ୟାପାର କେଉଁଟା ? ଏହି କଂସେଇର । ପରେ ଏହି କୁମ୍ଭାରର । ସେମାନେ ଭାଟି ଜଳାନ୍ତି ନା ! ଏଣୁ ସବୁ ହିଂସା ହିଁ ଅଟେ ।

**ପ୍ରଶ୍ନକର୍ତ୍ତା :** କୌଣସି ବି ହିଂସାର ଫଳ ମିଳିବ ତ ନିଶ୍ଚିତ ନା ? ହିଂସାର ଫଳ ତ ଭୋଗିବାକୁ ହିଁ ହେବ ନା ତାହା ପୁଣି ଭାବହିଂସା ହେଉ ବା ଦ୍ରବ୍ୟହିଂସା ହେଉ ?

**ଦାଦାଶ୍ରୀ :** ସେମାନେ ଭୋଗୁଛନ୍ତି ନା ! ସାରାଦିନ ଛଟପଟ ଛଟପଟ...

ଯେତେ ହିଂସକ ବ୍ୟାପାରବାଲା ଅଛନ୍ତି ନା, ସେ ବେପାରୀ ସୁଖୀ ଦେଖାଯାନ୍ତି ନାହିଁ । ସେମାନଙ୍କ ମୁହଁରେ ତେଜ ଆସେ ନାହିଁ କେବେ ବି । ଜମି ମାଲିକ ଯଦି ହଳ ଚଲାଉ ନଥିବ, ତେବେ ତା'କୁ ବେଶୀ ଛୁଏଁ ନାହିଁ । ହଳ କରିବାବାଲାକୁ ଛୁଏଁ, ସେଥିପାଇଁ ସେ ସୁଖୀ ରୁହେ ନାହିଁ । ଏସବୁ ନିୟମ ପ୍ରଥମରୁ ଅଛି । ଅର୍ଥାତ୍ ଦିସ୍ ଇଜ୍ ବଟ୍ ନେଚୁରାଲ୍ (This is but natural) । ଏହି କାମଧନ୍ଦା ମିଳିବା ଇତ୍ୟାଦି ସବୁ ନେଚୁରାଲ୍ ଅଟେ । ଯଦି ତୁମେ ବନ୍ଦ କରିଦେବ ନା, ତଥାପି ତାହା ବନ୍ଦ ହୋଇଯିବ ଏପରି ନୁହେଁ । କାରଣ ସେଥିରେ କିଛି ହୋଇପାରିବ ଏପରି ନୁହେଁ । ନହେଲେ ଏସବୁ ଲୋକମାନଙ୍କ ମନରେ ବିଚାର ଆସନ୍ତା ଯେ 'ପୁଅ ଯଦି ସେନାରେ ଯିବ ଆଉ ମରିଯିବ ତେବେ ମୋ

ବୋହୂ ବିଧବା ହୋଇଯିବ ।' ତେବେ ତ ଆମ ଦେଶରେ ସେଭଳି ମାଲ୍ ଜନ୍ମ ହୁଅନ୍ତା ହିଁ ନାହିଁ । କିନ୍ତୁ ନା, ସେହି ମାଲ୍ ପ୍ରତ୍ୟେକ ଦେଶରେ ଥାଏ । ପ୍ରକୃତିର ନିୟମ ହିଁ ଏପରି ଅଟେ । ଅର୍ଥାତ ଏସବୁ ପ୍ରକୃତିର ହିଁ ସୃଷ୍ଟି । ଏଥିରେ ନୂଆ କିଛି ହୁଏ ନାହିଁ । ଏହା ପଛରେ ପ୍ରକୃତିର ହାତ ଅଛି । ସେଥିପାଇଁ ବେଶୀ ସେମିତି ଭାବିବ ନାହିଁ ।

## ସଂଗ୍ରହ, ତାହା ମଧ୍ୟ ହିଂସା

**ପ୍ରଶ୍ନକର୍ତ୍ତା :** ବ୍ୟାପାରୀ ବେଆଇନ ଲାଭ କରନ୍ତି, କେହି ଉଦ୍ୟୋଗପତି ଅଥବା ବ୍ୟାପାରୀ ପରିଶ୍ରମ ତୁଳନାରେ କମ ପାରିଶ୍ରମିକ ଦିଅନ୍ତି, ଅଥବା ବିନା କୌଣସି ପରିଶ୍ରମର ରୋଜଗାର ହୋଇଥିବ, ତେବେ ତାହା ହିଂସା କୁହାଯାଏ ?

**ଦାଦାଶ୍ରୀ :** ସେ ସବୁ ହିଂସା ହିଁ ଅଟେ ।

**ପ୍ରଶ୍ନକର୍ତ୍ତା :** ଏବେ ସେ ବିନା ପରିଶ୍ରମରେ ରୋଜଗାର କରି ଧର୍ମକାର୍ଯ୍ୟରେ ଯଦି ପଇସା ଖର୍ଚ୍ଚ କରେ, ତେବେ ତାହା କେଉଁ ପ୍ରକାରର ହିଂସା କୁହାଯିବ ?

**ଦାଦାଶ୍ରୀ :** ଯେତିକି ଧର୍ମକାର୍ଯ୍ୟରେ ଖର୍ଚ୍ଚ କଲା, ଯେତିକି ତ୍ୟାଗ କରିଦେଲା, ସେତିକି କମ ଦୋଷ ଲାଗିଲା । ଯେତିକି କମାଇଥିଲା, ଲକ୍ଷେଟଙ୍କା କମାଇ ଥିଲା, ଏବେ ସେ ଅଶି ହଜାରର ହସ୍ପିଟାଲ୍ ତିଆରି କଲା ତେବେ ସେତିକି ଟଙ୍କାର ଉତ୍ତରଦାୟିତ୍ୱ ତା'କୁ ରହିଲା ନାହିଁ । କେବଳ କୋଡ଼ିଏ ହଜାର ଟଙ୍କାର ହିଁ ଉତ୍ତରଦାୟିତ୍ୱ ରହିଲା । ମାନେ ଭଲ ଅଟେ, ଖରାପ ନୁହେଁ ।

**ପ୍ରଶ୍ନକର୍ତ୍ତା :** ଲୋକେ ଲକ୍ଷ୍ମୀ ସଂଗ୍ରହ କରି ରଖୁଛନ୍ତି ତାହା ହିଂସା କୁହାଯିବ ନା ନାହିଁ ?

**ଦାଦାଶ୍ରୀ :** ହିଂସା ହିଁ କୁହାଯିବ । ସଂଗ୍ରହ କରିବା, ତାହା ହିଂସା ଅଟେ । ଅନ୍ୟ ଲୋକଙ୍କ କାମରେ ଲାଗୁ ନାହିଁ ନା !

**ପ୍ରଶ୍ନକର୍ତ୍ତା :** ଲକ୍ଜୁରିୟସ୍ ଲାଇଫ୍(Luxurious life) ବଞ୍ଚିବା ପାଇଁ ସଂହାର କରି ଅଧିକ ଲକ୍ଷ୍ମୀ ପ୍ରାପ୍ତ କରିବା ତେବେ ତାହାକୁ କ'ଣ କୁହାଯିବ ?

**ଦାଦାଶ୍ରୀ :** ତାହାକୁ ଦୋଷ ହିଁ କୁହାଯିବ ନା ! ଯେତିକି ଦୋଷ ଥିବ ସେତିକି ଆମକୁ ଦଣ୍ଡ ମିଳିବ । ଯେତେ କମ୍ ପରିଗ୍ରହରେ ବଞ୍ଚି ହେବ, ତାହା ଉତ୍ତମ ଜୀବନ ଅଟେ ।

## ସାମନା କର, କିନ୍ତୁ ଶାନ୍ତିରେ

**ପ୍ରଶ୍ନକର୍ତ୍ତା :** ଚୋରୀ କରିବାର ନାହିଁ, ହିଂସା କରିବାର ନାହିଁ, ଏପରି ଆପଣ କହୁଛନ୍ତି । ତେବେ କେହି ବ୍ୟକ୍ତି ଯଦି ଆମ ଜିନିଷ ଚୋରୀ କରିନିଏ, ସେ ଆମ ସହିତ ଧୋକା କରେ । ତେବେ ଆମେ ତା'ର ସାମନା କରିବା ଉଚିତ୍ କି ନୁହେଁ ?

**ଦାଦାଶ୍ରୀ :** ସାମନା କରିବା ହିଁ ଉଚିତ୍ । କିନ୍ତୁ ଆମକୁ ଏପରି ସାମନା କରିବାର ନାହିଁ ଯେ ନିଜ ମନ ବିଗିଡ଼ି ଯିବ । ଖୁବ୍ ଧୀରେ ଆମେ କହିବା ଯେ, 'ଭାଇ, ମୁଁ ତୁମର କ'ଣ ବିଗାଡ଼ିଛି ଯେ ଏପରି ସବୁ କରୁଛ ?' ଆଉ ଆମର ଶହେ ଟଙ୍କାର ଚୋରୀ ହୋଇଥିବ ଏବଂ ଆମେ ତା' ଉପରେ ରାଗିଯିବା ତେବେ ଆମେ ସେହି ଶହେ ଟଙ୍କା ପାଇଁ ନିଜର ପାଞ୍ଚଶହ ଟଙ୍କାର କ୍ଷତି କଲେ । ସେଥିପାଇଁ ଏପରି ଶହେ ଟଙ୍କା ପାଇଁ ପାଞ୍ଚଶହ ଟଙ୍କାର କ୍ଷତି ଆମକୁ କରିବାର ନାହିଁ । ସେଥିପାଇଁ ଶାନ୍ତିରେ କଥା ହେବା ଉଚିତ୍ । ରାଗିବା ଉଚିତ୍ ନୁହେଁ ।

## ହିଂସାର ବିରୋଧ, ବଞ୍ଚାଏ ଅନୁମୋଦନାରୁ...

**ପ୍ରଶ୍ନକର୍ତ୍ତା :** ମାନସିକ ଦୁଃଖ ଦେବା, କାହାକୁ ଧୋକା ଦେବା, ବିଶ୍ୱାସଘାତ କରିବା, ଚୋରୀ କରିବା ଇତ୍ୟାଦି ସୂକ୍ଷ୍ମ ହିଂସା କୁହାଯିବ ?

**ଦାଦାଶ୍ରୀ :** ସେ ସବୁ ହିଂସା ହିଁ ଅଟେ । ସ୍ଥୁଳ ହିଂସାରୁ ବି ଏହି ହିଂସା ଅଧିକ ଭାରି ଅଟେ । ତାହାର ଫଳ ବହୁତ ଭାରୀ ଆସେ । କାହାକୁ ମାନସିକ ଦୁଃଖ ଦେବା, କାହାକୁ ଧୋକା ଦେବା, ବିଶ୍ୱାସଘାତ କରିବା, ଚୋରୀ କରିବା ସେ ସବୁ *ରୌଦ୍ରଧ୍ୟାନ* (ଅନ୍ୟମାନଙ୍କୁ କ୍ଷତି ଅବା ଦୁଃଖ ପହଞ୍ଚାଇବାର ଭାବ)ରେ ଯାଏ । ଆଉ *ରୌଦ୍ରଧ୍ୟାନର* ଫଳ ନର୍କଗତି ଅଟେ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ସେହି ସୂକ୍ଷ୍ମ ହିଂସାକୁ ହିଁ ମହତ୍ତ୍ୱ ଦେଇ ବଡ଼ ଦ୍ରବ୍ୟହିଂସା, ମୂକ ପ୍ରାଣୀମାନଙ୍କ ପ୍ରତି କ୍ରୁରତା, ହତ୍ୟା ଏବଂ ସେମାନଙ୍କ ଶୋଷଣରୁ ଅଥବା ହିଂସାରୁ ପ୍ରାପ୍ତ କରାଯାଇଥିବା ସାମଗ୍ରୀର ଉପଯୋଗ କରିବା ଅବା ସେ ସବୁକୁ ପ୍ରୋତ୍ସାହନ ଦେଇ ବଡ଼ ହିଂସା ପ୍ରତି ଯଦି ଉଦାସୀନତା ରଖାଯାଏ ତେବେ କ'ଣ ତାହା ଉଚିତ୍ କୁହାଯିବ ?

**ଦାଦାଶ୍ରୀ :** ତାହା ଉଚିତ୍ କୁହାଯିବ ନାହିଁ । ତାହାର ବିରୋଧ ତ ହେବା ହିଁ ଉଚିତ୍ । ବିରୋଧ ନାହିଁ ଅର୍ଥାତ୍ ତୁମେ ତାହାର ଅନୁମୋଦନା କରୁଛ, ଦୁଇଟି ମଧ୍ୟରୁ

ଗୋଟିଏ ପକ୍ଷରେ ଅଛ । ଯଦି ବିରୋଧ ହେଉ ନାହିଁ ତେବେ ଅନୁମୋଦନା କରୁଛ । ଏଣୁ ପଛେ ଯିଏ ବି ହେଉ ଅବା ଜ୍ଞାନୀ ହୁଅନ୍ତୁ, କିନ୍ତୁ ତାଙ୍କୁ ବିରୋଧ ପ୍ରଦର୍ଶନ କରିବା ଉଚିତ୍ । ଅନ୍ୟଥା ଅନୁମୋଦନାରେ ଗଣାଯିବ ।

**ପ୍ରଶ୍ନକର୍ତ୍ତା :** କୌଣସି ବି ପଶୁପକ୍ଷୀ ଅବା ଯିଏ ବି ହେଉ, ସେମାନଙ୍କ ଉପରେ ହିଂସା କରିବାବାଲାର ଉଦୟରେ ହିଂସା ଆସିଥିଲେ, ତେବେ ତାହାକୁ ରୋକିବା ପାଇଁ ଆମେ ନିମିତ୍ତ ହୋଇପାରିବୁ କି ?

**ଦାଦାଶ୍ରୀ :** ପଛେ ଯାହାର ଉଦୟରେ ତାହା ଆସିଥାଉ ଆଉ ତୁମେ ଯଦି ରୋକିବାର ନିମିତ୍ତ ହେବ ନାହିଁ ତେବେ ତୁମେ ହିଂସାର ଅନୁମୋଦନା କରୁଛ । ସେଥିପାଇଁ ତୁମେ ରୋକିବାର ପ୍ରୟାସ କରିବା ଦରକାର । ଆଉ ପଛେ ଯାହା ବି ଉଦୟ ହେଉ, କିନ୍ତୁ ତୁମକୁ ତ ରୋକିବାର ପ୍ରୟାସ କରିବା ହିଁ ଉଚିତ୍ ।

ଯେପରି ରାସ୍ତାରେ କେହି ଯାଉଥିବ ଏବଂ ତା' କର୍ମର ଉଦୟରୁ ସେ ଧକ୍କା ହେଲା ଏବଂ ଗୋଡ଼ରେ ଆଘାତ ଲାଗିଗଲା, ଆଉ ତୁମେ ସେହି ରାସ୍ତାରେ ଯାଉଥିବ, ତେବେ ତୁମେ ଓହ୍ଲାଇ ନିଜ କପଡ଼ାରେ ତା'ର ପଟି ବାନ୍ଧିଦେବା ଉଚିତ୍ । ଗାଡ଼ିରେ ନେଇଯାଇ ଛାଡ଼ି ଆସିବା ଉଚିତ୍ । ପଛେ ତା' କର୍ମର ଉଦୟରୁ ଏପରି ହୋଇଥାଉ, କିନ୍ତୁ ଆମ ଭାବ ଦେଖାଇବା ଉଚିତ୍ । ନହେଲେ ତୁମେ ତାହାର ବିରୋଧୀ ଭାବରେ ବାନ୍ଧି ହୋଇଯିବ ଏବଂ ମୁକ୍ତ ହୋଇ ପାରିବ ନାହିଁ । ଏହି ଜଗତ ଏପରି ନୁହେଁ ଯେ ମୁକ୍ତ କରିପାରିବ ।

**ପ୍ରଶ୍ନକର୍ତ୍ତା :** ଅଧ୍ୟାତ୍ମରେ ରୁଚି ରଖୁଥିବା ବ୍ୟକ୍ତି ପାଇଁ ହିଂସା ଅଟକାଇବାର ପ୍ରୟାସ କରିବା ଜରୁରୀ ଅଟେ କି ? ଯଦି ଜରୁରୀ ତେବେ ସେହି ବିଷୟରେ ଆପଣ ମାର୍ଗଦର୍ଶନ-ଉପଦେଶ-ପରାମର୍ଶ ଦେବେ ?

**ଦାଦାଶ୍ରୀ :** ଅଧ୍ୟାତ୍ମରେ ରୁଚି ରଖୁଥିବେ ଆଉ ହିଂସା ରୋକିବାର ପ୍ରୟାସ ନ କରନ୍ତି ସେମାନେ ତ ହିଂସାର ପ୍ରେରଣା କଲେ କୁହାଯିବ । ହିଂସା ରୋକିବାର ପ୍ରୟାସ ଯଦି ନ କରନ୍ତି ତେବେ ହିଂସାର ଅନୁମୋଦନା କଲେ କୁହାଯିବ । ଏଣୁ ପଛେ ଯେଉଁ ଅଧ୍ୟାତ୍ମ ହେଉ, କିନ୍ତୁ ହିଂସା ରୋକିବାର ପ୍ରୟାସ ହେବା ହିଁ ଉଚିତ୍ ।

**ପ୍ରଶ୍ନକର୍ତ୍ତା :** ଏପରି ସଂଯୋଗରେ ବଡ଼ ଦ୍ରବ୍ୟହିଂସାର ନିବାରଣ କାହିଁକି ଦେଖାଯାଏ ନାହିଁ ?

**ଦାଦାଶ୍ରୀ :** ସେହି ଦ୍ରବ୍ୟହିଂସାର ନିବାରଣର ଖାସ୍ ଆବଶ୍ୟକତା ଅଛି । ତାହା ପାଇଁ ଆମେ ଅଲଗା ପ୍ରୟାସ କରିବା, ଭଲ ଭାବରେ ସମସ୍ତେ ଏକାଠି ହୋଇ, ପୁଣି ସଂଘର ରଚନା କରିବା ଏବଂ ଗଭର୍ନମେଣ୍ଟକୁ ମଧ୍ୟ ଆମ ନିର୍ବାଚିତ ବ୍ୟକ୍ତିମାନଙ୍କୁ ପଠାଇବା ତେବେ ବହୁତ ଫଳ ମିଳିବ । ସମସ୍ତଙ୍କୁ ଭାବ କରିବାର ଆବଶ୍ୟକତା ଅଛି, ଏବଂ ମଜବୁତ ଭାବ କରିବାର ଆବଶ୍ୟକତା ଅଛି । ପ୍ରୋତ୍ସାହନ ଦେବାର ଆବଶ୍ୟକତା ଅଛି ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଦାଦା, ଶେଷରେ ତ ଏସବୁ ହିସାବ ହିଁ ଅଟେ ନା ?

**ଦାଦାଶ୍ରୀ :** ହଁ, ହିସାବ ଅଟେ । ତାହାକୁ ହିସାବ କହିବା କିନ୍ତୁ ତାହା ହୋଇସାରିବା ପରେ କୁହାଯିବ । ହିସାବ କହିବା ତେବେ ସବୁ ବିଗିଡ଼ି ଯିବ । ଆମ ଗାଁକୁ ବାବାମାନେ ଆସୁଥିବେ ଆଉ ଛୋଟ ପିଲାଙ୍କୁ ଉଠାଇ ନେଇ ଯାଉଥିବେ ତେବେ ଆମେ କହୁ ନା ଯେ ଏମାନଙ୍କୁ ଧର ଏବଂ ଅଟକାଅ ! ଏଣୁ ଯେପରି ନିଜ ପିଲାଙ୍କୁ କେହି ଯଦି ନେଇଯାଏ, ଉଠାଇ ନିଏ ତେବେ କେତେ ଦୁଃଖ ହେବ ? ସେହିପରି ଏହି ଗାଈ-ମଇଁଷୀ ଯେଉଁମାନେ କଟା ହେଉଛନ୍ତି, ସେମାନଙ୍କ ପାଇଁ ମନରେ ବହୁତ ଦୁଃଖ ରହିବା ଉଚିତ୍, ଆଉ ତାହାର ବିରୋଧ ହେବା ଉଚିତ୍ । ନହେଲେ ସେହି କାମ ସଫଳ ହେବ ହିଁ ନାହିଁ ନା ! ବସି ରହିବାର ଆବଶ୍ୟକତା ନାହିଁ । ତାହାକୁ କର୍ମର ଉଦୟ ମାନିବା, କିନ୍ତୁ ଭଗବାନ ବି ଏପରି ମାନୁ ନଥିଲେ । ଭଗବାନ ବି ବିରୋଧ ପ୍ରଦର୍ଶନ କରୁଥିଲେ । ସେଥିପାଇଁ ଆମେ ବିରୋଧ ପ୍ରଦର୍ଶନ କରିବା ଉଚିତ୍, ଏକତା ଗଠନ କରିବା ଦରକାର, ଏବଂ ତାହାର ସାମନା କରିବା ଦରକାର । ଏଥିରେ ତ କେହି ହିଂସାର ବିରୋଧୀ ହୁଏ ନାହିଁ, କିନ୍ତୁ ଏହା ତ ଅହିଂସକ ଭାବ ଅଟେ !

## କୃଷ୍ଣଙ୍କ ଗୋବର୍ଦ୍ଧନ-ଗାଈଙ୍କର ବର୍ଦ୍ଧନ

କୃଷ୍ଣ ଭଗବାନଙ୍କ କାଳରେ ହିଂସା ବହୁତ ବଢ଼ିଯାଇଥିଲା । ସେତେବେଳେ କୃଷ୍ଣ ଭଗବାନ ପୁଣି କ'ଣ କଲେ ? ଗୋବର୍ଦ୍ଧନ ପର୍ବତ ଉଠାଇଲେ, ଗୋଟିଏ ଆଙ୍ଗୁଳିରେ । ଏବେ ଗୋବର୍ଦ୍ଧନ ପର୍ବତ ଆଙ୍ଗୁଳିରେ ଉଠାଇଲେ, ସେହି ଶବ୍ଦ ସ୍ଥୁଳରେ ରହିଗଲା । କିନ୍ତୁ ଲୋକେ ତାଙ୍କର ସୂକ୍ଷ୍ମ ଭାଷା ବୁଝିଲେ ନାହିଁ । ଗୋବର୍ଦ୍ଧନ ଅର୍ଥାତ୍ ଗାଈମାନଙ୍କର(ସଂଖ୍ୟା) କିପରି ବୃଦ୍ଧି ହେବ, ଏପରି ସବୁ ଭିନ୍ନ-ଭିନ୍ନ ଜାଗାରେ ଆୟୋଜନ କଲେ ଏବଂ ଗୋ' ରକ୍ଷାର ଆୟୋଜନ କଲେ । ବର୍ଦ୍ଧନ ଏବଂ ରକ୍ଷା ଉଭୟର ଆୟୋଜନ କଲେ । କାରଣ ହିନ୍ଦୁସ୍ଥାନରେ ଲୋକଙ୍କ ମୁଖ୍ୟ ଜୀବନ ହିଁ ଏହା ଉପରେ ଆଧାରିତ ଅଟେ । ସେଥିପାଇଁ

ଯଦି ବହୁତ ହିଂସା ବଢ଼ିଯାଏ ନା ତେବେ ସବୁକିଛି ଛାଡ଼ି ପ୍ରଥମେ ଏହା ସମ୍ଭାଳ । ଆଉ ଯେଉଁ ହିଂସକ ପଶୁପକ୍ଷୀ ଅଛନ୍ତି ନା, ସେମାନଙ୍କ ପାଇଁ ତ ଆମକୁ କିଛି କରିବାର ଆବଶ୍ୟକତା ନାହିଁ । ସେ ପଶୁପକ୍ଷୀ ନିଜେ ହିଁ ହିଂସକ ଅଟନ୍ତି । ସେମାନଙ୍କ ପାଇଁ ତୁମକୁ କିଛି କରିବାର ଆବଶ୍ୟକତା ନାହିଁ । ସେମାନଙ୍କୁ କେହି ମାରନ୍ତି ବି ନାହିଁ ଏବଂ ସେମାନଙ୍କୁ ଖାଇହେବ ବି ନାହିଁ ନା ! ଏହି ବିରାଡ଼ିକୁ କିଏ ଖାଇବ ? କୁକୁରକୁ କିଏ ଖାଇଯିବ ? କେହି ଖାଇବେ ନାହିଁ ଆଉ କାହାଦ୍ୱାରା ଖାଇ ହେବ ମଧ୍ୟ ନାହିଁ । ସେଥିପାଇଁ କେବଳ ଏହି, ଗୋବର୍ଦ୍ଧନ ଏବଂ ଗୋ ରକ୍ଷା, ଦୁଇଟି ଜିନିଷ ହିଁ ପ୍ରଥମେ ଧରିବା ଆବଶ୍ୟକ ।

ଗୋବର୍ଦ୍ଧନ ପାଇଁ ବହୁତ ଉପାୟ କରିବା ଉଚିତ୍ । କୃଷ୍ଣ ଭଗବାନ ଗୋଟିଏ ଆଙ୍ଗୁଳିରେ ଗୋବର୍ଦ୍ଧନ କଲେ ନା, ତାହା ବହୁତ ବଡ଼ ଜିନିଷ କରିଥିଲେ । ସେ ଜାଗା ଜାଗାରେ ଗୋବର୍ଦ୍ଧନ ସ୍ଥାପନା କରିଥିଲେ ଆଉ ଗୋଶାଳା ଆରମ୍ଭ କରିଦେଇଥିଲେ । ହଜାର-ହଜାର ଗାଈଙ୍କର ପୋଷଣ ହୋଇପାରିବ ଏପରି କଲେ । ଗୋବର୍ଦ୍ଧନ ଏବଂ ଗୋ'ରକ୍ଷା, ଏ ଉଭୟ କଲେ । ରକ୍ଷା କଲେ ସେଥିପାଇଁ ଅଟକି ଗଲା । ଆଉ ପୁଣି ଘରେ ଘରେ କ୍ଷୀର-ଘିଅ ସବୁ ମିଳିବ ନା ! ସେଥିପାଇଁ ଗାଈମାନଙ୍କୁ ବଞ୍ଚାଇବା ବଦଳରେ ଗାଈମାନଙ୍କର ସଂଖ୍ୟା କିପରି ବଢ଼ିବ, ସେଥିପାଇଁ ବହୁତ କିଛି କରିବାର ଆବଶ୍ୟକତା ଅଛି ।

ଗାଈ ରଖିଲେ ଏତେ ଫାଇଦା ଅଛି, ଗାଈ କ୍ଷୀରରେ ଏତେ ଫାଇଦା ଅଛି, ଗାଈ ଘିଅରେ ଏତେ ଫାଇଦା ଅଛି, ସେସବୁ ଯଦି ଓପନ (open) କରାଯାଏ ଆଉ ବାଧ୍ୟ ବାଧକତାରେ ନୁହେଁ କିନ୍ତୁ ସ୍ୱଇଚ୍ଛାରେ, ଲୋକଙ୍କୁ ନିଜେ ବୁଝାଇବା ଏବଂ ପ୍ରତ୍ୟେକ ଗାଁରେ ଯଦି ଗାଈ ରଖିବାର ପ୍ରଥା କରାଯାଏ ତେବେ ଗାଈ ବହୁତ ବଢ଼ିଯିବେ । ପୂର୍ବେ ସବୁ ଜାଗାରେ ଗୋଶାଳା ରଖୁଥିଲେ, ସେଠାରେ ହଜାର-ହଜାର ଗାଈ ରଖୁଥିଲେ । ଏଣୁ ଗାଈ ବଢ଼ାଇବାର ଆବଶ୍ୟକତା ଅଛି । ଏହା ତ ଗାଈ ବଢୁ ନାହାଁନ୍ତି ଆଉ ଗୋଟିଏ ପଟେ ଏହା(ଗୋ-ହତ୍ୟା) ଚାଲୁ ଅଛି । କିନ୍ତୁ ଏହା ତ କାହାକୁ ବି (ଗୋ-ହତ୍ୟାକୁ ଅଟକାଇବାବାଲା କୁ) ଆମଦ୍ୱାରା ନା କହିହେବ ନାହିଁ! ନା କହିବା ତେବେ ଦୋଷ କୁହାଯିବ । ଆଉ କ'ଣ କେହି ଭୁଲ କରୁଛି ? ବଞ୍ଚାଏ ନା !

**ପ୍ରଶ୍ନକର୍ତ୍ତା :** ଆମେ ଗାଈ ମାନଙ୍କୁ (କଂସେଇ ଠାରୁ) ମୁକ୍ତ କରି ପାରୁ ନାହୁଁ କିନ୍ତୁ ସେମାନଙ୍କ ପହଞ୍ଚିବା(କସାଇଁ ପାଖକୁ) ବନ୍ଦ କରି ଦେଉଛୁ ।

**ଦାଦାଶ୍ରୀ :** ହଁ, ଆସିବାକୁ ବନ୍ଦ କର । ତା'ର ମୂଳ ମାଲିକକୁ ବୁଝାଅ ଯେ

ଏପରି କର ନାହିଁ । ଏବେ ତ ଗୋବର୍ଦ୍ଧନ ଏବଂ ଗୋରକ୍ଷା ପ୍ରଥମେ ଏହି ଦୁଇ ନିୟମ ଧର । ଅନ୍ୟ ସବୁ ସେକେଣ୍ଡାରୀ ! ଏହା କମ୍ପ୍ଲିଟ ହୋଇଯାଉ, ପରେ ଅନ୍ୟ ସବୁ ।

ସେଥିପାଇଁ ଏହି ଗୋବର୍ଦ୍ଧନ ଏବଂ ଗୋରକ୍ଷା, ଏହି ଦୁଇଟିକୁ କୃଷ୍ଣ ଭଗବାନ ଅଧିକ ମହତ୍ତ୍ୱ ଦେଉଥିଲେ । ଆଉ ଗୋବର୍ଦ୍ଧନ କରିବାବାଲା ଗୋପ ଏବଂ ଗୋପୀ । ଗୋପ ଅର୍ଥାତ୍ ଗୋପାଳନ କରିବା ଲୋକେ !

**ପ୍ରଶ୍ନକର୍ତ୍ତା :** ଗୋବର୍ଦ୍ଧନ, ଏହି କଥା ପୂରା ନୂଆ ହିଁ ମିଳିଲା ।

**ଦାଦାଶ୍ରୀ :** ହଁ, ସବୁ କଥା ହିଁ ଅଛି । କିନ୍ତୁ ଯଦି ସେସବୁର ବିବରଣ ହୁଏ ତେବେ କାମର । ନହେଲେ କଥା ତ ସବୁ ଅଛି ଏବଂ ସତ କଥା ହିଁ ଅଟେ । କିନ୍ତୁ ଏ ଲୋକେ ପୁଣି ତା'କୁ ସ୍ଥୁଳରେ ନେଇଗଲେ । କହିଲେ 'ଗୋବର୍ଦ୍ଧନ ପର୍ବତ ଉଠାଇଲେ ।' ସେଥିପାଇଁ ସେ ଫରେନ୍‌ର ସାଇଣ୍ଟିଷ୍ଟ କହୁଛନ୍ତି, 'ପାଗଳଙ୍କ ପରି ଏହି କଥା, ପର୍ବତ କଣ ଉଠାଯାଉଥିବ କାହାଦ୍ୱାରା ?' ଯଦି ଉଠାଇଲେ, ତେବେ ହିମାଳୟ କାହିଁକି ଉଠାଇଲେ ନାହିଁ ? ଆଉ ପୁଣି ତୀର ବାଜିବା ଦ୍ୱାରା କାହିଁକି ମରିଗଲେ ? କିନ୍ତୁ (ବାସ୍ତବରେ) ଏପରି ନୁହେଁ ।

ଗୋବର୍ଦ୍ଧନ ସେ ବହୁତ ଭଲ ରୂପେ କରିଥିଲେ । କାରଣ ସେହି ସମୟରେ ହିଂସା ବହୁତ ବଢ଼ି ଯାଇଥିଲା, ଭୟଙ୍କର ହିଂସା ବଢ଼ି ଯାଇଥିଲା । କାହିଁକିନା କେବଳ ମୁସଲିମ୍ ହିଂସା କରନ୍ତି, ଏପରି ନୁହେଁ । ହିନ୍ଦୁ ମାନଙ୍କ ମଧ୍ୟରେ କିଛି ଉପରର କ୍ୱାଲିଟୀ (quality) ହିଁ ହିଂସା କରନ୍ତି ନାହିଁ, ଅନ୍ୟ ସବୁ ପ୍ରଜା ହିଂସା କରିବାବାଲା ଅଟନ୍ତି ।

ହିଂସକ ଭାବ ତ ନହେବା ହିଁ ଉଚିତ୍ ନା ! ମନୁଷ୍ୟକୁ ଅହିଂସକ ଭାବ ତ ହେବା ହିଁ ଉଚିତ୍ ନା ! ଅହିଂସା ପାଇଁ ଜୀବନ ଖର୍ଚ୍ଚ କରିଦେବା, ତାହା ଅହିଂସକ ଭାବ କୁହାଯାଏ ।

## କ'ଣ ଫୁଲ ପୂଜାରେ ପାପ ?

**ପ୍ରଶ୍ନକର୍ତ୍ତା :** ମନ୍ଦିରରେ ପୂଜା କରିବା ପାଇଁ ଫୁଲ ଚଢ଼ାଇବାରେ ପାପ ଅଛି ନା ନାହିଁ ?

**ଦାଦାଶ୍ରୀ :** ମନ୍ଦିରରେ ଭଗବାନଙ୍କ ପୂଜା କରିବାରେ ଫୁଲ ଚଢ଼ାଯାଏ, ତାହାକୁ ଅନ୍ୟ ଦୃଷ୍ଟିରେ ଦେଖିବାର ଅଛି । ଫୁଲ ଛିଡ଼ାଇବା, ତାହା ଦୋଷ ଅଟେ । ବିକ୍ରି ହେଉଥିବା ଫୁଲ ନେବା, ତାହା ମଧ୍ୟ ଦୋଷ ଅଟେ । କିନ୍ତୁ ଅନ୍ୟ ଦୃଷ୍ଟିରେ ଦେଖିବାକୁ ଗଲେ

ସେଥିରେ ଲାଭ ଅଛି । କେଉଁ ଦୃଷ୍ଟି, ତାହା ମୁଁ ତୁମକୁ ବୁଝାଉଛି ।

ଆଜି କିଛି ଲୋକ ମାନନ୍ତି ଯେ ଫୁଲ ଛିଡାଇବାରେ ମହାଦୋଷ ଅଛି ଆଉ କିଛି ଲୋକ ଭଗବାନଙ୍କ ଉପରେ ଫୁଲ ଚଢ଼ାନ୍ତି । ଏବେ ସେଥିରେ ପ୍ରକୃତ ବାସ୍ତବିକତା କ'ଣ ? ଏହି ବୀତରାଗଙ୍କର ଯେଉଁ ମାର୍ଗ, ତାହା ଲାଭାଲାଭର ମାର୍ଗ ଅଟେ । ଦୁଇଟି ଗୋଲାପ ଫୁଲ ଛିଡ଼ାଇ ଆଣିଲା, ସେଠି ସେ ହିଂସା ତ କଲା । ସେହି ଜାଗାରୁ ଛିଡ଼ାଇଲା ସେଥିପାଇଁ ହିଂସା ତ ହେଲା ନିଶ୍ଚିତ । ଆଉ ସେ ଫୁଲ ନିଜ ପାଇଁ ବ୍ୟବହାର କରେ ନାହିଁ । କିନ୍ତୁ ସେହି ଫୁଲ ଭଗବାନଙ୍କ ଉପରେ ଚଢ଼ାଏ ଅଥବା ଜ୍ଞାନୀପୁରୁଷଙ୍କ ଉପରେ ଚଢ଼ାଏ, ତାହା ଦ୍ରବ୍ୟପୂଜା ହେଲା କୁହାଯିବ । ଏବେ ଏହି ହିଂସା କରିବା ପାଇଁ ପାଞ୍ଚ ପରସେଣ୍ଟର ଦଣ୍ଡ କର ଆଉ ଭଗବାନଙ୍କ ଉପରେ ଫୁଲ ଚଢ଼ାଇବା ତେବେ ଫର୍ଟି ପରସେଣ୍ଟ ପ୍ରଫିଟ୍ ଦିଅ ଅଥବା ପୁଣି ଯଦି ଜ୍ଞାନୀପୁରୁଷଙ୍କ ଉପରେ ଫୁଲ ଚଢ଼ାଇବା ତେବେ ଥାର୍ଟି ପରସେଣ୍ଟ ପ୍ରଫିଟ୍ ଦିଅ । ତଥାପି ପଚିଶ ପ୍ରତିଶତ ବଞ୍ଚିଲା ନା, ଅର୍ଥାତ୍ ଲାଭାଲାଭର ବ୍ୟବହାର ପାଇଁ ଅଟେ ସାରା ଜଗତ । ଲାଭାଲାଭର ବ୍ୟାପାର କରିବା ଉଚିତ୍ । ଆଉ ଯଦି ଲାଭ କମ୍ ହେଉଥିବ ଏବଂ ଅଲାଭ(କ୍ଷତି) ହେଉଥିବ ତେବେ ତାହା ବନ୍ଦ କରିଦିଅ । କିନ୍ତୁ ଏଥିରେ ତ ଅଲାଭରୁ ଅଧିକ ଲାଭ ହେଉଛି । କିନ୍ତୁ ତୋର ଯଦି ଫୁଲ ଚଢ଼ାଇବାର ନାହିଁ, ତେବେ ତୋ ବ୍ୟାପାର ବନ୍ଦ ହୋଇଗଲା ।

## ଫୁଲ ପାଖୁଡ଼ା ଯେଉଁଠି ଦୁଃଖ ପାଏ...

**ପ୍ରଶ୍ନକର୍ତ୍ତା :** ଏ ପର୍ଯ୍ୟନ୍ତ ଯେଉଁ ଫୁଲ ଛିଡ଼େଇଛୁଁ, ତେବେ ତାହାର କୌଣସି ପାପ ଦୋଷ ଲାଗିଛି ?

**ଦାଦାଶ୍ରୀ :** ଆରେ, ଏକ ହଜାର ବର୍ଷ ଫୁଲ ଛିଡ଼ାଇବା ଆଉ ଏକ ଜନ୍ମ ଲୋକଙ୍କ ସହିତ ଅଥବା ଘରେ ଯଦି କଷାୟ କରିବା, ଘରେ କଳହ କରିବା, ତେବେ ତାହାଠାରୁ ଅଧିକ ଏହି କଷାୟର ଦୋଷ ହୋଇଥାଏ । ସେଥିପାଇଁ ପ୍ରଥମେ କଳହ ବନ୍ଦ କରିବାକୁ ଭଗବାନ କହିଛନ୍ତି । ଫୁଲ ପାଇଁ ତ କୌଣସି ଅସୁବିଧା ନାହିଁ । ତଥାପି ଯଦି ଫୁଲର ଆବଶ୍ୟକତା ନଥିବ ତେବେ ଛିଡ଼ାଇବା ଉଚିତ୍ ନୁହେଁ । ଆବଶ୍ୟକତା ଅର୍ଥାତ୍ ଦେବତାଙ୍କ ଉପରେ ଚଢ଼ାଇବା ପାଇଁ ତୋଳିବା ତେବେ ଅସୁବିଧା ନାହିଁ । ସଉକ ପାଇଁ ଛିଡ଼ାଇବା ଉଚିତ୍ ନୁହେଁ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏପରି କୁହନ୍ତି ନା, '*ପୁଷ୍ପ ପାଙ୍ଖଡ଼ୀ ଜ୍ୟାଁ ଦୁଭାୟ, ଜିନବରନୀ*

*ନେହିଁ ତ୍ୟାଁ ଆଜ୍ଞା'*(ଫୁଲ ପାଖୁଡ଼ା ଯେଉଁଠି ଦୁଃଖ ପାଏ, ଜିନବରଙ୍କ ନାହିଁ ସେଠି ଆଜ୍ଞା) ।

**ଦାଦାଶ୍ରୀ :** ତାହା ତ କୃପାଳୁଦେବ କହିଛନ୍ତି । ତୀର୍ଥଙ୍କର ଲେଖିଥିଲେ, ତାହା କୃପାଳୁଦେବ ତୀର୍ଥଙ୍କରଙ୍କ ଶବ୍ଦ ଲେଖିଛନ୍ତି । କିନ୍ତୁ ତାହା ତ କାହା ପାଇଁ ? ଯେ ଯାହାର ଏହି ସଂସାରର କୌଣସି ଜିନିଷ ଦରକାର ନାହିଁ, ଏପରି ଶ୍ରେଣୀ ଯଦି ଉତ୍ପନ୍ନ ହୁଏ ତେବେ ! ଆଉ ତୁମକୁ ତ ଏବେ ଏହି *ବୁଶକୋଟ୍* (Bush coat, ଢିଲା କୋଟ୍) ପିନ୍ଧିବାର ଅଛି ନା ?

**ପ୍ରଶ୍ନକର୍ତ୍ତା :** ତାହା ବି ଇସ୍ତ୍ରୀବାଲା !

**ଦାଦାଶ୍ରୀ :** ଆଉ ତାହା ମଧ୍ୟ ପୁଣି ଇସ୍ତ୍ରୀବାଲା ! ଏଣୁ ଏହି ସଂସାରର ଲୋକଙ୍କୁ ତ ପ୍ରତ୍ୟେକ ଜିନିଷ ଦରକାର । ସେଥିପାଇଁ କୁହେ ଯେ, 'ଭଗବାନଙ୍କ ମଥାରେ ଫୁଲ ଚଢ଼ାଇବ ।' କଣ ଆମ ତୀର୍ଥଙ୍କର ଭଗବାନଙ୍କ ମୂର୍ତ୍ତି ଉପରେ ଫୁଲ ରଖନ୍ତି ନା ରଖନ୍ତି ନାହିଁ ? ତୁମେ ଦେଖିନାହଁ ଏ ପର୍ଯ୍ୟନ୍ତ ? ମୂର୍ତ୍ତିପୂଜା କରିବା ପାଇଁ ଯାଇ ନାହଁ ନା ? ! ସେଠି ମୂର୍ତ୍ତି ଉପରେ ଫୁଲ ରଖନ୍ତି ।

ଭଗବାନ ସାଧୁମାନଙ୍କୁ କହିଥିଲେ ଯେ ତୁମେ ଭାବପୂଜା କରିବ । ଆଉ ଜୈନ ତାହା ସହିତ ଦ୍ରବ୍ୟପୂଜା କରନ୍ତି । ଦ୍ରବ୍ୟପୂଜା କରିବା ଦ୍ୱାରା ସେମାନଙ୍କର ବାଧା-ବିଘ୍ନ ସବୁ ସମାପ୍ତ ହୋଇଯାଏ । ସେଥିପାଇଁ ମୁଁ କ'ଣ କୁହେ ଯେ ଯାହାର ବାଧା-ବିଘ୍ନ ଅଛି ସେ ଜ୍ଞାନୀପୁରୁଷଙ୍କୁ ଫୁଲ ଚଢ଼ାଅ ଆଉ ଯଦି ବାଧା-ବିଘ୍ନ ନଥିବ ତା'ର କୌଣସି ଆବଶ୍ୟକତା ନାହିଁ । କ'ଣ ସମସ୍ତଙ୍କ ପାଇଁ ସମାନ ଅଟେ ? କିଛି ଲୋକଙ୍କୁ କିଭଳି କିଭଳି ବିଘ୍ନ ଥାଏ ! ସେସବୁ ଚାଲିଯାଏ । ଆଉ 'ଜ୍ଞାନୀ ପୁରୁଷଙ୍କୁ' ତ ଏଥିରେ କିଛି ଛୁଏଁ ନାହିଁ କି ବାଧକ ମଧ୍ୟ ହୁଏ ନାହିଁ ।

ତଥାପି କିଛି ଲୋକ ମୋତେ କୁହନ୍ତି ଯେ, '*ପୁଷ୍ପ ପାଙ୍ଖୁଡ଼ି ଜ୍ୟାଁ ଦୁଭାୟ ଜିନବରନୀ ନେହିଁ ଆଜ୍ଞା* । ଭଗବାନଙ୍କ ଆଜ୍ଞା ନାହିଁ ନା ?' ମୁଁ କହିଲି, 'ଏହା ତ କଲେଜର ତୃତୀୟ ବର୍ଷର କଥା ଏବେ ସେକେଣ୍ଡ ଷ୍ଟାଣ୍ଡାର୍ଡ଼ (Second Standard)ରେ କାହିଁକି ନେଇ ଆସୁଛ ? କଲେଜର ତୃତୀୟ ବର୍ଷରେ ତାହା ଉପରେ ଆଟେନ୍‌ଶନ (Attention) ଦେବାର ଅଛି । ତୁମେ ଏବେ ସେକେଣ୍ଡରେ ଏ ସବୁ କାହିଁକି ଆଣୁଛ ?' ତେବେ ସେମାନେ କୁହନ୍ତି, 'ତାହା ତ ବିଚାର କରିବା ପରି କଥା ଅଟେ ।' ମୁଁ କହିଲି, 'ସେତେବେଳେ ବିଚାର କରିବ । ଏହା ସେକେଣ୍ଡ, ଥାର୍ଡ଼ ଷ୍ଟାଣ୍ଡାର୍ଡ଼ରେ ଆଣିବାର ଆବଶ୍ୟକତା ନାହିଁ । ତୁମେ ଯେତେବେଳେ ଶେଷ ବର୍ଷରେ ଆସିବ ସେତେବେଳେ

କରିବ ।’ ତେବେ କୁହନ୍ତି ଯେ, ‘ତାହାର ଲିମିଟ କେତେ ?’ ମୁଁ କହିଲି ଯେ, ‘ଅନ୍ତିମ ଜନ୍ମରେ ଭଗବାନ ମହାବୀର ବିବାହିତ ଥିଲେ, ଏହା ତୁମେ ଜାଣି ନାହଁ?’ ତେବେ କୁହନ୍ତି ଯେ, ‘ହଁ, ବିବାହିତ ଥିଲେ ।’ ମୁଁ କହିଲି ଯେ, ‘କେତେ ବର୍ଷ ପର୍ଯ୍ୟନ୍ତ ସଂସାରରେ ରହିଥିଲେ ?’ ତେବେ କୁହନ୍ତି, ‘ତିରିଷ ବର୍ଷ ପର୍ଯ୍ୟନ୍ତ ।’ ମୁଁ କହିଲି ଯେ, ‘ସଂସାରରେ ଥିଲେ ତାହାର କିଛି ପ୍ରମାଣ ଅଛି ତୁମ ପାଖରେ ?’ ତେବେ କୁହନ୍ତି ଯେ, ‘ତାଙ୍କର ଝିଅ ଥିଲା ନା !’ ମୁଁ କହିଲି ଯେ, ‘ସଂସାରରେ ରହି ଥିଲେ ଏଣୁ ସେ ତ ସ୍ୱୀର ଅପରିଗ୍ରହୀ ନଥିଲେ ନା ? ପରିଗ୍ରହୀ ଥିଲେ । ପରିଗ୍ରହୀ ହୋଇଥିବେ ତେବେ ଝିଅ ହେବ ନା ? ନହେଲେ କିପରି ପ୍ରମାଣ ହେବ ? ଅର୍ଥାତ୍ ତିରିଶ ବର୍ଷ ପର୍ଯ୍ୟନ୍ତ ସେ ପରିଗ୍ରହୀ ଥିଲେ । ତେବେ ଭଗବାନ ଏପରି କ’ଣ ଦେଖିଲେ ଯେ ସ୍ୱୀର ପରିଗ୍ରହ ସେହି ଜନ୍ମରେ ଥିବ ଏବଂ ସେହି ଜନ୍ମରେ ମୋକ୍ଷରେ ମଧ୍ୟ ଯାଇ ହେବ ? ତେବେ ସେ ଏପରି କଣ ସନ୍ଧାନ କଲେ ? ! ଏଣୁ ଏହା ସବୁ ଫାଇନଲ କଥା ଅଟେ ।

ଏଣୁ ମୂର୍ତ୍ତିରେ ମଧ୍ୟ ଫୁଲ ଚଢ଼ାଯାଇ ପାରିବ ଏବଂ ଆମ ତୀର୍ଥଙ୍କରଙ୍କ ମୂର୍ତ୍ତି ଉପରେ ମଧ୍ୟ ଫୁଲ ଚଢ଼ାଯାଇ ପାରିବ । ଏମାନେ ତ ଏମିତି ଫୁଲର ପାଖୁଡ଼ାକୁ ଦୁଃଖ ଦିଅନ୍ତି ନାହିଁ ଆଉ ପାଖ ଲୋକଙ୍କ ସହ କଷାୟ କରି କରି ଦମ୍ ବାହାର କରି ପକାନ୍ତି । ଫୁଲର ପାଖୁଡ଼ା ଦୁଃଖ ପାଏ ନାହିଁ ଏଭଳି ମନୁଷ୍ୟଦ୍ୱାରା ତ, ଏକ କୁକୁର ଯଦି ଶୋଇ ରହିଥିବ ଆଉ ସେ ସେହି ରାସ୍ତା ଦେଇ ଯାଏ ତେବେ କୁକୁର ଉଠେ ନାହିଁ, ଏପରି ହୋଇଥାଏ ।

ଏହି ଫୁଲ ପାଖୁଡ଼ା ସୁଧା ଦୁଃଖ ନ ପାଉ ଏହା ଅନ୍ତିମ ଜନ୍ମରେ ମୋକ୍ଷରେ ଯିବାର ଅନ୍ତିମ ପନ୍ଦର ବର୍ଷ ବାକିଥିବ, ସେତେବେଳେ ବନ୍ଦ କରିବାକୁ ହୁଏ । ଏଣୁ ଅନ୍ତିମ ପନ୍ଦର ବର୍ଷ ପାଇଁ ସମ୍ଭାଳି ନେବାର ଅଛି । ଆଉ ଯେବେଠାରୁ ସ୍ୱୀର ଯୋଗ ଛାଡ଼ନ୍ତି, ତାହା ପରେ ଆପେ ଆପେ ଏ ଫୁଲ ଏବଂ ଏ ସବୁ ଛାଡ଼ି ଦେବାକୁ ହୁଏ । ଆଉ ତାହା ତ ଆପେ ଆପେ ହିଁ ବନ୍ଦ ହୋଇଯାଏ । ଏଣୁ ସେପର୍ଯ୍ୟନ୍ତ ବ୍ୟବହାରରେ କୌଣସି *ଦଖଲ* କରିବା ଉଚିତ୍ ନୁହେଁ ।

## ଏକେନ୍ଦ୍ରିୟ ଜୀବଙ୍କ ସୃଷ୍ଟି

**ପ୍ରଶ୍ନକର୍ତ୍ତା :** ଏହି ଅପକାୟ, ତେଓକାୟ, ପୃଥ୍ୱୀକାୟ, ବାୟୁକାୟ, ବନସ୍ପତିକାୟ, ଏସବୁ କ’ଣ ?

**ଦାଦାଶ୍ରୀ :** ସେମାନେ ସବୁ ଏକେନ୍ଦ୍ରିୟ ଜୀବ ଅଟନ୍ତି ।

**ପ୍ରଶ୍ନକର୍ତ୍ତା :** ପାଣିରେ ଜୀବ ଅଛି ତାହା ମୋର ଶ୍ରଦ୍ଧାରେ ବସି ଯାଇଛି ସେଥିପାଇଁ ମୁଁ ପାଣି ଫୁଟାଇକି ପିଉଛି ।

**ଦାଦାଶ୍ରୀ :** ମୋର କହିବା କଥା ହେଉଛି ଯେ ପାଣିରେ ଜୀବଙ୍କ କଥା ତୁମେ ଯାହା ବୁଝିଛ ଏବଂ କହୁଛ, ତାହା ତ ଏହି ଲୋକମାନଙ୍କ କହିବା କଥା ତୁମେ ମାନି ନେଇଛ । ବାକି, ଏହି କଥା ବୁଝି ହେବ ଏପରି ନୁହେଁ । ଆଜିର ବଡ଼-ବଡ଼ ସାଇଣ୍ଟିଷ୍ଟ ମାନଙ୍କୁ ମଧ୍ୟ ବୁଝା ପଡ଼ିବ ନାହିଁ ! ଏହି କଥା ବହୁତ ସୂକ୍ଷ୍ମ ଅଟେ । ତାହା ଜ୍ଞାନୀ ସ୍ୱୟଂ ବୁଝି ପାରନ୍ତି । କିନ୍ତୁ ଏହାକୁ ଯଦି ବିସ୍ତାର ପୂର୍ବକ ବୁଝାଇବାକୁ ଯିବି, ତଥାପି ତୁମକୁ ବୁଝା ପଡ଼ିବ ନାହିଁ ଏପରି କଥା ଅଟେ । ଏହି ପାଞ୍ଚୋଟି ଯେଉଁ ଅଛି ନା, ସେମାନଙ୍କ ମଧ୍ୟରୁ କେବଳ ବନସ୍ପତିକାୟ ହିଁ ବୁଝି ହେବ ଏପରି ଅଟେ । ବାକି ବାୟୁକାୟ, ତେଓକାୟ, ଜଳକାୟ ଏବଂ ପୃଥ୍ୱୀକାୟ ଏହି ଚାରି ଜୀବଙ୍କ ବିଷୟରେ ବୁଝିବା ପାଇଁ ବହୁତ ଉଚ୍ଚ ଲେବଲ୍ ଦରକାର ।

**ପ୍ରଶ୍ନକର୍ତ୍ତା :** ସାଇଣ୍ଟିଷ୍ଟମାନେ ତାହାର ହିଁ ସନ୍ଧାନ କରୁଛନ୍ତି ନା !

**ଦାଦାଶ୍ରୀ :** କିନ୍ତୁ ସାଇଣ୍ଟିଷ୍ଟମାନେ ବୁଝି ପାରିବେ ନାହିଁ । କେବଳ ଏହି ଗଛ ବିଷୟରେ ହିଁ ବୁଝି ପାରିବେ । ତାହା ମଧ୍ୟ ବହୁତ ପ୍ରକାରରେ ନୁହେଁ, କିଛି ପ୍ରକାରରେ ହିଁ ବୁଝି ପାରିବେ ।

ଏପରି ଯେ, ଏହା ତୁମକୁ ଭଗବାନଙ୍କ ଭାଷା କହି ଦେଉଛି । ଏହି ଗଛ-ଲତା ଯେଉଁ ସବୁ ଖୋଲା ଆଖିରେ ଦେଖାଯାଉଛନ୍ତି, ସେମାନେ ବନସ୍ପତିକାୟ ଅଟନ୍ତି । ଏହି ଗଛରେ ମଧ୍ୟ ଜୀବ ଅଛି । ଏହି ବାୟୁକାୟ ଅର୍ଥାତ୍ ବାୟୁରେ ମଧ୍ୟ ଜୀବ ଅଛନ୍ତି, ସେମାନଙ୍କୁ ବାୟୁକାୟ ଜୀବ କହିଛନ୍ତି । ପୁଣି ଏହି ମାଟି ଅଛି ନା, ତାହା ଭିତରେ ମଧ୍ୟ ଜୀବ ଅଛନ୍ତି ଏବଂ ମାଟି ମଧ୍ୟ ଅଛି । ଏହି ହିମାଳୟରେ ମାଟି ଅଛି, ପଥର ଅଛି, ସେ ସବୁ ମଧ୍ୟରେ ଜୀବ ଅଛନ୍ତି । ପଥର ମଧ୍ୟ ଜୀବନ୍ତ ହୋଇଥାନ୍ତି, ସେମାନଙ୍କୁ ପୃଥ୍ୱୀକାୟ ଜୀବ କହିଛନ୍ତି । ଏହି ଅଗ୍ନିରୁ ଯେଉଁ ଅଗ୍ନିଶିଖା ବାହାରେ ନା, ସେହି ସମୟରେ ସେ କୋଇଲାରେ ଅଗ୍ନି ନଥାଏ । ତାହା ତ ତେଓକାୟ ଜୀବ ସେଠାରେ ଏକାଠି ହୋଇଯାନ୍ତି । ସେମାନେ ତେଓକାୟ ଜୀବ । ଏହି ପାଣି ପିଉଛେ, ତାହା କେବଳ ଜୀବଙ୍କୁ ନେଇକି ହିଁ ତିଆରି ହୋଇଛି । ହଁ, ଜୀବ ଆଉ ତାଙ୍କ ଦେହ - ଉଭୟ ମିଶି ଏହି ପାଣି ହୋଇଛି । ସେମାନଙ୍କୁ ଭଗବାନ ଅପକାୟ ନାମକ ଜୀବ କହିଛନ୍ତି । ଯେଉଁମାନଙ୍କର ପାଣିରୂପୀ

ଶରୀର ଅଟେ । ଏପରି କେତେ ସାରା ଜୀବ ଏକାଠି ହେବାଦ୍ୱାରା ଏକ ଗ୍ଲାସ ପାଣି ହୁଏ । ଏବେ ଏହି ପାଣି - ତାହା ଜୀବ, ଏହି ଖାଦ୍ୟ - ତାହା ଜୀବ, ଏହି ପବନ - ତାହା ମଧ୍ୟ କେବଳ ଜୀବ, ସବୁ ଜୀବ ହିଁ ଅଟନ୍ତି ।

## ସିଦ୍ଧି, ଅହିଂସାର

**ପ୍ରଶ୍ନକର୍ତ୍ତା :** ତା'ହେଲେ ଏବେ ଅହିଂସା କିପରି ସିଦ୍ଧ ହେବ ?

**ଦାଦାଶ୍ରୀ :** ଅହିଂସା ? ଓହୋହୋ, ଅହିଂସା ଯଦି ସିଦ୍ଧ ହୋଇଯିବ ତେବେ ମନୁଷ୍ୟ ଭଗବାନ ହୋଇଯିବ ! ଏବେ ଅଳ୍ପ ବହୁତ ଅହିଂସା ପାଳୁଛ ?

**ପ୍ରଶ୍ନକର୍ତ୍ତା :** ସାଧାରଣ, ବେଶୀ ନୁହେଁ ।

**ଦାଦାଶ୍ରୀ :** ତେବେ ପୁଣି କିଛି ପାଳିବାର ନିଶ୍ଚୟ କର ନା ! ଆଉ ପୁଣି ସିଦ୍ଧ ହେବାର କଥା କେମିତି କହୁଛ ? ଅହିଂସା ସିଦ୍ଧ ହୋଇଗଲା ଅର୍ଥାତ୍ ଭଗବାନ ହୋଇଗଲ !

**ପ୍ରଶ୍ନକର୍ତ୍ତା :** ଏହି ଅହିଂସା ପାଳିବାର ଉପାୟ କୁହନ୍ତୁ ।

**ଦାଦାଶ୍ରୀ :** ପ୍ରଥମେ ତ, ଯେଉଁ ଜୀବ ଆମ ଦ୍ୱାରା *ତ୍ରାସ* (ଭୟ) ପାଏ ତା'କୁ ଦୁଃଖ ଦେବା ଉଚିତ୍ ନୁହେଁ, ତାକୁ *ତ୍ରାସ* ଦେବା ଉଚିତ୍ ନୁହେଁ । ଆଉ ଗହମ, ବାଜରା, ଚାଉଳ ଅଛି ସେସବୁ ଖାଅ । ସେଥିରେ ଅସୁବିଧା ନାହିଁ । ସେମାନେ ଆମଦ୍ୱାରା *ତ୍ରାସ* ପାଅନ୍ତି ନାହିଁ, ସେମାନେ ଅଚେତ ଅବସ୍ଥାରେ ଅଛନ୍ତି ଆଉ ଏ କୀଟ-ପତଙ୍ଗ ସେମାନେ ତ ଦୌଡ଼ି ପଳାନ୍ତି, ସେମାନଙ୍କୁ ମାରିବା ଉଚିତ୍ ନୁହେଁ । ଏ ଶଙ୍ଖ-ଶାମୁକାରେ ଯେଉଁ ଜୀବ ଥାନ୍ତି, ଯେଉଁମାନେ ଚଲା-ବୁଲା କରନ୍ତି ଏପରି ଦୁଇ ଇନ୍ଦ୍ରିୟରୁ ନେଇ ପାଞ୍ଚ ଇନ୍ଦ୍ରିୟ ପର୍ଯ୍ୟନ୍ତ ଜୀବଙ୍କୁ କିଛି କରିବା ଉଚିତ୍ ନୁହେଁ । ଓଡ଼ଶକୁ ବି ଯଦି ତୁମେ ଧରିବ ତେବେ କଷ୍ଟ ପାଏ । ସେଥିପାଇଁ ତୁମେ ତା'କୁ ମାର ନାହିଁ । ବୁଝି ପାରିଲ ନା ?

**ପ୍ରଶ୍ନକର୍ତ୍ତା :** ହଁ, ବୁଝି ପାରିଲି ।

**ଦାଦାଶ୍ରୀ :** ହଁ, ଦ୍ୱିତୀୟରେ, ସୂର୍ଯ୍ୟ ନାରାୟଣଙ୍କ ଅସ୍ତ ହୋଇଯିବା ପରେ ଭୋଜନ କର ନାହିଁ ।

ଏବେ ତୃତୀୟରେ, ଅହିଂସା ପାଇଁ ଜିଭକୁ ବହୁତ କଣ୍ଟ୍ରୋଲ ରଖିବାକୁ ପଡ଼େ । ତୁମକୁ ଯଦି କେହି କହେ ଯେ ତୁମେ ଅଯୋଗ୍ୟ ଅଟ, ତେବେ ତୁମକୁ ସୁଖ ହୁଏ ନା ଦୁଃଖ ହୁଏ ?

**ପ୍ରଶ୍ନକର୍ତ୍ତା :** ଦୁଃଖ ହୁଏ ।

**ଦାଦାଶ୍ରୀ :** ତେବେ ତୁମେ ଏତିକି ବୁଝିଯିବା ଉଚିତ୍ ଯେ ଯଦି ଆମେ ତା'କୁ 'ଅଯୋଗ୍ୟ' କହିବା ତେବେ ତା'କୁ ଦୁଃଖ ହେବ । ତାହା ହିଂସା ଅଟେ, ସେଥିପାଇଁ ଆମେ କହିବା ଉଚିତ ନୁହେଁ । ଯଦି ଅହିଂସା ପାଳିବାର ଥିବ ତେବେ ହିଂସା ସମ୍ବନ୍ଧରେ ବହୁତ ସତର୍କ ରହିବାକୁ ପଡ଼େ । ଆମକୁ ଯେଉଁଥିରେ ଦୁଃଖ ହୁଏ, ସେପରି ଅନ୍ୟଙ୍କୁ କହିପାରିବା ନାହିଁ ।

ପୁଣି ମନରେ ଖରାପ ବିଚାର ମଧ୍ୟ ନ ଆସିବା ଉଚିତ୍ । କାହାର ମାଗଣାରେ ନେଇଯିବା, ହଡ଼ପ କରିନେବା ଏପରି କୌଣସି ବିଚାର ହିଁ ନ ଆସିବା ଉଚିତ୍ । ବହୁତ ପଇସା ଏକାଠି କରିବାର ବିଚାର ନ ଆସିବା ଉଚିତ୍ । କାରଣ ଶାସ୍ତ୍ରକାର କ'ଣ କହିଛନ୍ତି ଯେ ତୋ ହିସାବରେ ଯେଉଁ ପଇସା ଅଛି, ତାହା ତ ତୋ' ପାଖକୁ ଆସିବ ହିଁ ତେବେ ତୋର ବହୁତ ପଇସା ଏକାଠି କରିବାର ବିଚାର କରିବାର ଆବଶ୍ୟକତା ହିଁ ନାହିଁ । ତୁ ଯଦି ଏପରି ବିଚାର କରିବୁ ତେବେ ତାହାର ଅର୍ଥ ହିଂସା ଅଟେ । କାରଣ ଅନ୍ୟ ପାଖରୁ ଛଡ଼ାଇ ନେବା, ଅନ୍ୟର କ୍ୱଟା (quota,ଭାଗ) ଆମକୁ ନେଇଯିବାକୁ ଇଚ୍ଛା ହୁଏ, ସେଥିପାଇଁ ସେଠାରେ ମଧ୍ୟ ହିଂସା ସମାହିତ ଅଛି । ଏଣୁ ଏପରି କୌଣସି ଭାବ କରିବା ନାହିଁ ।

**ପ୍ରଶ୍ନକର୍ତ୍ତା :** ବାସ୍, ଏହି ତିନୋଟି ହିଁ ଉପାୟ ଅହିଂସାର ?

**ଦାଦାଶ୍ରୀ :** ଆହୁରି ବି ଅଛି ଅଲଗା । ପୁଣି ମାଂସାହାର, ଅଣ୍ଡା କେବେ ବି ନ ଖାଇବା ଉଚିତ୍ । ତା'ପରେ ଆଳୁ, ପିଆଜ, ରସୁଣ ଅଛି ଏହି ଜିନିଷ ଖାଇବ ନାହିଁ । ଅନ୍ୟ ଉପାୟ ନ ଥିଲେ ମଧ୍ୟ ଖାଇବ ନାହିଁ । କାରଣ ଏହି ପିଆଜ-ରସୁଣ ହିଂସା କରାଏ, ମଣିଷକୁ କ୍ରୋଧୀ କରାଏ । ଆଉ ଯଦି କ୍ରୋଧ ହୁଏ ତେବେ ସାମନାବାଲାକୁ ଦୁଃଖ ହୁଏ । ଅନ୍ୟ ଯାହା ପରିବା ଖାଇବାର ଥିବ ତାହା ଖାଅ ।

## ପ୍ରଥମେ ବଡ଼ ଜୀବ ବଞ୍ଚାଅ

ଏବେ ଭଗବାନ କ'ଣ କହିବାକୁ ଚାହୁଁଛନ୍ତି ଯେ ପ୍ରଥମେ ମନୁଷ୍ୟଙ୍କୁ ସମ୍ଭାଳ । ହଁ, ସେ ବାଉଣ୍ଡ୍ରୀ ଶିଖ ଯେ ମନୁଷ୍ୟଙ୍କୁ ତ ମନ-ବଚନ-କାୟା ଦ୍ୱାରା କିଞ୍ଚିତ ମାତ୍ର ଦୁଃଖ ଦେବାର ନାହିଁ । ତା'ପରେ ପଞ୍ଚେନ୍ଦ୍ରିୟ ଜୀବ - ଗାଇ, ମଇଁଷି, କୁକୁଡ଼ା, ଛେଳି ଏସବୁ ଯେଉଁ ଅଛନ୍ତି, ତାଙ୍କର ମନୁଷ୍ୟଙ୍କ ଠାରୁ ଅଳ୍ପ-ବହୁତ କମ, କିନ୍ତୁ ସେମାନଙ୍କର ଧ୍ୟାନ

ରଖିବା ଉଚିତ୍ । ସେମାନଙ୍କୁ ଯେପରି ଦୁଃଖ ନହେବ, ଏପରି ଧ୍ୟାନ ରଖିବା ଉଚିତ୍ । ଅର୍ଥାତ୍ ଏ ପର୍ଯ୍ୟନ୍ତ ଧ୍ୟାନ ରଖିବାର ଅଛି । ମନୁଷ୍ୟଙ୍କ ବ୍ୟତୀତ ଯେଉଁ ପଞ୍ଚେନ୍ଦ୍ରିୟ ଜୀବ ରହିଲେ, କିନ୍ତୁ ତାହା ସେକେଣ୍ଡାରୀ ଷ୍ଟେଜ୍‌ରେ । ପୁଣି ତୃତୀୟ ଷ୍ଟେଜ୍‌ରେ କ'ଣ ଆସେ ? ଦୁଇ ଇନ୍ଦ୍ରିୟରୁ ଉପର ଜୀବଙ୍କ ଧ୍ୟାନ ରଖିବା ।

ଆହାରରେ ସବୁଠାରୁ ଉଚ୍ଚ ଆହାର କ'ଣ ? ଏକେନ୍ଦ୍ରିୟ ଜୀବର ! ଯାହାକୁ ମୋକ୍ଷରେ ଯିବାର ଅଛି ତା'କୁ ଦୁଇ ଇନ୍ଦ୍ରିୟରୁ ଉପରର ଜୀବଙ୍କ ଆହାର କରିବାର ଅଧିକାର ନାହିଁ । ସେଥିପାଇଁ ଦୁଇ ଇନ୍ଦ୍ରିୟରୁ ଅଧିକ ଇନ୍ଦ୍ରିୟବାଲା ଜୀବଙ୍କ ଉତ୍ତରଦାୟିତ୍ୱ ଆମେ ନ ନେବା ଉଚିତ । କାରଣ ଯେତିକି ତାଙ୍କର ଇନ୍ଦ୍ରିୟ ସେହି ଅନୁସାରେ ପୂଣ୍ୟର ଆବଶ୍ୟକତା ଅଛି, ମନୁଷ୍ୟର ସେତିକି ପୁଣ୍ୟ ଖର୍ଚ୍ଚ ହୋଇଯାଏ !

ମନୁଷ୍ୟକୁ ଆହାର ଖାଇବା ବିନା ଚାରା ହିଁ ନାହିଁ ଏବଂ ସେହି ଜୀବର କ୍ଷତି ତ ମନୁଷ୍ୟକୁ ଅବଶ୍ୟ ହୁଏ । ଆମର ଯେଉଁ ଭୋଜନ ତାହା ଏକେନ୍ଦ୍ରିୟ ଜୀବ ହିଁ ଅଟେ । ସେମାନଙ୍କର ଭୋଜନ ଯଦି ଆମେ କରିବା ତେବେ ସେମାନେ ଭୋଜ୍ୟ ଆଉ ଆମେ ଭୋକ୍ତା ଆଉ ସେପର୍ଯ୍ୟନ୍ତ ଉତ୍ତରଦାୟିତ୍ୱ ଆସେ । କିନ୍ତୁ ଭଗବାନ ଏହାର ଛାଡ଼ ଦେଇଛନ୍ତି । କାରଣ ତୁମେ ମହାନ ପୁଞ୍ଜିବାଲା ଏବଂ ତୁମେ ସେହି ଜୀବଙ୍କର ବିନାଶ କରୁଛ । କିନ୍ତୁ ସେହି ଜୀବଙ୍କୁ ଖାଉଛେ, ସେଥିରେ ସେହି ଜୀବଙ୍କର କ'ଣ ଫାଇଦା ? ଆଉ ସେହି ଜୀବଙ୍କୁ ଖାଇଲେ ମରି ତ ଯାଏ ନିଶ୍ଚିତ । କିନ୍ତୁ ଏପରି ଅଟେ, ଏହି ଭୋଜନ ଖାଇଲ ଏଥିପାଇଁ ତୁମକୁ ଦଣ୍ଡ ଲାଗୁ ହୁଏ । କିନ୍ତୁ ତାହା ଖାଇବା ସତ୍ତ୍ୱେ ମଧ୍ୟ ତୁମେ ଫାଇଦା ଅଧିକ କମାଉଛ । ପୁରାଦିନ ବଞ୍ଚିଲ ଏବଂ ଧର୍ମ କଲ ତେବେ ତୁମେ ଶହେ ଟଙ୍କା କମାଉଛ । ସେଥିରୁ ଦଶ ଟଙ୍କାର ଦଣ୍ଡ ସେମାନଙ୍କ ପାଇଁ ତୁମକୁ ସୁଝିବାକୁ ପଡ଼େ । ଏଣୁ ନବେ ତୁମ ପାଖରେ ରହିଲା ଆଉ ତୁମ ରୋଜଗାରରୁ ଦଶ ସେମାନଙ୍କୁ ମିଳିବାଦ୍ୱାରା ସେମାନଙ୍କର ଊର୍ଦ୍ଧ୍ୱଗତି ହୁଏ । ଅର୍ଥାତ୍ ଏହା ତ ପ୍ରକୃତିର ନିୟମ ଆଧାରରେ ହିଁ ଊର୍ଦ୍ଧ୍ୱଗତି ହେଉଅଛି । ସେମାନେ ଏକେନ୍ଦ୍ରିୟରୁ ଦୁଇ ଇନ୍ଦ୍ରିୟକୁ ଆସୁଛନ୍ତି । ଅର୍ଥାତ୍ ଏହିପରି ଏହା କ୍ରମେ କ୍ରମେ ବଢ଼ି ଚାଲୁଛି । ଏହି ମନୁଷ୍ୟଙ୍କ ଲାଭରୁ ସେହି ଜୀବ ଲାଭ ଉଠାନ୍ତି । ଏହି ପରି ସବୁ ହିସାବ ସୁଝି ହେଉଥାଏ । ଏସବୁ ସାଇନ୍ସ ଲୋକଙ୍କୁ ବୁଝା ପଡେ ନାହିଁ ନା !

ସେଥିପାଇଁ ଏକେନ୍ଦ୍ରିୟରେ ହାତ ମାରିବ ନାହିଁ । ଏକେନ୍ଦ୍ରିୟ ଜୀବରେ ତୁମେ ହାତ ମାରିବ ତେବେ ତୁମେ ଇଗୋଇଜମବାଲା ଅଟ, ଅହଂକାରୀ ଅଟ । ଏକେନ୍ଦ୍ରିୟ ତ୍ରସ୍ (ଭୟ ପାଉଥିବା) ଜୀବ ନୁହେଁ । ସେଥିପାଇଁ ଏକେନ୍ଦ୍ରିୟ ପାଇଁ ତୁମେ କୌଣସି

ବିକଳ୍ପ କର ନାହିଁ । କାରଣ ଏହା ତ ବ୍ୟବହାର ହିଁ ଅଟେ । ଖାଇବା-ପିଇବାକୁ ହେବ, ସବୁ କରିବାକୁ ପଡ଼ିବ ।

ବାକି, ଜଗତରେ ସବୁ ଜୀବଜନ୍ତୁ ହିଁ ଅଟେ । ଏକେନ୍ଦ୍ରିୟ ଜୀବର ତ ସବୁ ଏହି ଜୀବନ ଅଟେ । ଜୀବ ବିନା ତ ଏହି ଦୁନିଆରେ କୌଣସି ଜିନିଷ ହିଁ ନାହିଁ । ଆଉ ନିର୍ଜୀବ ଜିନିଷ ଖାଇ ହେବ ଏପରି ନୁହେଁ । ଏଣୁ ଜୀବବାଲା ଜିନିଷ ହିଁ ଖାଇବାକୁ ପଡ଼େ, ତାହାଦ୍ୱାରା ହିଁ ଶରୀରକୁ ପୋଷଣ ମିଳେ । ଯେହେତୁ ଏକେନ୍ଦ୍ରିୟ ଜୀବ ତାହାର ରକ୍ତ, ପୂଜ, ମାଂସ ନାହିଁ ଏଣୁ ଏକେନ୍ଦ୍ରିୟ ଜୀବଙ୍କୁ ଖାଇବା ପାଇଁ ତୁମକୁ ଛାଡ଼ ଦିଆଯାଇଛି । ଏଥିରେ ଯଦି ଏତେ ଅଧିକ ଚିନ୍ତା କରିବାକୁ ଯିବ, ତାହାର କେବେ ଅନ୍ତ ଆସିବ ? ସେହି ଜୀବଙ୍କର ଚିନ୍ତା କରିବାର ହିଁ ନାହିଁ । ଯାହାର ଚିନ୍ତା କରିବାର ଥିଲା ତାହା ରହି ଯାଇଛି ଆଉ ଯାହାର ଚିନ୍ତା କରିବାର ନ ଥିଲା ତାହା ଧରି ରଖିଛନ୍ତି । ଏପରି ସୂକ୍ଷ୍ମ ପ୍ରକାର ହିଂସାର ତ ଚିନ୍ତା କରିବାର ଆବଶ୍ୟକତା ହିଁ ନାହିଁ ।

## କେଉଁ ଆହାର ଉତ୍ତମ ?

**ପ୍ରଶ୍ନକର୍ତ୍ତା :** କ୍ରମିକ ମାର୍ଗରେ ଅମୁକ ଆହାର ଖାଇବା କାହିଁକି ନିଷେଧ ରଖାଯାଇଛି ?

**ଦାଦାଶ୍ରୀ :** ଏପରି ଯେ, ଆହାରର ପ୍ରକାର ଅଛି । ସେଥିରେ ମନୁଷ୍ୟକୁ ଅତ୍ୟନ୍ତ ଅହିତକାରୀ ଆହାର, ଅର୍ଥାତ୍ ଯାହାଠୁ ଆଉ କିଛି ଅଧିକ ଅହିତକାରୀ ନାହିଁ ଏପରି ଅନ୍ତିମ ପ୍ରକାରର ଅହିତକାରୀ, ତାହା ମନୁଷ୍ୟର ମାଂସ ଖାଇବା, ତାହା ଅଟେ । ଏବେ ତାହାଠୁ ଭଲ କ'ଣ ? ଯେଉଁ ପଶୁପକ୍ଷୀଙ୍କର ଛୁଆ ବଢ଼ି ଚାଲି ଥିବେ, ସେହି ପଶୁପକ୍ଷୀଙ୍କର ମାଂସ ଖାଇବା ତାହା ଭଲ । ଏହି କୁକୁଡ଼ା-ବତକ, ତାଙ୍କର ଛୁଆ ବହୁତ ବଢ଼ନ୍ତି । ଏହି ଗାଈ-ମଇଁଷିଙ୍କ ଛୁଆ କମ ବଢ଼ନ୍ତି । ଏହି ମାଛଙ୍କର ଛୁଆ ବହୁତ ବଢ଼ନ୍ତି । ସେଥିପାଇଁ ସେହି ମାଂସ ଖାଇବା ଭଲ । ଯଦି କେହି କହେ ତାହାଠୁ ବି ଆଗକୁ, 'ଆମକୁ ପ୍ରଗତି କରିବାର ଅଛି ।' ତେବେ ଏହି ମାଂସ ଖାଇବା ମଧ୍ୟ କ୍ଷତିକାରକ ଅଟେ । ତାହା ବଦଳରେ ତୁ ଅଣ୍ଡା ଖାଆ ମାଂସ ଖାଆ ନା ତୁ । ଏବେ ତାହାଠୁ ବି ଆଗକୁ ବଢ଼ିବାର ଅଛି, ତେବେ ତା'କୁ କହିବି ଯେ, 'ତୁ *କନ୍ଦମୂଳ* (ଯାହାସବୁ ମାଟି ତଳେ ଫଳିଥାଏ) ଖାଆ ।' ତାହାଠୁ ବି ଆଗକୁ ବଢ଼ିବାର ଥିବ ତେବେ ତା'କୁ ମୁଁ କହିବି, 'ଏହି *କନ୍ଦମୂଳ* ବ୍ୟତୀତ ଡାଲି, ଭାତ, ରୁଟି, ଲଡ୍ଡୁ, ଘିଅ, ଗୁଡ଼ ସବୁ ଖାଆ ।' ଆଉ ତାହାଠୁ ବି ଆଗକୁ ଯଦି ବଢ଼ିବାର ଥିବ ତେବେ ମୁଁ କହିବି ଯେ, 'ଏ ଛଅଟି କ୍ଷତିକାରକ(ଖାଦ୍ୟ) ଅଛି – ଗୁଡ଼, ଘିଅ, ମହୁ, ଦହି,

ଲହୁଣୀ, କ୍ଷୀର ଆଉ ସେପରି ଅନ୍ୟ ସବୁ ବନ୍ଦ କର ଏହି ଡାଲି-ଭାତ-ରୁଟି-ତରକାରୀ ଖାଆ ।' ପୁଣି ଆଗକୁ ଆଉ କିଛି ବି ରହେ ନାହିଁ ।

ଏହି ପ୍ରକାରରେ ଆହାରର ବିଭାଗ ଅଛି । ସେଥିରେ ଯାହାକୁ ଯେଉଁ ବିଭାଗ ପସନ୍ଦ ଆସେ ତାହା ନିଅ । ଏସବୁ ରାସ୍ତା କୁହାଯାଇଛି । ଏହିପରି ଆହାରର ବର୍ଣ୍ଣନା ହୋଇଛି । ଆଉ ଏହି ବର୍ଣ୍ଣନା ଜାଣିବା ପାଇଁ ଅଟେ, କରିବା ପାଇଁ ନୁହେଁ । ଏହି ବିଭାଗ ଭଗବାନ କାହିଁକି କରିଛନ୍ତି ? ଯେ ଆବରଣ(ଅଜ୍ଞାନର) ଦୂର ହେବ ସେଥିପାଇଁ । ଏହି ରାସ୍ତାରେ ଯଦି ଚାଲିବା ତେବେ ଭିତରେ ଆବରଣ କମି କମି ଯାଏ ।

## ବିଜ୍ଞାନ, ରାତ୍ରିଭୋଜନର

**ପ୍ରଶ୍ନକର୍ତ୍ତା :** ରାତ୍ରିଭୋଜନ ବିଷୟରେ କିଛି ମାର୍ଗ ଦର୍ଶନ ଦିଅନ୍ତୁ । ଜୈନ ମାନଙ୍କର ତାହା ନିଷେଧ ଅଟେ ।

**ଦାଦାଶ୍ରୀ :** ରାତ୍ରିଭୋଜନ ଯଦି ନ କରାଯାଏ ତେବେ ତାହା ସବୁଠାରୁ ଉତ୍ତମ ଅଟେ । ତାହା ଭଲ ଦୃଷ୍ଟି ଅଟେ । ଧର୍ମର ଏବଂ ତାହାର ନେବା-ଦେବା ନାହିଁ । ତଥାପି ଏହା ତ ଧର୍ମରେ ରଖି ଦେଇଛନ୍ତି, ତାହାର କାରଣ କ'ଣ ? ଯେ ଯେତିକି ଶରୀରର ଶୁଦ୍ଧି ହୁଏ, ସେତିକି ଧର୍ମରେ ଆଗକୁ ବଢ଼ନ୍ତି । ସେହି ହିସାବରେ ଧର୍ମରେ ରଖି ଦେଇଛନ୍ତି । ନହେଲେ ଧର୍ମରେ ତାହାର କୌଣସି ଆବଶ୍ୟକତା ନାହିଁ । କିନ୍ତୁ ଶରୀରର ଶୁଦ୍ଧି ପାଇଁ ଏହା ସବୁଠାରୁ ଭଲ ଜିନିଷ ଅଟେ ।

**ପ୍ରଶ୍ନକର୍ତ୍ତା :** ତେବେ ଏହି ବୀତରାଗମାନେ ଲୋକଙ୍କୁ ଯେଉଁ କହିଛନ୍ତି ଯେ ରାତ୍ରିଭୋଜନ କରିବା ଉଚିତ୍ ନୁହେଁ । ତାହା ପାପ-ପୁଣ୍ୟ ପାଇଁ ଥିଲା ନା ଶାରୀରିକ ସୁସ୍ଥତା ପାଇଁ ଥିଲା ?

**ଦାଦାଶ୍ରୀ :** ଶାରୀରିକ ସୁସ୍ଥତା ଏବଂ ହିଂସା କାରଣରୁ ମଧ୍ୟ କହିଥିଲେ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ରାତ୍ରିଭୋଜନ କାହିଁକି କରିବା ଉଚିତ୍ ନୁହେଁ ।

**ଦାଦାଶ୍ରୀ :** ସୂର୍ଯ୍ୟଙ୍କ ଉପସ୍ଥିତିରେ ସନ୍ଧ୍ୟାର ଭୋଜନ କରିବା ଉଚିତ୍ । ଏପରି ଜୈନମତ କହିଛି ଆଉ ବେଦାନ୍ତ ମଧ୍ୟ ଏପରି କହିଛି । ସୂର୍ଯ୍ୟ ଯେପର୍ଯ୍ୟନ୍ତ ଥିବ ସେପର୍ଯ୍ୟନ୍ତ ଭିତରେ ପାଖୁଡ଼ା(ପାଚନ କ୍ରିୟା) ଖୋଲା ରହିଥାଏ, ସେଥିପାଇଁ ସେହି ସମୟରେ ଖାଇନେବା ଉଚିତ, ବେଦାନ୍ତ ଏପରି କହିଛି । ଏଣୁ ରାତିରେ ଯଦି ତୁ ଭୋଜନ କରିବୁ ତେବେ

କ'ଣ କ୍ଷତି ହେବ ? ସେ ପଦ୍ମ(ପାଚନ ପ୍ରକ୍ରିୟା) ତ ବନ୍ଦ ହୋଇଗଲା, ଏଣୁ ପାଚନ ତ ଜଲଦି ହେବ ହିଁ ନାହିଁ । କିନ୍ତୁ ଅନ୍ୟ କ'ଣ କ୍ଷତି ହେବ ? ତାହା ଏମାନେ, ତୀର୍ଥଙ୍କର ମାନେ କହିଛନ୍ତି ଯେ ରାତିରେ ଯେବେ ସୂର୍ଯ୍ୟନାରାୟଣ ଅସ୍ତ ହୋଇଯାନ୍ତି, ସେତେବେଳେ ଯେଉଁ ଜୀବଜନ୍ତୁ ମାନେ ବୁଲୁଥାନ୍ତି, ସେସବୁ ଜୀବ ନିଜ ଘରକୁ ଫେରନ୍ତି । କୁଆ, କୁକୁର, ପାରା, ପୁଣି ଆକାଶର ଜୀବ, ସମସ୍ତେ ଘରକୁ ଫେରନ୍ତି, ନିଜ ବସାକୁ ଫେରନ୍ତି । ଅନ୍ଧାର ହେବା ପୂର୍ବରୁ ଘରେ ପଶିଯାନ୍ତି । ଅନେକ ଥର ଆକାଶରେ ବହୁତ ବାଦଲ ଆସି ଯାଇଥିବ ତେବେ ସୂର୍ଯ୍ୟନାରାୟଣ ଅସ୍ତ ହେଲେ କି ନାହିଁ ତାହା ଜଣା ପଡ଼େ ନାହିଁ, କିନ୍ତୁ ଜୀବମାନେ ଫେରନ୍ତି ସେହି ସମୟରେ ବୁଝିନେବ ଯେ ସୂର୍ଯ୍ୟନାରାୟଣ ଅସ୍ତ ହୋଇଗଲେ । ସେହି ଜୀବମାନେ ନିଜ ଆନ୍ତରିକ ଶକ୍ତିଦ୍ୱାରା ଦେଖି ପାରନ୍ତି । ଏବେ ସେହି ସମୟରେ ଛୋଟରୁ ଛୋଟ ଜୀବ ମଧ୍ୟ ଘର ଭିତରକୁ ପଶି ଯାଆନ୍ତି ଆଉ ବହୁତ ସୂକ୍ଷ୍ମ ଜୀବ, ଯେଉଁମାନେ ଆଖିକୁ ଦେଖାଯାନ୍ତି ନାହିଁ, ଦୂରବୀକ୍ଷଣରେ ଦେଖାଯାନ୍ତି ନାହିଁ, ଏପରି ଜୀବ ମଧ୍ୟ ଘର ଭିତରେ ପଶିଯାନ୍ତି । ଆଉ ଭିତରକୁ ଯାଇ ଯେଉଁଠାରେ ଭୋଜନ ଥାଏ, ତାହା ଉପରେ ବସିଯାନ୍ତି । ଆମକୁ ଜଣା ବି ପଡ଼ିବ ନାହିଁ ଯେ ଭିତରେ ବସିଛନ୍ତି । କାରଣ ସେମାନଙ୍କର ରଙ୍ଗ ଏପରି ହୋଇଥାଏ ଯେ ଭାତ ଉପରେ ଯଦି ବସିବେ ତେବେ ଭାତ ପରି ହିଁ ରଙ୍ଗ ହୋଇଥାଏ ଆଉ *ଭାଖରୀରେ*(ରୁଟି ପରି ଏକ ଗୁଜରାତି ଖାଦ୍ୟ) ଯଦି ବସିବେ ତେବେ *ଭାଖରୀ* ରଙ୍ଗର ଦେଖାଯାନ୍ତି, ବାଜରା ରୁଟି ଉପରେ ଯଦି ବସିବେ ତେବେ ସେହି ରଙ୍ଗର ଦେଖାଯାନ୍ତି । ଏଥିପାଇଁ ରାତିରେ ଏହି ଭୋଜନ ଖାଇବା ଉଚିତ୍ ନୁହେଁ ।

ରାତ୍ରିଭୋଜନ କରିବା ଉଚିତ୍ ନୁହେଁ, ତଥାପି ଲୋକେ କରୁଛନ୍ତି । ଏହା କିଛି ଲୋକଙ୍କୁ ଜଣା ନାହିଁ ଯେ ରାତ୍ରିଭୋଜନ ଦ୍ୱାରା କ'ଣ କ୍ଷତି ହୁଏ ଆଉ ଯେଉଁମାନଙ୍କୁ ଜଣା ଅଛି ସେମାନେ ଅନ୍ୟ ସଂଯୋଗରେ ଫଶି ହୋଇ ରହିଥାନ୍ତି । ବାକି ଯଦି ରାତ୍ରିଭୋଜନ ନକରିବା ତେବେ ବହୁତ ଉତ୍ତମ । କାରଣ ତାହା ମହାବ୍ରତ ଅଟେ । ତାହା ପଞ୍ଚ ମହାବ୍ରତ ସହିତ ଷଷ୍ଠ ପରି ଅଟେ ।

**ପ୍ରଶ୍ନକର୍ତ୍ତା :** ସଂଯୋଗବଶତଃ ରାତ୍ରିଭୋଜନ ଯଦି କରିବାକୁ ପଡ଼େ ତେବେ ସେଥିରେ କର୍ମର ବନ୍ଧନ ହୁଏ ?

**ଦାଦାଶ୍ରୀ :** ନା । କର୍ମର ବନ୍ଧନ କିଛି ନାହିଁ । ତାହା କେଉଁ ଆଧାରରେ ଭାଙ୍ଗିବାକୁ ପଡୁଛି ? ଆଉ ଯେଉଁ ରାତ୍ରିଭୋଜନର ତ୍ୟାଗ କଲେ ତାହା କେହି ଶିଖାଇଥିବ ନା ?

**ପ୍ରଶ୍ନକର୍ତ୍ତା :** ଜୈନଙ୍କ ରିତୀରେ ସଂସ୍କାର ଅଛି ନା ।

**ଦାଦାଶ୍ରୀ :** ହଁ । ତେବେ ଭଗବାନ ମହାବୀରଙ୍କ ନାମ ନେଇ ପ୍ରତିକ୍ରମଣ କରିବା ଉଚିତ । ତାହା ଭଗବାନଙ୍କ ଆଜ୍ଞା ଅଟେ ସେଥିପାଇଁ ଆଜ୍ଞା ପାଳିବା ଉଚିତ୍ । ଆଉ ଯେଉଁଦିନ ପାଳି ହୁଏ ନାହିଁ ତେବେ ତାଙ୍କଠାରୁ କ୍ଷମା ମାଗିନେବ । ସେଥିପାଇଁ ଯଦି ଅହିଂସା ପାଳିବାର ଥିବ, ତେବେ ଯଥା ସମ୍ଭବ ଦିନରେ ଭୋଜନ କରିବ ତାହା ଉତ୍ତମ । ତୁମ ଶରୀର ମଧ୍ୟ ବହୁତ ସୁନ୍ଦର ରହିବ । ଏମିତି ସବୁଦିନ ଶୀଘ୍ର ଖାଉଛ ?

**ପ୍ରଶ୍ନକର୍ତ୍ତା :** ଏବେ-ଏବେ ଆରମ୍ଭ କରିଛି ।

**ଦାଦାଶ୍ରୀ :** କିଏ କରାଇଲା ?

**ପ୍ରଶ୍ନକର୍ତ୍ତା :** ନିଜ ଇଚ୍ଛାରୁ ।

**ଦାଦାଶ୍ରୀ :** କିନ୍ତୁ ଏବେ ଏହି ଅହିଂସାର ହେତୁପୂର୍ବକ କରୁଛି ଏପରି ମାନିବ । 'ଦାଦା' ମୋତେ ବୁଝାଇଛନ୍ତି ଆଉ ମୋତେ ତାହା ଭଲ ଲାଗିଲା ସେଥିପାଇଁ ଅହିଂସା ପାଇଁ ହିଁ ମୁଁ ଏହା କରୁଛି, ଏପରି କରିବ । କାରଣ ଖାଲି ଏମିତି, ଯଦି ହେତୁ ନଥିବ ତେବେ ସେପର୍ଯ୍ୟନ୍ତ ସବୁ ବେକାର ଯାଏ । ତୁମେ ଯଦି କହିବ ଯେ ମୁଁ ଫରେନ୍ ଯିବା ପାଇଁ ହିଁ ଏ ପଇସା ବାନ୍ଧୁଛି, ତେବେ ଫରେନ୍ ଯିବାର ଟିକଟ ତୁମକୁ ମିଳିବ । କିନ୍ତୁ ତୁମେ ଯଦି କିଛି ବି କହି ନଥିବ ତେବେ କାହାର ଟିକେଟ୍ ଦେବେ ?

## କନ୍ଦମୂଳ, ସୂକ୍ଷ୍ମ ଜୀବଙ୍କ ଭଣ୍ଡାର

**ପ୍ରଶ୍ନକର୍ତ୍ତା :** *କନ୍ଦମୂଳ* (ଆଳୁ,ପିଆଜ,ରସୁଣ ଇତ୍ୟାଦି ଯାହାସବୁ ମାଟି ତଳେ ଫଳିଥାଏ) ଖାଇବାରେ କୌଣସି ନିଷେଧ ଅଛି ?

**ଦାଦାଶ୍ରୀ :** ବହୁତ ବଡ଼ ନିଷେଧ । ରାତ୍ରି ଭୋଜନ ପରି ନିଷେଧ ନୁହେଁ । ରାତ୍ରି ଭୋଜନ ସେକେଣ୍ଡ ନମ୍ବରରେ ଆସିବ ।

**ପ୍ରଶ୍ନକର୍ତ୍ତା :** ପିଆଜ-ଆଳୁରେ ଅନନ୍ତ ଜୀବ ଅଛନ୍ତି ।

**ଦାଦାଶ୍ରୀ :** ହଁ, ଅନନ୍ତକାୟ ଜୀବ ଅଛନ୍ତି, ତେବେ ?

**ପ୍ରଶ୍ନକର୍ତ୍ତା :** ତେବେ କଣ ତାହା ଖାଇବା ପାଇଁ ଆପଣ ବୋଧ(ପରାମର୍ଶ) ଦେଉଛନ୍ତି ?

**ଦାଦାଶ୍ରୀ :** ଭଗବାନ ମନା କରିଛନ୍ତି । ଭଗବାନ ମନା କରିଛନ୍ତି ତାହା ତୁମ ବିଲିଫ୍(Belief)ରେ ରହିବା ହିଁ ଉଚିତ୍ । ଆଉ ତାହା ସତ୍ତ୍ୱେ ଯଦି ଖାଇନେବ, ତାହା ତୁମ କର୍ମର ଉଦୟ ଅଟେ । ତଥାପି ତୁମ ଶ୍ରଦ୍ଧା ନ ବିଗିଡ଼ିବା ଉଚିତ୍ । ଭଗବାନ ଯାହା କହିଛନ୍ତି, ସେ ସବୁରେ ଶ୍ରଦ୍ଧା ନ ବିଗିଡ଼ିବା ଉଚିତ୍ ।

**ପ୍ରଶ୍ନକର୍ତ୍ତା :** *କନ୍ଦମୂଳ* ନ ଖାଇବା ପାଇଁ କାହିଁକି କହିଛନ୍ତି ?

**ଦାଦାଶ୍ରୀ :** *କନ୍ଦମୂଳ* ତ ମସ୍ତିଷ୍କକୁ ଜାଗୃତ ହେବାକୁ ଦିଏ ନାହିଁ, ଏପରି ଅଟେ ।

**ପ୍ରଶ୍ନକର୍ତ୍ତା :** ଏକେନ୍ଦ୍ରିୟ ଜୀବର ହାନି ନ ହେଉ କଣ ସେଥିପାଇଁ ?

**ଦାଦାଶ୍ରୀ :** ଏହା ତ ଲୋକେ ଏପରି ବୁଝୁଛନ୍ତି ଯେ ଆଳୁରେ ଥିବା ଜୀବର ରକ୍ଷଣ କରିବା ପାଇଁ ଖାଇବାର ନାହିଁ । ଏବେ ଆଳୁ ଯଦି ଭଲ ଲାଗୁଥିବ ତେବେ ବେଶି ଏପଟ-ସେପଟ କରିବ ନାହିଁ । କାରଣ ଏହି କାଳରେ ଅଲଗା କିଛି ଖାଇବାକୁ ଲୋକଙ୍କୁ ଭଲ ଲାଗୁ ନାହିଁ । ଆଉ ତାହା ଛାଡ଼ିଦେବ ତେବେ କ'ଣ କରିବ ?

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏପରି କୁହନ୍ତି ଯେ ଆଳୁ ଖାଇଲେ ପାପ ଲାଗେ ।

**ଦାଦାଶ୍ରୀ :** ଏପରି ଅଟେ, କୌଣସି ଜୀବକୁ ଯଦି ଦୁଃଖ ଦେବ ତେବେ ପାପ ଲାଗିବ । ପତିକୁ, ପତ୍ନୀକୁ, ପିଲାମାନଙ୍କୁ ପଡ଼ୋଶୀଙ୍କୁ ଦୁଃଖ ଦେବ ତେବେ ପାପ ଲାଗିବ । ବାକି, ଆଳୁ ଖାଇଲେ ତୁମର କ'ଣ କ୍ଷତି ହେବ ? କି ମସ୍ତିଷ୍କର ସ୍ଥୁଳତା ଆସିବ, ବୁଦ୍ଧି ମୋଟା ହୋଇଯିବ । *କନ୍ଦମୂଳ*ରେ ବହୁତ ସୂକ୍ଷ୍ମଜୀବ ଅଛନ୍ତି, କେବଳ ଜୀବଙ୍କର ହିଁ ଭଣ୍ଡାର ଅଟେ । ଏଣୁ *କନ୍ଦମୂଳ* ଦ୍ୱାରା ଜଡ଼ତା ଆସେ ଏବଂ କଷାୟ ଉତ୍ପନ୍ନ ହୁଏ । ଆମକୁ ଜାଗୃତିର ଆବଶ୍ୟକତା ଅଛି । ସେଥିପାଇଁ ଯଦି *କନ୍ଦମୂଳ* କମ ଖିଆଯିବ ତେବେ ଭଲ, କିନ୍ତୁ ତାହା ମଧ୍ୟ ଭଗବାନଙ୍କ ଆଜ୍ଞାରେ ଆସିବା ପରେ ଜାଗୃତିର ଆବଶ୍ୟକତା ପଡ଼େ । ଆଉ ଯଦି *କନ୍ଦମୂଳ* ଖାଇବ ତେବେ ଏହି ଜାଗୃତି ମନ୍ଦ ହୋଇଯିବ ଆଉ ଜାଗୃତି ମନ୍ଦ ହେଲା ତେବେ ମୋକ୍ଷରେ କିପରି ଯିବ ?

ଏଥିପାଇଁ ଭଗବାନ ଏସବୁ ସତ କଥା କହିଛନ୍ତି । ଏସବୁ ତୁମଦ୍ୱାରା ଯଦି ପାଳି ହେଉଛି ତେବେ ପାଳ ଆଉ ଯଦି ପାଳି ହେଉନାହିଁ ତେବେ କୌଣସି ଅସୁବିଧା ନାହିଁ । ଯେତିକି ପାଳି ପାରୁଛ ସେତିକି ପାଳ । ପାଳନ ହୋଇପାରିଲେ ବହୁତ ଉତ୍ତମ ।

## ସବୁଠାରୁ ବଡ଼ ହିଂସା, କଷାୟରେ

ଏହା ତ ସବୁ ଓଲଟା ବୁଝୁଛନ୍ତି । ଗୋଟିଏ ପଟେ ଏପରି କରନ୍ତି(*କନ୍ଦମୂଳ* ଛାଡ଼ନ୍ତି) ଆଉ ଗୋଟିଏ ପଟେ କଷାୟ କରୁଛନ୍ତି ଦେଖ ! ଅର୍ଥାତ୍ ତିନି ଟଙ୍କାର ଫାଇଦା କରେ ଏବଂ କୋଟିଏ ଟଙ୍କାର କ୍ଷତି ଉଠାଏ ! ଏବେ ତା'କୁ ବ୍ୟାପାରୀ କିପରି କୁହାଯିବ ? ଆଉ ଏହା ତ ଦେଖ,ଏତେ ଅଧିକ(*କନ୍ଦମୂଳ* ନ ଖାଇବା ପାଇଁ) ଧରିକି ବସନ୍ତି ଆଉ ଅନ୍ୟ ପଟେ ଅପାର ହିଂସା କରନ୍ତି । ଏହି ଜଗତରେ ଯଦି ବଡ଼ରୁ ବଡ଼ ହିଂସା ଥାଏ ତେବେ ତାହା କଷାୟ(କ୍ରୋଧ-ମାନ-ମାୟା-ଲୋଭ) ଅଟେ ! କେହି କହିବ ଯେ ଭାଇ ସିଏ ଜୀବ ମାରୁଛି ଆଉ ଇଏ କଷାୟ କରୁଛି ତେବେ କାହାକୁ ଅଧିକ ପାପ ଲାଗିବ ? ତେବେ କଷାୟ ଏତେ ମୂଲ୍ୟବାନ ଯେ ଜୀବ ମାରିବା ତାହା ତୁଳନାରେ କଷାୟରେ ଅଧିକ ପାପ ହୁଏ ।

## କଥାକୁ ବୁଝ

ସେ ସବୁ କଥା ଯାହା ଭଗବାନ କହିଛନ୍ତି, ତାହା ତୁମକୁ ବୁଝିବା ପାଇଁ କହିଛନ୍ତି । ଆଗ୍ରହ କରି ଧରି ରଖିବା ପାଇଁ ନୁହେଁ । ତୁମେ ଯେତିକି ହୋଇପାରିବ ସେତିକି କର । ଭଗବାନ ଏପରି କହି ନାହାଁନ୍ତି ଯେ ନିଜ ଶକ୍ତିରୁ ବାହାରେ କର ।

ଜ୍ଞାନୀ ଆଗ୍ରହ କରାନ୍ତି ଏପରି ନୁହେଁ । ଅନ୍ୟ ସମସ୍ତେ ତ ଆଗ୍ରହ କରାନ୍ତି । ଜ୍ଞାନୀ ତ କ'ଣ କହୁଥିଲେ ଯେ ଲାଭାଲାଭର ବ୍ୟାପାର ଦେଖ ! ପିଆଜ ଦ୍ୱାରା ଶରୀରକୁ ପଚିଶ ପ୍ରତିଶତ ଫାଇଦା ହେଲା ଆଉ ପାଞ୍ଚ ପ୍ରତିଶତ ପିଆଜ ପାଇଁ କ୍ଷତି ହେଲା, ମାନେ ମୋ ଘରେ କୋଡ଼ିଏ(ପ୍ରତିଶତ) ରହିଲା । ଏହିପରି କରୁଥିଲେ । ମାତ୍ର ଏହି ଲୋକମାନେ ଲାଭାଲାଭର ବ୍ୟାପାର ଉଡ଼ାଇ ଦେଇଛନ୍ତି ଆଉ ମାରି-ପିଟି 'ପିଆଜ ବନ୍ଦ କର, ଏବଂ ଆଳୁ ବନ୍ଦ କର' କୁହନ୍ତି । ଆରେ କ'ଣ ପାଇଁ? ଆଳୁ ସହିତ ତୁମର ଶତ୍ରୁତା ଅଛି ? ନା ତୁମକୁ ପିଆଜ ସହିତ ଶତ୍ରୁତା ଅଛି ? ଆଉ ଯିଏ ଯାହାକୁ ଛାଡ଼ିଥାଏ ନା, ତାହା ହିଁ ମନେ ପଡୁଥାଏ । ଭଗବାନଙ୍କ ପରି, ତାହା ହିଁ ମନେ ପଡୁଥାଏ !

## 'ମୁଁ' ମଧ ନିୟମ ପାଳିଥିଲି

ଯେବେକି ମୁଁ ତ ଜୈନ ନଥିଲି । ମୁଁ *ଜୈନେତର* (ଯେଉଁମାନେ ଜୈନ ନୁହନ୍ତି) ଥିଲି । ତଥାପି ମୋତେ ଏହି ଜ୍ଞାନ ହେବା ପୂର୍ବରୁ ନିରନ୍ତର *କନ୍ଦମୂଳର* ତ୍ୟାଗ ଥିଲା,

ସର୍ବଦା *ଚୋବିୟାର(*ସୂର୍ଯ୍ୟ ଅସ୍ତ ପରେ ନ ଖାଇବା) ଥିଲା, ସର୍ବଦା ଗରମ ପାଣି (ଫୁଟାପାଣି) ପିଉଥିଲି । ଅଲଗା ସହର ଯାଏ କି ପଛେ ଯୁଆଡ଼େ ଯାଏ ତଥାପି ଫୁଟା ପାଣି । ମୁଁ ଆଉ ମୋ ଭାଗୀଦାର ସର୍ବଦା ଫୁଟାପାଣିର ବୋତଲ ସାଥିରେ ରଖୁଥିଲୁ । ଅର୍ଥାତ୍ ମୁଁ ତ ଭଗବାନଙ୍କ ନିୟମରେ ରହୁଥିଲି ।

ଏବେ ଯଦି କାହାକୁ ଏହି ନିୟମ ସବୁ କଷ୍ଟ ଲାଗୁଥିବ, ତେବେ ଏପରି ନୁହେଁ ଯେ ତୁମେ ସବୁ ପାଳିବା ହିଁ ଉଚିତ୍ । ମୁଁ ତୁମକୁ ଏପରି କହୁନାହିଁ ଯେ ତୁମେ ଏପରି ହିଁ କର । ତୁମଦ୍ୱାରା ଯଦି ହୋଇ ପାରିବ, ତେବେ କର । ଏହା ଭଲ ଜିନିଷ, ହିତକାରୀ ଅଟେ । ଭଗବାନ ତ ହିତକାରୀ ଜାଣିକି କହିଛନ୍ତି, ତାହାକୁ ଧରିକି ରଖିବା ପାଇଁ କହି ନାହାନ୍ତି । ତାହାର ଆଗ୍ରହୀ ହୋଇଯିବା ପାଇଁ କହି ନାହାନ୍ତି ।

ମୋତେ ଅର୍ଥାତ୍ ଜ୍ଞାନୀ ପୁରୁଷଙ୍କୁ ତ ତ୍ୟାଗାତ୍ୟାଗ ନଥାଏ । କିନ୍ତୁ କେତେ ଲୋକ ଏତେ ଅଧିକ ଦୁଃଖୀ ହୁଅନ୍ତି ଯେ 'ତୁମେ *ଚୋବିୟାର* କରୁନାହଁ ? ଆମକୁ ବହୁତ ଦୁଃଖ ହେଉଛି ।' ମୁଁ କହିଲି '*ଚୋବିୟାର* କରିବି ।' କ'ଣ କରିବି ତେବେ ? ତାହା ତ ଜ୍ଞାନୀ ହେବା ପରେ ତ ତ୍ୟାଗାତ୍ୟାଗ ସମ୍ଭବ ହୋଇପାରିବ ନାହିଁ । ପୁଣି ଲୋକଙ୍କୁ ଯାହା ବୁଝା ପଡୁଛି ତାହା ବୁଝନ୍ତୁ । ବାକି, ମୋତେ କୌଣସି ଜିନିଷର ଇଚ୍ଛା ହିଁ ନାହିଁ ନା ! ମୋତେ ତ, ହିଂସାର ସାଗରରେ ଭଗବାନ ଅହିଂସକ କହିଛନ୍ତି । ବାକି, ମୁଁ ତ ପ୍ରଥମରୁ ହିଁ ସର୍ବଦା *ଚୋବିୟାର* କରୁଥିଲି । ଏବେ ତ ମୋର, ଯଦି ଏହି ସତ୍‌ସଙ୍ଗ ରଖିଥିବ ନା, ସେଥିପାଇଁ କେଉଁ ଦିନ *ଚୋବିୟାର* ହୁଏ ଏବଂ ଦୁଇ-ଚାରି ଦିନ ମୋ ଦ୍ୱାରା *ଚୋବିୟାର* ହୁଏ ମଧ୍ୟ ନାହିଁ । କିନ୍ତୁ ମୋର ହେତୁ *ଚୋବିୟାରର* ଅଟେ । ତାହା ମୁଖ୍ୟ ଜିନିଷ ଅଟେ ।

## ଫୁଟା ପାଣି, ପିଇବାରେ

**ପ୍ରଶ୍ନକର୍ତ୍ତା :** ଏ ପାଣିକୁ ଫୁଟାଇ ପିଇବା ପାଇଁ କୁହନ୍ତି, ତାହା କ'ଣ ପାଇଁ ?

**ଦାଦାଶ୍ରୀ :** ସେମାନେ କ'ଣ କହିବାକୁ ଚାହାଁନ୍ତି ? ପାଣିର ଗୋଟିଏ ବୁନ୍ଦାରେ ଅନନ୍ତ ଜୀବ ଅଛନ୍ତି । ଏଣୁ ପାଣିକୁ ବହୁତ ଫୁଟାଅ ଫଳରେ ସେ ଜୀବ ମରିଯିବେ ଆଉ ତା'ପରେ ସେ ପାଣି ପିଅ ତେବେ ତୁମ ଶରୀର ଭଲ ରହିବ ତା' ଦ୍ୱାରା ଆତ୍ମଧ୍ୟାନ ରହିବ । ତାହାକୁ ଏହି ଲୋକମାନେ ଓଲଟା ବୁଝିନେଇଛନ୍ତି ।

ଭଗବାନ ତ ଶରୀର ଭଲ ରଖିବା ପାଇଁ ସବୁ ପ୍ରୟୋଗ ବତାଇଛନ୍ତି । ସେଥିପାଇଁ ଓଲଟା ପାଣି ଫୁଟାଇକି ପିଇବା ପାଇଁ କହିଛନ୍ତି । ପାଣି ଯଦି ନ ଫୁଟାଏ, ତା'କୁ

ଜୀବହିଂସା ପାଳିଲା କୁହାଯିବ । ନିଜ ଶରୀର ପଛେ ଖରାପ ହେଉ କିନ୍ତୁ ଆମକୁ ପାଣି ଫୁଟାଇବାର ନାହିଁ । ତାହା ବଦଳରେ ଏହା ତ ଭଗବାନ ପାଣି ଫୁଟାଇକି ପିଇବା ପାଇଁ କହିଛନ୍ତି, ତେବେ ତୁମ ଶରୀର ଭଲ ରହିବ । ଏବଂ ଆଠ ଘଣ୍ଟା ପରେ ଭିତରେ ପୁଣି ଜୀବ ପଡ଼ିଯିବେ, ଏଣୁ ପୁଣି ତାହା ପିଇବ ନାହିଁ । ଆଉ ଥରେ ଅଲଗା ଫୁଟାଇକି ପିଇବ, ଏପରି କହିଛନ୍ତି ।

ଅର୍ଥାତ୍, ଏହି ପାଣି ଗରମ କରିବା ତାହା ହିଂସା ପାଇଁ କହି ନାହାଁନ୍ତି, ତାହା ଶାରୀରିକ ସୁସ୍ଥତା ପାଇଁ କହିଛନ୍ତି । ପାଣି ଗରମ କରିବାଦ୍ୱାରା ଜଳକାୟ ଜୀବ ମରି ଯାଆନ୍ତି । କିନ୍ତୁ ଏହା ପାପ ପାଇଁ କହି ନାହାଁନ୍ତି । ତୁମ ଶରୀର ବହୁତ ଭଲ ରହୁ, ପେଟରେ ଜୀବାଣୁ ଉତ୍ପନ୍ନ ନ ହୁଅନ୍ତୁ ଏବଂ ଜ୍ଞାନକୁ ଆବରଣ ନ କରନ୍ତୁ ଏଥିପାଇଁ କହିଛନ୍ତି । ପାଣି ଯଦି ଗରମ କରିବା, ତେବେ ବଡ଼ ଜୀବ ଥାଆନ୍ତି, ସେମାନେ ସବୁ ମରିଯାନ୍ତି ।

**ପ୍ରଶ୍ନକର୍ତ୍ତା :** ତେବେ ତାହା ହିଂସା ହେଲା ନା ?

**ଦାଦାଶ୍ରୀ :** ସେହି ହିଂସାର ଅସୁବିଧା ନାହିଁ । କାରଣ ଯଦି ଶରୀର ସୁସ୍ଥ ରହିବ, ତେବେ ତୁମେ ଧର୍ମ କରିପାରିବ । ଆଉ ସେମିତିରେ ତ ସବୁକିଛି ହିଂସା ହିଁ ଅଟେ, ଏହି ଜଗତରେ କେବଳ ହିଂସା ହିଁ ଅଛି । ହିଂସାର ବାହାରେ ଏକ ଅକ୍ଷର ବି ନାହିଁ । ଖାଉଛ, ପିଉଛ, ସେସବୁ ଜୀବ ହିଁ ଅଟନ୍ତି ।

ଏବେ ଭଗବାନ ତ ଏକେନ୍ଦ୍ରିୟ ଜୀବଙ୍କ ପାଇଁ ଏପରି ଝଂଜଟ୍ କରିବାକୁ ହିଁ କହି ନାହାଁନ୍ତି । ଏହା ତ ସବୁ ଓଲଟା ବୁଝି ନେଇଛନ୍ତି । ଏକେନ୍ଦ୍ରିୟ ଜୀବ ପାଇଁ ଯଦି ଏପରି କହିଥାନ୍ତେ ନା, ତେବେ 'ଥଣ୍ଡା ପାଣି ହିଁ ପିଇବ, ନହେଲେ ପାଣି ଫୁଟାଇଲେ ସବୁ ଜୀବ ମରିଯିବେ' ଏପରି କହିଥାନ୍ତେ । ପାଣି ଗରମ କରିବାରେ କେତେ ଜୀବ ମାରିଲ ?

**ପ୍ରଶ୍ନକର୍ତ୍ତା :** ଅନେକ ।

**ଦାଦାଶ୍ରୀ :** ସେଥିରେ ଜୀବ ଦେଖାଯାନ୍ତି ନାହିଁ । କିନ୍ତୁ ଏହି ପାଣି ଅଛି ନା, ସେମାନେ ଅପକାୟ ଜୀବ ଅଟନ୍ତି । ସେମାନଙ୍କର କାୟା ହିଁ ପାଣି ଅଟେ । ସେମାନଙ୍କର ଶରୀର ହିଁ ପାଣି ଅଟେ । କୁହ ଏବେ, ତେବେ ଭିତରେ ଜୀବ କେଉଁଠି ବସିଥିବେ ? ଲୋକଙ୍କୁ ସେମାନେ କିପରି ମିଳିବେ ? ଏହା ତ ଶରୀର ଦେଖାଯାଏ । ସେ ସବୁ ଜୀବଙ୍କର ଶରୀର ଯଦି ଏକାଠି କରିବା, ତାହା ହିଁ ପାଣି ଅଟେ, ପାଣିରୂପୀ ଯାହାର

ଶରୀର, ସେପରି ଜୀବ ଅଛନ୍ତି । ଏବେ ଏହାର ଅନ୍ତ କେଉଁଠି ଆସିବ ?

## ସବୁଜ ପନିପରିବାରେ ବୁଝିଲେ ଓଲଟା

**ପ୍ରଶ୍ନକର୍ତ୍ତା :** ବର୍ଷା ଦିନରେ ସବୁଜ ପନିପରିବା ଖାଇବା ଉଚିତ୍ ନୁହେଁ ଏପରି କୁହନ୍ତି, ତାହା କ'ଣ ପାଇଁ ?

**ଦାଦାଶ୍ରୀ :** ସବୁଜ ପନିପରିବା ବିଷୟରେ ଲୋକେ ଓଲଟା ବୁଝିଛନ୍ତି । ସବୁଜ ପନିପରିବା(ଖାଇବା) ମାନେ ତାହା ଜୀବହିଂସା ନୁହେଁ । ସବୁଜ ପନିପରିବା ଉପରେ ସୂକ୍ଷ୍ମ ଜୀବ ବସନ୍ତି ଆଉ ସେ ଜୀବ ଯଦି ପେଟକୁ ଯିବେ ତେବେ ରୋଗ ହୁଏ । ଶରୀରକୁ କ୍ଷତି ପହଞ୍ଚାନ୍ତି, ସେଥିପାଇଁ ପରେ ଧର୍ମ ହୋଇପାରେ ନାହିଁ । ଏଥିପାଇଁ ଭଗବାନ ମନା କରିଛନ୍ତି । ମୁଁ କ'ଣ କହିବାକୁ ଚାହୁଁଛି ଯେ ଏପରି କ'ଣ ଓଲଟା ବୁଝିଲ ? ଯେ ଯାହା ଲଗାଇବାର (ଔଷଧ) ଥିଲା ତାହା ପୁରା ପିଇଗଲେ ଆଉ ଯାହା ପିଇବାକୁ କହିଥିଲେ ତାହା ଲଗେଇବାରେ ଲାଗିଛନ୍ତି, ସେଥିପାଇଁ ରୋଗ କମ୍ ହେବାର ଦେଖାଯାଉ ନାହିଁ ।

## ଆଣ୍ଟିବାୟୋଟିକ୍ସ ଦ୍ୱାରା ହେଉଥିବା ହିଂସା

**ପ୍ରଶ୍ନକର୍ତ୍ତା :** ଜ୍ୱର ଆସିଲା, ବଥ ହେଲା-ପାଚିଗଲା, ପୁଣି ଭିତରେ ଜୀବାଣୁ ଗୁଡ଼ିକୁ ମାରି ଦେବାର ଔଷଧ ଦିଅନ୍ତି...

**ଦାଦାଶ୍ରୀ :** ଏପରି ଜୀବାଣୁଙ୍କ ଚିନ୍ତା କରିବାର ନାହିଁ ।

**ପ୍ରଶ୍ନକର୍ତ୍ତା :** ପେଟରେ ଯଦି କୃମି ହୋଇଥିବେ ଆଉ ତା'କୁ ଔଷଧ ନ ଦେବୁ ତେବେ ସେ ପିଲା ମରିଯିବ ।

**ଦାଦାଶ୍ରୀ :** ତା'କୁ ଏପରି ଔଷଧ ପିଆଅ ଯେ ଭିତରେ କୃମି ଆଦୌ ରହିବେ ନାହିଁ, ତାହା କରିବା ହିଁ ଆବଶ୍ୟକ ।

**ପ୍ରଶ୍ନକର୍ତ୍ତା :** ଏବେ ଆତ୍ମସାଧନା ପାଇଁ ଶରୀରକୁ ଭଲ ରଖିବାର ଅଛି । ଏବେ ତାହାକୁ ଭଲ ରଖିବାରେ ଯଦି ଜୀବଙ୍କ ହାନି ହେଉଥିବ, ତେବେ ତାହା କରିବା ଉଚିତ୍ କି ନାହିଁ ?

**ଦାଦାଶ୍ରୀ :** ଏପରି ଅଟେ, ଆତ୍ମସାଧନା କାହାକୁ କୁହାଯାଏ ? ଯେ ତୁମକୁ ଶରୀରର ଧ୍ୟାନ ରଖିବାର ଅଛି, ଏପରି ଯଦି ତୁମେ ଭାବ କରିବାକୁ ଯିବ ତେବେ ସାଧନା

କମ ହୋଇଯିବ । ଯଦି ପୁରା ସାଧନା କରିବାର ଥିବ ତେବେ ତୁମକୁ ଶରୀରର ଧ୍ୟାନ ରଖିବାର ଆବଶ୍ୟକ ନାହିଁ । ଶରୀର ତ ତା'ର ସବୁ ନେଇକି ହିଁ ଆସିଛି, ସବୁ ପ୍ରକାରର ପ୍ରତିରକ୍ଷା ନେଇକି ଆସିଛି । ଆଉ ତୁମକୁ ସେଥିରେ କୌଣସି ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ । ତୁମେ ଆତ୍ମସାଧନାରେ ପୁରାପୁରି ଲାଗିଯାଅ, ହଣ୍ଡ୍ରେଡ୍ ପରସେଣ୍ଟ । ଆଉ ଏହି ଅନ୍ୟ ସବୁ କମ୍ପ୍ଲିଟ ଅଟେ । ସେଥିପାଇଁ ମୁଁ କୁହେ ନା, ଯେ ଭୂତକାଳ ବିତିଗଲା, ଭବିଷ୍ୟକାଳ ବ୍ୟବସ୍ଥିତ ଅଧୀନରେ ଅଛି, ଏଣୁ ବର୍ତ୍ତମାନରେ ରୁହ ।

ତଥାପି ମୁଁ କ'ଣ କୁହେ ଯେ ଯେଉଁ ଦେହରେ ଜ୍ଞାନୀପୁରଷଙ୍କୁ ଚିହ୍ନିଲେ ତା'କୁ ମିତ୍ର ସମାନ ମାନିବ । ଏ ଔଷଧ ହିଂସକ ହୋଇଥିଲେ ମଧ୍ୟ ତାହା ନିଅ, କିନ୍ତୁ ଶରୀରର ଯତ୍ନ ନିଅ । କାରଣ ଏହା ଲାଭାଲାଭର ବ୍ୟାପାର ଅଟେ । ଏହି ଶରୀର ଯଦି ଦୁଇବର୍ଷ ଅଧିକ ତିଷ୍ଠିଲା, ତେବେ ଏହି ଦେହରେ ଜ୍ଞାନୀପୁରୁଷଙ୍କୁ ଚିହ୍ନିଛ, ତେବେ ଦୁଇ ବର୍ଷରେ କିଛି ନା କିଛି କାମ କାଢ଼ି ନେବ । ଆଉ ଗୋଟିଏ ପଟେ ହିଂସା ଯୋଗୁଁ ଯେଉଁ କ୍ଷତି ହେବ, ତେବେ ତାହା ବଦଳରେ ତ କୋଡ଼ିଏ ଗୁଣା ଲାଭ ହେବ । ତେବେ କୋଡ଼ିଏରୁ ଉଣେଇଶ ତ ନିଜ ଘରେ ରହିଲା । ଅର୍ଥାତ୍ ଲାଭାଲାଭର ବ୍ୟାପାର ଅଟେ ।

ବାକି ସବୁ ଜୀବଜନ୍ତୁ ହିଁ ଅଟନ୍ତି । ଏହି ଜଗତରେ କେବଳ ଜୀବ ହିଁ ଅଛନ୍ତି । ଏହି ଶ୍ୱାସରେ କେତେ ଜୀବ ମରିଯାନ୍ତି, ତେବେ ଆମେ କ'ଣ କରିବା ଉଚିତ୍? ଶ୍ୱାସ ନନେଇ କଣ ବସି ରହିବା ଉଚିତ୍? ବସି ରହିଥିଲେ ଭଲ ହୋଇଥାନ୍ତା, ସେମାନଙ୍କର ସମାଧାନ(!) ଆସି ଯାଇଥାନ୍ତା । ଏହା ତ ଅଯଥା ପାଗଳାମି କରିଛନ୍ତି ।

ଏବେ ଏସବୁର କୌଣସି ଅନ୍ତ ହିଁ ଆସିବ ନାହିଁ ଏପରି ଅଟେ । ଏଣୁ ଯାହା କିଛି କରୁଛ, ତାହା କରି ଚାଲ । ଏଥିରେ କିଛି ଜିରା ରୁ ଶିରା କାଢିବା ଦରକାର ନାହିଁ । କେବଳ ଯେଉଁ ଜୀବ ଆମଦ୍ୱାରା *ତ୍ରାସ* (ଭୟ) ପାଆନ୍ତି ଯଥା ସମ୍ଭବ ସେମାନଙ୍କୁ ହଇରାଣ କରନାହିଁ ।

## ଆହାର, ଡେଭଲମେଣ୍ଟ୍ ଆଧାରରେ

ଫରେନ୍‌ବାଲା କ'ଣ କୁହନ୍ତି ? ଭଗବାନ ଏହି ଦୁନିଆ ତିଆରି କରିଛନ୍ତି ସେଥିପାଇଁ ଏହି ମନୁଷ୍ୟମାନଙ୍କୁ ତିଆରି କରିଛନ୍ତି । ଆଉ ଏ ଅଲଗା ସବୁ ଛେଳି-ମାଛ ଆମ ଖାଇବା ପାଇଁ ଭଗବାନ ତିଆରି କରିଛନ୍ତି । ଆରେ, ତୁମ ଖାଇବା ପାଇଁ ତିଆରି କଲେ, ତେବେ ଏହି ବିରାଡ଼ି-କୁକୁର-ବାଘଙ୍କୁ କାହିଁକି ଖାଉ ନାହଁ! ଖାଇବା ପାଇଁ ଯଦି ତିଆରି କରିଥାନ୍ତେ

ତେବେ ସବୁ ଏକା ପରି ହିଁ ତିଆରି କରିଥାନ୍ତେ ନା ? ଭଗବାନ ଏପରି କରନ୍ତି ନାହିଁ । ଭଗବାନ ଯଦି ତିଆରି କରିଥାନ୍ତେ ତେବେ ସବୁ ତୁମ ପାଇଁ ଖାଇବା ଯୋଗ୍ୟ ଜିନିଷ ହିଁ ତିଆରି କରିଥାନ୍ତେ । କିନ୍ତୁ ଏହା ତ ତାହା ସହ ଅଫିମ ତିଆରି କରିଛନ୍ତି ନା ନାହିଁ ? ଆଉ ଅଦରକାରୀ ଜଙ୍ଗଲୀ ଗଛ ବି ଥାଏ ନା ? ତାହା ମଧ୍ୟ ତିଆରି କରନ୍ତି ନା ? ଯଦି ଭଗବାନ ତିଆରି କରିଥାନ୍ତେ ତେବେ ସବୁ କାହିଁକି ତିଆରି କଲେ ? ଜଙ୍ଗଲୀ ଗଛ ଆଉ ଅନ୍ୟ ସବୁର କ'ଣ ଆବଶ୍ୟକତା ? ମନୁଷ୍ୟର ସୁଖ ପାଇଁ ହିଁ ସବୁ ଜିନିଷ ତିଆରି କରିଥାନ୍ତେ ଆରାମରେ ! ଅର୍ଥାତ୍ ଓଲଟା ଜ୍ଞାନ ଜାଣି ବସିଛନ୍ତି ଯେ ଭଗବାନ ତିଆରି କରିଛନ୍ତି । ଆଉ ସେ ଫରେନବାଲା ତ ଏବେ ପୁନର୍ଜନ୍ମକୁ ବୁଝୁ ନାହାଁନ୍ତି । ସେଥିପାଇଁ ମନରେ ଏପରି ହୁଏ ଯେ ଏସବୁ ଆମ ଖାଇବା ପାଇଁ ହିଁ ଅଟେ । ଏବେ ଯଦି ପୁନର୍ଜନ୍ମକୁ ବୁଝିବେ ତେବେ ତ ମନରେ ବିଚାର ଆସିବ ଯେ ଆମର ଯଦି ଜନ୍ମ ହେବ ତେବେ କ'ଣ ହେବ ? କିନ୍ତୁ ସେମାନଙ୍କୁ ସେପରି ବିଚାର ଆସେ ନାହିଁ ।

ଆମ ହିନ୍ଦୁସ୍ଥାନର ଲୋକଙ୍କୁ ବିଚାର ଆସିଲା, ସେଥିପାଇଁ ଏ ବ୍ରାହ୍ମଣ କୁହନ୍ତି ଆମ ଦ୍ୱାରା ମାଂସାହାର ଛୁଇଁ ହେବ ନାହିଁ । ବୈଶ୍ୟ କୁହନ୍ତି ଯେ, ଆମ ଦ୍ୱାରା ମାଂସାହାର ଛୁଇଁ ହେବ ନାହିଁ । ଶୁଦ୍ର କୁହନ୍ତି, ଛୁଇଁ ପାରିବୁ । କିନ୍ତୁ ସେମାନେ ତ ମରିଯାଇଥିବା ପଶୁ-ପକ୍ଷୀ ଥାଆନ୍ତି ନା, ତା'କୁ ମଧ୍ୟ ଖାଆନ୍ତି । ଆଉ ଏ କ୍ଷତ୍ରିୟ ଅଛନ୍ତି, ସେମାନେ ମଧ୍ୟ ମାଂସାହାର କରନ୍ତି ।

## ମାଂସାହାରୀ ଉପରେ ଚିଡ଼ିବା...

**ଦାଦାଶ୍ରୀ :** ତୁମେ ଭେଜିଟେରିୟନ୍ ପସନ୍ଦ କର ନା ନନ୍‌ଭେଜିଟେରିୟନ୍ ?

**ପ୍ରଶ୍ନକର୍ତ୍ତା :** ମୁଁ ଏ ପର୍ଯ୍ୟନ୍ତ ନନ୍‌ଭେଜିଟେରିୟନ୍ ଟେଷ୍ଟ କରିନାହିଁ ।

**ଦାଦାଶ୍ରୀ :** କିନ୍ତୁ ତାହା ଭଲ ଜିନିଷ, ଏପରି କହି ନାହଁ ?

**ପ୍ରଶ୍ନକର୍ତ୍ତା :** ନା । ମୁଁ ଭେଜିଟେରିୟନ୍ ଖାଏ । କିନ୍ତୁ ତାହାର ଅର୍ଥ ଏପରି ନୁହେଁ ଯେ ନନ୍‌ଭେଜିଟେରିୟନ୍ ଖରାପ ଅଟେ ।

**ଦାଦାଶ୍ରୀ :** ଠିକ୍ କଥା । ତାହାକୁ ମୁଁ ଖରାପ କହେ ନାହିଁ ।

ମୁଁ ପ୍ଲେନ୍‌ରେ ଆସୁଥିଲି । ମୋ ସିଟ୍‌ରେ ମୁଁ ଏକୁଟିଆ ହିଁ ଥିଲି, ମୋ ସହିତ ଅନ୍ୟ କେହିବି ନଥିଲେ । ଜଣେ ବଡ଼ ମୁସଲମାନ ସେଠ୍ ବୋଧେ, ସେ ନିଜ ସିଟରୁ ଉଠି ମୋ

ପାଖରେ ଆସି ବସିଲା, ମୁଁ କିଛି କହିଲି ନାହିଁ । ପୁଣି ମୋତେ ଧୀରେ ଧୀରେ କହିଲା, 'ମୁଁ ମୁସଲମାନ ଏବଂ ଆମେ ନନ୍‌ଭେଜିଟେରିୟନ୍ ଫୁଡ୍ ଖାଉ । ତେବେ ତୁମକୁ ସେଥିରେ କୌଣସି ଦୁଃଖ ହୁଏ ନାହିଁ ?' ମୁଁ କହିଲି, 'ନା, ନା । ମୁଁ ତୁମ ସହିତ ଭୋଜନ କରିବା ପାଇଁ ବସି ପାରିବି । କେବଳ ଏତିକି ଯେ ମୁଁ ନେବି ନାହିଁ । ତୁମେ ଯାହା କରୁଛ ତାହା ଉପଯୁକ୍ତ ହିଁ କରୁଅଛ । ମୋତେ ସେଥିରେ ନେବା-ଦେବା ନାହିଁ ।' ତେବେ ସେଠ୍ କୁହନ୍ତି, 'ତଥାପି ଆମ ଉପରେ ଆପଣଙ୍କୁ ଅଭାବ ତ ରୁହେ ନା ?' ମୁଁ କହିଲି, 'ନା, ନା । ତୁମର ଏହି ମାନ୍ୟତା ଛାଡ଼ି ଦିଅ । କାରଣ ତୁମକୁ ଏହା ପରିବାରରୁ ମିଳିଛି । ତୁମ ମଦର୍ ମଧ୍ୟ ନନ୍‌ଭେଜିଟେବୁଲ ଖାଇଛନ୍ତି ଆଉ ତୁମ ବ୍ଲଡ୍ ହିଁ ନନ୍‌ଭେଜିଟେବୁଲ ବାଲା ଅଟେ । ଏବେ କେବଳ ଅସୁବିଧା କାହାକୁ ? ନା ଯାହା ବ୍ଲଡ୍‌ରେ ନନ୍‌ଭେଜିଟେବୁଲ ନଥିବ, ଯାହାଙ୍କ ମାତାର କ୍ଷୀରରେ ନନ୍‌ଭେଜିଟେବୁଲ ନଥିବ, ତା'କୁ ଖାଇବାର ଅନୁମତି ନାହିଁ । ଆଉ ତୁମେ ଯାହା ଖାଉଛ ତାହା ଲାଭଦାୟକ-କ୍ଷତିକାରକ ହିସାବ ନ କରି ଖାଉଛ । ଲାଭଦାୟକ ଅବା କ୍ଷତିକାରକ ବୁଝିକି ଖାଉ ନାହଁ ।'

ଏଣୁ ଯିଏ ମାଂସାହାର କରନ୍ତି, ସେମାନଙ୍କ ଉପରେ ଚିଡ଼ିବା ଉଚିତ୍ ନୁହେଁ । ଏହା ତ ନିଜର ଖାଲି କଳ୍ପନା ହିଁ ଅଟେ । ବାକି, ଯେଉଁ ଲୋକଙ୍କର ନିଜର ଆହାର(ମାଂସାହାର) ଅଟେ, ତାହା ମୋତେ ଅସୁବିଧା ନାହିଁ ।

## ନିଜେ କାଟିକି ଖାଇବ ?

**ପ୍ରଶ୍ନକର୍ତ୍ତା :** କିନ୍ତୁ ଆଜି ତ ସୋସାଇଟିରେ ପଶି ଯାଇଛି ସେଥିପାଇଁ ମାଂସାହାର କରୁଛନ୍ତି ।

**ଦାଦାଶ୍ରୀ :** ସେ ସବୁ ସଉକ କୁହାଯିବ । ନିଜ ମଦରର କ୍ଷୀରରେ ଯଦି ଆସିଥିବ, ତେବେ ତୁମକୁ ସବୁଦିନ ପାଇଁ ଖାଇବାରେ ଅସୁବିଧା ନାହିଁ ।

**ପ୍ରଶ୍ନକର୍ତ୍ତା :** ମଦର୍ ମାଂସାହାର କରୁ ନଥିବେ ତେବେ କ'ଣ କରିବା ଉଚିତ୍ ?

**ଦାଦାଶ୍ରୀ :** ତେବେ ପୁଣି ତୁମେ କିପରି ଖାଇପାରିବ ? ତୁମ ବ୍ଲଡ୍‌ରେ ଯଦି ଆସି ନଥିବ, ତାହା ତୁମକୁ କିପରି ହଜମ ହେବ ? ତାହା ତୁମକୁ ଆଜି ପାଚନ ହୋଇଗଲା ପରି ଲାଗୁଛି, କିନ୍ତୁ ତାହା ତ ଶେଷରେ କ୍ଷତି ହିଁ ହୁଏ । ଆଜି ତୁମକୁ ତାହା ଜଣାପଡ଼ିବ ନାହିଁ । ଏଣୁ ନ ଖାଇଲେ ଉତ୍ତମ । ଯଦି ଛାଡ଼ି ହେଉ ନାହିଁ ତେବେ 'ଏହା ଠିକ୍ ନୁହେଁ, ଛାଡ଼ି ଦେଲେ ଉତ୍ତମ' ଏପରି ଭାବନା ରଖିବାର ଅଛି ।

ବାକି, ଆମର ଏ ଗାଈ କେବେ ମାଂସାହାର କରେ ନାହିଁ, ଏ ଘୋଡ଼ା ଆଉ ମଇଁଷି ମଧ୍ୟ କରନ୍ତି ନାହିଁ । ଆଉ ସେମାନେ ସଉକ ମଧ୍ୟ ରଖନ୍ତି ନାହିଁ । ଯଦି ବହୁତ ଭୋକିଲା ଥିବେ, ପୁଣି ମାଂସାହାର ଦେବା ତେବେ ମଧ୍ୟ କରନ୍ତି ନାହିଁ । ଏତିକି ତ ପଶୁଙ୍କ ପାଖରେ ଅଛି । ଯେବେକି ଏବେ ତ ଏହି ହିନ୍ଦୁସ୍ଥାନର ପିଲାମାନେ ଏବଂ ଜୈନଙ୍କ ପିଲାମାନେ, ଯାହା ମା-ବାପା ମାଂସାହାର କରନ୍ତି ନାହିଁ, ସେମାନେ ମଧ୍ୟ ମାଂସାହାର କରିବା ଶିଖି ଗଲେଣି । ତେବେ ମୁଁ ସେମାନଙ୍କୁ କହିଲି ଯେ 'ତୁମକୁ ଯଦି ମାଂସାହାର କରିବାର ଥିବ ତେବେ ମୋର ଅସୁବିଧା ନାହିଁ, କିନ୍ତୁ ନିଜେ କାଟିକି ଖାଅ । କୁକୁଡ଼ା ଥିବ, ତାହା ତୁମେ ନିଜେ କାଟିକି ଖାଅ ।' ଆରେ, ରକ୍ତ ଦେଖିବାର ତ ଶକ୍ତି ନାହିଁ ଆଉ ମାଂସାହାର କରୁଛ ? ରକ୍ତ ଯଦି ଦେଖିବେ ତେବେ ଏମିତି ଡରିଯିବେ ! ସେଥିପାଇଁ ହୋସ୍ ନାହିଁ ଯେ ଏହା ମୁଁ କ'ଣ ଖାଉଛି ଆଉ ରକ୍ତ ଯଦି ଦେଖେ ସେତେବେଳେ ତ ଥରି ଉଠିବ । ଏହି ରକ୍ତ ଯିଏ ଦେଖିପାରେ, ତା' କାମ ଅଟେ । ଯିଏ ରକ୍ତରେ ଖେଳିଥାନ୍ତି ସେହି କ୍ଷତ୍ରିୟଙ୍କ କାମ ଅଟେ । ରକ୍ତ ଦେଖିଲେ ଡରିଯାଉଛ କି ନାହିଁ ?

**ପ୍ରଶ୍ନକର୍ତ୍ତା :** ଅସ୍ଥିର ହୋଇଯାଏ ।

**ଦାଦାଶ୍ରୀ :** ତେବେ ପୁଣି ସେ ମାଂସାହାର କିପରି କରିପାରିବ ? କେହି କାଟିବ ଆଉ ତୁମେ ଖାଇବ ତାହା ମିନିଙ୍ଗ୍‌ଲେସ୍ ଅଟେ । ତୁମେ, ସେ କୁକୁଡ଼ା କାଟୁଥିବ, ସେହି ସମୟରେ ତା'ର ଆର୍ତ୍ତଚିତ୍କାର ଯଦି ଶୁଣିବ ନା, ତେବେ ସାରା ଜୀବନ ପର୍ଯ୍ୟନ୍ତ ବୈରାଗ୍ୟ ଯିବ ନାହିଁ, ଏତେ ଆର୍ତ୍ତତା ହୁଏ । ମୁଁ ନିଜେ ଶୁଣିଛି । ତେବେ ମୋତେ ଲାଗିଲା ଯେ ଓହୋହୋ, କେତେ ଦୁଃଖ ହେଉଥିବ ? !

## ମହିମା, ସାତ୍ତ୍ୱିକ ଆହାରର

**ପ୍ରଶ୍ନକର୍ତ୍ତା :** ଭଗବାନଙ୍କ ଭକ୍ତିରେ ଶାକାହାରୀ ଲୋକଙ୍କୁ ଏବଂ ମାଂସାହାରୀ ଲୋକଙ୍କୁ କୌଣସି ବାଧା ଆସିପାରେ କି ? ଏଥିରେ ଆପଣଙ୍କ ମନ୍ତବ୍ୟ କ'ଣ ?

**ଦାଦାଶ୍ରୀ :** ଏପରି ଯେ, ମାଂସାହାରୀ କିପରି ହେବା ଉଚିତ୍ ? ତା'ର ମଦରଙ୍କ କ୍ଷୀରରେ ମାଂସାହାରର କ୍ଷୀର ହେବା ଉଚିତ୍ । ଏପରି ମାଂସାହାରୀକୁ ଭଗବାନଙ୍କ ଭକ୍ତିରେ ଆପତ୍ତି ନାହିଁ । ତା' ମଦରଙ୍କ କ୍ଷୀର ମାଂସାହାରୀ ହୋଇ ନଥିବ ଆଉ ପୁଣି ମାଂସାହାରୀ ହୋଇଗଲା ତାହାର ଆପତ୍ତି ଅଛି । ବାକି ଭକ୍ତି ପାଇଁ ଶାକାହାରୀ ଏବଂ ମାଂସାହାରୀରେ ଆପତ୍ତି ବିଲକୁଲ ନାହିଁ ।

**ପ୍ରଶ୍ନକର୍ତ୍ତା :** ତେବେ ଶୁଦ୍ଧ ଏବଂ ସାତ୍ତ୍ୱିକ ଆହାର ବିନା ଭକ୍ତି ହୋଇପାରିବ କି ନାହିଁ ?

**ଦାଦାଶ୍ରୀ :** ହୋଇ ପାରିବ ନାହିଁ । କିନ୍ତୁ ଏହି କାଳରେ ତ ଏବେ କ'ଣ ହେବ ? ଶୁଦ୍ଧ ସାତ୍ତ୍ୱିକ ଆହାର, ତାହା ଆମକୁ ପ୍ରାପ୍ତ ହେବା, ଅଥବା ତାହା ମିଳିବା ବହୁତ କଷ୍ଟକର ଜିନିଷ ଆଉ ମଣିଷ ଏହି କାଳରେ ଫଶି ନ ଯାଏ, କଳିଯୁଗ ଛୁଏଁ ନାହିଁ, ଏପରି ମନୁଷ୍ୟ ବହୁତ କମ ଥାଆନ୍ତି । ଆଉ ନହେଲେ ସାଙ୍ଗ ମିଳିଯାନ୍ତି, ଅଥବା କେହି ଏପରି ମିଳିଯାଏ, ସେ ତା'କୁ ଓଲଟା ରାସ୍ତାରେ ଚଢ଼ାଇ ଦିଏ । କୁସଙ୍ଗ ପଶିଯାଏ ।

**ପ୍ରଶ୍ନକର୍ତ୍ତା :** ଅଜାଣତରେ ଅନୁପଯୁକ୍ତ ଭୋଜନ ଖାଇଥିଲେ ତାହାର କୌଣସି ପ୍ରଭାବ ପଡ଼େ କି ?

**ଦାଦାଶ୍ରୀ :** ସମସ୍ତଙ୍କର ଅଜାଣତରେ ହିଁ ହେଉଅଛି । ତଥାପି ତାହାର ପ୍ରଭାବ ପଡ଼େ । ଯେପରି ଅଜାଣତରେ ଯଦି ଆମ ହାତ ଅଙ୍ଗାରରେ ପଡ଼େ ତେବେ ? କଣ ଛୋଟ ପିଲାକୁ ମଧ୍ୟ ଜଳାଏ କି ନାହିଁ ? ଛୋଟ ପିଲାର ମଧ୍ୟ ଜଳିଯାଏ । ସେହିପରି ଏହି ସାରା ଜଗତ ଅଜାଣତରେ ଅବା ଜାଣିଶୁଣି ସମସ୍ତଙ୍କୁ ସମାନ ଫଳ ଦିଏ । କେବଳ ଭୋଗିବାର ପଦ୍ଧତି ଅଲଗା ଅଟେ । ଅଜାଣତବାଲା ଅଜାଣତରେ ଭୋଗି ନିଏ ଆଉ ଜାଣିବାବାଲା ବୁଝି-ସୁଝି ଭୋଗେ, କେବଳ ଏତିକି ଫରକ ।

**ପ୍ରଶ୍ନକର୍ତ୍ତା :** ଅନ୍ନର ପ୍ରଭାବ ମନ ଉପରେ ପଡ଼େ, ତାହା ମଧ୍ୟ ନିଶ୍ଚିତ କି ?

**ଦାଦାଶ୍ରୀ :** ସବୁକିଛି ଏହି ଆହାରର ହିଁ ପ୍ରଭାବ ଅଟେ । ଏହି ଆହାର ଖାଏ, ତାହା ପେଟ ଭିତରେ ତାହାର ବ୍ରାଣ୍ଡି ହୋଇଯାଏ ଏବଂ ବ୍ରାଣ୍ଡି ଯୋଗୁଁ ସାରାଦିନ ବେଭାନ ଅବସ୍ଥାରେ ତନ୍ମୟାକାର ରୁହେ । ତେବେ ଏହି ସାତ୍ତ୍ୱିକ ଭୋଜନରେ ମଧ୍ୟ, ବ୍ରାଣ୍ଡି ପରି ଏତେ ଅଧିକ ହୁଏ ନାହିଁ । ଆଉ ଅନ୍ୟ ବୋତଲର ବ୍ରାଣ୍ଡି ପିଇଲେ ହୋସ୍ ହିଁ ଆସେ ନାହିଁ, ଏପରି ଅଟେ । ସେହିପରି ଏହି ଆହାର ଭିତରକୁ ଯାଏ, ତାହା ସବୁ ବ୍ରାଣ୍ଡି ହିଁ ହୋଇଯାଏ । ଏହି ଲଡୁ ଯାହା, ଶୀତଦିନରେ *ବସାଣା* (ଶୀତଦିନେ ତିଆରି କରାଯାଉଥିବା ବିଶେଷ ମିଠା) କୁହନ୍ତି, ସେସବୁ ସାତ୍ତ୍ୱିକ ନୁହେଁ! ସାତ୍ତ୍ୱିକ ଅର୍ଥ ବହୁତ ହାଲୁକା ଫୁଡ୍ ଆଉ ଲଡୁ ତ ନିଶା ବଢ଼ାଏ । କିନ୍ତୁ ଲୋକମାନେ ମଧ୍ୟ ଯାହା ଭଲ ଲାଗେ ତାହା ସ୍ୱୀକାର କରି ନିଅନ୍ତି, ବ୍ୟବହାର ଯୋଗ୍ୟ କରି ଦିଅନ୍ତି ।

**ପ୍ରଶ୍ନକର୍ତ୍ତା :** ଏହି ମାଂସାହାର ଦ୍ୱାରା ଆଧ୍ୟାତ୍ମିକ ବିଚାରରେ କୌଣସି ପ୍ରଭାବ ପଡ଼େ କି ?

**ଦାଦାଶ୍ରୀ :** ଅବଶ୍ୟ । ମାଂସାହାର, ତାହା ସ୍ଥୁଳ ଆହାର ଅଟେ, ସେଥିପାଇଁ ଆଧ୍ୟାତ୍ମିକ ବୁଦ୍ଧି ଉତ୍ପନ୍ନ ହୁଏ ନାହିଁ । ଅଧ୍ୟାତ୍ମରେ ଯିବାର ଥିବ ତେବେ ଲାଇଟ୍ ଫୁଡ୍ (light food) ଦରକାର କି ଯାହାଦ୍ୱାରା ନିଶା ଚଢ଼ିବ ନାହିଁ ଏବଂ ଜାଗୃତି ରହିବ । ବାକି, ଏ ଲୋକମାନଙ୍କୁ ଜାଗୃତି ହିଁ କେଉଁଠି ଅଛି ?

ସେ ଫରେନ୍ ସାଇଣ୍ଟିଷ୍ଟ ଆମ କଥା ବୁଝିବେ ନାହିଁ । ସେ ସାଇଣ୍ଟିଷ୍ଟ କୁହନ୍ତି, 'ଓହୋ ! ଏହା ତ ବହୁତ ବିଚାର କରିବା ପରି କଥା ଅଟେ । କିନ୍ତୁ ଆମ ମାନିବାରେ ଆସୁ ନାହିଁ । ତେବେ ମୁଁ କହିଲି, 'ଏବେ ବହୁତ ଟାଇମ ଲାଗିବ । ବହୁତ ସାରା କୁକୁଡ଼ା ଖାଇ ଦେଇଛ ଏଣୁ ଟାଇମ୍ ଲାଗିବ । ସେଥିପାଇଁ ତ ଡାଲି-ଭାତ ଦରକାର ପଡ଼ିବ । ପ୍ୟୋର ଭେଜିଟେରିୟନ୍ ଦରକାର ।' ଭେଜିଟେରିୟନ୍ ଫୁଡ୍ ତାହାର ଆବରଣ ପତଳା ହୋଇଥାଏ, ସେଥିପାଇଁ ସେ ଜ୍ଞାନକୁ ବୁଝିପାରେ, ଆରପାର ସବୁ ଦେଖିପାରେ ଆଉ ସେ ମାଂସାହାରୀର ମୋଟା ଆବରଣ ଥାଏ ।

## କ'ଣ ମାଂସାହାର ଦ୍ୱାରା ନର୍କଗତି ?

**ପ୍ରଶ୍ନକର୍ତ୍ତା :** କୁହାଯାଏ ଯେ ମାଂସାହାର କରିଲେ ନର୍କଗତି ହୁଏ ।

**ଦାଦାଶ୍ରୀ :** ସେହି କଥା ବିଲକୁଲ ସତ୍ୟ ଅଟେ ଆଉ ଖାଇବା ପାଇଁ ବହୁତ କିଛି ଜିନିଷ ଅଛି । କାହିଁକି ଛେଳିକୁ କାଟୁଛ ? କୁକୁଡ଼ାକୁ କାଟିକି ଖାଉଛନ୍ତି ତେବେ ତା'କୁ ତ୍ରାସ୍ (କଷ୍ଟ) ହେଉ ନଥିବ ? ତା' ମା-ବାପାଙ୍କୁ କଷ୍ଟ ହେଉ ନଥିବ ? ତୁମ ପିଲାଙ୍କୁ ଯଦି ଖାଇଯିବେ ତେବେ କ'ଣ ହେବ ? ଏହି ମାଂସାହାର, ଏହା ଉପରେ ବିଚାର କରାଯାଇନାହିଁ । ନିରୋଳା ପାଶବତା ଅଟେ ପୁରା । ଅବିଚାର ଦଶା ଅଟେ ଆଉ ଆମେ ତ ବିଚାରଶୀଳ ଅଟୁ । ଗୋଟିଏ ହିଁ ଦିନ ମାଂସାହାର କଲେ ତ ମନୁଷ୍ୟର ମସ୍ତିଷ୍କ ନଷ୍ଟ ହୋଇଯାଏ, ପଶୁପରି ହୋଇଯାଏ । ଏଣୁ ମସ୍ତିଷ୍କ ଯଦି ଭଲ ରଖିବାର ଥିବ ତେବେ ଅଣ୍ଡା ବି ଖାଇବା ବନ୍ଦ କରିଦେବା ଉଚିତ୍ । ଅଣ୍ଡାରୁ ନିମ୍ନକୁ ସବୁ ପାଶବତା ହିଁ ଅଟେ ।

ଏହି ମାଂସାହାରରେ ସେହି ଜୀବକୁ ମାରିବାର ଯେଉଁ ଦୋଷ ହୁଏ, ତାହାଠୁ ତ ଭିତରେ ଆବରଣର ଦୋଷ ଅଧିକ ଲାଗେ । ମାରିବା ଦୋଷର ପାପ ତାହା ତ ଠିକ୍ ଅଛି । ସେହି ପାପ କିପରି ହୁଏ ? ଅଧିକାଂଶ ତ ବ୍ୟାପାର ଯିଏ କରେ ତା'କୁ ବାଣ୍ଟି

ହୋଇଯାଏ । ଖାଇବାବାଲାର ଭାଗରେ ତ କିଛି ଅଂଶ ହି ଦୋଷ ଯାଏ । କିନ୍ତୁ ଏହା ତ ନିଜ ଭିତରେ ଆବରଣ କରେ, ସେଥିପାଇଁ ମୋ କଥା ତା'କୁ ବୁଝିବାରେ ବହୁତ ବଡ଼ ଆବରଣ ଆଣେ । ଏ ବ୍ୟବହାରର କଥା କିଛି ଲୋକ ସ୍ପୀଡିଲୀ ବୁଝିଯାନ୍ତି, ତାହା ଗ୍ରାସ୍ପିଙ୍ଗ୍ ପାଓ୍ୱାର କୁହାଯାଏ ।

## ହିସାବ ଅନୁସାରେ ଗତି

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏପରି କ'ଣ ହୁଏ କି ହିଂସକ ବ୍ୟକ୍ତି ଅହିଂସକ ଯୋନିରେ ଯାଏ ଅଥବା ଅହିଂସକ ବ୍ୟକ୍ତି ହିଂସକ ଯୋନିରେ ଯାଏ ?

**ଦାଦାଶ୍ରୀ :** ହଁ, ଖୁସିରେ ଯାଏ । ଏଠି ଅହିଂସକ ଥିବ ଆଉ ପରଜନ୍ମରେ ହିଂସକ ହୋଇଯାଏ । କାହିଁକିନା ସେଠି ତା'କୁ ତା' ମା-ବାପା ହିଂସକ ମିଳିଲେ । ତା' ପରେ ଆଖପାଖର ସଂଯୋଗ ମିଳିଲା, ତାହାଦ୍ୱାରା ସେପରି ହୋଇଗଲା ।

**ପ୍ରଶ୍ନକର୍ତ୍ତା :** ତାହାର କାରଣ କ'ଣ ?

**ଦାଦାଶ୍ରୀ :** ଏପରି ଯେ, ଯିଏ ଅହିଂସକ ଥାଏ, ସେ ଯଦି ପଶୁଗତିରେ ଯାଏ ତେବେ ଗାଈ ହୁଏ, ମଇଁଷି ହୁଏ । ହିଂସାବାଲା ଏଠାରୁ ଯାଇ ବାଘ ହୁଏ, କୁକୁର ହୁଏ, ବିରାଡ଼ି ହୁଏ, ଯେଉଁଠି ହିଂସ୍ର ପଶୁ-ପକ୍ଷୀ ଥାଆନ୍ତି ସେଠାକୁ ଯାଏ । କିନ୍ତୁ ମନୁଷ୍ୟରେ ଅହିଂସକ ହୋଇଥିବ ତେବେ ମଧ୍ୟ ହିଂସକ ଘରେ ଜନ୍ମ ନିଏ । ପରେ ତା'ର ପୁଣିଥରେ ହିଂସକର ସଂସ୍କାର ପଡ଼େ । ତାହା ମଧ୍ୟ ଋଣାନୁବନ୍ଧ ଅଟେ ନା! ହିସାବ ଅଟେ ନା! ରାଗ୍-ଦ୍ୱେଷ ହୁଏ, ତାହା ହିଁ ଋଣାନୁବନ୍ଧ । ଯାହା ସହିତ ରାଗ୍ ହେଲା ସେଠାରେ (କର୍ମ) ବାନ୍ଧିହେଲା । ତା' ଉପରେ ଯଦି ଦ୍ୱେଷ କରେ ତେବେ ମଧ୍ୟ (କର୍ମ) ବାନ୍ଧି ହୁଏ । ଯଦି ଦ୍ୱେଷ କରେ ଯେ ଇଏ ଅଯୋଗ୍ୟ ଅଟେ, ବଦମାଶ ଅଟେ, ଏପରି ଅଟେ, ସେପରି ଅଟେ, ତେବେ ସେଠାରେ ହିଁ ଜନ୍ମ ହୁଏ ।

## ଅହିଂସକକୁ କିଛି ଛୁଏଁ ନାହିଁ

**ପ୍ରଶ୍ନକର୍ତ୍ତା :** ଏହି କୁକୁର କାମୁଡ଼େ ସେଥିରେ କେଉଁ ଋଣାନୁବନ୍ଧ ଥାଏ ?

**ଦାଦାଶ୍ରୀ :** ଋଣାନୁବନ୍ଧ ବିନା ତ ଏକ ସୋରିଷ ଦାନା ତୁମ ମୁହଁକୁ ଯାଏ ନାହିଁ, ବାହାରେ ପଡ଼ିଯାଏ ।

**ପ୍ରଶ୍ନକର୍ତ୍ତା :** ଯଦି କୁକୁର ଆମକୁ କାମୁଡ଼େ ତେବେ କ'ଣ ଆମେ ତା' ସହ କର୍ମ ବାନ୍ଧି ଥିବୁ ?

**ଦାଦାଶ୍ରୀ :** ନା, ଏପରି ତା'ସହ କର୍ମ ବନ୍ଧା ହୋଇ ନଥାଏ । କିନ୍ତୁ ଏହା ତ ଆମର ଏଠି ମନୁଷ୍ୟ ହୋଇ ମଧ୍ୟ କଣ କାମୁଡ଼ୁ ନାହାନ୍ତି ? ଏପରି ମଧ୍ୟ ଲୋକ କୁହନ୍ତି ନା, ଯେ ମୁର୍ଖ ଇଏ ମୋତେ କାମୁଡ଼ିବାକୁ ଦୌଡ଼ିଛି ! ଜଣେ ବ୍ୟକ୍ତି ତ ମୋତେ କୁହେ ଯେ ମୋ ସ୍ତ୍ରୀ ତ ନାଗୁଣୀ ହିଁ ଦେଖି ନିଅ ! ରାତିରେ କାମୁଡୁଛି । ଏବେ ସେ ବାସ୍ତବରେ କାମୁଡ଼େ ନାହିଁ । କିନ୍ତୁ ଏପରି କିଛି କୁହେ, ଯାହା ଆମକୁ କାମୁଡ଼ିବା ପରି ଲାଗେ । ଏବେ ଏପରି ଯାହା କହିଲା ନା, ତାହାର ଫଳସ୍ୱରୂପ ଏ କୁକୁର କାମୁଡ଼ନ୍ତି, ଅନ୍ୟ କେହି କାମୁଡ଼ି ପକାନ୍ତି । ପ୍ରକୃତିର ଘରେ ସବୁ ସାଧନ ପ୍ରସ୍ତୁତ ଥାଏ, ସବୁ ଜାଗାରେ ବମ୍ବାର୍ଡ଼ିଙ୍ଗ(Bombarding) କରିବା ପାଇଁ । ତୁମେ ଯେଉଁ କର୍ମ ବାନ୍ଧିଛ, ସେହି କର୍ମ ପରିଶୋଧ କରିବା ପାଇଁ ତା' ପାଖରେ ସବୁ ସାଧନ ପ୍ରସ୍ତୁତ ଅଛି ।

ଏଣୁ ଯଦି ତୁମକୁ ଏହି ଜଗତରୁ , ଦୁଃଖରୁ ମୁକ୍ତ ହେବାର ଅଛି ତେବେ ତୁମକୁ ଯଦି କେହି ଦୁଃଖ ଦିଏ ତେବେ ମଧ୍ୟ ତୁମେ ପ୍ରତିବଦଳରେ ଦୁଃଖ ଦେବା ଉଚିତ୍ ନୁହେଁ । ନହେଲେ ସାମାନ୍ୟ ଦୁଃଖ ବି ଯଦି ଦେବ ତେବେ ଆସନ୍ତା ଜନ୍ମରେ ସେ ସାପୁଣୀ ହୋଇ କାମୁଡ଼ିବ, ସବୁ ହଜାର ପ୍ରକାରରେ ବୈର(ଶତ୍ରୁତା) ଅସୁଲ କରିବା ବିନା ରହିବ ନାହିଁ । ଏହି ଦୁନିଆରେ ଟିକିଏ ବି ବୈର ବଢ଼ାଇବା ପରି ନୁହେଁ । ପୁଣି ଏ ଦୁଃଖ ଆସୁଛି ତାହା ଏ ସବୁ ଉପାଧି(ଅନ୍ୟକୁ ଅସୁବିଧା) କଲେ, କାହାକୁ ଦୁଃଖ ଦେଲେ, ତାହାର ହିଁ ଦୁଃଖ ଆସୁଛି ନା ! ନହେଲେ ତ ଦୁଃଖ ହିଁ ନାହିଁ ଦୁନିଆରେ ।

**ପ୍ରଶ୍ନକର୍ତ୍ତା :** ଅର୍ଥାତ୍ ଏହି ଜୀବନ ତ ଏକ ଶାଶ୍ୱତ ସଂଘର୍ଷ ହିଁ ଅଟେ ।

**ଦାଦାଶ୍ରୀ :** ହଁ, କିନ୍ତୁ ଯଦି ତୁମେ ଅହିଂସକ ବାତାବରଣ ରଖିବ ତେବେ ସାପ ବି ତୁମକୁ କାମୁଡ଼ିବ ନାହିଁ । ସାମନାବାଲା ତୁମ ଉପରେ ଯଦି ସାପ ବି ପକାଇବ ତେବେ ମଧ୍ୟ ସେ କାମୁଡ଼ିବ ନାହିଁ, ଦୌଡ଼ି ପଳାଇବ ବିଚରା ! ବାଘ ବି ତୁମ ନାମ ନେବ ନାହିଁ । ଏହି ଅହିଂସାର ଏତେ ଅଧିକ ବଳ ଅଛି ଯେ ସେ କଥା ପଚାର ନାହିଁ । ଅହିଂସା ପରି କୌଣସି ବଳ ନାହିଁ ଆଉ ହିଂସା ପରି ନିର୍ବଳତା ନାହିଁ । ଏହା ତ ସବୁ ହିଂସା ପାଇଁ ଦୁଃଖ ଅଛି, ନିରୋଳା ହିଂସାରୁ ହିଁ ଦୁଃଖ ଅଛି ।

ବାକି, ଏହି ଦୁନିଆରେ ଏପରି କିଛି ନାହିଁ ଯାହା ତୁମକୁ କାମୁଡ଼ି ପାରିବ । ଆଉ ଯଦି କାମୁଡ଼ି ପାରୁଛି, ତାହା ହିଁ ତୁମର ହିସାବ । ଏଣୁ ହିସାବ ସୁଝିଦିଅ । ଆଉ କେହି

କାମୁଡ଼ି ଦେଇ ଗଲା ପରେ ତୁମେ ମନରେ ଯେଉଁ ଭାବ କରୁଛ ଯେ 'ଏହି କୁକୁରକୁ ତ ମାରି ହିଁ ଦେବା ଉଚିତ୍, ଏମିତି କରିବା ଉଚିତ, ସେମିତି କରିବା ଉଚିତ୍ ।' ତେବେ ତାହା ପୁଣି ନୂଆ ହିସାବ ଆରମ୍ଭ କଲ । ପଛେ କିଭଳି ବି ପରିସ୍ଥିତିରେ ସମତା ରଖି ସମାଧାନ ଆଣ, ଭିତରେ ସାମାନ୍ୟ ବି ବିଷମ ହୁଅ ନାହିଁ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ସେହି ଅବସ୍ଥାରେ ତ ଜାଗୃତି-ସମତା ରହୁ ନାହିଁ ।

**ଦାଦାଶ୍ରୀ :** ଏହି ସଂସାର ପାରି କରିବା ଅତ୍ୟନ୍ତ ଦୁଷ୍କର, ସେଥିପାଇଁ ଏହି ଅକ୍ରମ ବିଜ୍ଞାନ ଦେଉଛି ।

## ଦୋଷୀ, କଂସେଇ ନା ଖାଇବାବାଲା ?

**ପ୍ରଶ୍ନକର୍ତ୍ତା :** ଜଣେ କଂସେଇ ହୋଇଥିବ, ସେ 'ଦାଦା'ଙ୍କ ପାଖରୁ ଜ୍ଞାନ ନେବାକୁ ଆସିଲା । 'ଦାଦା' ଜ୍ଞାନ ଦେଲେ । ତା'ର ବ୍ୟାପାର ଚାଲୁ ହିଁ ଅଛି ଏବଂ ଚାଲୁ ହିଁ ରଖିବାର ଅଛି, ତେବେ ତା'ର କି ଦଶା ହେବ ?

**ଦାଦାଶ୍ରୀ :** କିନ୍ତୁ କଂସେଇର ଦଶା କ'ଣ ଖରାପ ? କଂସେଇ କି ଦୋଷ କରିଛି ? କଂସେଇକୁ ତୁମେ ପଚାରିକି ତ ଦେଖ ଯେ, 'ଭାଇ ତୁ କାହିଁକି ଏପରି କାମ କରୁଛୁ ?' ତେବେ ସେ କହିବ ଯେ, 'ଭାଇ, ମୋ ବାପା-ଜେଜେ କରୁଥିଲେ, ସେଥିପାଇଁ ମୁଁ କରୁଛି । ମୋ ପେଟ ପାଇଁ, ମୋ ଛୁଆ ପିଲାଙ୍କ ଭରଣପୋଷଣ ପାଇଁ କରୁଛି ।' ଆମେ ପଚାରିବା, 'କିନ୍ତୁ ତୋତେ କଣ ଏହାର ସଉକ ଅଛି ?' ତେବେ ସେ କୁହେ, 'ନା, ମୋତେ ସଉକ ନାହିଁ ।'

ଅର୍ଥାତ୍ ଏହି କଂସେଇ ଅପେକ୍ଷା ତ ମାଂସାହାର ଖାଇବାବାଲାକୁ ଅଧିକ ପାପ ଲାଗେ । କଂସେଇ ପାଇଁ ତ ତାହା ତା'ର ବ୍ୟବସାୟ ଅଟେ ବିଚରାର । ତା'କୁ ମୁଁ ଜ୍ଞାନ ଦିଏ । ଏଠି ମୋ ପାଖକୁ ଯଦି ଆସିଥିବ ତେବେ ମୁଁ ଜ୍ଞାନ ଦିଏ । ସେ ଜ୍ଞାନ ନେଇ ଯାଏ ତେବେ ମଧ୍ୟ କୌଣସି ଅସୁବିଧା ନାହିଁ । ଭଗବାନଙ୍କ ପାଖରେ ଏହାର ଅସୁବିଧା ନାହିଁ ।

## ପାରା, ଶୁଦ୍ଧ ଶାକାହାରୀ

ଆମର ପାରା ଭାଡ଼ି, ଏଠି ହିନ୍ଦୁସ୍ଥାନରେ ଥାଏ କିନ୍ତୁ କୁଆ ଭାଡ଼ି ରଖିଲେ ନାହିଁ ? କାହିଁକି ଶୁଆ ଭାଡ଼ି, ଘରଚଟିଆ ଭାଡ଼ି ଏପରି ରଖନ୍ତି ନାହିଁ ଆଉ ପାରା ଭାଡ଼ି ହିଁ ରଖନ୍ତି ? କିଛି କାରଣ ତ ଥିବ ନା ? କାରଣ ଏହି ପାରା ହିଁ ଏକୁଟିଆ ସମ୍ପୂର୍ଣ୍ଣ ଭେଜିଟେରିୟନ୍

ଅଟେ, ନନ୍‌ଭେଜକୁ ସିଏ ଛୁଏଁ ହିଁ ନାହିଁ । ତେବେ ଆମ ଲୋକେ ବିଚାର କଲେ ଯେ ବର୍ଷାଦିନରେ ଏ ବିଚରା କ'ଣ ଖାଇବ ? ସେଥିପାଇଁ ନିଜ ଘରେ ପାରା ଭାଡ଼ି ତିଆରି କଲେ ଏବଂ ସେଠି ପୁଣି ଦାନା ପକାଇ ଆସନ୍ତି । ଏବେ ଭିତରେ ସଢ଼ି ଯାଇଥିବା ଦାନା ଯଦି ଥିବ ତେବେ ସେ ଛୁଏଁ ନାହିଁ । ତାହା ଭିତରେ ପୋକ ଥାଆନ୍ତି ସେଥିପାଇଁ ଛୁଏଁ ନାହିଁ । ସମ୍ପୂର୍ଣ୍ଣ ଅହିଂସକ ! ଏହି ମନୁଷ୍ୟ ବାଉଣ୍ଡ୍ରି ଛାଡ଼ିଦେଲେ (ସୀମା ଭୁଲିଗଲେ) କିନ୍ତୁ ଏହି ପାରା ବାଉଣ୍ଡ୍ରି ଛାଡ଼ନ୍ତି ନାହିଁ । ପାରା ମଧ୍ୟ ପ୍ୟୋର ଭେଜିଟେରିୟନ ଅଟେ । ଏଣୁ ସନ୍ଧାନ କଲି ଯେ ତା'ର ବ୍ଲଡ଼ କିପରି ? ବହୁତ ଗରମ । ସବୁଠୁ ଅଧିକ ଗରମ ବ୍ଲଡ଼ ତା'ର ଅଟେ ଆଉ ତା'ପାଖରେ ବୁଝିବାର କ୍ଷମତା ବହୁତ ଥାଏ । କାହିଁକିନା ସେ ଭେଜିଟେରିୟନ, ପ୍ୟୋର ଭେଜିଟେରିୟନ ଅଟେ ।

ଅର୍ଥାତ୍ ମନୁଷ୍ୟ ହିଁ କେବଳ ଫଳାହାରୀ ଅଟେ ଏପରି ନୁହେଁ । କିନ୍ତୁ ଆମ ଗାଇ-ମଇଁଷି, ଗଧ ସବୁ ଫଳାହାରୀ (ଶାକାହାରୀ) ଅଟନ୍ତି । ତାହା କ'ଣ ଯାହା-ତାହା କଥା ? ଏ ଗଧ ବହୁତ ଭୋକିଲା ହୋଇଥିବ ଆଉ ମାଂସାହାର ଦେବା ତେବେ ଛୁଇଁବ ନାହିଁ । ସେଥିପାଇଁ ଆମକୁ ଅହଂକାର ବି କରିବା ପରି ନୁହେଁ ଯେ, 'ଭାଇ, ଆମେ ପ୍ୟୋର ଭେଜିଟେରିୟନ୍ ।' ଆରେ 'ନା, ପ୍ୟୋର ଭେଜିଟେରିୟନ୍ ତ ଏ ଗାଇ-ମଇଁଷି ଅଟନ୍ତି, ସେଥିରେ ତୁ ଅଲଗା କ'ଣ କଲୁ ? ଏ ପ୍ୟୋରବାଲା ତ କେଉଁ ଦିନ ଅଣ୍ଡା ବି ଖାଇ ଆସନ୍ତି । ଯେବେ କି ସେମାନେ ତ କେବେ ବି ନୁହେଁ । 'ଆମେ ପ୍ୟୋର, ପ୍ୟୋର, ପ୍ୟୋର' କରିବା ଠିକ୍ ନୁହେଁ ଆଉ ଯେଉଁମାନେ କରୁଛନ୍ତି ସେମାନଙ୍କ ନିନ୍ଦା କରିବା ଠିକ୍ ନୁହେଁ ।

## ଅଣ୍ଡା ଖାଇ ହେବ ?

**ପ୍ରଶ୍ନକର୍ତ୍ତା :** କିଛି ଲୋକ ତ ଏପରି ଯୁକ୍ତି କରନ୍ତି ଯେ ଅଣ୍ଡା ଦୁଇ ପ୍ରକାରର ଥାଏ, ଗୋଟିଏ ଜୀବନବାଲା ଆଉ ଅନ୍ୟଟି ନିର୍ଜୀବ । ତେବେ ତାହା ଖାଇ ହେବ ନା ନାହିଁ ?

**ଦାଦାଶ୍ରୀ :** ଫରେନ୍‌ରେ ସେ ଲୋକେ ଯୁକ୍ତି କରୁଥିଲେ ଯେ ଅହିଂସକ ଅଣ୍ଡା ଅଛି ! ତେବେ ମୁଁ କହିଲି, ଏହି ଜଗତରେ ଜୀବ ବିନା କିଛି ଖାଇ ହେବ ହିଁ ନାହିଁ । ନିର୍ଜିବ ଜିନିଷ ଅଛି ନା, ତାହା ଖାଇ ହେବ ହିଁ ନାହିଁ । ଅଣ୍ଡାରେ ଯଦି ଜୀବ ନଥିବ ତେବେ ଅଣ୍ଡା ଖାଇ ହେବ ନାହିଁ, ତାହା ଜଡ଼ ବସ୍ତୁ ହୋଇଗଲା । କାରଣ ଯଦି ଜୀବ

ନଥିବ, ତେବେ ତାହା ଜଡ଼ ବସ୍ତୁ ହୋଇଗଲା । ଆମକୁ ଯଦି ଜୀବବାଲାକୁ ଖାଇବାର ଥିବ ନା ତେବେ ତା'କୁ ଏପରି କାଟି ଏବଂ ଦୁଇ-ତିନି ଦିନ ପର୍ଯ୍ୟନ୍ତ ଯେପର୍ଯ୍ୟନ୍ତ ବିଗିଡ଼ି ନଥିବ ସେପର୍ଯ୍ୟନ୍ତ ହିଁ ଖାଇ ହେବ । ଏହି ପନି-ପରିବା ମଧ୍ୟ ତୋଳିବା ପରେ କିଛି ଟାଇମ୍(Time) ପର୍ଯ୍ୟନ୍ତ ହିଁ ଖାଇ ହେବ । ପରେ ତାହା ନଷ୍ଟ ହୋଇଯାଏ । ଅର୍ଥାତ୍ ଜୀବନ୍ତ ଜିନିଷକୁ ଖାଇହେବ । ଏଣୁ ଅଣ୍ଡା ଯଦି ନିର୍ଜୀବ ହୋଇଥିବ ତେବେ ଖାଇ ହେବ ନାହିଁ, ସଜୀବ ହୋଇଥିବ ତେବେ ଯାଇ ଖାଇହେବ । ଏଣୁ ଏ ଲୋକେ ଯଦି ଅଣ୍ଡାକୁ ସଜୀବ କହୁନଥିବେ ତେବେ ସେ କଥା ସବୁ humbug (ମିଥ୍ୟା) ଅଟେ । ତେବେ କ'ଣ ପାଇଁ ଲୋକଙ୍କୁ ଏପରି ଫସାଉଛ ?

ସେହି ଅଣ୍ଡାବାଲା ଏହି ଜଗତରେ ଅନ୍ୟ ପ୍ରକାରର ଅଣ୍ଡାକୁ କେଉଁ ରୂପରେ ରଖିଛନ୍ତି ତାହା ହିଁ ଆଶ୍ଚର୍ଯ୍ୟ । ଅଲଗା ପ୍ରକାରର ଅଣ୍ଡାବାଲାଙ୍କୁ ପଚାରିଲି ଯେ ଏହି ଅଲଗା ପ୍ରକାର ଜୀବ ନିର୍ଜୀବ ଅଟେ ନା ସଜୀବ, ତାହା ମୋତେ କୁହ । ନିର୍ଜୀବ ହୋଇଥିଲେ ଖାଇହେବ ନାହିଁ । ସାରା ଦୁନିଆକୁ ମୁର୍ଖ ବନାଇଲ, ତେବେ ତୁମେ କିଭଳି ଲୋକ ? ଯଦି ଜୀବ ହୋଇ ନଥିବ ତାହା ଖାଇ ହେବ ନାହିଁ ଆମଦ୍ୱାରା, ତାହା ଅଖାଦ୍ୟରେ ଗଣାଯାଏ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏହି ଭେଜିଟେରିୟନ ଅଣ୍ଡାରୁ ଛୁଆ ହୁଏ ନାହିଁ ।

**ଦାଦାଶ୍ରୀ :** ସେଥିରୁ ଛୁଆ ହୁଏ ନାହିଁ, ତାହା ଡ଼ିଫରେଣ୍ଟ ମ୍ୟାଟର । କିନ୍ତୁ ଏହା ଜୀବନ୍ତ ଅଟେ ।

ମାନେ ଏମିତି ସବୁ (ଭୁଲ ଧାରଣା) ପୁରେଇ ଦେଇଛନ୍ତି, ତେବେ ଏହି ଜୈନଙ୍କ ପିଲାମାନଙ୍କୁ କେତେ ଅସୁବିଧା ! ତାହାକୁ ନେଇ ତ ସବୁ ପିଲାମାନେ ମୋ ସହ ଯୁକ୍ତି କରିଥିଲେ । ପୁଣି ମୁଁ ସେମାନଙ୍କୁ ବୁଝାଇଲି ଯେ 'ଭାଇ, ଏପରି ଟିକିଏ ବିଚାର ତ କର । ନିର୍ଜୀବ ହୋଇଥିବ ତେବେ ଅସୁବିଧା ହିଁ ନାହିଁ, କିନ୍ତୁ ନିର୍ଜୀବ ତ ଖାଇ ହେବ ହିଁ ନାହିଁ ।' ପୁଣି ମୁଁ କହିଲି, 'ନହେଲେ ପୁଣି ବହୁତ ଯଦି ଚାଲାକି ଦେଖାଇବ ତେବେ ତୁମେ କୌଣସି ଶସ୍ୟ ଖାଇ ପାରିବ ନାହିଁ । ତୁମେ ନିର୍ଜୀବ ଜିନିଷ ଖାଅ ।' ତେବେ ନିର୍ଜୀବ ଜିନିଷ ତ ଏହି ଶରୀରର କାମରେ ଲାଗେ ନାହିଁ, ସେଥିରେ ଭିଟାମିନ ନଥାଏ । ନିର୍ଜୀବ ଜିନିଷ ଯାହା ଅଛି ତାହା ଶରୀରର ଭୋକ ପୁରଣ କରେ ନିଶ୍ଚିତ, କିନ୍ତୁ ସେଥିରେ ଭିଟାମିନ ନଥାଏ । ଏଣୁ ଶରୀର ଜୀବନ୍ତ ରହେ ନାହିଁ । ଆବଶ୍ୟକ ଭିଟାମିନ୍ ମିଳେ ନାହିଁ ନା ! ଏଣୁ ନିର୍ଜୀବ ଜିନିଷ ତ ଚଳେ ହିଁ ନାହିଁ । ତା' ପରେ ସେ ପିଲାମାନେ ସ୍ୱୀକାର କଲେ ଯେ ଆଜିଠୁ ସେ ଅଣ୍ଡା ଆମେ ଖାଇବୁ ନାହିଁ । ଯଦି ବୁଝାଇବା ତେବେ ଲୋକେ

ବୁଝିବା ପାଇଁ ପ୍ରସ୍ତୁତ ଅଛନ୍ତି ନହେଲେ ଏମାନେ ତ ଏମିତି ମୁଣ୍ଡରେ ପୁରେଇ ଦିଅନ୍ତି ଯେ ବୁଦ୍ଧି ବଦଳି ଯାଏ ।

ଏସବୁ ଗହମ,ଚାଉଳ ଏବଂ ଅନ୍ୟସବୁ ଖାଆନ୍ତି, ଏତେ ବଡ଼-ବଡ଼ ଲାଉ ଖାଇଯାନ୍ତି, ସେସବୁ ଜୀବ ହିଁ ଅଟନ୍ତି ନା ! କଣ ଜୀବ ନୁହେଁ ? କିନ୍ତୁ ଭଗବାନ ଖାଇବାର ବାଉଣ୍ଡ୍ରି ଦେଇଛନ୍ତି ଯେ ଏହି ଜୀବମାନଙ୍କୁ ଖାଇବ । କିନ୍ତୁ ଯେଉଁ ଜୀବ ତୁମଦ୍ୱାରା *ତ୍ରାସ୍(ଭୟ)* ପାଉଥିବ ସେମାନଙ୍କୁ ମାର ନାହିଁ, ସେମାନଙ୍କୁ ଖାଅ ନାହିଁ, ସେମାନଙ୍କୁ କିଛି ବି କର ନାହିଁ ।

**ପ୍ରଶ୍ନକର୍ତ୍ତା :** ଏହି ଅଣ୍ଡା, ସେମାନେ *ତ୍ରାସ୍* ପାଆନ୍ତି ନାହିଁ, ତେବେ ସେମାନଙ୍କୁ ଖାଇବା ଭଲ କି ନୁହେଁ ?

**ଦାଦାଶ୍ରୀ :** ଅଣ୍ଡା *ତ୍ରାସ୍* ପାଏ ନାହିଁ କିନ୍ତୁ ଅଣ୍ଡାରେ ଯେଉଁ ଜୀବ ଅଛି ନା, ସେ ଅଚେତ୍ ଅବସ୍ଥାରେ ଅଛି । କିନ୍ତୁ ତାହା ଯେତେବେଳେ ଫୁଟେ ସେତେବେଳେ ଆମକୁ ଜଣା ପଡ଼େ ନା ନାହିଁ ?

**ପ୍ରଶ୍ନକର୍ତ୍ତା :** ତୁରନ୍ତ ଜଣା ପଡ଼େ । କିନ୍ତୁ ଅଣ୍ଡା ଆଗ-ପଛ ତ ହୁଏ ନାହିଁ ନା ! ତେବେ ?

**ଦାଦାଶ୍ରୀ :** ସେ ତ ହୁଏ ନାହିଁ । କାହିଁକି ନା ଅଚେତ୍ ଅବସ୍ଥାରେ ଅଛି । ସେଥିପାଇଁ ହୁଏ ନାହିଁ । ତାହା ତ ମନୁଷ୍ୟଙ୍କର ବି ଗର୍ଭ ଯଦି ଚାରି-ପାଞ୍ଚ ମାସର ହୋଇଥିବ, ତାହା ଅଣ୍ଡା ପରି ହିଁ ହୋଇଥାଏ । ସେଥିପାଇଁ କେହି ତାକୁ ମାରନ୍ତି ନାହିଁ । ସେଥିରୁ ଫୁଟିକି ବାହାରେ ତେବେ କ'ଣ ହୁଏ, ତାହା ଆମେ ମନୁଷ୍ୟ ବୁଝି ପାରୁଛେ ।

## କ୍ଷୀର ପିଇ ହେବ ?

**ପ୍ରଶ୍ନକର୍ତ୍ତା :** ଯେପରି ଭେଜିଟେରିୟନ ଅଣ୍ଡା ଖାଇ ହେବ ନାହିଁ, ସେହିପରି ଗାଇର କ୍ଷୀର ମଧ୍ୟ ପିଇ ହେବ ନାହିଁ ।

**ଦାଦାଶ୍ରୀ :** ଅଣ୍ଡା ଖାଇ ହେବ ନାହିଁ, କିନ୍ତୁ ଗାଇର କ୍ଷୀର ଭଲ ଭାବରେ ପିଇ ହେବ । ଗାଇ କ୍ଷୀରର ଦହି ଖାଇ ହେବ, କିଛି ଲୋକଙ୍କ ଦ୍ୱାରା ଲହୁଣୀ ବି ଖାଇ ହେବ । ଖାଇ ହେବ ନାହିଁ ଏପରି କିଛି ନାହିଁ ।

ଭଗବାନ କାହିଁକି ଲହୁଣୀ ନ ଖାଇବା ପାଇଁ କହିଥିଲେ ? ତାହା ଅଲଗା ଜିନିଷ

ଅଟେ । ତାହା ମଧ୍ୟ କିଛି ଲୋକଙ୍କ ପାଇଁ ମନା କରିଛନ୍ତି । ଗାଈ କ୍ଷୀରରେ *ଦୁଧ୍‌ପାକ୍* (ଚୂଡ଼ା ଆଉ କ୍ଷୀରରେ ହୋଇଥିବା ଖାଦ୍ୟ) ତିଆରି କରି ଖାଇବ ଆରାମରେ । ତାହାର ଯଦି *ବାସୁନ୍ଦୀ* (କ୍ଷୀର ଆଉ ଡ୍ରାଇ ଫ୍ରୁଟ୍‌ରେ ହୋଇଥିବା ଖାଦ୍ୟ) ତିଆରି କରିବ, ତେବେ ମଧ୍ୟ ଅସୁବିଧା ନାହିଁ । କୌଣସି ଶାସ୍ତ୍ର ଯଦି ଆପତ୍ତି ଉଠାଇ ଥିବ ତେବେ ମୁଁ ତୁମକୁ କହିବି ଯେ ମୁଁ ଆପତ୍ତି ଉଠାଇ ନାହିଁ ଯାଅ, ସେ ଶାସ୍ତ୍ର ଭୁଲ ଅଟେ । ତଥାପି ଏପରି କୁହନ୍ତି ଯେ ବେଶି ଖାଇଲେ ଅସହଜ ଅନୁଭବ ହେବ । ତାହା ତୁମକୁ ଦେଖିବାର ଅଛି । ବାକି ଲିମିଟରେ ଖାଅ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ କ୍ଷୀର ତ ବାଛୁରୀ ପାଇଁ ପ୍ରକୃତି ଦେଇଛି । ଆମ ପାଇଁ ଦେଇ ନାହିଁ ।

**ଦାଦାଶ୍ରୀ :** ସେ କଥା ହିଁ ଭୁଲ ଅଟେ । ତାହା ତ ଜଙ୍ଗଲୀ ଗାଈ ଏବଂ ଜଙ୍ଗଲୀ ମଇଁଷି ଥିଲେ ନା, ତାଙ୍କ ବାଛୁରୀ ଯଦି ପିଏ ତେବେ ସବୁ କ୍ଷୀର ପିଇଯାଏ । ଆଉ ଆମର ଏଠି ତ ଆମ ଲୋକ ଗାଈକୁ ଖାଇବାକୁ ଦେଇ ପାଳନ୍ତି-ପୋଷନ୍ତି । ସେଥିପାଇଁ ବାଛୁରୀକୁ ବି କ୍ଷୀର ପିଆଇବାର ଅଛି ଏବଂ ଆମ ସମସ୍ତଙ୍କୁ ବି କ୍ଷୀର ପିଇବାର ଅଛି । ଏବଂ ତାହା ଆଦି ଅନାଦିରୁ ଏପରି ବ୍ୟବହାର ଚାଲୁଅଛି । ଆଉ ଗାଈକୁ ଅଧିକ ପୋଷଣ ଦେବା, ତେବେ ଗାଈ ତ ପନ୍ଦର-ପନ୍ଦର ଲିଟର କ୍ଷୀର ଦିଏ । କାରଣ ତା'ଙ୍କୁ ଯେତେ ଭଲ ଖୁଆଇବା-ପିଆଇବା, ସେତେ ଅଧିକ ତା'ର କ୍ଷୀର ହୁଏ, ନର୍ମାଲ ଠାରୁ ବହୁତ ଅଧିକ । ଏହିପରି ନେବା ଉଚିତ ଯେପରି ବାଛୁରୀକୁ ଭୋକିଲା ମାରିବ ନାହିଁ ।

ଚକ୍ରବର୍ତ୍ତୀ ରାଜା ତ ହଜାର-ହଜାର, ଦୁଇ-ଦୁଇ ହଜାର ଗାଈ ରଖୁଥିଲେ । ତାହାକୁ ଗୋଶାଳା କହୁଥିଲେ । ଚକ୍ରବର୍ତ୍ତୀ ରାଜା କ୍ଷୀର କିପରି ପିଉଥିବେ ? ଯେ ଗୋଶାଳାରେ ଯଦି ହଜାରେ ଗାଈ ଥିବେ, ତେବେ ସେହି ହଜାର ଗାଈର କ୍ଷୀର ବାହାର କରୁଥିଲେ, ତାହା ଶହେ ଗାଈଙ୍କୁ ପିଆଇ ଦେଉଥିଲେ । ସେ ଶହେ ଗାଈଙ୍କ କ୍ଷୀର ବାହାର କରି ଦଶଟି ଗାଈଙ୍କୁ ପିଆଇ ଦେଉଥିଲେ । ସେ ଦଶଟି ଗାଈର କ୍ଷୀର ବାହାର କରିବେ ଏବଂ ତାହା ଗୋଟିଏ ଗାଈକୁ ପିଆଇ ଦେଉଥିଲେ ଏବଂ ତା' କ୍ଷୀର ଚକ୍ରବର୍ତ୍ତୀ ରାଜା ପିଉଥିଲେ ।

## ହିଂସ୍ର ପ୍ରାଣୀର ହିଂସାରେ ହିଂସା ?

**ପ୍ରଶ୍ନକର୍ତ୍ତା :** କୌଣସି ବି ପ୍ରାଣୀକୁ ମାରିବା ତାହା ହିଂସା ଅଟେ । କିନ୍ତୁ ହିଂସ୍ର

ପ୍ରାଣୀ ଯିଏ ଅନ୍ୟ ପ୍ରାଣୀ କିମ୍ବା ମନୁଷ୍ୟ ଉପରେ ହିଂସା କରିପାରେ ଅଥବା ଜୀବନ ନେଇପାରେ, ତେବେ ତା'ର ହିଂସା କରିବା ଉଚିତ୍ ନା ନାହିଁ ?

**ଦାଦାଶ୍ରୀ :** କାହାରି ହିଂସା କରିବାର ନାହିଁ ଏପରି ଭାବ ରଖିବ । ଆଉ ଯଦି ତୁମେ ସାପକୁ ମାରିବ ନାହିଁ ତେବେ ଅନ୍ୟ କେହି ମାରିବାବାଲା ମିଳିଯିବେ । ଏଣୁ ତୁମଠାରେ ଯଦି ସାପ ମାରିବାର ଶକ୍ତି ନଥିବ, ତେବେ ଏଠି ତ ମାରିବାବାଲା ବହୁତ ଅଛନ୍ତି, ଅପାର ଅଛନ୍ତି ଆଉ ମାରିବାବାଲା ଅନ୍ୟ ଜାତି ବି ବହୁତ ଅଛନ୍ତି । ଏଣୁ ତୁମେ ନିଜେ ନିଜେ ତୁମର ସ୍ୱଭାବ ବିଗାଡ଼ ନାହିଁ । ସେଥିପାଇଁ ହିଂସା କରିବାରେ ଫାଇଦା ନାହିଁ । ହିଂସା ନିଜକୁ ହିଁ କ୍ଷତି ପହଞ୍ଚାଏ ।

## ଜୀବ ଜୀବସ୍ୟ ଭୋଜନମ୍

**ପ୍ରଶ୍ନକର୍ତ୍ତା :** ମନୁଷ୍ୟ ବୁଦ୍ଧିଜୀବୀ ପ୍ରାଣୀ ଅଟେ ଏଣୁ ସେ ପଶୁ ହିଂସା କରିବା ଉଚିତ୍ ନୁହେଁ । କିନ୍ତୁ ଗୋଟିଏ ପ୍ରାଣୀ ଅନ୍ୟ ପ୍ରାଣୀକୁ ଖାଇ ବଞ୍ଚି ପାରୁଥିବ ତେବେ ସେହି ମନୁଷ୍ୟ ଏବଂ ପ୍ରାଣୀ ମଧ୍ୟରେ ବୁଦ୍ଧିର ତଫାତ୍ କାରଣରୁ ଏପରି ଭେଦଭାବ ଅଛି କି ? ପ୍ରାଣୀ ଏବଂ ପ୍ରାଣୀଙ୍କ ମଧ୍ୟରେ ହେଉଥିବା ହିଂସାର କ'ଣ ହୁଏ ?

**ଦାଦାଶ୍ରୀ :** ପ୍ରାଣୀ ଏବଂ ପ୍ରାଣୀଙ୍କ ମଧ୍ୟରେ ହେଉଥିବା ହିଂସାରେ ୟୁ ଆର୍ ନଟ୍ ରେସ୍ପନ୍ସିବଲ୍ ଆଟ୍ ଅଲ୍ (You are not resposible at all) । କାହିଁକି ନା ଏହି ସମୁଦ୍ର ଭିତରେ କୌଣସି କ୍ଷେତ ନଥାଏ ଅଥବା କଣ୍ଟ୍ରୋଲର ଶସ୍ୟ ଦୋକାନ ନଥାଏ । ଏଣୁ ସେଠି ତ ହିଂସା ଚାଲି ହିଁ ଥାଏ । ମୁହଁ ଖୋଲି ପ୍ରତ୍ୟେକ ବଡ଼ ମାଛ ମାନେ ବସିଥାନ୍ତି । ସେତେବେଳେ ଛୋଟ ମାଛମାନେ ତା' ପେଟ ଭିତରେ ହିଁ ପଶିଯାନ୍ତି । ଅଛି କିଛି ଅସୁବିଧା ? ପୁଣି ମୁଁହ ବନ୍ଦ କରିଦିଏ ତେବେ ସବୁ ଶେଷ ! କିନ୍ତୁ ତୁମେ ସେଥିପାଇଁ ଉତ୍ତରଦାୟୀ ନୁହଁ । ମାନେ ତାହା ତ ଦୁନିଆର ନିୟମ ହିଁ ଅଟେ । ଆମେ ମନା କରିଲେ ବି ସେମାନେ ସବୁ ଛେଳି ଖାଇଯାନ୍ତି । ବଡ଼ ଜୀବ ଛୋଟ ଜୀବଙ୍କୁ ଖାଆନ୍ତି, ଛୋଟ ତା'ଠାରୁ ଛୋଟଙ୍କୁ ଖାଉଥାଏ, ସେ ଛୋଟ ପୁଣି ତା ଠାରୁ ଛୋଟଙ୍କୁ ଖାଉଥାଏ । ଏପରି କରିକରି ସାରା ସମୁଦ୍ରର ପୁରା ଜଗତ ଚାଲୁଅଛି । ଯେପର୍ଯ୍ୟନ୍ତ ମନୁଷ୍ୟ ଜନ୍ମରେ ବିବେକ ନ ଆସେ ସେପର୍ଯ୍ୟନ୍ତ ସବୁ ଛାଡ଼ । ଏବେ ସେଠି କେହି ବଞ୍ଚାଇବା ପାଇଁ ଯାଏ ନାହିଁ ଆଉ ଆମର ଏଠି ଲୋକେ ବଞ୍ଚାଇବା ପାଇଁ ଯାଆନ୍ତି ।

## ସମ୍ପୂର୍ଣ୍ଣ ଅହିଂସକକୁ ନାହିଁ କୌଣସି ଆଞ୍ଚ

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏ ଗୁଳି ଚଳାଉଛନ୍ତି ଅହିଂସକ ଲୋକଙ୍କ ଉପରେ ।

**ଦାଦାଶ୍ରୀ :** ଅହିଂସକ ଲୋକଙ୍କ ଉପରେ ଗୁଳି ବାଜେ ନାହିଁ । ଏପରି ଯଦି କାହାକୁ କରିବାର ଥିବ ତଥାପି ହୁଏ ନାହିଁ । ଯିଏ ଅହିଂସକ ଅଟେ, ତା'କୁ ଯଦି ଶହେ ଦିଗରୁ ଗୁଳି ନେଇ ଘେରି ନେବା, ତେବେ ମଧ୍ୟ ତା'କୁ ଗୁଳି ଛୁଇଁବ ନାହିଁ । ଏହା ତ ହିସଂକମାନଙ୍କୁ ହିଁ ଗୁଳି ବାଜେ । ପ୍ରତ୍ୟେକ ବସ୍ତୁର ନିଜର ସ୍ୱଭାବ ଅଛି ।

ଏବେ କେବଳ ଅହିଂସା ଯଦି କରିବା ନା ତେବେ ଏହି ସଂସାରରେ ଲୁଟିନେବେ । ଏକ କ୍ଷଣ ବି ଯଦି ଛାଡ଼ି ଦେବା ନା, ତେବେ ଏଠି ବସିବାକୁ ବି ଦେବେ ନାହିଁ । କାରଣ ଏକରେ ତ କଳିଯୁଗ ଅଟେ, ଲୋକଙ୍କ ମନ ବିଗିଡ଼ି ଯାଇଛି । ବିଭିନ୍ନ ପ୍ରକାରର ବ୍ୟସନୀ ହୋଇଗଲେଣି । ଏଣୁ କ'ଣ ନ କରିବେ ସେଠି ? ମାନେ ଏ ଗୁଳି ସବୁ ଗୋଟେ ପଟେ ରଖିଦେବା ତେବେ ଗୋଟେ ପଟେ ଅହିଂସା ରହି ପାରିବ, ନହେଲେ ଅହିଂସାର ପାଳନ ବାଧ୍ୟରେ କରାଇବାକୁ ପଡ଼ିବ ।

ଯଦିଓ ଏହି କାଳ ଏବେ ବଦଳୁ ଅଛି ! ଏବେ କାଳ ବଦଳୁ ଅଛି, ଏବଂ ବହୁତ ଭଲ କାଳ ଦେଖିବ ତୁମେ । ତୁମେ ସ୍ୱୟଂ ନିଜେ ଦେଖିବ ସବୁ ।

**ପ୍ରଶ୍ନକର୍ତ୍ତା :** ଜଣେ ସନ୍ଥ ଅହିଂସା ପାଳୁଥିଲେ ତଥାପି ତାଙ୍କର ହତ୍ୟା କାହିଁକି ହେଲା ? କାହିଁକିନା ଏବେ ଆପଣ କହିଲେ ଯେ ଅହିଂସକ ଉପରେ ଗୁଳି ବାଜେ ନାହିଁ ।

**ଦାଦାଶ୍ରୀ :** ଅହିଂସକ କାହାକୁ କୁହନ୍ତି ? ଯେ, କାହାର କୌଣସି ବି ଜିନିଷରେ ହାତ ମାରେ ନାହିଁ, ସେ ଅହିଂସକ । ଜଣକୁ କହିବ ଯେ ତା'କୁ ଅଧିକ ଦିଅ, କାରଣ ଦୀନ-ହୀନ ଅଟେ । ପଛେ ଦୀନ-ହୀନ ହେଉ, ତଥାପି ତା'କୁ ଅଧିକ ଦିଅ । ସେଥିପାଇଁ ଏପଟ ପକ୍ଷବାଲାଙ୍କୁ ଖରାପ ଲାଗେ । ସେଥିପାଇଁ ତା'କୁ କ୍ରୋଧ ଆସେ । ତାହା ହିଂସା କୁହାଯାଏ । ସେଥିରେ ପଡ଼ିବାର ହିଁ ନାହିଁ । ଏପରି ନ୍ୟାୟ ହିଁ କରିବା କଥା ନୁହେଁ । ଯିଏ ଅହିଂସକ ଅଟନ୍ତି ସେ ନ୍ୟାୟ କରନ୍ତି ହିଁ ନାହିଁ । ନ୍ୟାୟ କରନ୍ତି, ସେଠାରେ ହିଂସା ଅଛି ।

ବାକି, ତାହା ତ ଯଦି ତୁମେ ସଂପୂର୍ଣ୍ଣ ଅହିଂସା ପାଳିବ ତେବେ ତୁମ ଉପରକୁ କେହି ଗୁଳି ମାରି ପାରିବ ଏପରି ନୁହେଁ । ଏବେ ସଂପୂର୍ଣ୍ଣ ଅହିଂସା ମାନେ କ'ଣ ? ପକ୍ଷପାତୀର ଗୋଟିଏ ଶବ୍ଦ ବି ମୁହଁରେ କହିବ ନାହିଁ ଆଉ ଯଦି କହିବ ତେବେ ଅମୁକ ଶବ୍ଦ ହିଁ କହିବ । ଅଲଗା ଶବ୍ଦ କହିବା ଉଚିତ୍ ନୁହେଁ । କୌଣସି ଦୁଇ ଦଳ ମଧ୍ୟରେ

ପଡ଼ିବା ଉଚିତ୍ ନୁହେଁ । ଦୁଇ ଦଳ ମଧ୍ୟରେ ପଡ଼ିଲେ ଗୋଟିଏ ପ୍ରତି ହିଂସା ଅଳ୍ପ ବହୁତ ହୁଏ !

## ଜୀବଙ୍କ ବଳି

**ପ୍ରଶ୍ନକର୍ତ୍ତା :** କିଛି ମନ୍ଦିରରେ ଜୀବଙ୍କ ବଳି ଦିଆଯାଏ, ତାହା ପାପ ଅଟେ ନା ପୁଣ୍ୟ ?

**ଦାଦାଶ୍ରୀ :** ସେ ବଳି ଚଢ଼ାଇବା ବାଲାକୁ ଯଦି ଆମେ ପଚାରିବା ଯେ ତୁ କ'ଣ ମାନୁଛୁ ଏଥିରେ ? ତେବେ ସେ କୁହେ, 'ମୁଁ ପୁଣ୍ୟ କରୁଛି ।' ଛେଳିକୁ ଯଦି ପଚାରିବା ଯେ ତୁ କ'ଣ ମାନୁଛୁ ? ତେବେ ସେ କୁହେ, 'ଇଏ ହତ୍ୟାକାରୀ ଅଟେ ।' ସେ ଦେବତାଙ୍କୁ ଯଦି ପଚାରିବା ସେ କୁହନ୍ତି, 'ସେମାନେ ଦିଅନ୍ତି ତେବେ ମୁଁ ମନା କରିପାରିବି ନାହିଁ । ମୁଁ କିଛି ନିଏ ନାହିଁ । ଏମାନେ ଗୋଡ଼ରେ ଛୁଆଇଁ ନେଇଯାନ୍ତି ।' ଏଣୁ ପାପ-ପୁଣ୍ୟ କଥା ତ ଛାଡ଼ି ଦିଅ । ବାକି, ଏ ଯାହା କିଛି କରୁଛ, ତାହା ସବୁ ନିଜର ଉତ୍ତରଦାୟିତ୍ୱ ଅଟେ । ଏଣୁ ବୁଝି-ବିଚାରି କରିବ । ପୁଣି ପଛେ ଯାହା ଚଢ଼ାଅ, କିଏ ମନା କରୁଛି ତୁମକୁ ? କିନ୍ତୁ ଚଢ଼ାଇବା ସମୟରେ ଖିଆଲରେ ରଖିବ ଯେ ହୋଲ ଏଣ୍ଡ ସୋଲ୍ ରେସ୍ପନ୍ସିବିଲଟୀ ନିଜର ହିଁ ଅଟେ, ଅନ୍ୟ କାହାର ନୁହେଁ ।

## ଅହିଂସାର ଅନୁମୋଦନା, ଭାବନା - ପ୍ରାର୍ଥନା ଦ୍ୱାରା

ଏବେ ଏହି ମୂକ ପ୍ରାଣୀଙ୍କ ହିଂସା କରିବା ଉଚିତ୍ ନୁହେଁ, ଗୋ-ହତ୍ୟା କରିବା ଉଚିତ୍ ନୁହେଁ, ଏପରି ଭାବନା ଆମେ ବିକଶିତ କରିବା ଉଚିତ୍ ଏବଂ ନିଜ ଅଭିପ୍ରାୟ ଅନ୍ୟମାନଙ୍କୁ ବୁଝାଇବା ଉଚିତ୍ । ଯେତିକି ଆମ ଦ୍ୱାରା ହୋଇପାରିବ ସେତିକି କରିବା ଉଚିତ୍ । ତାହା ପାଇଁ କେହି ଅନ୍ୟ ଲୋକଙ୍କ ସହିତ ଲଢ଼ିବା ଆବଶ୍ୟକତା ନାହିଁ । କେହି କୁହେ ଯେ, 'ଆମ ଧର୍ମରେ କୁହାଯାଇଛି ଆମେ ମାଂସାହାର କରିବୁ ।' ଆମ ଧର୍ମ ଯଦି ମନା କରିଥିବ, ସେଥିପାଇଁ ଝଗଡ଼ା କରିବାର ଆବଶ୍ୟକତା ନାହିଁ । ଆମେ ଭାବନା ବିକଶିତ କରି ପ୍ରସ୍ତୁତ ରହିବା, ପୁଣି ଯାହା ଭାବନାରେ ଥିବ ସେହି ସଂସ୍କୃତି ଚାଲିବ ।

ଆଉ ବିଶ୍ୱ ସମଷ୍ଟିର କଲ୍ୟାଣ କରିବାର ଭାବନା, ତାହା ତ ତୁମକୁ ଦିନ ସାରା, ଦିନ-ରାତି ରହୁଛି ନା ? ! ହଁ, ତେବେ ସେହି ଅନୁସାରେ ରହିବା ଉଚିତ୍ ।

**ପ୍ରଶ୍ନକର୍ତ୍ତା :** ସେହି ବାବଦରେ ଆମେ ପ୍ରାର୍ଥନା ତ କରିପାରିବୁ ନା ?

**ଦାଦାଶ୍ରୀ :** ହଁ, ହଁ, ପ୍ରାର୍ଥନା କରିବ, ଏପରି ଭାବନା କରିବ, ତାହାର ଅନୁମୋଦନା କରିବା ଉଚିତ । କେହି ବ୍ୟକ୍ତି ଯଦି ନ ବୁଝୁଥିବ ତେବେ ଆମେ ତା'କୁ ବୁଝାଇବା ଉଚିତ୍ । ବାକି ଏହି ହିଂସା ତ ଆଜିର ନୁହେଁ, ତାହା ତ ପୂର୍ବରୁ ଚାଲୁ ହିଁ ଅଛି । ଏହି ଜଗତ ଏକ ରଙ୍ଗର ନୁହେଁ ।

ଏହି ଯେଉଁ ମହାନ ସନ୍ଥ ତୁଳସୀଦାସ ଥିଲେ ନା, ସେ କବୀରସାହେବଙ୍କ ଖ୍ୟାତି ବହୁତ ଶୁଣିଥିଲେ । ମହାନ ସନ୍ଥ ରୂପରେ ଖ୍ୟାତି ପ୍ରସାର ହୋଇଥିଲା ଏଣୁ ତୁଳସୀଦାସ ନିଶ୍ଚିତ କଲେ ଯେ ମୋତେ ତାଙ୍କ ଦର୍ଶନ କରିବା ପାଇଁ ଯିବାକୁ ହେବ । ଏଥିପାଇଁ ତୁଳସୀଦାସ ସେଠାରୁ ପୁଣି ଦିଲ୍ଲୀ ଆସିଲେ । ପୁଣି ସେଠାରେ କାହାକୁ ପଚାରିଲେ ଯେ ଭାଇ, କବୀର ସାହେବଙ୍କ ଘର କେଉଁଠି ? ତେବେ କହିଲେ 'କବିର ସାହେବ ତ.. ସେହି ତନ୍ତୀ ତାଙ୍କ କଥା କହୁଛ ?' ସେ କହିଲେ, 'ହଁ' । ତେବେ ସେ କହିଲେ, 'ସେ ତ ସେଠି ଝୁମ୍ପୁଡ଼ିରେ ରହୁଛନ୍ତି, ସେପଟେ କଂସେଇ ସାହି ହୋଇକି ଯାଅ ।' ତୁଳସୀଦାସ ତ ବ୍ରାହ୍ମଣ, ପବିତ୍ର ବ୍ୟକ୍ତି, ସେ କଂସେଇ ସାହି ଗଲେ । ଏପଟେ ବନ୍ଧା ହୋଇଥିଲା ଛେଳି, ଏପଟେ କୁକୁଡ଼ା ବନ୍ଧା ହୋଇଥିଲା । ସେ ଅଡୁଆରେ ପଡ଼ିଗଲେ । ସେ ଏପଟକୁ ଏମିତି ଦେଖିଲେ ଏବଂ ପୁଣି ଏମିତି ଛେପ ପକାଇଲେ । ଏପରି କରି-କରି ସେଠାରେ ପହଁଞ୍ଚିଲେ । ତେବେ ଅସୁବିଧା ହେବନାହିଁ ! ଏହା ତୁଳସୀଦାସ ପ୍ରାକ୍ଟିସରେ ଆଣି ନଥିଲେ କାରଣ ସର୍ବଦା ପ୍ରତ୍ୟେକ ବସ୍ତୁ ପ୍ରାକ୍ଟିସରେ ଆଣିବା ଉଚିତ୍ । ସେଥିପାଇଁ ଏହି ଅସୁବିଧା ହେଲା, ତା' ପରେ ତୁଳସୀଦାସ ତ ସେଠାକୁ ଯାଇ ଘରେ ବସିଲେ । ସେତେବେଳେ କହିଲେ ଯେ କବୀର ସାହେବ ତ ରୋଷେଇ ଘରେ ଅଛନ୍ତି । ଜଣେ-ଦୁଇଜଣ ଭକ୍ତ ବସିଥିଲେ ସେମାନେ ତାଙ୍କୁ କହିଲେ ଯେ ବସନ୍ତୁ ସାହେବ । ତାଙ୍କୁ ବସାଇଲେ ଖଟ ଉପରେ । ପରେ କବୀର ସାହେବ ଆସିଲେ । କହିଲେ, 'ଆମେ ସତସଙ୍ଗ କରିବା ।' କିନ୍ତୁ ପ୍ରଥମରୁ ତାହା ମନରେ ଥିଲା, ସେଥିପାଇଁ ତୁଳସୀଦାସ କହି ଉଠିଲେ ଯେ, 'ଆପଣ ଏତେ ବଡ଼ ସନ୍ଥ । ସାରା ହିନ୍ଦୁସ୍ଥାନରେ ଆପଣଙ୍କ ଖ୍ୟାତି ଅଛି ଆଉ ଏଠି କଂସେଇ ସାହିରେ କିପରି ରହୁଛନ୍ତି ?' ଏବେ ସେ ତ ହାଜର-ଜବାବୀ (ତତ୍କ୍ଷଣାତ୍ ଯିଏ ଉତ୍ତର ଦିଏ), ତାଙ୍କୁ ଦୋହା ପ୍ରସ୍ତୁତ କରିବାକୁ ପଡୁ ନଥିଲା, ସେ ଯାହା କୁହନ୍ତି ତାହା ହିଁ ଦୋହା । ସେ ଗାଇ ଉଠିଲେ '*କବୀର କା ଘର ବାଜାର ମେ, ଗଲକଟିୟୋଁ କେ ପାସ୍* ।' ଗଲକଟିୟୋଁ ଅର୍ଥାତ୍ ଗଳା କାଟିବାବାଲା କଂସେଇ ପାଖରେ ମୋ ଘର । ପୁଣି କୁହନ୍ତି, '*କରେଗା ସୋ ପାୟେଗା, ତୁ କ୍ୟୁଁ ହୋଏ ଉଦାସ* ।' ଏହା ଯିଏ କରିବ,

ସେ ତାହାର ଫଳ ଭୋଗିବ । ତୁ ପୁଣି କାହିଁକି ଉଦାସ ହେଉଛୁ ? ! ତେବେ ତୁଳସୀଦାସ ବୁଝିଗଲେ ଯେ ମୋର ସବୁ ଭକ୍ତି ବୃଥା କରିଦେଲେ, ଇଜ୍ଜତ ଚାଲିଗଲା ।

ଏହିପରି ଇଜ୍ଜତ ନଯାଏ ସେହିପରି ରହିବା ଉଚିତ୍ । ଆମେ ଭଲ ଭାବନା ରଖିବା ଉଚିତ୍ । ଏହି କାଳରେ ନୁହେଁ, ଅନାଦିକାଳରୁ ଏମିତିକୁ ଏମିତି ହିଁ ଚାଲି ଆସୁଛି । ରାମଚନ୍ଦ୍ରଙ୍କ ଚାକର ମଧ୍ୟ ମାଂସାହାର କରୁଥିଲା । କାହିଁକି ନା କ୍ଷତ୍ରିୟ କ'ଣ ମାଂସାହାର ବିନା ରହୁଥିବେ ?

ଆମକୁ ଭଲ ଭାବନା ରଖିବାକୁ ହେବ । ଏହି ଝାମେଲାରେ ପଡ଼ିବ ନାହିଁ, ଏହି ଗୋଷ୍ଠୀରେ । କାହିଁକିନା ଏମାନେ ଅବୁଝାମିରୁ ଝଗଡ଼ା ସୃଷ୍ଟି କରୁଛନ୍ତି । ତାହାଦ୍ୱାରା କିଛି ବଦଳେ ନାହିଁ ଏବଂ କ୍ଷତି ହୁଏ । ତାହାର ଅର୍ଥ କ'ଣ ? ତାହା କେବେ ? କି ଭାଇ ଯଦି ରାଜା ନିଜର ହିଁ ହୋଇଥିବ ତେବେ ଅଧିକାର ଚଳାଇବା ଯେ 'ଭାଇ, ତୁମେ ଅମୁକ ଦିନରେ କରିବ ନାହିଁ ।' ଏବେ ଆମ ହାତରେ ସତ୍ତା ନାହିଁ ଆଉ ଏପରି ଚାଲାକି କରିବା ପାଇଁ କିଏ କହୁଛି ? ତୁମେ ତୁମ କାମ କର ନା ! ଭଗବାନଙ୍କ ଘରେ କେହି ମରେ ହିଁ ନାହିଁ । ତୁମେ ତୁମ କାମ କରି ନିଅ ଆଉ ଅନୁମୋଦନା ରଖ । କୌଣସି ଖରାପ ଭାବ ରଖିବ ନାହିଁ ।

## ସବୁଠୁ ବଡ଼ ଅହିଂସକ କିଏ ?

କିନ୍ତୁ ଏହି ଜୀବଙ୍କୁ ବଞ୍ଚାଇବା ବଦଳରେ ଗୋଟିଏ ହିଁ ଜିନିଷ ରଖ ଯେ କୌଣସି ଜୀବକୁ କିଞ୍ଚିତ ମାତ୍ର ଦୁଃଖ ନହେଉ । ପୁଣି ମନରୁ ବି ଦୁଃଖ ନହେଉ, ବାଣୀରୁ ବି ଦୁଃଖ ନହେଉ ଏବଂ ଆଚରଣରୁ ବି ଦୁଃଖ ନହେଉ ! ବାସ୍ , ଏହିପରି ବଡ଼ ଅହିସଂକ କେହି ନାହାନ୍ତି । ଏପରି ଭାବ ଥିବ, ଏତିକି ଜାଗୃତି ଥିବା ସତ୍ତ୍ୱେ ଦେହ ଦ୍ୱାରା ଯେଉଁ ଜୀବଜନ୍ତୁ ଦଳି ହୋଇଯାନ୍ତି, ତାହା 'ବ୍ୟବସ୍ଥିତ' ! ଆଉ ନୂଆ କାହାର ବଞ୍ଚାଇବା କଥା କହିବ ନାହିଁ ।

## ଅଭୟଦାନ, କେଉଁ ଜୀବଙ୍କ ପାଇଁ ?

**ପ୍ରଶ୍ନକର୍ତ୍ତା :** ମୁଁ ତ ଦଶବର୍ଷ ପୂର୍ବର କଥା କହୁଛି ଯେ, ଜୀବଙ୍କୁ ଅଭୟଦାନ ମିଳୁ ସେଥିପାଇଁ *କନ୍ଦମୂଳ* ତ୍ୟାଗ କରି ଦେଇଥିଲି ମୁଁ ।

**ଦାଦାଶ୍ରୀ :** ଅଭୟଦାନ ତ, ସେହି ଜୀବ ଯଦି ଚାଲି-ବୁଲି ପାରୁଥିବ ଏପରି

ହୋଇଥିବ, ସେହି ଜୀବ ଡରୁଥିବ, ଭୟକୁ ବୁଝୁଥିବ, ତା'କୁ ଅଭୟଦାନ ଦେବାର ଅଛି । ଭୟରେ ତ୍ରସ୍ତ (ଭୟଭୀତ) ହେଉଥିବ, ତା'କୁ ଅଭୟଦାନ ଦେବାର ଅଛି । ଅନ୍ୟମାନେ ଭୟକୁ ବୁଝନ୍ତି ନାହିଁ, ତାଙ୍କୁ ଅଭୟଦାନ କିପରି ଦେବ ?

ଅଭୟଦାନ ଅର୍ଥାତ୍ ଯେଉଁ ଜୀବ ଭୟ ପାଏ ଏପରି ଥାଆନ୍ତି, ଛୋଟ ପିମ୍ପୁଡ଼ି ବି ଆମେ ଯଦି ହାତ ଲଗାଇବା ନା ତେବେ ସେ ଭୟଭୀତ ହୁଏ । ତା'କୁ ଅଭୟଦାନ ଦିଅ । କିନ୍ତୁ ଏହି ଗହମ ଦାନା, ବାଜରା ଦାନା, ତାହା ଭୟଭୀତ ହୁଏ ନାହିଁ । ତା'କୁ କ'ଣ ନିର୍ଭୟ କରିବ ? ଭୟ ବୁଝନ୍ତି ହିଁ ନାହିଁ, ଅଭୟଦାନ ପୁଣି ଦେବ କିପରି ?

**ପ୍ରଶ୍ନକର୍ତ୍ତା :** ଏକଦମ ଠିକ୍ କଥା ।

**ଦାଦାଶ୍ରୀ :** ଏଣୁ ଏହା ନବୁଝି ସବୁ ଚାଲିଛି । ସେମାନେ ଏହି ଲଗାଇବା(ଔଷଧକୁ) ପିଇଯାନ୍ତି । ପୁଣି କହିବେ, 'ଭଗବାନ ମହାବୀରଙ୍କ ଔଷଧ ପିଇଲା ଏବଂ ମରିଗଲା !' 'ଆରେ, ମହାବୀର ଭଗବାନଙ୍କ ପରିହାସ କାହିଁକି କରୁଛ ?' ଏବେ ଏହି ବ୍ୟାପାର ଚାଲୁଅଛି । ଲଗାଇବା ଔଷଧ ପିଇଯିବେ ଏବଂ ପୁଣି କହିବେ ଧର୍ମ ଭୁଲ । ମୁର୍ଖ, ଧର୍ମ କଣ ଭୁଲ ହେଉଥିବ ? ଆଗରୁ ଲଗାଇବା ଔଷଧ କଣ ପିଉଥିଲ ?

**ପ୍ରଶ୍ନକର୍ତ୍ତା :** ପୂର୍ବରୁ ତ କିଛି ଜଣା ହିଁ ନଥିଲା ।

**ଦାଦାଶ୍ରୀ :** ଏହା ଲଗାଇବାର ନା ପିଇବାର ଜଣା ହିଁ ନଥିଲା ! ଯେଉଁ ଜୀବ ଭୟଭୀତ ହୁଅନ୍ତି, ସେମାନଙ୍କୁ ତ୍ରସ୍‌କାୟ ଜୀବ କୁହାଯାଇଛି । ଯେହେତୁ ଏହି ଭୟସଞ୍ଜ୍ଞା ଉତ୍ପନ୍ନ ହୋଇଛି, ସେମାନଙ୍କ ପାଇଁ ଭଗବାନ କହିଛନ୍ତି । ଅନ୍ୟମାନଙ୍କ ପାଇଁ ତ ଏପରି କହିଛନ୍ତି ଯେ ପାଣିକୁ ଅଯଥାରେ ଢାଳିବ ନାହିଁ । ଗାଧୋଇବ, ପିଇବ, ଧୋଇବ, କପଡ଼ା ଧୋଇବ । କିନ୍ତୁ ଅନର୍ଥ ଅର୍ଥାତ୍ ବିନା କାମରେ ଢାଳିବ ନାହିଁ ।

## ଅଭୟଦାନ - ମହାଦାନ

**ପ୍ରଶ୍ନକର୍ତ୍ତା :** ତେବେ ଜୈନଧର୍ମରେ ଅଭୟଦାନକୁ ଏତେ ଅଧିକ ମହତ୍ତ୍ୱ କାହିଁକି ଦେଇଛନ୍ତି ?

**ଦାଦାଶ୍ରୀ :** ଅଭୟଦାନକୁ ତ ସମସ୍ତେ ମହତ୍ତ୍ୱ ଦେଇଛନ୍ତି । ଅଭୟଦାନ ତ ମୁଖ୍ୟ ଜିନିଷ ଅଟେ । ଅଭୟଦାନ ଅର୍ଥ କ'ଣ କି ଏଠି ଚଢ଼େଇମାନେ ବସିଥିବେ କିନ୍ତୁ ସେମାନେ ଉଡ଼ିଯିବେ, ଏପରି ଜାଣି ଆମେ ଧୀରେ ଧୀରେ ଅନ୍ୟ ପଟେ ଚାଲିଯିବା । ରାତି

ବାରଟାରେ ଆସୁଥିବା ଏବଂ ଦୁଇଟି କୁକୁର ଶୋଇ ଯାଇଥିବେ ତେବେ ଆମ ବୁଟ୍ ଦ୍ୱାରା ସେମାନେ ଚମକି ପଡ଼ି ଉଠିଯିବେ, ଏପରି ଜାଣି ବୁଟ ଗୋଡ଼ରୁ ବାହାର କରିଦେବା ଆଉ ଧୀରେ ଧୀରେ ଘରକୁ ଆସିବା । ଆମଦ୍ୱାରା କେହି ଡରେ, ତାହାକୁ ମନୁଷ୍ୟତ୍ୱ କିପରି କୁହାଯିବ ? ବାହାରେ କୁକୁର ବି ଆମଦ୍ୱାରା ନ ଡରିବା ଉଚିତ । ଆମେ ଏମିତି ଚାଲି ଚାଲି ଖଟ୍ ଖଟ୍ କରି ଆସିବା ଆଉ କୁକୁର କାନ ଏମିତି ଠିଆ ହେବ ତେବେ ଆମେ ବୁଝିଯିବା ଉଚିତ୍ ଯେ ଓହୋହୋ, ଅଭୟଦାନ ଦେବାରେ ହାରିଗଲେ ! ଅଭୟଦାନ ଅର୍ଥାତ୍ କୌଣସି ବି ଜୀବ ଆମଦ୍ୱାରା ଭୟଭୀତ ନହେଉ । କେଉଁଠି ଦେଖିଛ ଅଭୟଦାନୀ ପୁରୁଷ ? ଅଭୟଦାନ ତ ସବୁଠୁ ବଡ଼ ଦାନ ଅଟେ ।

ମୁଁ ବାଇଶି ବର୍ଷର ହୋଇଥିଲି, ସେତେବେଳେ କୁକୁରକୁ ଡରିବାକୁ ଦେଉ ନଥିଲି । ମୁଁ ନିରନ୍ତର ଅଭୟଦାନ ହିଁ ଦିଏ, ଅଲଗା କିଛି ଦିଏ ନାହିଁ । ମୋ ପରି ଅଭୟଦାନ ଦେବା ଯଦି କେହି ଶିଖିଗଲା ତେବେ ତା'ର କଲ୍ୟାଣ ହୋଇଯିବ ! ଭୟର ଦାନ ଦେବାରେ ତ ଲୋକଙ୍କୁ ପ୍ରାକ୍ଟିସ୍ ପ୍ରଥମରୁ ହିଁ ଅଛି, ନୁହେଁ ? 'ମୁଁ ତୋତେ ଦେଖିନେବି' କହିବ ତେବେ ତାହା ଅଭୟଦାନ କୁହାଯିବ ନା ଭୟର ଦାନ କୁହାଯିବ ?

**ପ୍ରଶ୍ନକର୍ତ୍ତା :** ତେବେ ଏହି ଜୀବଙ୍କୁ ବଞ୍ଚାଉଛୁ ତାହା ଅଭୟଦାନ ନୁହେଁ?

**ଦାଦାଶ୍ରୀ :** ତାହା ତ ବଞ୍ଚାଇବାବାଲାକୁ ଜବରଦସ୍ତ ଦୋଷ ଲାଗେ । ସେ ତ ଖାଲି ଅହଂକାର କରେ । ଭଗବାନ ତ ଏତିକି ହିଁ କହିଥିଲେ ଯେ ତୁମେ ତୁମ ଆତ୍ମାର ଦୟା ପାଳ । ବାସ୍, ଏତିକି ହିଁ କୁହାଯାଇଛି ପୁରା ଶାସ୍ତ୍ରରେ ଯେ ଭାବଦୟା (ନିଜ ଆତ୍ମା ପାଇଁ ଦୟା) ପାଳିବ । ଅନ୍ୟ ଦୟା ପାଇଁ ତୁମକୁ କହି ନାହାନ୍ତି । ଆଉ ଅଯଥାରେ ହାତକୁ ନେବ ତେବେ ଦୋଷ ଲାଗିବ ।

## ତାହା ଅଟେ ବଞ୍ଚାଇବାର ଅହଙ୍କାର

ଏମାନେ ତ ସବୁ ଏପରି ବୁଝନ୍ତି ଯେ ଆମେ ବଞ୍ଚାଉଛୁ ସେଥିପାଇଁ ଏ ଜୀବମାନେ ବଞ୍ଚୁଛନ୍ତି । ପୁଣି ଆମ ଲୋକ ତ କିପରି ? ଘରେ ମା'କୁ ଗାଳି ଦେଉଥାଏ ଆଉ ବାହାରେ ବଞ୍ଚାଇବାକୁ ବାହାରି ଥାଏ !

ଏହି ଲୋକଙ୍କୁ ସମୁଦ୍ର ଭିତରକୁ ପଠେଇ ଦେବା ଉଚିତ୍ । ଭିତରେ ସମୁଦ୍ରରେ ତ ସବୁ ପନି-ପରିବା ଆଉ ଶସ୍ୟ ସବୁ ହେଉଥିବ, ନୁହେଁ ? ଏ ମାଛମାନେ ଖାଉଥିବେ, ତାହା ?! ତାହାଲେ ଏଠାରୁ ଆମେ ଶସ୍ୟ ପଠାଉଥିବା, ନୁହେଁ? କାହିଁକି ଚଣା ଆଉ

ସେସବୁ ପକାଇକି ଖୁଆଉ ନାହଁ? ତେବେ ତାଙ୍କର ଭୋଜନ କ'ଣ? ଏଡ଼ିକି-ଏଡ଼ିକି ଛୋଟ-ଛୋଟ ମାଛ ଥାଆନ୍ତି, ସେମାନଙ୍କୁ ଏତେ ବଡ଼ ମାଛ ଗିଳି ଦିଅନ୍ତି । ବଡ଼ ମାଛକୁ ପୁଣି ତା'ଠାରୁ ବଡ଼ ଥାଏ, ସେ ଗିଳି ଦିଏ । ଏମିତି ଗିଳିଥାନ୍ତି ଆରାମରେ । ଆଉ ମାଲ୍ (ମାଛ) ଜନ୍ମ ହୋଇ ଚାଲିଥାଏ ଗୋଟିଏ ପଟେ । ଏବେ ସେଠି ବୁଦ୍ଧିବାଲାକୁ ବସାଇଥିବା ତେବେ କି ଦଶା ହେବ ?

ଜଗତରେ କିଭଳି ମାନ୍ୟତା ଚାଲୁଅଛି ? 'ଆମେ ବଞ୍ଚାଉଛୁ' କହିବେ ଏବଂ କଂସେଇ ଉପରେ ଦ୍ୱେଷ କରନ୍ତି । ସେ କଂସେଇକୁ ଯଦି ଆମେ ପଚାରିବା ଯେ 'ତୁ ଏପରି ଅଯୋଗ୍ୟ ବ୍ୟାପାର କରୁଛୁ ?' ତେବେ ସେ କୁହେ, 'କାହିଁକି ସାହେବ, ମୋ ବ୍ୟାପାରକୁ ଅଯୋଗ୍ୟ କହୁଛ ? ମୋର ତ ଏହା ବାପା-ଜେଜେଙ୍କ ଅମଳରୁ ବ୍ୟାପାର ଚାଲି ଆସୁଅଛି । ଏହା ତ ଆମ କୌଳିକ ବୃତ୍ତି ।' ଏପରି କୁହେ ଆମକୁ । ମାନେ ଏହା ତାଙ୍କ କୌଳିକ ବୃତ୍ତି କୁହାଯିବ । ଆମେ କିଛି କହିବା ତେବେ ତା'କୁ ଏପରି ଲାଗେ ଯେ 'ଏ ନିର୍ବୋଧ ମଣିଷ କିଛି ବୁଝୁନାହିଁ ।'

ସେଥିପାଇଁ ଯିଏ ମାଂସାହାର କରନ୍ତି ସେମାନେ ଏପରି ଅହଙ୍କାର କରନ୍ତି ନାହିଁ ଯେ 'ଆମେ ମାରିବୁ ଆଉ ଏପରି କରିବୁ ।' ଇଏ ତ ଅହିଂସାବାଲା ବହୁତ ଅହଙ୍କାର କରେ ଯେ 'ମୁଁ ବଞ୍ଚାଉଛି ।' ଆରେ, ବଞ୍ଚାଇବାବାଲା ଅଟ ତେବେ ଘରେ ନବେ ବର୍ଷର ପିତା ଅଛନ୍ତି, ମରିବା ସମୟ ନିକଟ ହେଉଛି, ତାଙ୍କୁ ବଞ୍ଚାଅ ନା ! କିନ୍ତୁ ଏପରି କେହି ବଞ୍ଚାଏ ?

**ପ୍ରଶ୍ନକର୍ତ୍ତା :** କେହି ବଞ୍ଚାଏ ନାହିଁ ।

**ଦାଦାଶ୍ରୀ :** ତା'ହେଲେ ଏପରି କାହିଁକି କହୁଛ ଯେ ମୁଁ ବଞ୍ଚାଇଲି ଏବଂ ମୁଁ ଏପରି କଲି ? ! କଂସେଇ ହାତରେ ମଧ୍ୟ ସତ୍ତା ନାହିଁ । ମାରିବାର ସତ୍ତାବାଲା କେହି ଜନ୍ମ ହିଁ ହୋଇ ନାହାନ୍ତି । ଏମାନେ ତ ଅଯଥା ଇଗୋଇଜମ୍ କରୁଛନ୍ତି । ଏହି କଂସେଇ କୁହେ ଯେ 'କେତେ ପ୍ରକାର ଜୀବ କାଟିଛି ।' ସେ ତାହାର ଇଗୋଇଜମ୍ କରେ, ତେବେ ରିୟଲ୍(ବାସ୍ତବିକତା) କଣ କୁହେ ? ! ଏହି ମାରିବାବାଲାର ମୋକ୍ଷ ହେବ ନା ବଞ୍ଚାଇବାବାଲାର ମୋକ୍ଷ ହେବ ? ଉଭୟଙ୍କର ମୋକ୍ଷ ନାହିଁ । ଦୁହେଁ ଇଗୋଇଜମ୍‌ବାଲା ଅଟନ୍ତି । ଇଏ ବଞ୍ଚାଇବାର ଇଗୋଇଜମ୍ କରୁଛି ଆଉ ସେ ମାରିବାର ଇଗୋଇଜମ୍ କରୁଛି । ରିୟଲ୍ (ବାସ୍ତବତା) ରେ ଚଳିବ ନାହିଁ, ରିଲେଟିଭ୍‌ରେ ଚଳିବ ।

## ସେ ଦୁହେଁ ଅହଙ୍କାରୀ

ଭଗବାନ କେଉଁ କମ୍ ମାୟା ନୁହନ୍ତି । ଭଗବାନଙ୍କଠାରେ ତ ମୋକ୍ଷରେ ଯିବା ପାଇଁ ନିୟମ କିପରି ? ଜଣେ ମଦ ପିଇବାର ଅହଙ୍କାର କରୁଛି ଆଉ ଜଣେ ମଦ ନ ପିଇବାର ଅହଙ୍କାର କରୁଛି । ସେ ଦୁହିଁଙ୍କୁ ଭଗବାନ ମୋକ୍ଷରେ ପ୍ରବେଶ କରିବାକୁ ଦିଅନ୍ତି ନାହିଁ । ସେଠାରେ *କୈଫି* (ଅହଂକାରୀ)କୁ ପ୍ରବେଶ ମିଳେ ନାହିଁ । ସେଠି *ନିଷ୍କ-କୈଫି* (ନିର୍-ଅହଂକାରୀ)କୁ ପ୍ରବେଶ ମିଳେ ।

ଏଣୁ ଯେଉଁମାନେ ମଦ ପିଅନ୍ତି ନାହିଁ ଆଉ ମନରେ ତାହାର ମିଛ *ଘେମରାଜୀ* (ନିଜର ବହୁତ ସୀମିତ କ୍ଷମତା ଥିବ କିନ୍ତୁ ସବୁକିଛି କରି ପାରିବି ଏପରି ଅଭିମାନ) ରଖନ୍ତି, ତାହା ତ ଭୟଙ୍କର ଦୋଷ ଅଟେ । ସେ ତ ମଦ ପିଇବାବାଲାଠାରୁ ମଧ୍ୟ ନିଛ ଅଟେ । ମଦ ପିଉଥିବ ସେ ତ ବିଚରା ଏପରି କୁହେ ଯେ, 'ସାହେବ, ମୁଁ ତ ସବୁଠୁ ବଡ଼ ମୂର୍ଖ ଅଟେ, ଗଧ ଅଟେ, ଅଯୋଗ୍ୟ ଅଟେ ।' ଆଉ ଦୁଇ ମାଠିଆ ପାଣି ଯଦି ପକାଇବା, ତେବେ ମଧ୍ୟ ତା' *କୈଫ* (ନିଶା) ଛାଡ଼ିଯାଏ । କିନ୍ତୁ ଏହି ଲୋକଙ୍କୁ ମୋହର ଯେଉଁ ନିଶା ଚଢ଼ିଛି, ତାହା ଅନାଦି ଜନ୍ମରୁ ଛାଡୁ ହିଁ ନାହିଁ, ଆଉ 'ମୁଁ କିଛି (ବିଶେଷ) ଅଟେ, ମୁଁ କିଛି ଅଟେ' କରୁଥାନ୍ତି ।

ତୁମକୁ ତାହାର ଏକ ଉଦାହରଣ ଦେଇ ବୁଝାଉଛି । ଏକ ଛୋଟ ଗାଁରେ ଜଣେ ଜୈନ ସେଠ୍ ରହୁଥିଲେ । ସ୍ଥିତି ସାଧାରଣ ଥିଲା । ତାଙ୍କର ଗୋଟିଏ ପୁଅ ତିନିବର୍ଷର ଆଉ ଗୋଟିଏ ଦେଢ଼ ବର୍ଷର । ଅକସ୍ମାତ୍ ପ୍ଲେଗ୍ ବ୍ୟାପିଲା ଆଉ ମା-ବାପା ଦୁହେଁ ମରିଗଲେ । ଦୁଇ ଶିଶୁ ରହିଗଲେ । ପରେ ଗାଁ ବାଲାଙ୍କୁ ଜଣା ପଡ଼ିଲା, ସେମାନେ ସବୁ ଏକାଠି ହେଲେ ଯେ ଏବେ ଏହି ପିଲାମାନଙ୍କର କ'ଣ ହେବ ? ଆମେ ତାହାର ଉପାୟ କାଢିବା । କେହି ଯଦି ପିଲାଙ୍କୁ ପାଳିବା ପାଇଁ ପ୍ରସ୍ତୁତ ହୁଏ ତେବେ ଭଲ । ଏକ ବଣିଆ ଥିଲା, ସେ ବଡ଼ ପୁଅକୁ ନେଲା । ଆଉ ଆର ପିଲାଟିକୁ କେହି ନେବାବାଲା ହିଁ ନଥିଲେ । ସେଥିପାଇଁ ଏକ ନିଛ ବର୍ଣ୍ଣବାଲା କହିଲା, 'ସାହେବ, ମୁଁ ପାଳି ପାରିବି କି ?' ତେବେ ଲୋକମାନେ କହିଲେ, 'ଆରେ, ଇଏ ଜୈନ ସେଠ୍‌ଙ୍କ ପୁଅ ଆଉ ତୁ ନିଛ ବର୍ଣ୍ଣର ।' କିନ୍ତୁ ଅନ୍ୟ ଲୋକେ କହିଲେ, 'ସେ ଯଦି ନ ନେବ ତେବେ କେଉଁଠି ରଖିବ ? ମରିଯିବ ତାହା ଅପେକ୍ଷା ବଞ୍ଚିବ ତ ନିଶ୍ଚିତ । ତେବେ ସେଥିରେ କ'ଣ ଖରାପ ?' ଏହିପରି ଦୁହେଁ ବଡ଼ ହେଲେ । ପ୍ରଥମ ପୁଅ ବଣିଆ ପାଖରେ ବଢ଼ିଲା ଏବଂ କୋଡ଼ିଏ-ବାଇଶି ବର୍ଷର ହେଲା ତେବେ କୁହେ, 'ମଦ ପିଇବା ଦୋଷ ଅଟେ, ମାଂସାହାର କରିବା, ତାହା ଦୋଷ

ଅଟେ ।' ଯେବେକି ଦ୍ୱିତୀୟ ପୁଅ ଅଠର-କୋଡ଼ିଏ ବର୍ଷର ହେଲା ତେବେ କୁହେ, 'ମଦ ପିଇବା ଦରକାର, ମଦ ତିଆରି କରିବା ଦରକାର, ମାଂସାହାର କରିବା ଉଚିତ୍ ।' ଏବେ ଏମାନେ ଦୁଇ ଭାଇ ଗୋଟିଏ ଭେଣ୍ଟିର ଦୁଇଟି ମଞ୍ଜି, କାହିଁକି ଏପରି ଅଲଗା-ଅଲଗା କହିଲେ ?

**ପ୍ରଶ୍ନକର୍ତ୍ତା :** ସଂସ୍କାର ।

**ଦାଦାଶ୍ରୀ :** ହଁ, ସଂସ୍କାର, ଅଲଗା-ଅଲଗା ପାଣିର ସିଞ୍ଚନ ହେଲା ! ସେଥିପାଇଁ ପୁଣି କେହି ଜଣେ କହିଲା ଯେ 'ଏହି ପିଲାକୁ ତ ଜୈନ କୁହାଯିବ ହିଁ ନାହିଁ ନା !' ଜଣେ ସନ୍ଥ ଥିଲେ, ତାଙ୍କୁ ପଚାରିଲା ଯେ 'ସାହେବ, ଏମାନେ ଦୁଇ ଭାଇ ଥିଲେ ଆଉ ଏପରି ଅଲଗା-ଅଲଗା କହୁଛନ୍ତି । ଏମାନଙ୍କ ମଧ୍ୟରୁ ମୋକ୍ଷ କାହାର ହେବ ?' ତେବେ ସନ୍ଥ କୁହନ୍ତି, 'ଏଥିରେ ମୋକ୍ଷର କଥା ହେବା ରହିଲା ହିଁ କେଉଁଠି ? ସେ ମଦ ନ ପିଇବାର ଅହଙ୍କାର କରୁଛି, ମାଂସାହାର ନ କରିବାର ଅହଙ୍କାର କରୁଛି । ଆଉ ଇଏ ମଦ ପିଇବାର ଅହଙ୍କାର କରୁଛି, ମାଂସାହାର କରିବାର ଅହଙ୍କାର କରୁଛି । ଏଥିରେ ମୋକ୍ଷର କଥା ହିଁ କେଉଁଠି ରହିଲା ? ମୋକ୍ଷର କଥା ତ ପୁରା ଅଲଗା । ସେଠି ତ ନିର୍-ଅହଙ୍କାରୀ ଭାବ ଦରକାର ।' ଏମାନେ ତ ଦୁହେଁ ଅହଙ୍କାରୀ ଅଟନ୍ତି । ଜଣେ ଏହି ଖାଲରେ ପଡ଼ିଛି, ଆଉଜଣେ ଅନ୍ୟ ଖାଲରେ ପଡ଼ିଛି । ଭଗବାନ ଉଭୟଙ୍କୁ ଅହଂଙ୍କାରୀ କୁହନ୍ତି ।

## କେବଳ ଅହିଂସାର ପୂଜାରୀମାନଙ୍କ ପାଇଁ

ଲୋକମାନେ ଯାହା ମାନୁଛନ୍ତି ଭଗବାନ ସେପରି କହି ନାହାନ୍ତି । ଭଗବାନ ବହୁତ ବିଜ୍ଞ ପୁରୁଷ ! ଭଗବାନ ଏପରି କହିଛନ୍ତି ଯେ ଏହି ୱାର୍ଲଡରେ କେହି ଏପରି ନାହିଁ ଯେ ଯିଏ କାହାକୁ ମାରି ପାରିବ । କାହିଁକି ନା ସାଇଣ୍ଟିଫିକ୍ ସରକମସ୍ଟେନସିୟଲ ଏଭିଡ଼େନ୍ସ (Scientific circumstential evidence) ଅଟେ । କିପରି ମାରି ପାରିବ ? ସବୁ କେତେସାରା ସଂଯୋଗ ଏକାଠି ହୁଏ ତେବେ ସେ ମରିଯାଏ । ଆଉ ପୁଣି ତାହା ସହିତ ଏପରି ମଧ୍ୟ କହିଛନ୍ତି ଯେ ଏହା ସମ୍ପୂର୍ଣ୍ଣ ଗୁପ୍ତ ରଖିବା ପରି କଥା ଅଟେ । ସେତେବେଳେ କେହି କହିବ, ' ସାହେବ, ଏପରି ମଧ୍ୟ କହୁଛ ଆଉ ସେପରି ମଧ୍ୟ କହୁଛ ?' ତେବେ ଭଗବାନ କୁହନ୍ତି, 'ଦେଖ, ଏହି କଥା ବିଜ୍ଞ ବ୍ୟକ୍ତି ମାନଙ୍କ ପାଇଁ ଯିଏ ଅହିଂସାର ପୂଜାରୀ ଅଟନ୍ତି, ସେମାନଙ୍କ ପାଇଁ ଏହି ବାକ୍ୟ କହୁଛି । ଆଉ ହିଂସାର ପୂଜାରୀ ଅଟନ୍ତି, ସେମାନଙ୍କ ପାଇଁ କହୁ ନାହିଁ । ନହେଲେ ସେ ଭାବନା କରିବ ଯେ ମୁଁ ଏହି

ଲୋକମାନଙ୍କୁ ମାରିଦେବି । ଅର୍ଥାତ୍ ଏହି ଜନ୍ମରେ ତ ତାହା ହେବାର ନାହିଁ, କିନ୍ତୁ ଏହି ଭାବନା ଯଦି କରେ ତେବେ ଆଗାମୀ ଜନ୍ମରେ ଫଳ ଆସିବ ।' ଅର୍ଥାତ୍ ଏହି କଥା କାହା ପାଖରେ କହିବା ? ଏହା ଅହିଂସାର ପୂଜାରୀମାନଙ୍କ ପାଖରେ ଏହି କଥା ହେବାକୁ କହିଛନ୍ତି ।'

## 'ଏହା' ସମସ୍ତଙ୍କ ପାଇଁ ନୁହେଁ

ଭଗବାନ କହିଛନ୍ତି ଯେ 'ମାରିବାର ଅହଙ୍କାର କରିବ ନାହିଁ ଏବଂ ବଞ୍ଚାଇବାର ଅହଙ୍କାର ମଧ୍ୟ କରିବ ନାହିଁ ।' ଯଦି ତୁ ମାରିବୁ ତେବେ ତୋ ଆତ୍ମଭାବ ମରିବ, ବାହାରେ କେହି ମରିବାବାଲା ନାହିଁ । ଅର୍ଥାତ୍ ତାହା ଦ୍ୱାରା ନିଜର ହିଂସା ହୁଏ, ଆଉ କିଛି ନୁହେଁ । ଆତ୍ମା ଏମିତି ତ ମରେ ନାହିଁ, କିନ୍ତୁ ଏହା ତ ନିଜେ, ନିଜର ହିଂସା କରୁଅଛି । ସେଥିପାଇଁ ଭଗବାନ ମନା କରିଛନ୍ତି । ଆଉ ତୁ ବଞ୍ଚାଇବୁ ତାହା ମିଛ ଅହଙ୍କାର କରୁଅଛୁ । ତାହା ମଧ୍ୟ ତୁ ଆତ୍ମଭାବର ହିଂସା ହିଁ କରୁଅଛୁ । ଅର୍ଥାତ୍ ଏହି ଉଭୟ ସ୍ଥିତିରେ ଭୁଲ କରୁଅଛୁ । ଏସବୁ ଝଂଜଟ୍ ଛାଡ଼ି ଦେ । ବାକି, କେହି କାହାକୁ ମାରି ପାରିବ ହିଁ ନାହିଁ । କିନ୍ତୁ ଭଗବାନ ଯଦି ଏପରି ସଫା-ସଫା କହିଥାନ୍ତେ ଯେ ମାରି ପାରିବ ହିଁ ନାହିଁ, ତେବେ ଲୋକେ ଅହଙ୍କାର କରିଥାନ୍ତେ ଯେ ମୁଁ ମାରିଲି ! ଏସବୁରେ କାହାରି ତାକତ ନାହିଁ । ବିନା ତାକତବାଲା ଏହି ଜଗତ ଅଟେ । ଅଯଥା ବିନା କାମରେ ବିକଳ୍ପ କରି ଭଟକୁଛନ୍ତି । ଜ୍ଞାନୀମାନେ ଦେଖୁଛନ୍ତି । ଏ ଜଗତ କିପରି ଚାଲୁଅଛି । ଅର୍ଥାତ୍ ଏ ସବୁ ଭୁଲ ବିକଳ୍ପ ପଶି ଯାଇଛି, ସେଠି ପୁଣି ନିର୍ବିକଳ୍ପ କିପରି ହେବେ ?

ଅର୍ଥାତ୍ ଏ ଯେଉଁ ସବୁ ଜୀବ ଅଛନ୍ତି, ସେମାନେ କେହି କାହାକୁ ମାରି ପାରିବେ ହିଁ ନାହିଁ । ମାରି ପାରିବାର କାହାଠାରେ ଶକ୍ତି ହିଁ ନାହିଁ । ତଥାପି ଭଗବାନ କହିଲେ ଯେ ହିଂସା ଛାଡ଼ି ଅହିଂସାରେ ଆସ । ସେ କ'ଣ କୁହନ୍ତି ଯେ ମାରିବାର ଅହଙ୍କାର ଛାଡ଼ । ଅଲଗା କିଛି ଛାଡ଼ିବାର ନାହିଁ, ମାରିବାର ଅହଙ୍କାର ଛାଡ଼ିବାର ଅଛି । ତୁମେ ମାରିବା ଦ୍ୱାରା ସେ ମରେ ନାହିଁ, ତେବେ ପୁଣି ଅହଙ୍କାର କାହିଁକି କରୁଛ ଅଯଥାରେ ? ଅହଙ୍କାର କରି ଅଧିକ ଫାନ୍ଦରେ ଫଶିବ, ଭୟଙ୍କର ଉତ୍ତରଦାୟୀତ୍ୱ ମୁଣ୍ଡକୁ ଆସିଯିବ । ସେ ଜୀବକୁ ତା'ର ନିମିତ୍ତ ଦ୍ୱାରା ମରିବାକୁ ଦିଅ ନା ! ସେ ମରିବ ନିଶ୍ଚିତ, କିନ୍ତୁ ତୁମେ ଅହଙ୍କାର କାହିଁକି କରୁଛ ? ଅର୍ଥାତ୍ ଅହଙ୍କାର ବନ୍ଦ କରିବା ପାଇଁ ଭଗବାନ ଅହିଂସାର ପ୍ରେରଣା ଦେଲେ । ମାରିବାର ଯେଉଁ ଅହଙ୍କାର, ତାହା ଛଡ଼ାଇବା ପାଇଁ ଏସବୁ କଥା କହିଲେ ।

**ପ୍ରଶ୍ନକର୍ତ୍ତା :** ଏସବୁ ହଜମ କରିବା ସାଧାରଣ ମନୁଷ୍ୟ ପାଇଁ ଅତି ଅଧିକ ନଲେଜ୍(ଜ୍ଞାନ) ନୁହେଁ କି ?

**ଦାଦାଶ୍ରୀ :** ନା, ତାହା ହଜମ ହେବ ଏପରି ନୁହେଁ । ସେଥିପାଇଁ ସ୍ପଷ୍ଟ କରି ନାହାଁନ୍ତି । ସମସ୍ତଙ୍କୁ ଏପରି ହିଁ କହିଲେ ଯେ ତୁମେ ବଞ୍ଚାଅ, ନହେଲେ ଇଏ ମରିଯିବ ।

## ମାରିବା-ବଞ୍ଚାଇବାର ଗୁପ୍ତ ରହସ୍ୟ

ଏବେ 'ଇଏ ଜୀବକୁ ମାରିଲା, ଇଏ ଏପରି କଲା, ଇଏ ବଞ୍ଚାଇଲା' ସେ ସବୁ କେବଳ ବ୍ୟବହାର ଅଟେ । କରେକ୍ଟ ନୁହେଁ ଏହା । ରିୟଲ୍‌ରେ କ'ଣ ହୁଏ ? କୌଣସି ବି ଜୀବ କୌଣସି ବି ଜୀବକୁ ମାରି ପାରିବ ହିଁ ନାହିଁ । ତା'କୁ ମାରିବା ପାଇଁ ତ ସବୁ ସାଇଣ୍ଟିଫିକ୍ ସରକମ୍‌ସ୍ଟେନ୍ସିୟଲ ଏଭିଡ଼େନ୍ସ ଏକାଠି ହେବ, ତେବେଯାଇ ମରିବ । ଏକୁଟିଆ କେହି ବ୍ୟକ୍ତି ସ୍ୱତନ୍ତ୍ର ଏପରି ମାରି ପାରିବ ନାହିଁ । ଏଭିଡ଼େନ୍ସ ଏକାଠି ହୁଏ ତେବେ ଯାଇ ମରେ ଆଉ ଏଭିଡ଼େନ୍ସ ଆମ ହାତରେ ନାହିଁ । ସେଥିପାଇଁ କୌଣସି ବି ଜୀବ କୌଣସି ଜୀବକୁ ବଞ୍ଚାଇ ପାରିବ ହିଁ ନାହିଁ । ତାହା ତ ସାଇଣ୍ଟିଫିକ୍ ସରକମ୍‌ସ୍ଟେନ୍ସିୟଲ ଏଭିଡ଼େନ୍ସ ଥିବ ତେବେ ଯାଇ ବଞ୍ଚେ, ନହେଲେ ବଞ୍ଚିବ ନାହିଁ । ଇଏ ତ ଖାଲି ବଞ୍ଚାଇବାର ଅହଙ୍କାର କରୁଛି । କିନ୍ତୁ ତାହା ସହିତ ଏପରି କହିଛନ୍ତି ଯେ ତୁ ମନରୁ ଭାବ ବାହାର କରିଦେ ଯେ ମୋତେ ମାରିବାର ଅଛି । କାହିଁକି ନା ଭାବ ଏକ ଏଭିଡ଼େନ୍ସ (Evidence,ସଂଯୋଗ) ଅଟେ । ସେହି ଅନ୍ୟ ଏଭିଡେନ୍ସ ଆଉ ଏହି ଏଭିଡେନ୍ସ ଏକାଠି ହୁଏ ତେବେ କାର୍ଯ୍ୟ ହୋଇଯିବ । ଅର୍ଥାତ୍ ସେଥିରେ 'ୱନ୍ ଅଫ୍ ଦି ଏଭିଡେନ୍ସ(One of the evidence)' ହେଉଛି 'ନିଜର' ଭାବ । ଏହାକୁ ନେଇ ସବୁ ଏଭିଡେନ୍ସର 'ନିଜେ' ଇଗୋଇଜମ୍ କରେ ।

## ମରଣକାଳରେ ହିଁ ମରଣ

ଏହା ତ ମୁଁ ସୂକ୍ଷ୍ମ କଥା କହିବାକୁ ଚାହୁଁଛି ଯେ କୌଣସି ଜୀବକୁ ତା'ର ମରଣକାଳ ନ ଆସିଥିଲେ କାହା ଦ୍ୱାରା ମାରି ହେବ ନାହିଁ । ଏବେ ସାତଟି ଛେଳି ଯଦି ଥିବେ, ତେବେ ସେ ଦୁଇଟି ବିକ୍ରି କରେ ଆଉ ଯାହାର ମରଣକାଳ ଆସିଥିବ, ସେ ତା'କୁ ହିଁ ବିକ୍ରି କରେ । ଆରେ, ସାତଟିରୁ ଏହି ଦୁଇଟି ତୋତେ ପ୍ରିୟ ନଥିଲେ ? ସେମାନେ ବି ଭଲ ଅଟନ୍ତି ବିଚରା, ତେବେ ତୁ ସେମାନଙ୍କୁ କାହିଁକି ଦେଇ ଦେଉଛୁ ? ଆଉ ଛେଳି ବି ତା' ସହ ଖୁସି ହୋଇ ଯାଏ । କାରଣ ମରଣ କାଳ ଆସିଛି ସେଥିପାଇଁ! ପୁଣି ସେଠି ତା'କୁ

କଂସେଇଖାନାରେ ରଙ୍ଗ ଲଗାନ୍ତି, ତେବେ ସେ ଭିତରେ ଖୁସି ବି ହୁଏ । ତା'କୁ ଲାଗେ ଯେ ଦିପାବଳୀ ଆସିଲା । ଏପରି ଏହି ଜଗତ । କିନ୍ତୁ ଏ ସବୁ ବୁଝିବା ପରି ଅଟେ ।

ସେଥିପାଇଁ ତା'ର(ଜୀବର) ମରଣକାଳ ଆସିବା ବିନା ତ କେହି ମରେ ହିଁ ନାହିଁ । କିନ୍ତୁ ତୁ ମାରିବାର ଭାବ କରୁଛୁ ସେଥିପାଇଁ ତୋର ଭାବହିଂସା ହେଉଛି ଆଉ ତାହା ତୋ ଆତ୍ମାର ହିଂସା ହେଉଅଛି । ତୁ ତୋ ନିଜର ହିଂସା କରୁଅଛୁ । ବାହାରେ ତ ସେ ଯେତେବେଳେ ମରିବାର ଥିବ ସେତେବେଳେ ମରିବ । ତା'ର ଟାଇମ୍ ଆସିବ, ତା'ର ସଂଯୋଗ ଏକାଠି ହେବ ଆଉ ତାହା ତ ସାଇଣ୍ଟିଫିକ୍ ସରକମ୍‌ଷ୍ଟେନ୍ସିୟଲ ଏଭିଡ଼େନ୍ସ ଅଟେ । କେତେ ସାରା ଏଭିଡେନ୍ସ (ସଂଯୋଗ) ଏକାଠି ହୁଏ ଆଉ ତାହା ତ ଆଖିରେ ଦେଖାଯାଏ ନାହିଁ ଏପରି ଏଭିଡ଼େନ୍ସ ଏକାଠି ହୁଏ, ସେତେବେଳେ ସେ ଜୀବ ମରେ । ସେଥିପାଇଁ ତା'କୁ ମନରେ ଏପରି ଲାଗେ ଯେ 'ମୁଁ ମାରିଦେଲି ।' 'ଆରେ, ତୋର ମାରିବାର ଇଚ୍ଛା ତ ନାହିଁ ଆଉ କିପରି ମାରିଲୁ ତା'କୁ ?' ତେବେ କହିବ, 'କିନ୍ତୁ ମୋ ଗୋଡ଼ ତା' ଉପରେ ପଡ଼ିଲା ନା !' 'ଆରେ, ଗୋଡ଼ ତୋର ? ତୋ ଗୋଡ଼କୁ କଣ ପକ୍ଷାଘାତ ହୁଏ ନାହିଁ ?' ତେବେ କୁହେ, 'ପକ୍ଷାଘାତ ତ ଗୋଡ଼କୁ ହୁଏ ।' ତେଣୁ ସେହି ଗୋଡ଼ ତୋର ନୁହେଁ । ତୋ ବସ୍ତୁକୁ ପକ୍ଷାଘାତ ହୁଏ ନାହିଁ । ତୁ ଗୋଡ଼ ଉପରେ ତୋର ମାଲିକତ୍ୱ ରଖୁଛୁ, କିନ୍ତୁ ମିଛ ମାଲିକତ୍ୱ ଅଟେ । କେହି ଜ୍ଞାନୀପୁରୁଷଙ୍କୁ ପଚାରି ତ ଆ, ଯେ ଏହା ମୋର ଅଟେ ନା ପରର ? ତାହା ପଚାରିକି ଦେଖ ! ଯଦି ପଚାରିବ ତେବେ ଜ୍ଞାନୀପୁରୁଷ ବୁଝାଇଦେବେ ଯେ ଭାଇ ଏସବୁ ତୋର ନୁହେଁ । ଏହି ଗୋଡ଼ ବି ପରର, ଏହି ଅନ୍ୟ ସବୁ ପରର ଆଉ ଏହା ତୋର । ଜ୍ଞାନୀପୁରୁଷ ଏପରି ସବୁ ସ୍ପଷ୍ଟତା କରିଦେବେ । ଜ୍ଞାନୀପୁରୁଷଙ୍କ ପାଖରେ ସର୍ଭେ(survey) କରାଇ ନେ । ଇଏ ତ ଲୋକଙ୍କ ପାଖରେ ସର୍ଭେ କରାଏ । କିନ୍ତୁ ଏହି ସର୍ଭେ କରିବାବାଲା ତ ପାଗଳ ଅଟନ୍ତି । ସେମାନେ ତ ପର ବସ୍ତୁକୁ ମୋର କୁହନ୍ତି । ଅର୍ଥାତ ପ୍ରକୃତ ସର୍ଭେ ହେଲା ହିଁ ନାହିଁ । ଜ୍ଞାନୀପୁରୁଷ ସର୍ଭେ କରି ଅଲଗା କରି ଦିଅନ୍ତି ଆଉ ଲାଇନ୍ ଅଫ୍ ଡ଼ିମାର୍କେଶନ୍ (Line of demarcation) ପକେଇ ଦିଅନ୍ତି ଯେ ଏହି ଏତିକି ଭାଗ ତୁମର, ଏହି ଏତିକି ଭାଗ ପରର । ଯାହା କେବେ ବି ନିଜର ହୁଏ ନାହିଁ, ତାହାକୁ ପରର କୁହାଯାଏ । ପଛେ ଯେତେ ବି ମୁଣ୍ଡ ପିଟିବା, ତଥାପି ସେ ନିଜର ହୁଏ ନାହିଁ ।

ଏବେ ମରଣକାଳ କାହା ହାତର କଥା ନୁହେଁ । କିନ୍ତୁ ଭଗବାନ ଏହା ସ୍ପଷ୍ଟ କରି ନାହାନ୍ତି ଯେ ଏହା ପଛରେ କଜେଜ୍ (କାରଣ) ଅଛି । କିଛି ଜ୍ଞାନ ସ୍ପଷ୍ଟ କରି ହୁଏ ନାହିଁ ।

ଏହିପରି ଯଦି ଭଗବାନ ବିସ୍ତାରପୂର୍ବକ କଥା କହିଥାନ୍ତେ ତେବେ ଲୋକଙ୍କୁ ବହୁତ ବୁଝା ପଡ଼ିଯାଇଥାନ୍ତା । ତଥାପି ଏହି କଥା ଭଗବାନ କହିଛନ୍ତି, କିନ୍ତୁ ଲୋକଙ୍କ ଦୃଷ୍ଟିରେ ତାହା ନାହିଁ । ଭଗବାନ ସବୁ ସ୍ପଷ୍ଟତା କରିଛନ୍ତି । କିନ୍ତୁ ସେ ସବୁ ସୂତ୍ରରେ ଅଛି । ସେହି ଲକ୍ଷେ ସୂତ୍ରର ସାରାଂଶ କାଢିବା ତେବେ ଏତିକି ମିଳିବ । ଭଗବାନ ଯାହା କହିଲେ, ତାହା ସୁନା ରୂପରେ ବାହାରିଲା ଏବଂ ଗୌତମ ସ୍ୱାମୀ ସବୁ ସୂତାରେ ଗୁନ୍ଥି ଚାଲିଲେ । ଏବେ ଯେବେ କେହି ଗୌତମ ସ୍ୱାମୀଙ୍କ ପରି ହେବ, ତେବେ ପୁଣି ସେହି ସୂତ୍ରରୁ ସୁନା ବାହାର କରିବ । କିନ୍ତୁ ସେ ଗୌତମ ସ୍ୱାମୀଙ୍କ ପରି (ଜ୍ଞାନୀ) ଆସିବେ କେବେ, ଆଉ ସୁନା ବାହାରିବ କେବେ ଆଉ ଆମ ଦିନ ବଦଳିବ କେବେ ?

## 'ମାରିବାର ନାହିଁ'ର ନିଶ୍ଚୟ କର

ଏବେ କେତେସାରା ଲୋକ ନିଶ୍ଚୟ କରିଲେ ଯେ 'ଆମକୁ ନାମମାତ୍ର ବି ହିଂସା କରିବାର ନାହିଁ । କୌଣସି ଜୀବଜନ୍ତୁଙ୍କୁ ମାରିବାର ନାହିଁ ।' ଏପରି ନିଶ୍ଚୟ ଯଦି କରିଥିବ ତେବେ ତାହାଦ୍ୱାରା କୌଣସି ଜୀବଜନ୍ତୁ ମରିବା ପାଇଁ ଅଯଥାରେ ଆସନ୍ତି ନାହିଁ । ତା' ପାଦ ତଳେ ଆସିଲେ ମଧ୍ୟ ବଞ୍ଚିକି ବାହାରି ଯାଏ । ଆଉ 'ମୋତେ ଜୀବ ମାରିବାର ହିଁ ଅଛି' ଏପରି ଯିଏ ନିଶ୍ଚୟ କରିଛି, ସେଠି ମରିବା ପାଇଁ ସବୁ ପ୍ରସ୍ତୁତ ଥାଆନ୍ତି ।

ବାକି, ଭଗବାନ କହିଛନ୍ତି ଯେ ଏହି ଜଗତରେ କୌଣସି ମନୁଷ୍ୟ କୌଣସି ବି ଜୀବକୁ ମାରି ପାରିବ ହିଁ ନାହିଁ । ତେବେ କେହି କହେ, 'ହେ ଭଗବାନ, ଏପରି କ'ଣ କହୁଛନ୍ତି ? ଆମେ ମାରୁଥିବାର ସମସ୍ତଙ୍କୁ ଦେଖୁଛୁ ନା !' ତେବେ ଭଗବାନ କୁହନ୍ତି, 'ନା, ସେ ମାରିବାର ଭାବ କରିଛି ଆଉ ଏହି ଜୀବର ମରଣକାଳ ଆସୁଅଛି । ସେଥିପାଇଁ ଏହାର (ଯେତେବେଳେ) ମରଣକାଳ ଆସେ ସେତେବେଳେ ତା'ର ସଂଯୋଗ ମିଳିଯାଏ, ମାରିବାର ଭାବବାଲା ସହ ଭେଟ ହୋଇଯାଏ । ବାକି ମାରି ତ ପାରିବ ହିଁ ନାହିଁ । କିନ୍ତୁ ମରଣକାଳ ଆସେ ତେବେ ମରନ୍ତି ଆଉ ସେତେବେଳେ ହିଁ ସେ ଭେଟ ହୋଇଯାଏ । ଏହା ବହୁତ ସୂକ୍ଷ୍ମ କଥା ଅଟେ । ୱାର୍ଲଡ୍ ଯଦି ବୁଝିଥାନ୍ତା ନା ଆଜି, ତେବେ ଆଶ୍ଚର୍ଯ୍ୟଚକିତ ହୋଇଯାନ୍ତା !

**ପ୍ରଶ୍ନକର୍ତ୍ତା :** ଟ୍ରେନ୍‌ରେ ଆକ୍ସିଡେଣ୍ଟ୍ ହୁଏ ଏବଂ ଟ୍ରେନ୍ ତଳେ ମଣିଷ ମରିଯାଏ । ତେବେ ସେଥିରେ ଟ୍ରେନ୍ କଣ ନିଶ୍ଚୟ କଲା ?

**ଦାଦାଶ୍ରୀ :** ଟ୍ରେନ୍‌କୁ ନିଶ୍ଚୟର ଆବଶ୍ୟକତା ହିଁ ନଥାଏ । ଏହା ତ ଯାହାର

ମରଣକାଳ ପାଖେଇ ଆସେ, ସେତେବେଳେ ସେ କୁହେ ଯେ, 'ମୁଁ ଯେମିତି ବି ହେଉ ମରିବି ।' ସେଥିରେ 'ମୋର କିଛି ଫରକ୍ ପଡ଼େ ନାହିଁ' ଏପରି ଭାବ ଥିବ ତେବେ ତା'କୁ ସେହିପରି ମରଣ ଆସେ । ସେ ଯେପରି ଭାବ କରିଥିବ, ସେହି ଭାବ ଅନୁଯାୟୀ ତା'ର ହିସାବ ହୋଇଥାଏ । କିନ୍ତୁ ମରଣକାଳ ଆସିବା ବିନା କାହାଦ୍ୱାରା ମରେ ନାହିଁ ।

ସେଥିପାଇଁ ଏଥିରେ 'ସେଣ୍ଟେନ୍ସ(sentence)' କ'ଣ ବୁଝିବାର ଅଛି ? ଯେ ସେହି ଜୀବର ମରଣକାଳ ଯଦି ଆସି ନଥିବ, ସେପର୍ଯ୍ୟନ୍ତ କେହି ମାରି ପାରିବେ ହିଁ ନାହିଁ । ଆଉ ମରଣକାଳ କାହାର ହାତରେ ନାହିଁ ।

## 'ମରେ' ନାହିଁ କେହି ଭଗବାନଙ୍କ ଭାଷାରେ

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏହି ଯେଉଁ ହିଂସା ନ କରିବା ତାହା ଦୈବୀଗୁଣ କି ନୁହେଁ ? ଅର୍ଥାତ୍ ହିଂସା କରିବା ତାହା ଦୋଷ କି ନୁହେଁ ?

**ଦାଦାଶ୍ରୀ :** ମୁଁ ତୁମକୁ ଗୁପ୍ତ କଥା ଖୋଲି କହି ଦେଉଛି ?! ଏହି ସମସ୍ତଙ୍କ ସାମ୍ନାରେ, କେହି ଦୁରୁପଯୋଗ କରିବେ ଏପରି ନାହାନ୍ତି ସେଥିପାଇଁ କହୁଛି ।

ଏହି ଜଗତରେ ଭଗବାନଙ୍କ ଦୃଷ୍ଟିରେ କେହି ମରେ ହିଁ ନାହିଁ । ଭଗବାନଙ୍କ ଭାଷାରେ କେହି ମରେ ହିଁ ନାହିଁ, ଲୋକଭାଷାରେ ମରେ । ଏହି ଭ୍ରାନ୍ତିର ଭାଷାରେ ମରେ । ଏହି କଥା ଖୋଲି କହିଲି । କେବେ ବି କହି ନଥିଲି । ଆଜି ତୁମ ସାମନାରେ କହୁଛି ।

ଭଗବାନଙ୍କ ଜ୍ଞାନରେ ଯାହା ଦୃଶ୍ୟମାନ ହୁଏ, ତାହା ମୋ ଜ୍ଞାନରେ ଦୃଶ୍ୟମାନ ହେଉଛି, ତାହା ଏହା ଅଟେ ଯେ ଏହି ଜଗତରେ କେହି ଜୀବିତ ହିଁ ନାହିଁ ଏବଂ କେହି ମରି ହିଁ ନାହିଁ । ଯେବେଠାରୁ ଏହି ଦୁନିଆ ଚାଲିଛି, ସେବେଠାରୁ କେହି ମରି ହିଁ ନାହାନ୍ତି । ଯିଏ ମରୁଥିବାର ଦେଖାଯାଉଛି ତାହା ଭ୍ରାନ୍ତି ଅଟେ ଏବଂ ଜନ୍ମ ହେଉଥିବାର ଦେଖାଯାଉଛି ତାହା ମଧ୍ୟ ଭ୍ରାନ୍ତି ଅଟେ । ଏହା ଭଗବାନଙ୍କ ଭାଷାର ସ୍ପଷ୍ଟ ବାସ୍ତବିକତା କହିଦେଲି ମୁଁ । ଏବେ ତୁମକୁ ଯଦି ପୁରୁଣା ମାନ୍ୟତାକୁ ଧରି ରଖିବାର ଥିବ ତେବେ ଧରି ରଖ ଆଉ ଧରିବାର ନଥିବ ତେବେ ନୂଆକୁ ଧର । ମୋର ଏହି କଥା ତୁମକୁ ବୁଝା ପଡ଼ିଲା ?

**ପ୍ରଶ୍ନକର୍ତ୍ତା :** କଥା ବୁଝାପଡ଼ିଲା, କିନ୍ତୁ ଆପଣ ବହୁତ ଅସ୍ପଷ୍ଟ ରୂପରେ କହିଲେ ।

**ଦାଦାଶ୍ରୀ :** ହଁ, ଅର୍ଥାତ୍ ଭଗବାନଙ୍କ ଭାଷାରେ କେହି ମରେ ହିଁ ନାହିଁ ।

ହଜାର-ହଜାର ବ୍ୟକ୍ତି ସେଠି କଟି ଯାଇଥିବେ । ତାହା ମହାବୀର ଭଗବାନ ଜାଣିବେ, ତେବେ ମହାବୀର ଭଗବାନଙ୍କୁ କୌଣସି ପ୍ରଭାବ ହୁଏ ନାହିଁ । କାହିଁକିନା ସେ ଜାଣନ୍ତି ଯେ କେହି ମରେ ହିଁ ନାହିଁ । ଏହା ତ ଲୋକଙ୍କ ଦୃଷ୍ଟିରେ ମରନ୍ତି, ବାସ୍ତବରେ ମରନ୍ତି ନାହିଁ । ଏହା ଯାହା ଦେଖାଯାଉଛି, ସେ ସବୁ ଭ୍ରାନ୍ତି ଅଟେ । ମୋତେ କେହି କେବେ ବି ମରୁଥିବାର ଦେଖାଯାଇ ନାହିଁ ! ତୁମକୁ ଦେଖାଯାଏ, ସେତିକି ଶଙ୍କା ତୁମକୁ ହେଉଥାଏ ଯେ 'କ'ଣ ହୋଇଯିବ, କ'ଣ ହୋଇଯିବ ?' ତେବେ ମୁଁ କୁହେ ଯେ 'ଭାଇ, କିଛି ହେବ ନାହିଁ, ତୁ ମୋ ଆଜ୍ଞାରେ ରହ ।'

ଅର୍ଥାତ୍ ଆଜି ମୁଁ ସୂକ୍ଷ୍ମ କଥା କହିଦେଲି ଯେ ଭଗବାନଙ୍କ ଭାଷାରେ କେହି ମରେ ନାହିଁ । ତଥାପି ଭଗବାନଙ୍କୁ ଲୋକେ କହିଲେ ଯେ, 'ଭଗବାନ, ଏହି ଜ୍ଞାନ ସର୍ବସାଧାରଣରେ ପ୍ରକାଶ କରିଦିଅନ୍ତୁ ନା !'ତେବେ ଭଗବାନ କୁହନ୍ତି, 'ନା, ଖୋଲାଖୋଲି କହିବା ପରି ଏହା ନୁହେଁ । ଲୋକେ ପୁଣି ଏପରି ବୁଝିବେ ଯେ କେହି ମରେ ହିଁ ନାହିଁ । ସେଥିପାଇଁ ସେମାନେ କାହାକୁ ବି ଖାଇଯିବାର ଭାବ କରିବେ, ଭାବ ବିଗାଡ଼ିବେ ।' ଲୋକଙ୍କ ଭାବ ବିଗିଡ଼ିବ ସେଥିପାଇଁ ଭଗବାନ ଏହି ଜ୍ଞାନ ଖୋଲା କରି ନାହାନ୍ତି । ଅଜ୍ଞାନୀ ଲୋକଙ୍କୁ ଭାବ ବିଗାଡ଼ିବା ପାଇଁ ସମୟ ଲାଗେ ନାହିଁ ଆଉ ଭାବ ବିଗିଡ଼େ ଅର୍ଥାତ୍ 'ନିଜେ' ସେପରି ହୋଇଯାଏ । କାହିଁକିନା ଯାହା ଅଟେ ସେ ନିଜେ ହିଁ ଅଟେ, ତା'ର କେହି ଉପରୀ ହିଁ ନାହିଁ ।

ସେଥିପାଇଁ ଯେପର୍ଯ୍ୟନ୍ତ ଭ୍ରାନ୍ତି ଅଛି ସେପର୍ଯ୍ୟନ୍ତ ଏପରି କହି ହେବ ହିଁ ନାହିଁ ଯେ ଭଗବାନଙ୍କ ଭାଷାରେ କେହି ମରେ ନାହିଁ । ଏହା ତ ତୁମେ ଠିକ୍ ପଚାରିଲ, ତେବେ ମୋତେ ଖୋଲା କରିବାକୁ ପଡ଼ିଲା । ସେଥିରେ ଆମ 'ମହାତ୍ମା'ଙ୍କୁ କହିବାରେ ଅସୁବିଧା ନାହିଁ । ଏହି 'ମହାତ୍ମାମାନେ' ଦୁରୁପଯୋଗ କରିବେ ଏପରି ନୁହଁନ୍ତି । ତୁମେ 'ଭଗବାନଙ୍କ ଭାଷାରେ କେହି ମରେ ନାହିଁ' ଏପରି ସେଠି ସମସ୍ତଙ୍କୁ କହିଦେବ କି ?

**ପ୍ରଶ୍ନକର୍ତ୍ତା :** ମୋତେ କାହାର ଡର ନାହିଁ । ମୁଁ ତ ନିର୍ଭୀକତାର ସହ କହିବି ।

**ଦାଦାଶ୍ରୀ :** କୁହ ନାହିଁ । ଏହି ଜ୍ଞାନ ଖୋଲା କରାଯିବା ପରି ନୁହେଁ । ଏହି ଭଗବାନଙ୍କ ଭାଷାର ଜ୍ଞାନ ତ ଯିଏ 'ଶୁଦ୍ଧାତ୍ମା' ହୋଇଛି, ତା' ପାଇଁ ହିଁ ଜାଣିବା ପରି ଅଟେ । ଅନ୍ୟମାନଙ୍କ ପାଇଁ ଏହି ଜ୍ଞାନ ଜାଣିବା ପରି ନୁହେଁ । ଅନ୍ୟ ଲୋକମାନଙ୍କ ପାଇଁ ଏହା ପଏଜନ୍ ଅଟେ ।

## ଭାରତରେ ଭାବହିଂସା ଭାରୀ

**ପ୍ରଶ୍ନକର୍ତ୍ତା :** ଅହିଂସାର ବ୍ୟାପକ ପ୍ରଚାର କରିବା ପାଇଁ ବହୁତ ସମୟ ଲାଗିବ ?

**ଦାଦାଶ୍ରୀ :** ବହୁତ ସମୟ ଲାଗିଲେ ମଧ୍ୟ ପ୍ରଚାର ପୁରାପୁରି ହେବ ନାହିଁ। କାହିଁକିନା ସଂସାରର ଅର୍ଥ କ'ଣ ? ହିଂସାତ୍ମକ ପ୍ରବୃତ୍ତି ହିଁ ସବୁ। ସେଥିପାଇଁ ତାହା ତ ମେଳ ଖାଇବ ନାହିଁ। ଏହା ତ ହିନ୍ଦୁସ୍ଥାନରେ ଅଳ୍ପ ବହୁତ ଅହିଂସା ପାଳିବା ପାଇଁ ପ୍ରସ୍ତୁତ ହୁଅନ୍ତି, ବାକି ସବୁ ଲୋକ ତ ଅହିଂସା ବୁଝନ୍ତି ହିଁ ନାହିଁ ନା !

**ପ୍ରଶ୍ନକର୍ତ୍ତା :** କିନ୍ତୁ ଜୀବଙ୍କୁ ବଞ୍ଚାଇବାରେ, ତାହା ପଛରେ ସୂକ୍ଷ୍ମ ଅହିଂସାର ଭାବ ଅଛି କି ?

**ଦାଦାଶ୍ରୀ :** ସେହି ବଞ୍ଚାଇବା ଅର୍ଥାତ୍ ସୂକ୍ଷ୍ମ ନୁହେଁ, ସ୍ଥୁଳ ଅହିଂସା ଅଟେ। ସୂକ୍ଷ୍ମ ତ ବୁଝିବେ ନାହିଁ। ସୂକ୍ଷ୍ମ ଅହିଂସା କିପରି ବୁଝିବେ ସେମାନେ ? ଏହି ଲୋକମାନଙ୍କୁ ସ୍ଥୁଳ ହିଁ ଏ ପର୍ଯ୍ୟନ୍ତ ବୁଝା ପଡୁନାହିଁ ନା, ତେବେ ସୂକ୍ଷ୍ମ କେବେ ବୁଝା ପଡ଼ିବ ? ଆଉ ଏହି ସ୍ଥୁଳ ଅହିଂସା ତ ତାଙ୍କ ରକ୍ତରେ ରହିଛି, ସେଥିପାଇଁ ଏହି ଛୋଟ ପ୍ରକାର ଜୀବଙ୍କ ଅହିଂସାର ଧ୍ୟାନ ରଖନ୍ତି। ବାକି, ସବୁ ଲୋକ ନିଜ ଘରେ ସାରାଦିନ ହିଂସା ହିଁ କରୁଥାନ୍ତି। ସମସ୍ତେ, କିଛି ଅପବାଦ ଛାଡିଦେଲେ !

**ପ୍ରଶ୍ନକର୍ତ୍ତା :** ଏହି ୱେଷ୍ଟର୍ଣ୍ଣ କଣ୍ଟ୍ରିଜ୍‌ରେ ମଧ୍ୟ ନିରନ୍ତର ହିଂସା ହିଁ କରୁଛନ୍ତି। ଖାଇବାରେ, ପିଇବାରେ, ପ୍ରତ୍ୟେକ କାର୍ଯ୍ୟରେ। ଘରେ ମଧ୍ୟ ହିଂସା। ମାଛି ମାରିବା, ମଶା ମାରିବା, ବାହାରେ ଲନ୍(lawn)ରେ ବି ହିଂସା, ଔଷଧ ଛିଞ୍ଚିବା, ଜନ୍ତୁ ମାରି ପକାଇବା, ବଗିଚାରେ ବି ହିଂସା, ତେବେ ସେମାନେ କିପରି ମୁକୁଳିବେ ?

**ଦାଦାଶ୍ରୀ :** ଆରେ, ସେମାନଙ୍କ ହିଂସାଠାରୁ ତ ଏହି ହିନ୍ଦୁସ୍ଥାନର ଲୋକେ ବେଶୀ ହିଂସା କରୁଛନ୍ତି। ସେହି ହିଂସା ଅପେକ୍ଷା ଏହି ହିଂସା ବହୁତ ଖରାପ। ସାରାଦିନ ଆତ୍ମାର ହିଁ ହିଂସା କରୁଛନ୍ତି। ଭାବହିଂସା କୁହାଯାଏ ତାହାକୁ।

**ପ୍ରଶ୍ନକର୍ତ୍ତା :** ଏମାନେ ତ ନିଜ ଆତ୍ମାର ହିଂସା କରୁଛନ୍ତି, କିନ୍ତୁ ସେମାନେ ତ ଅନ୍ୟର ଆତ୍ମାର ହିଂସା କରନ୍ତି।

**ଦାଦାଶ୍ରୀ :** ନା। ଏମାନେ ତ ସମସ୍ତଙ୍କ ଆତ୍ମାର ହିଂସା କରନ୍ତି। ଯିଏ-ଯିଏ ମିଳନ୍ତି, ସେ ସମସ୍ତଙ୍କର ହିଂସା କରନ୍ତି। କାମ ହିଁ ଏମାନଙ୍କର ଓଲଟା ଅଟେ। ସେଥିପାଇଁ

ତ ସେମାନେ ସୁଖୀ ଅଛନ୍ତି ନା ! ଆଉ, ଏପରି ଯାହା-ତାହାକୁ ଦୁଃଖ ଦେବାର ବିଚାର ହିଁ ନାହିଁ ଏବଂ 'ଆଇ ୱିଲ୍ ହେଲ୍ପ ୟୁ, ଆଇ ୱିଲ୍ ହେଲ୍ପ ୟୁ' କରୁଥାନ୍ତି ଆଉ ଆମର ଏଠି ତ ସ୍ୱାର୍ଥ ରଖନ୍ତି, 'ମୋତେ କାମରେ ଆସିବ' ତେବେ ହେଲ୍ପ କରନ୍ତି ନହେଲେ କରନ୍ତି ନାହିଁ । ପ୍ରଥମେ ହିସାବ କାଢ଼ି ଦେଖି ନିଅନ୍ତି ଯେ ମୋର କାମରେ ଲାଗିବ ! ଏପରି ହିସାବ କାଢ଼ନ୍ତି ନା ନାହିଁ ?

ସେଥିପାଇଁ ଭଗବାନ ଭାବହିଂସାକୁ ବହୁତ ବଡ଼ ହିଂସା କହିଛନ୍ତି । ଆଉ ପୁରା ହିନ୍ଦୁସ୍ଥାନ ସେପରି ସବୁ ଭାବହିଂସା କରୁଅଛି ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏଠାରେ ତ ଅହିଂସା ଉପରେ ସବୁଠାରୁ ଅଧିକ ଜୋର ଦିଅନ୍ତି ।

**ଦାଦାଶ୍ରୀ :** ତଥାପି ସବୁଠାରୁ ଅଧିକ ହିଂସା ଏଠାକାର ଲୋକଙ୍କର ଅଟେ । କାହିଁକିନା ସାରା ଦିନ କଳହ-କଳହ ଏବଂ କଳହ ହିଁ କରୁଥାନ୍ତି । ତାହାର କାରଣ କ'ଣ ? ଯେ ଏଠାକାର ଲୋକ ଅଧିକ ଜାଗୃତ ଅଟନ୍ତି । ତଥାପି ଆଜିକା ପିଲାମାନେ ଯେଉଁମାନେ ଓଲଟା ରାସ୍ତାରେ ଚାଲି ଯାଇଛନ୍ତି, ସେମାନଙ୍କୁ ଏପରି ଭାବହିଂସା ବେଶୀ ହୁଏ ନାହିଁ ବିଚରାଙ୍କୁ । କାରଣ ସେମାନେ ମାଂସାହାର କରନ୍ତି ଆଉ ସେ ସବୁ କରନ୍ତି ସେଥିପାଇଁ ଜଡ଼ ପରି ହୋଇଗଲେଣି । ଏଣୁ ଜଡ଼ରେ ଭାବହିଂସା ବହୁତ ହୁଏ ନାହିଁ । ଅନ୍ୟଥା, ଯିଏ ଅଧିକ ଜାଗୃତ ଥିବ ସେଠାରେ କେବଳ ଭାବହିଂସା ହିଁ ହୁଏ । ସେଥିପାଇଁ ସାରାଦିନ କଳହ, କଳହ.... ଗ୍ଲାସ୍ ଭାଙ୍ଗିଲା ତେବେ ମଧ୍ୟ କଳହ, କିଛି ହେଲା ତେବେ ମଧ୍ୟ କଳହ ।

## ଭାବ ସ୍ୱତନ୍ତ୍ର, ଦ୍ରବ୍ୟ ପରତନ୍ତ୍ର

**ପ୍ରଶ୍ନକର୍ତ୍ତା :** ତଥାପି ଏମାନଙ୍କୁ ଯେଭଳି ବି ହେଉ କିନ୍ତୁ ଅହିଂସା ତ ହେଲା ନା ?

**ଦାଦାଶ୍ରୀ :** ଭାବ, ତାହା ସ୍ୱତନ୍ତ୍ର ହିଂସା ଅଟେ ଏବଂ ଦ୍ରବ୍ୟ, ତାହା ପରତନ୍ତ୍ର ହିଂସା ଅଟେ । ତାହା ନିଜ କାବୁରେ ନାହିଁ । ଅର୍ଥାତ୍ ଏହା ପରତନ୍ତ୍ର ଅହିଂସା ପାଳୁଛନ୍ତି । ଆଜି ତାହା ସେମାନଙ୍କର ପୁରୁଷାର୍ଥ ନୁହେଁ ।

ଅର୍ଥାତ୍ ଏ ଯେଉଁ ଅହିଂସା ଅଛି, ତାହା ସ୍ଥୁଳ ଜୀବଙ୍କ ପାଇଁ ଅହିଂସା ଅଟେ, କିନ୍ତୁ ତାହା ଭୁଲ ନୁହେଁ । ଯେବେକି ଭଗବାନ କ'ଣ କହିଛନ୍ତି ଯେ ଏହି ବାହାରର ଅହିଂସା ତୁମେ ପାଳୁଛ, ତେବେ ସେହି ସମ୍ପୂର୍ଣ୍ଣ ଅହିଂସା ପାଳ, ସୂକ୍ଷ୍ମ ଜୀବ ଅଥବା ସ୍ଥୁଳ ଜୀବ

ସମସ୍ତଙ୍କ ପାଇଁ ଅହିଂସା ପାଳ । କିନ୍ତୁ ତୁମ ଆତ୍ମାର ଭାବହିଂସା ନହେଉ ତାହା ପ୍ରଥମେ ଦେଖ । ଏହା ତ ନିରନ୍ତର ଭାବହିଂସା ହିଁ ହେଉଅଛି । ଏବେ ଲୋକମାନେ ମୁହଁରେ ଏହି ଭାବହିଂସା କୁହନ୍ତି ନିଶ୍ଚିତ, କିନ୍ତୁ ଭାବହିଂସା କାହାକୁ କୁହାଯାଏ, ତାହା ବୁଝିବା ଉଚିତ୍ ନା ? ମୋ ପାଖରେ କଥାବାର୍ତ୍ତା ହେଲେ ତେବେ ମୁଁ ବୁଝାଇବି ।

ଭାବହିଂସା ଅନ୍ୟ କାହାକୁ ଦେଖାଯାଏ ନାହିଁ ଏବଂ ସିନେମା ପରି, ସିନେମା ଚାଲେ ନା, ଯାହା ଆମେ ଦେଖୁ, ଏପରି ଯାହା ଦେଖାଯାଏ ସେ ସବୁ ଦ୍ରବ୍ୟହିଂସା ଅଟେ । ଭାବହିଂସା ଏପରି ସୂକ୍ଷ୍ମରେ ହୁଏ ଆଉ ଦ୍ରବ୍ୟହିଂସା ତ ଦେଖାଯାଏ, ପ୍ରତ୍ୟକ୍ଷ, ମନ-ବଚନ-କାୟା ଦ୍ୱାରା ଯାହା ଜଗତରେ ଦେଖାଯାଏ ତାହା ଦ୍ରବ୍ୟହିଂସା ।

## ପ୍ରଥମେ ଭାବହିଂସାରୁ ବଞ୍ଚ

ସେଥିପାଇଁ ଭଗବାନ ଅହିଂସା (ବିଷୟରେ) ଅଲଗା ପ୍ରକାରର କହିଛନ୍ତି ଯେ ଫାଷ୍ଟ ଅହିଂସା କ'ଣ ? *ଆତ୍ମଘାତ* (ନିଜ ଆତ୍ମାର କ୍ଷତି) ନହେଉ । ପ୍ରଥମେ ଭିତରୁ ଭାବହିଂସା ନହେଉ ତାହା ଦେଖିବାକୁ କହିଛନ୍ତି । ତାହା ବଦଳରେ କେଉଁଠୁ କେଉଁଠିକି ଚାଲିଗଲା । ଏହା ତ ଭାବହିଂସା ସବୁ ହୋଇଚାଲିଛି, ନିରନ୍ତର ଭାବହିଂସା ହୋଇଚାଲିଛି । ସେଥିପାଇଁ ପ୍ରଥମେ ଭାବହିଂସା ବନ୍ଦ କରିବାର ଅଛି ଆଉ ଦ୍ରବ୍ୟହିଂସା ତ କାହା ହାତରେ ହିଁ ନାହିଁ । ତଥାପି ଏପରି କହିବା ଉଚିତ୍ ନୁହେଁ । ଏପରି ଯଦି କହିବ ତେବେ ଉତ୍ତରଦାୟିତ୍ୱ ଆସିବ । ବାହାରେ ସମସ୍ତଙ୍କ ସାମନାରେ କହିହେବ ନାହିଁ । କେବଳ ବୁଝିପାରିବା ବ୍ୟକ୍ତିକୁ ହିଁ କୁହାଯାଇ ପାରିବ । ସେଥିପାଇଁ ବୀତରାଗ (ଭଗବାନ) ସବୁ ଖୋଲା କଲେ ନାହିଁ । କିନ୍ତୁ ଦ୍ରବ୍ୟହିଂସା କାହା ହାତରେ ହିଁ ନାହିଁ, କୌଣସି ଜୀବ ନିୟନ୍ତ୍ରଣରେ ହିଁ ନାହିଁ । କିନ୍ତୁ ଏପରି ଯଦି କୁହାଯିବ ତେବେ ଲୋକେ ଆସନ୍ତା ଭବ ବିଗାଡ଼ିବେ । କାରଣ ଭାବ କରିବା ବିନା ରହିବେ ନାହିଁ ନା ! ଯେ 'ଏପରି ହାତରେ ହିଁ ନାହିଁ, ଏବେ ତ ମାରିବାରେ ଦୋଷ ହିଁ ନାହିଁ ନା !' ସେହି ଭାବହିଂସା ହିଁ ବନ୍ଦ କରିବାର ଅଛି । ମାନେ ବୀତରାଗ କେତେ ବିଜ୍ଞ ! ଏକ ଅକ୍ଷର ବି ଏହି ବାବଦରେ ଲେଖିଛନ୍ତି କି ? ଦେଖ, ଏତିକି ବି ଲିକେଜ୍ ହେବାକୁ ଦେଲେ ! ତୀର୍ଥଙ୍କର କେତେ ବିଜ୍ଞ ପୁରୁଷ ଥିଲେ, ଯେଉଁଠି ପାଦ ରଖନ୍ତି ସେଠି ତୀର୍ଥ !

ତଥାପି ଦ୍ରବ୍ୟହିଂସା ବନ୍ଦ କରିବା, ତେବେ ଯାଇ ଭାବହିଂସା ନିୟନ୍ତ୍ରଣ ହୋଇପାରିବ ଏପରି ଅଟେ । ତଥାପି ଭାବହିଂସାର ବହୁତ ମହତ୍ୱ ଅଛି । ସେଥିପାଇଁ ଜୀବଙ୍କ 'ହିଂସା-

ନ ହିଂସା'ରେ ପଡ଼ିବାକୁ ଭଗବାନ କହିନାହାନ୍ତି । ଭଗବାନ କୁହନ୍ତି, 'ତୁ ଭାବହିଂସା ନ କର । ତେବେ ତୁ ଅହିଂସକ ଗଣାଯିବୁ ।' ଏତିକି ଶବ୍ଦ ଭଗବାନ କହିଛନ୍ତି ।

## ଏପରି ହୁଏ ଭାବ ଅହିଂସା

ଏଣୁ ସବୁଠାରୁ ବଡ଼ ହିଂସା ଭଗବାନ କାହାକୁ କହିଲେ ? ଯେ 'ଏହି ବ୍ୟକ୍ତି କୌଣସି ଜୀବକୁ ମାରିଦେଲା, ତାହାକୁ ମୁଁ ହିଂସା କୁହେ ନାହିଁ କିନ୍ତୁ ଏହି ବ୍ୟକ୍ତି ଜୀବ ମାରିବାର ଭାବ କଲା, ସେଥିପାଇଁ ମୁଁ ତାହାକୁ ହିଂସା କୁହେ ।' କୁହ, ଏବେ ଲୋକେ କ'ଣ ବୁଝିବେ ? ଯେ 'ଇଏ ଜୀବକୁ ମାରିଦେଲା, ଏଣୁ ୟାକୁ ହିଁ ଧର !' ସେତେବେଳେ କେହି କହିବ, 'ସେ ଜୀବକୁ ମାରି ତ ନାହିଁ ନା ?' ମାରି ନଥିବ ସେଥିରେ ମଧ୍ୟ ଆପତ୍ତି ନାହିଁ । କିନ୍ତୁ ଭାବ କଲା ନା ସେ, ଯେ ଜୀବ ମାରିବା ଉଚିତ୍, ସେଥିପାଇଁ ସେ ଦୋଷୀ । ଆଉ ଜୀବଙ୍କୁ ତ *'ବ୍ୟବସ୍ଥିତ'* ମାରେ । ମାରିବାବାଲା ତ ଖାଲି ଅହଙ୍କାର କରେ ଯେ 'ମୁଁ ମାରିଲି ।' ଆଉ (ଯିଏ)ଏହି ଭାବ କରେ, ସେ ତ ନିଜେ ମାରେ ।

ତୁମେ କୁହ ଯେ ଜୀବଙ୍କୁ ବଞ୍ଚାଇବା ଉଚିତ୍ । ପୁଣି ବଞ୍ଚନ୍ତୁ କି ନ ବଞ୍ଚନ୍ତୁ ତାହାର ଉତ୍ତରଦାୟୀ ତୁମେ ନୁହଁ । ତୁମେ କୁହ ଯେ 'ଏହି ଜୀବମାନଙ୍କୁ ବଞ୍ଚାଇବା ଉଚିତ୍', ତୁମକୁ ଏତିକି ହିଁ କରିବାର ଅଛି । ପୁଣି ହିଂସା ହୋଇଗଲା, ତାହାର ଉତ୍ତରଦାୟୀ ତୁମେ ନୁହଁ ! ହିଂସା ହେଲା ତାହାର ପଶ୍ଚାତାପ, ତାହାର ପ୍ରତିକ୍ରମଣ କରିବ ତାହାଦ୍ୱାରା ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏବେ ଏପରି ସବୁ ସୂକ୍ଷ୍ମ କଥା ମନୁଷ୍ୟକୁ କିପରି ବୁଝା ପଡ଼ିବ ? ତା'ର ଯୋଗ୍ୟତା କ'ଣ ? ଏତେ ଅଧିକ ଦର୍ଶନ(ବୁଝିବାର ଶକ୍ତି) କେଉଁଠୁ ଆଣିବ ? ମୋ ଏହି କଥା ସବୁ ଯଦି ସେଠାକୁ ନେଇଯିବ ତେବେ ପୁଣି ଓଲଟା ବୁଝିବେ । ପବ୍ଲିକ୍‌ରେ ମୁଁ ଏପରି କୁହେ ନାହିଁ । ପବ୍ଲିକ୍‌ରେ କୁହାଯାଇ ପାରିବ ନାହିଁ ନା ! ତୁମକୁ ବୁଝାପଡୁଛି ?

ଭାବ ଅହିଂସା ଅର୍ଥାତ, ମୋତେ କୌଣସି ବି ଜୀବକୁ ମାରିବାର ଅଛି ଏପରି ଭାବ କେବେ ବି ନହେବା ଉଚିତ୍ ଆଉ କୌଣସି ବି ଜୀବକୁ ଦୁଃଖ ଦେବାର ଅଛି ଏପରି ଭାବ ଉତ୍ପନ୍ନ ନ ହେବା ଉଚିତ୍ । ମନ-ବଚନ-କାୟା ଦ୍ୱାରା କୌଣସି ଜୀବକୁ କିଞ୍ଚିତ ମାତ୍ର ଦୁଃଖ ନହେଉ, ଏପରି ଭାବନା ହିଁ କେବଳ କରିବାର ଅଛି, କ୍ରିୟା ନୁହେଁ । କେବଳ ଭାବନା କରିବାର ଅଛି । କ୍ରିୟାରେ ତ ତୁ କିପରି ବଞ୍ଚାଇବୁ? ଶ୍ୱାସ ପ୍ରଶ୍ୱାସରେ କେତେସାରା ଲକ୍ଷଲକ୍ଷ ଜୀବ ମରିଯାନ୍ତି ଆଉ ଏଠି(ଯେତେବେଳେ ଶରୀର ଗତି କରେ)

ଜୀବଙ୍କ ଦଳ (ଶରୀରରେ)ବାଡ଼େଇ ହୁଅନ୍ତି ସେମାନେ ବାଡ଼େଇ ହେବାଦ୍ୱାରା ହିଁ ମରିଯାନ୍ତି । କାହିଁକି ନା ଆମେ ତ ସେମାନଙ୍କ ପାଇଁ ବଡ଼ ବଡ଼ ପଥର ପରି ଦେଖାଯାଉ । ତାଙ୍କୁ ଏପରି ଲାଗେ ଯେ ଏହା ପଥର ବାଡ଼େଇ ହେଲା ।

## ସବୁଠାରୁ ବଡ଼ ଆତ୍ମହିଂସା, କଷାୟ

ଯେଉଁଠି କ୍ରୋଧ-ମାନ-ମାୟା-ଲୋଭ ଅଛି, ତାହା ଆତ୍ମ ହିଂସା ଅଟେ ଆଉ ଅନ୍ୟଟି ଜୀବଙ୍କ ହିଂସା ଅଟେ । ଭାବ ହିଂସାର ଅର୍ଥ କ'ଣ ? ତୋ ନିଜର ଯେଉଁ ହିଂସା ହୁଏ, ଏହି କ୍ରୋଧ-ମାନ-ମାୟା-ଲୋଭ ତାହା ତୋତେ ନିଜକୁ ବନ୍ଧନ କରାନ୍ତି, ତେଣୁ ନିଜ ଉପରେ ଦୟା ରଖ । ପ୍ରଥମେ ନିଜର ଭାବ ଅହିଂସା ଏବଂ ପରେ ଅନ୍ୟମାନଙ୍କ ପ୍ରତି ଭାବ ଅହିଂସା କହିଛନ୍ତି ।

ଏହି ଛୋଟ ଜୀବଜନ୍ତୁଙ୍କୁ ମାରିବା, ତାହା ଦ୍ରବ୍ୟହିଂସା କୁହାଯାଏ ଆଉ କାହାକୁ ମାନସିକ ଦୁଃଖ ଦେବା, କାହା ଉପରେ କ୍ରୋଧ କରିବା, ରାଗିବା, ସେ ସବୁ ହିଂସକ ଭାବ କୁହାଯାଏ, ଭାବହିଂସା କୁହାଯାଏ । ଲୋକେ ପଛେ ଯେତେ ବି ଅହିଂସା ପାଳନ୍ତୁ କିନ୍ତୁ ଅହିଂସା ଏତେ ସହଜ ନୁହେଁ ଯେ ଜଲଦି ପାଳନ କରିହେବ । ଆଉ ପ୍ରକୃତ ହିଂସା ହିଁ ଏହି କ୍ରୋଧ-ମାନ-ମାୟା-ଲୋଭ ଅଟେ । ଏହି ଯେଉଁ ଜୀବଜନ୍ତୁଙ୍କୁ ମାରନ୍ତି, ଅଣ୍ଡିରା ଏବଂ ମାଇ ମଇଁଷି ମାରନ୍ତି, ତାହା ତ ବୁଝି ନିଅ ଯେ ଦ୍ରବ୍ୟହିଂସା ଅଟେ । ତାହା ତ ପ୍ରକୃତିର ଲେଖିବା ଅନୁସାରେ ଚାଲିଥାଏ । ଏଥିରେ କାହାର ଚାଲିବ ଏପରି ନୁହେଁ ।

ସେଥିପାଇଁ ଭଗବାନ ତ କ'ଣ କହିଥିଲେ ଯେ ପ୍ରଥମେ, ନିଜର *କଷାୟ*(କ୍ରୋଧ-ମାନ-ମାୟା-ଲୋଭ) ନହେଉ ଏପରି କର । କାହିଁକିନା ଏହି କଷାୟ, ତାହା ସବୁଠୁ ବଡ଼ ହିଂସା ଅଟେ । ତାହା ଆତ୍ମହିଂସା କୁହାଯାଏ, ଭାବହିଂସା କୁହାଯାଏ । ଦ୍ରବ୍ୟହିଂସା ହୋଇଯାଏ ତେବେ ପଛେ ହେଉ, କିନ୍ତୁ ଭାବହିଂସା ହେବାକୁ ଦିଅ ନାହିଁ । ମାତ୍ର ଏହି ଲୋକମାନେ ଦ୍ରବ୍ୟହିଂସା ଅଟକାଉଛନ୍ତି, କିନ୍ତୁ ଭାବହିଂସା ଚାଲୁ ରହିଛି ।

ଏଣୁ କେହି ଯଦି ସ୍ଥିର କରିଥିବ ଯେ 'ମୋତେ ମାରିବାର ହିଁ ନାହିଁ', ତେବେ ତା' ଭାଗରେ କେହି ମରିବାକୁ ଆସନ୍ତି ନାହିଁ । ଏବେ ସେମିତିରେ ତ ସେ ପୁଣି ସ୍ଥୂଳହିଂସା ବନ୍ଦ କଲା ଯେ ମୋତେ କୌଣସି ଜୀବକୁ ମାରିବାର ନାହିଁ । କିନ୍ତୁ ବୁଦ୍ଧିଦ୍ୱାରା ମାରିବି ଏପରି ଯଦି ସ୍ଥିର କରିଥିବ ତେବେ ପୁଣି ତା'ର ବଜାର(ହିଂସାର ବେପାର) ଖୋଲା ରହିଥାଏ । ତେବେ ସେଠି 'କୀଟ-ପତଙ୍ଗ' ଆସି ଧକ୍କା ହେଉଥାନ୍ତି ଏବଂ ତାହା ମଧ୍ୟ

ହିଂସା ହିଁ ଅଟେ ନା!

ଏଣୁ କୌଣସି ଜୀବକୁ *ତ୍ରାସ୍* (ଭୟ) ନହେଉ, କୌଣସି ଜୀବକୁ ଦୁଃଖ ନହେଉ, କୌଣସି ଜୀବର ତିଳେ ମାତ୍ର ବି ହିଂସା ନ ହେଉ, ଏପରି ହେବା ଉଚିତ୍ । ଆଉ କୌଣସି ମନୁଷ୍ୟ ପାଇଁ ତିଳେ ମାତ୍ର ଖରାପ ଅଭିପ୍ରାୟ ନହେବା ଉଚିତ୍ । ଶତ୍ରୁ ପାଇଁ ବି ଯଦି ଅଭିପ୍ରାୟ ବଦଳିଲା, ତେବେ ତାହା ସବୁଠୁ ବଡ଼ ହିଂସା ଅଟେ । ଗୋଟିଏ ଛେଳି ମାରିବା ତାହା ଅପେକ୍ଷା ଏହା ବଡ଼ ହିଂସା ଅଟେ । ଘର ଲୋକଙ୍କ ଉପରେ ଚିଡ଼ିବା, ତାହା ଛେଳି ମାରିବା ଠାରୁ ମଧ୍ୟ ବଡ଼ ହିଂସା ଅଟେ । କାରଣ ଚିଡ଼ିବା ତାହା ଆତ୍ମଘାତ ଅଟେ । ଆଉ ଛେଳି ମରିବା ତାହା ଅଲଗା ଜିନିଷ ଅଟେ ।

ଆଉ ଲୋକଙ୍କର ନିନ୍ଦା କରିବା, ତାହା ମାରିବା ସହ ସମାନ ଅଟେ । ଏଥିପାଇଁ ନିନ୍ଦାରେ ତ ପଡ଼ିବ ହିଁ ନାହିଁ । ବିଲକୁଲ୍ ବି ଲୋକଙ୍କ ନିନ୍ଦା କେବେ କରିବ ନାହିଁ । ତାହା ହିଂସା ହିଁ ଅଟେ ।

ପୁଣି ଯେଉଁଠି ପକ୍ଷପାତ ଅଛି ସେଠି ହିଂସା ଅଛି । ପକ୍ଷପାତ ଅର୍ଥାତ୍ ଆମେ ଅଲଗା ଆଉ ତୁମେ ଅଲଗା, ସେଠି ହିଂସା ଅଛି । ଏମିତି ଅହିଂସାର ଡେଙ୍ଗୁରା ପିଟେ ଯେ ଆମେ ଅହିଂସକ ପ୍ରଜା ଅଟୁ । ଆମେ ଅହିଂସାରେ ହିଁ ମାନିବାବାଲା ଅଟୁ, କିନ୍ତୁ ଭାଇ, ଏହି ପକ୍ଷପାତ ତାହା ପ୍ରଥମ ହିଂସା ଅଟେ । ଯଦି ଏତିକି ଶବ୍ଦ ବୁଝେ ତେବେ ମଧ୍ୟ ବହୁତ ହୋଇଗଲା । ଏଥିପାଇଁ ବୀତରାଗଙ୍କ କଥା ବୁଝିବାର ଆବଶ୍ୟକତା ଅଛି ।

## ନିଜର ଭାବମରଣ ପ୍ରତିକ୍ଷଣ

ସାରା ଜଗତର ଲୋକଙ୍କୁ *ରୌଦ୍ରଧ୍ୟାନ* (ଅନ୍ୟମାନଙ୍କୁ କ୍ଷତି ଅବା ଦୁଃଖ ପହଞ୍ଚାଇବାର ଭାବ) ଏବଂ *ଆର୍ତ୍ତଧ୍ୟାନ* (ନିଜେ ନିଜପାଇଁ ଚିନ୍ତା କରି ଦୁଃଖୀ ହେବା) ତ ଆପେ ଆପେ ହୋଇଚାଲିଥାଏ । ସେଥିପାଇଁ କିଛି କରିବା ଦରକାର ହିଁ ନାହିଁ । ଏଥିପାଇଁ ଏହି ଜଗତରେ ସବୁଠାରୁ ବଡ଼ ହିଂସା କ'ଣ ? *ଆର୍ତ୍ତଧ୍ୟାନ* ଏବଂ *ରୌଦ୍ରଧ୍ୟାନ*! କାରଣ ତାହାକୁ ଆତ୍ମହିଂସା କୁହାଯାଏ । ସେ ଜୀବଙ୍କ ହିଂସା ତ *ପୁଦ୍‌ଗଲ୍* (ଅନାତ୍ମା ବିଭାଗ) ହିଂସା କୁହାଯାଏ ଆଉ ଏହାକୁ ଆତ୍ମହିଂସା କୁହାଯାଏ । ତେବେ କେଉଁ ହିଂସା ଭଲ ?

**ପ୍ରଶ୍ନକର୍ତ୍ତା :** ହିଂସା ତ କିଛି ବି ଭଲ ନୁହେଁ । କିନ୍ତୁ ଆତ୍ମ ହିଂସା ତାହାକୁ ବଡ଼(ହିଂସା) କୁହାଯାଏ ।

**ଦାଦାଶ୍ରୀ :** ଏହି ଲୋକମାନେ ସବୁ ପୁଦ୍‌ଗଲ୍ ହିଂସା ପାଇଁ ବହୁତ ସାବଧାନ ରୁହନ୍ତି । କିନ୍ତୁ ଆତ୍ମହିଂସା ତ ହୋଇ ଚାଲିଥାଏ । ଆତ୍ମହିଂସାକୁ ଶାସ୍ତ୍ରକାର ଭାବହିଂସା ଲେଖିଛନ୍ତି । ଏବେ ଭାବହିଂସା ଏହି ଜ୍ଞାନ ପରେ ତୁମର ବନ୍ଦ ହୋଇଯାଏ । ତେବେ ଭିତରେ ବହୁତ ଶାନ୍ତି ରହୁଛି ନା !

**ପ୍ରଶ୍ନକର୍ତ୍ତା :** କୃପାଳୁଦେବ ଏହି ଭାବହିଂସାକୁ ଭାବମରଣ କହିଛନ୍ତି ନା ? କୃପାଳୁଦେବଙ୍କ ଯେଉଁ ବାକ୍ୟ ଅଛି, *'କ୍ଷଣ କ୍ଷଣ ଭୟଙ୍କର ଭାବ ମରଣେ କାଂ ଅହୋ ରାଚୀ ରହ୍ୟୋ'* ସେଥିରେ ସମୟ ସମୟର ଭାବ ମରଣ କଣ ହୁଏ ?

**ଦାଦାଶ୍ରୀ :** ହଁ, ପ୍ରତିକ୍ଷଣ ଭୟଙ୍କର ଭାବମରଣ ମାନେ କ'ଣ କହିବାକୁ ଚାହୁଁଛନ୍ତି ? କ୍ଷଣ କ୍ଷଣରେ ଭାବମରଣ ହେଉ ନାହିଁ ଯେବେକି ସମୟ ସମୟରେ ଭୟଙ୍କର ଭାବମରଣ ହେଉଛି । କିନ୍ତୁ ଏହା ତ ସ୍ଥୁଳରୂପରେ ଲେଖା ହୋଇଛି । ଯେବେକି ସମୟ ସମୟରେ ଭାବମରଣ ହିଁ ହେଉଅଛି । ଭାବମରଣ ଅର୍ଥାତ୍ କ'ଣ ? ଯେ 'ମୁଁ*ଚନ୍ଦୁଲାଲ' ତାହା ହିଁ ଭାବମରଣ । ଯେଉଁ ଅବସ୍ଥା ଉତ୍ପନ୍ନ ହେଲା ସେହି ଅବସ୍ଥା 'ମୋତେ' ହେଲା ଏପରି ମାନିବା ଅର୍ଥାତ୍ ଭାବମରଣ ହେଲା । ଏହି ସବୁ ଲୋକଙ୍କ ରମଣତା ଭାବମରଣରେ ଅଛି ଯେ 'ଏହି *ସାମୟିକ* ମୁଁ କଲି, ଏହା ମୁଁ କଲି ।'

**ପ୍ରଶ୍ନକର୍ତ୍ତା :** ତେବେ ପୁଣି ଭାବ ସଜୀବ କିପରି ହୋଇପାରିବ ?

**ଦାଦାଶ୍ରୀ :** ଏପରି ଭାବ ସଜୀବ ନୁହେଁ । ଭାବର ମରଣ ହୋଇଗଲା । ଭାବମରଣ ତାହାକୁ ନିଦ୍ରା କୁହାଯାଏ । ଭାବନିଦ୍ରା ଏବଂ ଭାବମରଣ ସେ ଉଭୟ ଗୋଟିଏ ହିଁ ଅଟେ । ଏହି 'ଅକ୍ରମ ବିଜ୍ଞାନ'ରେ ଭାବ ହିଁ ରଖି ନାହିଁ, ସେଥିପାଇଁ ପୁଣି ଭାବମରଣ ହୁଏ ନାହିଁ, ଆଉ କ୍ରମିକରେ ତ ପ୍ରତିକ୍ଷଣ ଭାବମରଣରେ ହିଁ ବାନ୍ଧି ହୋଇଥାନ୍ତି । କୃପାଳୁଦେବ ତ ଜ୍ଞାନୀପୁରୁଷ ନା, ସେଥିପାଇଁ ତାଙ୍କୁ କେବଳ ବୁଝାପଡୁଥିଲା । ତାଙ୍କୁ ଏପରି ଲାଗେ ଯେ, 'ଏହା ତ ଭାବମରଣ ହେଲା, ଏହା ଭାବମରଣ ହେଲା ।' ସେଥିପାଇଁ ନିଜେ ନିରନ୍ତର ସଚେତ ରହୁଥିଲେ । ଅନ୍ୟଲୋକେ ତ ଭାବମରଣରେ ହିଁ ଚାଲୁଥାନ୍ତି ।

ଭାବମରଣର ଅର୍ଥ କ'ଣ ? ଯେ ସ୍ୱଭାବର ମରଣ ହେଲା ଏବଂ ବିଭାବର ଜନ୍ମ ହେଲା । ଅବସ୍ଥାରେ 'ମୁଁ', ତାହାଦ୍ୱାରା ବିଭାବର ଜନ୍ମ ହେଲା ଆଉ 'ନିଜେ' ଅବସ୍ଥାକୁ ଦେଖିବା ତେବେ ସ୍ୱଭାବର ଜନ୍ମ ହେଲା ।

*ପାଠକ 'ଚନ୍ଦୁଲାଲ' ସ୍ଥାନରେ ନିଜ ନାମ ପଢ଼ନ୍ତୁ

ସେଥିପାଇଁ ଏହି *ପୁଦ୍‌ଗଲ୍* ହିଂସା ଯଦି ହୁଏ, ତେବେ ତାହାର କିଛି ସମାଧାନ ଆସିବ । କିନ୍ତୁ ଆତ୍ମହିଂସାବାଲାର ସମାଧାନ ଆସିବ ନାହିଁ । ଏତେ ସୂକ୍ଷ୍ମତାର ସହିତ ଲୋକେ ବୁଝାଉ ନାହାଁନ୍ତି ନା! ସେମାନେ ତ ଉପରେ ଉପରେ ବୁଝାଇ ଦିଅନ୍ତି ।

## ଅହିଂସାରୁ ବଢ଼ିଲା ବୁଦ୍ଧି

ଏପରି ଅଟେ, *ଆର୍ତ୍ତଧ୍ୟାନ* ଏବଂ *ରୌଦ୍ରଧ୍ୟାନ* ତ ମୁସଲମାନଙ୍କୁ ହୁଏ, ଖ୍ରୀଷ୍ଟିୟାନ୍‌ଙ୍କୁ ହୁଏ, ସମସ୍ତଙ୍କୁ ହୁଏ ଏବଂ ଆମ ଲୋକଙ୍କୁ ବି ହୁଏ, ସେଥିରେ ଫରକ କ'ଣ? ଡ଼ିଫରେନ୍ସ କ'ଣ? ଓଲଟା ଆମ ଲୋକଙ୍କୁ ଅଧିକ ହୁଏ । କାହିଁକିନା ଜୀବହିଂସାରେ କିଛି ମର୍ଯ୍ୟାଦା ରଖିଛନ୍ତି । ଅହିଂସା ଧର୍ମ ପାଳନ୍ତି ସେହି କାରଣରୁ ଅଧିକ ହୁଏ । କାହିଁକିନା ତା' ମସ୍ତିଷ୍କ ବହୁତ ତୀକ୍ଷ୍ଣ ହୋଇଥାଏ, ବୁଦ୍ଧିଶାଳୀ ହୋଇଥାଏ । ଆଉ ଯେପରି ବୁଦ୍ଧି ବଢ଼େ, ସେପରି ଦୁଷମକାଳରେ ଭୟଙ୍କର ପାପ ବାନ୍ଧେ । ଆଉ ଅଧିକ ବୁଦ୍ଧିଶାଳୀ କମ ବୁଦ୍ଧିବାଲାକୁ ମାରେ ମଧ୍ୟ ।

ଫରେନ୍‌ବାଲା ଏବଂ ମୁସଲିମ୍ କେହି ବୁଦ୍ଧି ଦ୍ୱାରା ମାରନ୍ତି ନାହିଁ । ଆମ ହିନ୍ଦୁସ୍ଥାନର ଲୋକେ ତ ବୁଦ୍ଧି ଦ୍ୱାରା ମାରନ୍ତି । ବୁଦ୍ଧିରେ ମାରିବା ତ କୌଣସି କାଳରେ ହିଁ ନଥିଲା । ଏହି କାଳରେ ହିଁ ଏହି ନୂଆ ଦୁର୍ଦ୍ଦଶା ସୃଷ୍ଟି ହୋଇଛି । କିନ୍ତୁ ବୁଦ୍ଧି ଥିଲେ ତ ମାରିବ ନା?! ତାହେଲେ ବୁଦ୍ଧି କାହାର ଥାଏ? ଏକରେ ତ ଏହି ଜୀବଙ୍କର ହତ୍ୟା ଯିଏ କରୁ ନଥିବ, ଅହିଂସା ଧର୍ମ ପାଳୁଥିବ, *ଛଅକାୟା (ସ୍ଥାବରକାୟା ପାଞ୍ଚ ପ୍ରକାର ଏବଂ ତ୍ରସକାୟା)*ବିଶିଷ୍ଟ ଜୀବଙ୍କର ହିଂସା କରୁ ନଥିବ, ତା'ର ବୁଦ୍ଧି ବଢ଼େ । କେହି ଯଦି *କନ୍ଦମୂଳ* ଖାଉ ନଥିବ, ତା'ର ବୁଦ୍ଧି ବଢ଼େ । ତୀର୍ଥଙ୍କରଙ୍କ ମୂର୍ତ୍ତିର ଦର୍ଶନ କରେ, ତା'ର ବୁଦ୍ଧି ବଢ଼େ । ଆଉ ଏହି ବୁଦ୍ଧି ବଢ଼ିଲା, ତା'ର ଲାଭ କ'ଣ ହେଲା?

**ପ୍ରଶ୍ନକର୍ତ୍ତା :** ଏହି ଲୋକମାନଙ୍କ ପ୍ରତି ଆପଣ ଅନ୍ୟାୟ କରୁଛନ୍ତି ।

**ଦାଦାଶ୍ରୀ :** ଅନ୍ୟାୟ କରୁନାହିଁ । ବହୁତ ବୁଦ୍ଧିଶାଳୀ ଅଟନ୍ତି ତେଣୁ ସେମାନଙ୍କୁ କ୍ଷତି ପହଞ୍ଚିବ, ଏପରି ମୁଁ ପୁସ୍ତକରେ ଲେଖିଛି । ଯେପରି ଅଟେ ସେପରି ଯଦି ନକହିବି ତେବେ ବେଶୀ ଓଲଟା ରାସ୍ତାରେ ଚାଲିବେ । ବୁଦ୍ଧିଦ୍ୱାରା ମାରିବା, ତାହା ଭୟଙ୍କର ଦୋଷ ଅଟେ । ତେବେ ବୁଦ୍ଧି ବଢ଼ିଲା ତାହାର କଣ ଏପରି ଦୁରୁପଯୋଗ କରିବ? ଆଉ ଜାଗୃତି କମ୍ ଥିଲେ, ସେ ବିଚରା *ମନ୍ଦକଷାୟୀ* (ଅଳ୍ପ କ୍ରୋଧ-ମାନ-ମାୟା-ଲୋଭ) ହୋଇଥାଏ ।

ଯିଏ ଅହିଂସାର ଧର୍ମ ପାଳେ, ଜନ୍ମରୁ ହିଁ ଛୋଟ ଜୀବଙ୍କୁ ମାରିବା ଉଚିତ ନୁହେଁ ଏପରି ତା'ର ବିଲିଫ୍‌ରେ ଥାଏ, ତା'ର ଦର୍ଶନରେ ଥାଏ, ସେ ଅଧିକ ତୀକ୍ଷ୍ଣ ବୁଦ୍ଧିବାଲା ହୋଇଥାଏ ।

**ପ୍ରଶ୍ନକର୍ତ୍ତା :** ଜନ୍ମରୁ ହିଁ ଅହିଂସା ପାଳେ ସେଥିପାଇଁ ଏତେ ଅଧିକ ଭଦ୍ର କୁହାଯିବ ନା ?

**ଦାଦାଶ୍ରୀ :** ଭଦ୍ର କୁହାଯିବ ନାହିଁ । ଅହିଂସା ପାଳିବାର ଫଳ ଆସିଲା । ତାହା ଫଳରେ ବୁଦ୍ଧି ବଢ଼ିଲା ଏବଂ ବୁଦ୍ଧିଦ୍ୱାରା ଲୋକଙ୍କୁ ମାରିଚାଲିଲେ, ବୁଦ୍ଧିଦ୍ୱାରା ଗୁଳି ମାରିଲେ । ଏମିତିରେ ଯଦି ହତ୍ୟା କରିବ, ତେବେ ଗୋଟିଏ ଜନ୍ମର ମରଣ ହେବ, କିନ୍ତୁ ଏହା ତ ବୁଦ୍ଧିଦ୍ୱାରା ଗୁଳି ମାରିବାରେ ଅନନ୍ତ ଜନ୍ମର ମରଣ ହେବ ।

## ବଡ଼ ହିଂସା, ଲଢ଼ିବାର ନା କଷାୟର ?

ପୁରୁଣା କାଳରେ ଗାଁର ସେଠ୍ ଥାଆନ୍ତି, ସେମାନେ ଅଧିକ ବୁଦ୍ଧିଶାଳୀ ହୋଇଥାନ୍ତି ! ଗାଁରେ ଯଦି ଦୁଇ ଲୋକଙ୍କ ମଧ୍ୟରେ ଝଗଡ଼ା ହୋଇଥାଏ ତେବେ ସେଠ୍ ତାହାର ଲାଭ ନେଉ ନଥିଲେ । ଦୁହିଁଙ୍କୁ ନିଜ ଘରକୁ ଡାକନ୍ତି ଏବଂ ଦୁହିଁଙ୍କ ଝଗଡ଼ାର ସମାଧାନ କରିଦିଅନ୍ତି ଆଉ ପୁଣି ନିଜ ଘରେ ଭୋଜନ ମଧ୍ୟ କରାନ୍ତି । କିପରି ସମାଧାନ କରୁଥିଲେ ? ଯେ ଦୁହିଁଙ୍କ ମଧ୍ୟରୁ ଜଣେ କୁହେ ଯେ 'ସାହେବ, ମୋ ପାଖରେ ଏବେ ଦୁଇଶହ ଟଙ୍କା ନାହିଁ, ତେବେ ଏବେ କିପରି ଦେବି ?' ସେତେବେଳେ ସେଠ୍ କ'ଣ କୁହନ୍ତି, ଯେ 'ତୋ ପାଖରେ କେତେ ଅଛି ?' ତେବେ ସେ କୁହେ, 'ପାଖାପାଖି ପଚାଶ ଟଙ୍କା ଅଛି ।' ତେବେ ସେଠ୍ କ'ଣ କୁହନ୍ତି ଯେ 'ତେବେ ଦେଢ଼ଶହ ନେଇ ଯା ।' ଏବଂ ଝଗଡ଼ାର ସମାଧାନ କରିଦିଅନ୍ତି । ଆଉ ଏବେ ତ ହାତରେ ଆସିଥିବା ଚଢ଼େଇ(ଗ୍ରାହକ)କୁ ଖାଇଯାନ୍ତି !

ଏହା ମୁଁ କାହାକୁ ଆକ୍ଷେପ କରୁ ନାହିଁ । ମୁଁ ସାରା ଜଗତକୁ ନିରନ୍ତର ନିର୍ଦ୍ଦୋଷ ହିଁ ଦେଖୁଛି । ଏହା ସବୁ ବ୍ୟବହାରିକ କଥା ଚାଲୁଛି । ମୋତେ ଗାଳି ଦେଉ, ମାଡ଼ ମାରୁ ଚଟକଣା ମାରୁ, ପଛେ ଯାହା ବି କରୁ, କିନ୍ତୁ ମୁଁ ପୁରା ଜଗତକୁ ନିର୍ଦ୍ଦୋଷ ହିଁ ଦେଖେ । ଏହା ତ ବ୍ୟବହାର କଥା କହୁଛି । ବ୍ୟବହାରରେ ଯଦି ନ ବୁଝିବ, ତେବେ ତାହାର ସମାଧାନ କେବେ ଆସିବ ? ଆଉ ଜ୍ଞାନୀପୁରୁଷଙ୍କ ପାଖରୁ ବୁଝିବା ବିନା କାମରେ ଲାଗେ ନାହିଁ । ପ୍ରକୃତରେ, ମୋର କାହା ସହିତ ଅସୁବିଧା ନାହିଁ ।

**ପ୍ରଶ୍ନକର୍ତ୍ତା :** ଛୋଟ ପିଲାଟିଏ ମଧ୍ୟ ଆମର ଏଠି ଅହିଂସା ପାଳୁଥାଏ, ତାହା ତା'ର ପୂର୍ବ ସଂସ୍କାର ଅଟେ ନା ?

**ଦାଦାଶ୍ରୀ :** ହଁ, ସେଥିପାଇଁ ହିଁ ନା ! ସଂସ୍କାର ବିନା ତ ଏପରି ମିଳିବ ହିଁ ନାହିଁ ନା ! ପୂର୍ବଜନ୍ମର ସଂସ୍କାର ଏବଂ ପୁଣ୍ୟ ଆଧାରରୁ ତାହା ମିଳିଲା କିନ୍ତୁ ଏବେ ଦୁରୁପଯୋଗ କରିବା ଦ୍ୱାରା କେଉଁଠିକି ଯିବ ତାହା କ'ଣ ଜାଣିଛ ? ! ଏବେ କେଉଁଠିକି ଯିବାର ଅଛି, ତାହାର କୌଣସି ପ୍ରକାର ସାର୍ଟିଫିକେଟ୍ ଅଛି ?

**ପ୍ରଶ୍ନକର୍ତ୍ତା :** ସେ ତ ଅହିଂସା ହିଁ ପାଳୁଛି । ତାହାର ଦୁରୁପଯୋଗ କେଉଁଠି କରୁଛି ?

**ଦାଦାଶ୍ରୀ :** ଏହାକୁ ଅହିଂସା କହିବା ହିଁ କିପରି ? ମନୁଷ୍ୟଙ୍କ ସହିତ କଷାୟ କରିବା, ତାହାପରି ସବୁଠୁ ବଡ଼ ହିଂସା ଏହି ଜଗତରେ କିଛି ନାହିଁ । ଏପରି ଜଣକୁ ଖୋଜି ଆଣ ଯେ ଯିଏ କରୁ ନଥିବ, ଘରେ କଷାୟ କରେ ନାହିଁ, ହିଂସା କରେ ନାହିଁ ଏପରି । ସାରାଦିନ କଷାୟ କରିବା ଆଉ ପୁଣି ଆମେ ଅହିଂସକ ଅଟୁ ଏପରି ଦାବି କରିବା ତାହା ଭୟଙ୍କର ଦୋଷ ଅଟେ । ଏହା ଅପେକ୍ଷା ତ ଫରେନ୍‌ବାଲାଙ୍କୁ ଏତେ କଷାୟ ହୁଏ ନାହିଁ । କଷାୟ ତ ଯାହାର ଜାଗୃତି ଅଧିକ ଥାଏ ସେ ହିଁ କରେ ନା ! ତୁମେ ଏହା ବୁଝିପାରୁଛ କି ଅଧିକ ଜାଗୃତିବାଲା କରେ ନା କମ ଜାଗୃତିବାଲା କରେ ? ତୁମକୁ ଲାଗୁ ନାହିଁ କି କଷାୟ ତାହା ଭୟଙ୍କର ଦୋଷ ଅଟେ ?

**ପ୍ରଶ୍ନକର୍ତ୍ତା :** ଠିକ୍ କଥା ।

**ଦାଦାଶ୍ରୀ :** ହଁ, ତେବେ ତାହା ପରି ହିଂସା କିଛି ନାହିଁ । କଷାୟ ତାହା ହିଁ ହିଂସା ଆଉ ଏହି ଅହିଂସା ତାହା ତ ଜନ୍ମଜାତ ଅହିଂସା ଅଟେ, ପୂର୍ବରେ ଖାଲି ଭାବନା କରିଥିଲ ଆଉ ଆଜି ଉଦୟରେ ଆସିଲା । ଅର୍ଥାତ୍ କ୍ରୋଧ-ମାନ-ମାୟା-ଲୋଭ, ସେହି ହିଂସା ଯଦି ଅଟକେ, ତେବେ ହିଂସା ଅଟକି ଯାଏ ।

**ପ୍ରଶ୍ନକର୍ତ୍ତା :** ତାହା ଠିକ୍ କଥା । ତାହା ବୁଝିପାରିଲି । ଶାସ୍ତ୍ରରେ ମଧ୍ୟ ଏପରି କୁହାଯାଇଛି । ଚକ୍ରବର୍ତ୍ତୀ ରାଜା ଏତେସାରା ଯୁଦ୍ଧ ଲଢ଼ନ୍ତି, ହିଂସା କରନ୍ତି, ତଥାପି ତାଙ୍କୁ *ଅନନ୍ତାନୁବନ୍ଧୀ କଷାୟ* ଲାଗେ ନାହିଁ । କିନ୍ତୁ କୁଗୁରୁ, କୁଧର୍ମ ଏବଂ କୁସାଧୁଙ୍କୁ ମାନନ୍ତି, ସେମାନଙ୍କୁ ହିଁ *ଅନନ୍ତାନୁବନ୍ଧୀ କଷାୟର* ବନ୍ଧନ ହୁଏ ।

**ଦାଦାଶ୍ରୀ :** ବାସ୍, ତାହା ପରି *ଅନନ୍ତାନୁବନ୍ଧୀ* ଆଉ କିଛି ନାହିଁ! ଏହା ତ ସ୍ପଷ୍ଟ କୁହଯାଇଛି ନା!

## ବୁଦ୍ଧିଦ୍ୱାରା ମାରେ ତାହା ହାର୍ଡ୍ ରୌଦ୍ରଧ୍ୟାନ

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏହି ସମସ୍ତ କର୍ମ ମଧ୍ୟରେ ଭେଦ ଅଛି କି ନାହିଁ ?

**ଦାଦାଶ୍ରୀ :** କିନ୍ତୁ ଏହା ବୁଝି ହେଉଛି କି ନାହିଁ? ଏହା ଛୋଟ ପିଲା ବୁଝିପାରିବ ଏପରି ଅଟେ। ଆମେ ଲଣ୍ଠନ ନେଇ ଯାଉଥିବା, ଆଉ କାହା ହାତରେ (ମାଟି) ଦୀପ ଥିବ, ସେ ବିଚରାକୁ ଅନ୍ଧାରରେ ଦେଖାଯାଉ ନଥିବ, ତେବେ ଆମେ କହିବା ନା ଯେ ରୁହ କାକା ମୁଁ ଆସୁଛି, ଲଣ୍ଠନ ଦେଖେଇବି। ଲଣ୍ଠନ ଦେଖାନ୍ତି ନା ନାହିଁ? ସେହିପରି ବୁଦ୍ଧି ତାହା ଲାଇଟ୍ ଅଟେ। ଯାହାର କମ୍ ବୁଦ୍ଧି ଥାଏ ତା'କୁ ଆମେ କହିବା ଯେ 'ଭାଇ, ଏପରି କର ନାହିଁ, ନହେଲେ ଧୋକା ଖାଇଯିବ, ଏବଂ ତୁମେ ଏପରି କରିବା ଉଚିତ୍।' କିନ୍ତୁ ଲୋକେ ତ ତୁରନ୍ତ ଶିକାର ହିଁ କରି ପକାନ୍ତି। ହାତରେ ମିଳିବା ମାତ୍ରେ ତୁରନ୍ତ ଶିକାର! ସେଥିପାଇଁ ମୁଁ ଭାରୀ ଶବ୍ଦ ଲେଖିଛି ଯେ ହାର୍ଡ୍ (Hard) ରୌଦ୍ରଧ୍ୟାନ! ଚାରି *ଆରା(ଯୁଗ)*ରେ କେବେ ବି ହୋଇ ନାହିଁ ଏପରି ଏହି ପଞ୍ଚମ *ଆରା*ରେ ହୋଇଛି। ବୁଦ୍ଧିର ଦୁରୁପଯୋଗ କରିବାକୁ ଲାଗିଲେଣି।

ଆଉ ଏହି ଯେଉଁ ବ୍ୟାପାରୀ ଅଛନ୍ତି, ସେମାନେ ଅଧିକ ବୁଦ୍ଧିବାଲା କମ ବୁଦ୍ଧିବାଲାକୁ ଠକି ଚାଲିଥାନ୍ତି। ଅଧିକ ବୁଦ୍ଧିବାଲା ତ, ଯେବେ କମ ବୁଦ୍ଧିବାଲା ଗ୍ରାହକ ଆସେ ସେତେବେଳେ ତା' ପାଖରୁ ଲୁଟିନିଏ। କମ ବୁଦ୍ଧିବାଲା ପାଖରୁ କିଛି ବି ଲୁଟିନେବା, ଭଗବାନ ତାହାକୁ ରୌଦ୍ରଧ୍ୟାନ କହିଛନ୍ତି, ଏବଂ ତାହାର ଫଳ ଭୟଙ୍କର ନର୍କ କହିଛନ୍ତି। ବୁଦ୍ଧିର ଏପରି ଦୁରୁପଯୋଗ କରିବା ଉଚିତ ନୁହେଁ।

ବୁଦ୍ଧି ତାହା ତ ଲାଇଟ୍ ଅଟେ। ସେହି ଲାଇଟ୍ ଅର୍ଥାତ ଅନ୍ଧାରରେ ଯାଉଥିବେ, ସେମାନଙ୍କୁ ଲାଇଟ୍ ଦେଖାଇବାର ବି ପଇସା ମାଗୁଛ ତୁମେ? ଅନ୍ଧାରରେ କେହି ବ୍ୟକ୍ତି ପାଖରେ ଯଦି ଛୋଟିଆ ଲଣ୍ଠନଟିଏ ଥିବ, ତେବେ ଆମେ ସେହି ବିଚରାକୁ କଣ ଲାଇଟ୍ ଦେଖାଇବା ଉଚିତ୍ ନୁହେଁ? ବୁଦ୍ଧିଦ୍ୱାରା ଲୋକମାନେ ଦୁରୁପଯୋଗ କଲେ, ତାହା ହାର୍ଡ୍ *ରୌଦ୍ରଧ୍ୟାନ*, ନର୍କରେ ଗଲେ ମଧ୍ୟ ମୁକ୍ତ ହୋଇପାରିବ ନାହିଁ। ହାର୍ଡ୍ *ରୌଦ୍ରଧ୍ୟାନ* କୌଣସି କାଳରେ ହୋଇନାହିଁ, ଏପରି ଏହି ପଞ୍ଚମ *ଆରା*ରେ ଚାଲିଛି। ବୁଦ୍ଧିଦ୍ୱାରା ସତରେ ମାରନ୍ତି କି? ତୁମେ ଜାଣିଛ?

ଏପରି ବୁଦ୍ଧିଦ୍ୱାରା ମାରନ୍ତି ନା, ତାହା ଭୟଙ୍କର ଦୋଷ ଅଟେ । ଦେଖ, ଏହା ଏବେ ବି ଯଦି ଛାଡ଼ି ଦେବ ଆଉ ଆଜି ପର୍ଯ୍ୟନ୍ତର ପଶ୍ଚାତାପ କରିବ ଏବଂ ଆଗକୁ ଆଉ ନୂଆ (ଦୋଷ) କରିବ ନାହିଁ, ତେବେ ଏବେ ବି ଭଲ । ନହେଲେ ଏଥିରେ କୌଣସି ଠିକଣା ନାହିଁ । ତାହା ଦାୟିତ୍ୱହୀନତା ଅଟେ ।

## ଏତିକି କର, ଏବଂ ଅହିଂସକ ହୁଅ

ଆମକୁ ମନରେ ହିଂସକଭାବ ରଖିବାର ନାହିଁ । 'ମୋତେ କାହାର ହିଂସା କରିବାର ନାହିଁ' ଏପରି ଭାବ ହିଁ ଦୃଢ଼ ରଖିବ ଏବଂ ସକାଳେ ପ୍ରଥମେ କହିବା ଉଚିତ୍ ଯେ, 'ମନ-ବଚନ-କାୟା ଦ୍ୱାରା କୌଣସି ଜୀବକୁ କିଞ୍ଚିତ ମାତ୍ର ଦୁଃଖ ନହେଉ ।' ଏପରି ଭାବ କରି ତା'ପରେ ସଂସାର କ୍ରିୟା ଆରମ୍ଭ କରିବ, ଫଳରେ ଉତ୍ତରଦାୟିତ୍ୱ କମିଯିବ । ପରେ ନିଜ ପାଦରେ କୌଣସି ଜୀବ ଦଳି ହୋଇଗଲେ, ତଥାପି ତୁମେ ଉତ୍ତରଦାୟୀ ନୁହଁ । କାରଣ ଆଜି ତୁମର ଭାବ ସେପରି ନାହିଁ । ତୁମ କ୍ରିୟା ଭଗବାନ ଦେଖନ୍ତି ନାହିଁ, ତୁମ ଭାବ ଦେଖନ୍ତି । ପ୍ରକୃତିର ଖାତା(ହିସାବ)ରେ ତ ତୁମ ଭାବ ଦେଖନ୍ତି ଆଉ ଏଠାକାର ସରକାର, ଏଠାକାର ଲୋକଙ୍କ ଖାତା(ହିସାବ)ରେ ତୁମ କ୍ରିୟା ଦେଖନ୍ତି । ଲୋକଙ୍କ ଖାତା ତ ଏଇଠିକୁ ଏଇଠି ପଡ଼ି ରହିବ । ପ୍ରକୃତିର ଖାତା ସେଠି କାମରେ ଲାଗିବ । ଏଣୁ ତୁମ ଭାବ କେଉଁଠି ଅଛି, ତାହାର ସନ୍ଧାନ କର ।

ଏଥିପାଇଁ ସକାଳେ ଯିଏ ଏପରି ପାଞ୍ଚଥର କହି ବାହାରିଲା ସେ ଅହିଂସକ ହିଁ ଅଟେ । ପଛେ ଯେଉଁଠି ବି ବାଦ-ବିବାଦ କରି ଆସିଥାଉ, ତଥାପି ସେ ଅହିଂସକ ଅଟେ । କାରଣ ଯେବେ ଘରୁ ବାହାରିଲା ସେତେବେଳେ ନିଶ୍ଚୟ କରି ବାହାରିଥିଲା ଏବଂ ପୁଣି ଘରକୁ ଯାଇ ପୁଣି ତାଲା ଲଗାଇ ଦେବ । ଘରକୁ ଯାଇ ଏପରି କହିବ ଯେ 'ଆଜି ସାରାଦିନରେ ନିଶ୍ଚୟ କରି ବାହାରିଲି, ତଥାପି ଯାହା କିଛି କାହାକୁ ଦୁଃଖ ହୋଇଥିବ, ତାହାର କ୍ଷମା ପ୍ରାର୍ଥନା କରୁଛି' । ବାସ୍ ହୋଇଗଲା । ପୁଣି ତୁମର ଉତ୍ତରଦାୟିତ୍ୱ ହିଁ ନାହିଁ ନା !

କୌଣସି ଜୀବଙ୍କ ହିଂସା କରିବାର ନାହିଁ, କରାଇବାର ନାହିଁ ଅଥବା କର୍ତ୍ତାପ୍ରତି ଅନୁମୋଦନା କରିବାର ନାହିଁ ଏବଂ ମୋ ମନ-ବଚନ-କାୟା ଦ୍ୱାରା କୌଣସି ଜୀବକୁ ଦୁଃଖ ନହେଉ, ଏପରି ଭାବନା ରହିଲା ମାନେ ତୁମେ ଅହିଂସକ ହୋଇଗଲ ! ତାହାକୁ ଅହିଂସା ମହାବ୍ରତ ପୂର୍ଣ୍ଣ ହୋଇଗଲା କୁହାଯିବ । ମନରେ ଭାବନା ନିଶ୍ଚୟ କଲେ, ନିଶ୍ଚୟ

ଅର୍ଥାତ୍ ଡ଼ିସିଜନ(Decision) । ଅର୍ଥାତ୍ ଆମେ ଯାହା ନିଶ୍ଚୟ କରିବା ଏବଂ ସେଥିରେ କମ୍ପ୍ଲିଟ୍ ସିନ୍ସିୟର(Sincere) ରହିବା, ସେହି କଥାରେ ହିଁ ଦୃଢ଼ ରହିବା, ତେବେ ତାହାକୁ ମହାବ୍ରତ କୁହାଯିବ ଆଉ ନିଶ୍ଚୟ କଲେ କିନ୍ତୁ ସେଥିରେ ଦୃଢ଼ ରହିଲେ ନାହିଁ ତେବେ ତାହାକୁ ଅଣୁବ୍ରତ କୁହାଯିବ ।

## ସାବଧାନ ହୋଇଯାଅ, ଅଛି ବିଷୟରେ ହିଂସା

ଭଗବାନ ଯଦି କେବେ *ବିଷୟ* (କାମ-ବାସନା) ସମ୍ବନ୍ଧୀୟ ହିଂସାର ବର୍ଣ୍ଣନା କରିବେ ତେବେ ମନୁଷ୍ୟ ମରିଯିବ । ଲୋକେ ବୁଝନ୍ତି ଯେ ଏଥିରେ କି ହିଂସା ଅଛି ? ଆମେ କାହାକୁ ଗାଳି ଦେଉ ନାହୁଁ । କିନ୍ତୁ ଯଦି ଭଗବାନଙ୍କ ଦୃଷ୍ଟିରୁ ଦେଖିବା ତେବେ ହିଂସା ଏବଂ ଆସକ୍ତି ଉଭୟ ଏକାଠି ହୋଇଥାଏ, ସେଥିପାଇଁ ପାଞ୍ଚୋଟି ଯାକ ମହାବ୍ରତ(ଅହିଂସା,ସତ୍ୟ,ଅଚୌର୍ଯ୍ୟ,ଅପରିଗ୍ରହ,ବ୍ରହ୍ମଚର୍ଯ୍ୟ) ଭାଙ୍ଗିଯାଏ ଏବଂ ତାହାଦ୍ୱାରା ବହୁତ ଦୋଷ ଲାଗେ । କେବଳ ଗୋଟିଏ ଥର *ବିଷୟରେ* ଲକ୍ଷ-ଲକ୍ଷ ଜୀବ ମରିଯାନ୍ତି, ତାହାର ଦୋଷ ଲାଗେ । ସେଥିପାଇଁ ଇଚ୍ଛା ନଥିଲେ ମଧ୍ୟ ସେଥିରେ ଭୟଙ୍କର ହିଂସା ଅଛି । ଅର୍ଥାତ୍ ରୌଦ୍ରସ୍ୱରୂପ ହୋଇଯାଏ ।

କେବଳ *ବିଷୟ* କାରଣରୁ ତ ସାରା ସଂସାର ତିଷ୍ଠି ରହିଛି । ଏହି ସ୍ତ୍ରୀ-*ବିଷୟ* ଯଦି ନଥାନ୍ତା ନା, ତେବେ ଅନ୍ୟ ସବୁ *ବିଷୟ*(ଇନ୍ଦ୍ରୀୟ ସୁଖ) ତ କେବେ ବାଧକ ହୁଅନ୍ତା ହିଁ ନାହିଁ । କେବଳ ଏହି *ବିଷୟ*ର ଯଦି ଅଭାବ ହୋଇଯାଏ, ତେବେ ମଧ୍ୟ ଦେବଗତି ହେବ । ଏହି *ବିଷୟ*(ସ୍ତ୍ରୀ-*ବିଷୟ*)ର ଅଭାବ ହେଲା ମାନେ ଅନ୍ୟ ସମସ୍ତ ବିଷୟ ସବୁ କାବୁରେ ଆସିଯାଏ ! ଆଉ ଏହି *ବିଷୟରେ* ପଡ଼ିଲା,ତେଣୁ *ବିଷୟ* ଦ୍ୱାରା ପ୍ରଥମେ ପଶୁଗତିରେ ଯାଏ । *ବିଷୟ* ଦ୍ୱାରା ବାସ୍ ଅଧୋଗତି ହିଁ ହୁଏ । କାହିଁକି ନା ଗୋଟିଏ ଥର *ବିଷୟରେ* ତ କୋଟି କୋଟି ଜୀବ ମରିଯାନ୍ତି । ନ ଜାଣି ମଧ୍ୟ ବିପଦ ଆପେଣେଇ ନେଉଛେ ନା !

ସେଥିପାଇଁ ଯେପର୍ଯ୍ୟନ୍ତ ସଂସାରୀ ଅବସ୍ଥାରେ ଅଛି, ସ୍ତ୍ରୀ *ବିଷୟ* ଅଛି, ସେପର୍ଯ୍ୟନ୍ତ ସେ ଅହିଂସାର ଘାତକ ହିଁ ଅଟେ । ସେଥିରେ ପର-ସ୍ତ୍ରୀ, ତାହା ସବୁଠୁ ବଡ଼ ବିପଦ ଅଟେ । ପର-ସ୍ତ୍ରୀ ହୋଇଥିବ ତେବେ ନର୍କର ଅଧିକାରୀ ହିଁ ହୋଇଗଲ । ବାସ୍, ତା'କୁ ଅନ୍ୟ କିଛି ବି ଖୋଜିବାର ନାହିଁ ଆଉ ମନୁଷ୍ୟ ଜନ୍ମ ପୁଣି ଆସିବ ଏପରି ଆଶା ମଧ୍ୟ ରଖିବାର ନାହିଁ । ଏହା ହିଁ ସବୁଠୁ ବଡ଼ ବିପଦ । ପର-ପୁରୁଷ ଏବଂ ପର-ସ୍ତ୍ରୀ ତାହା ନର୍କକୁ ନେଇଯାଏ ।

ଆଉ ନିଜ ଘରେ ମଧ୍ୟ ନିୟମ ତ ରହିବା ଉଚିତ୍ ନା ? ଏହା ତ ଏପରି ଅଟେ ଯେ ନିଜ ହକ୍‌ର ସ୍ତ୍ରୀ ସହିତ ବିଷୟ ଅନୁଚିତ ନୁହେଁ, ତଥାପି ତାହା ସହ ଏତିକି ବୁଝିବାକୁ ପଡ଼ିବ ଯେ ଏଥିରେ ବହୁତ ସାରା ଜର୍ମ୍ସ (ଜୀବ) ମରି ଯାଉଛନ୍ତି । ସେଥିପାଇଁ ଅକାରଣରେ ତ ଏପରି ନହେବା ଉଚିତ ନା ? କାରଣ ଥିଲେ ତ ଅଲଗା କଥା । ବୀର୍ଯ୍ୟରେ ଜର୍ମ୍ସ ହିଁ ଥାଏ ଏବଂ ତାହା ମାନବବୀଜର ହୋଇଥାଏ, ସେଥିପାଇଁ ଯଥା ସମ୍ଭବ ଏହାର ଧ୍ୟାନ ରଖ । ଏହା ମୁଁ ତୁମକୁ ସଂକ୍ଷେପରେ କହୁଛି । ଅନ୍ୟଥା ଏହାର ଅନ୍ତ ଆସିବ ନାହିଁ ନା !

## ମନରୁ ଉର୍ଦ୍ଧ୍ୱରେ ଅହିଂସା

ଅଲଗା ମିଛ ଅହିଂସା ମାନିବା, ତାହାର ଅର୍ଥ ପୁଣି କ'ଣ ? ଅହିଂସା ଅର୍ଥାତ୍ କାହା ପାଇଁ ଖରାପ ବିଚାର ମଧ୍ୟ ଆସେ ନାହିଁ । ତାହାର ନାମ ଅହିଂସା । ଶତ୍ରୁ ପାଇଁ ମଧ୍ୟ ଖରାପ ବିଚାର ଆସେ ନାହିଁ । ଶତ୍ରୁ ପାଇଁ ମଧ୍ୟ କିପରି ତା'ର କଲ୍ୟାଣ ହେଉ, ଏପରି ବିଚାର ଆସେ । ଖରାପ ବିଚାର ଆସିବା ତାହା ପ୍ରକୃତିଗୁଣ ଅଟେ, କିନ୍ତୁ ତାହାକୁ ବଦଳାଇବା ତାହା ନିଜର ପୁରୁଷାର୍ଥ ଅଟେ । ତୁମେ ବୁଝିଗଲ କି ନାହିଁ ଏହି ପୁରୁଷାର୍ଥର କଥା ?

ଅହିଂସକ ଭାବବାଲା ଯଦି ତୀର ମାରେ ତେବେ ଟିକିଏ ବି ରକ୍ତ ବାହାରେ ନାହିଁ ଆଉ ହିଂସକ ଭାବବାଲା ଫୁଲ ପକାଏ ତେବେ ମଧ୍ୟ ତା'ର ରକ୍ତ ବାହାରେ । ତୀର ଏବଂ ଫୁଲ ଏତେ ଇଫେକ୍ଟିଭ ନୁହେଁ, ଯେତେ ଇଫେକ୍ଟିଭ ଭାବନା ଅଟେ । ସେଥିପାଇଁ ମୋର ଗୋଟିଏ ଗୋଟିଏ ଶବ୍ଦରେ 'କାହାକୁ ଦୁଃଖ ନହେଉ, କୌଣସି ବି ଜୀବମାତ୍ରକୁ ଦୁଃଖ ନହେଉ' ଏପରି ନିରନ୍ତର ଭାବ ରହିଥାଏ । ଜଗତର ଜୀବମାତ୍ରକୁ ଏହି ମନ-ବଚନ-କାୟା ଦ୍ୱାରା କିଞ୍ଚିତମାତ୍ର ବି ଦୁଃଖ ନ ହେଉ, ସେହି ଭାବନା ସହିତ ହିଁ 'ମୋର' ବାଣୀ ବାହାରୁଥାଏ । ବସ୍ତୁ କାମ କରେ ନାହିଁ, ତୀର କାମ କରେ ନାହିଁ, ଫୁଲ କାମ କରେ ନାହିଁ କିନ୍ତୁ ଭାବ କାମ କରେ ।

ଏହି 'ଅକ୍ରମ ବିଜ୍ଞାନ' ତ କ'ଣ କୁହେ ? ମନରେ ମଧ୍ୟ ଅସ୍ତ୍ର ଉଠାଇବା ଉଚିତ୍ ନୁହେଁ, ତେବେ ପୁଣି ବାଡ଼ି କିପରି ଉଠାଇ ପାରିବା ? ଏହି ଦୁନିଆରେ କୌଣସି ବି ଜୀବ, ଛୋଟରୁ ଛୋଟ ଜୀବ ପାଇଁ ମଧ୍ୟ ମୁଁ ମନରେ କେବେ ବି ଅସ୍ତ୍ର ଉଠାଇ ନାହିଁ ତେବେ ପୁଣି ଅନ୍ୟ କିଛି ଉଠାଇବି କିପରି ? ଟିକିଏ କଠୋର ବାଣୀ କେବେ କେବେ ବାହାରି ଯାଏ, ବର୍ଷରେ ଦିନେଅଧେ ସହଜରେ କଠୋର ବାଣୀ ବାହାରି ଯାଏ । ଏହା ଯେପରି ଖଦି ଆଉ ରେଶମ ମଧ୍ୟରେ ଫରକ ଥାଏ ନା, ଖଦି କିପରି ହୋଇଥାଏ ?

ସେହିପରି ଟିକିଏ କଠୋର ବାଣୀ କେବେ କେବେ ବାହରିଯାଏ । ତାହା ମଧ୍ୟ ପୁରା ବର୍ଷରେ କେବଳ ଦିନେ ଅଧେ । ନହେଲେ ବାଣୀର(ଅସ୍ତ୍ର) ମଧ୍ୟ ଉଠାଇ ନାହିଁ କେବେ । ମନର ମଧ୍ୟ (ଅସ୍ତ୍ର) ଉଠାଇ ନାହିଁ କେବେ ବି !

ଛୋଟରୁ ଛୋଟ ଜୀବ ହୋଇଥିବ, କିନ୍ତୁ ମନରୁ ଅସ୍ତ୍ର ଉଠାଇ ନାହିଁ । ଏହି ୱାର୍ଲଡରେ କୌଣସି ବି ଜୀବ, ଗୋଟିଏ ଛୋଟିଆ ଜୀବ ହୋଇଥାଉ, ଏକ ବିଛା ଏବେ କାମୁଡ଼ିକି ଯାଇଥିବ, ତେବେ ମଧ୍ୟ ମୁଁ ତା'ଉପରେ ଅସ୍ତ୍ର ଉଠାଏ ନାହିଁ ! ସେ ତ ତା'ର କର୍ତ୍ତବ୍ୟ ପାଳନ କରି ଯାଏ । ସେ ଯଦି କର୍ତ୍ତବ୍ୟ ପାଳନ ନ କରେ ତେବେ ଆମର ମୁକ୍ତି ହେବନାହିଁ । ସେଥିପାଇଁ କୌଣସି ବି ଜୀବ ପ୍ରତି ମନର (ଅସ୍ତ୍ର) ଉଠାଇ ନାହିଁ କେବେ ବି, ତାହା ନିଶ୍ଚିତ ! ଅତଃ ମାନସିକ ହିଂସା କେବେ ମଧ୍ୟ କରିନାହିଁ । ନହେଲେ ମନର ସ୍ୱଭାବ ଏପରି ଅଟେ, କିଛି ନ ଦେଇ ରହେ ନାହିଁ ।

**ପ୍ରଶ୍ନକର୍ତ୍ତା :** ଆପଣ ତ ବୁଝି ଯାଇଥିବେ ଯେ ଏହି ଅସ୍ତ୍ରର କିଛି ଆବଶ୍ୟକତା ହିଁ ନାହିଁ ।

**ଦାଦାଶ୍ରୀ :** ହଁ, ଅସ୍ତ୍ରର ଆବଶ୍ୟକତା ହିଁ ନାହିଁ । ଏହି ଅସ୍ତ୍ରର ଆବଶ୍ୟକତା ଅଛି, ଏପରି ବିଚାର ହିଁ ଆସିନାହିଁ । ଯେବେଠୁ ମୁଁ ଖଣ୍ଡା ତଳେ ରଖିଛି ସେବେଠୁ ଉଠାଇ ହିଁ ନାହିଁ । ସାମ୍ନାବାଲା ଶସ୍ତ୍ରଧାରୀ ହୋଇଥିବ, ତେବେ ମଧ୍ୟ ମୁଁ ଶସ୍ତ୍ର ଧରେ ନାହିଁ । ଏବଂ ଶେଷରେ ଏହି ରାସ୍ତାରେ ହିଁ ଯିବାକୁ ପଡ଼ିବ । ଯାହାକୁ ଏହି ଜଗତରୁ ମୁକ୍ତ ହୋଇ ଖସି ଯିବାର ଅଛି, ଅନୁକୂଳ ଆସୁନାହିଁ, ତା'କୁ ଶେଷରେ ଏହି ରାସ୍ତା ହିଁ ଧରିବାକୁ ହେବ । ଅଲଗା ରାସ୍ତା ନାହିଁ ।

ସେଥିପାଇଁ ଯଦି କେବଳ ଅହିଂସା ସିଦ୍ଧ କରିନିଏ ତେବେ ବହୁତ ହୋଇଗଲା । ସମ୍ପୂର୍ଣ୍ଣ ଅହିଂସା ସିଦ୍ଧ କରେ, ତେବେ ସେଠି ବାଘ ଏବଂ ଛେଳି ଦୁହେଁ ଏକା ସହିତ ପାଣି ପିଇବେ !

**ପ୍ରଶ୍ନକର୍ତ୍ତା :** ତାହା ତ ତୀର୍ଥଙ୍କରଙ୍କ ପାଇଁ ସେପରି ହେଉଥିଲା ନା ?

**ଦାଦାଶ୍ରୀ :** ହଁ । ଆଉ ସେ ତୀର୍ଥଙ୍କରଙ୍କ କଥା କେଉଁଠି ଅଛି ! କିଭଳି ମହାନ ପୁରୁଷ ସେମାନେ ! ଆଜି ୱାର୍ଲଡ ତୀର୍ଥଙ୍କରଙ୍କ ଗୋଟିଏ ବାକ୍ୟକୁ ଯଦି ବୁଝିଥାନ୍ତା, ଗୋଟିଏ ହିଁ ବାକ୍ୟ, ତେବେ ସାରା ୱାର୍ଲଡ ପୂଜା କରୁଥାନ୍ତା । କିନ୍ତୁ ସେହି ବାକ୍ୟ ସେମାନଙ୍କୁ ବୁଝା ହିଁ ପଡୁନାହିଁ ନା ! ଆଉ କେହି ବୁଝାଇବାବାଲା ବି ନାହାନ୍ତି ।

**ପ୍ରଶ୍ନକର୍ତ୍ତା :** ଆପଣ ଅଛନ୍ତି ନା ?

**ଦାଦାଶ୍ରୀ :** ମୋ ଜଣକର ବଂଶୀ କେତେ ବାଜିବ ?

## ଜ୍ଞାନୀପୁରୁଷଙ୍କ ଅହିଂସାର ପ୍ରତାପ

ଜ୍ଞାନୀପୁରୁଷଙ୍କ ବ୍ୟବହାର ତ କିପରି ହୋଇଥାଏ ? ଏତେ ଅଧିକ ଅହିଂସକ ହୋଇଥାଏ ଯେ ବଡ଼ ବଡ଼ ବାଘ ମଧ୍ୟ ଲାଜେଇ ଯିବେ । ବଡ଼ ବଡ଼ ବାଘ ବସିଥିବେ, ତେବେ ମଧ୍ୟ ଶୀତଳ ପଡ଼ିଯିବେ, ସେମାନଙ୍କୁ ଥଣ୍ଡା ହୋଇଯିବ, ଆରେ ସତରେ ଥଣ୍ଡା ହୋଇଯିବ ! କାହିଁକିନା ତାହା ଅହିଂସାର ପ୍ରତାପ ଅଟେ । ହିଂସାର ପ୍ରତାପ ତ ଜଗତ ଦେଖିଛି ନା ! ଏହି ହିଟ୍‌ଲର, ଚର୍ଚିଲ୍ ସମସ୍ତଙ୍କର ପ୍ରତାପ ଦେଖିଛି ନା ? ଶେଷରେ କ'ଣ ହେଲା ? ବିନାଶକୁ ଆମନ୍ତ୍ରଣ କଲେ । ହିଂସା ତାହା ବିନାଶୀ ତତ୍ତ୍ୱ ଅଟେ ଏବଂ ଅହିଂସା, ତାହା ଅବିନାଶୀ ତତ୍ତ୍ୱ ଅଟେ ।

## ଅହିଂସା, ସେଠି ହିଂସା ନାହିଁ

**ପ୍ରଶ୍ନକର୍ତ୍ତା :** ଅହିଂସା ଥିଲେ, ସେଠି ହିଂସା ଥାଏ କି ?

**ଦାଦାଶ୍ରୀ :** ଅହିଂସା ସମ୍ପୂର୍ଣ୍ଣ ଥିଲେ ସେଠି ହିଂସା ନ ଥାଏ । ତାହାକୁ ପୁଣି ଆଂଶିକ ଅହିଂସା କୁହାଯାଏ । କିନ୍ତୁ ଯାହା ସମ୍ପୂର୍ଣ୍ଣ ଅହିଂସା ହୋଇଥାଏ, ସେଥିରେ ହିଂସା ନଥାଏ । ଅମୃତଭଣ୍ଡାର ଯେତେ-ଯେତେ ସ୍ଲାଇସେସ୍(ଖଣ୍ଡ) କରିବା, ସେହି ସବୁ ଅମୃତଭଣ୍ଡା ପରି ହିଁ ହୋଇଥାଏ, ସେଥିରେ ଗୋଟିଏ ବି ପିତା ବାହାରେ ନାହିଁ । ସେଥିପାଇଁ ସ୍ଲାଇସ୍ ଗୋଟିଏ ପ୍ରକାରର ହିଁ ହୋଇଥାଏ, ମାନେ ଅହିଂସାରେ ହିଂସା ନଥାଏ ଆଉ ସମ୍ପୂର୍ଣ୍ଣ ହିଂସା ଥିଲେ ସେଥିରେ ଅହିଂସା ମଧ୍ୟ ନଥାଏ । କିନ୍ତୁ ଆଂଶିକ ହିଂସା, ଆଂଶିକ ଅହିଂସା, ତାହା ଅଲଗା ଜିନିଷ ଅଟେ ।

**ପ୍ରଶ୍ନକର୍ତ୍ତା :** ଆଂଶିକ ଅହିଂସା, ତାହାକୁ ଦୟା କୁହାଯାଏ ନା ?

**ଦାଦାଶ୍ରୀ :** ହଁ ଦୟା କୁହାଯାଏ ତାହାକୁ ଦୟା କୁହାଯାଏ । ଦୟା ଧର୍ମର ମୂଳ ହିଁ ଅଟେ ଏବଂ ଦୟାର ପୂର୍ଣ୍ଣାହୁତି, ସେଠାରେ ଧର୍ମର ପୂର୍ଣ୍ଣାହୁତି ହୋଇଥାଏ ।

## ହିଂସା-ଅହିଂସାରୁ ଉର୍ଦ୍ଧ୍ୱରେ

**ପ୍ରଶ୍ନକର୍ତ୍ତା :** ଦୟା ଥିଲେ ସେଠାରେ ନିର୍ଦ୍ଦୟତା ନିଶ୍ଚିତ ଥାଏ । ହିଂସା ଏବଂ ଅହିଂସା ବାବଦରେ ମଧ୍ୟ ସେହିପରି ଥାଏ କି ?

**ଦାଦାଶ୍ରୀ :** ହଁ ଅଛି ! ଅହିଂସା ଅଛି ତେବେ ହିଂସା ଅଛି । ହିଂସା ଅଛି ତେଣୁ ଅହିଂସାର ଅସ୍ତିତ୍ୱ ରହିଛି । ଶେଷରେ ପୁଣି କ'ଣ କରିବାର ଅଛି ? ହିଂସାରୁ ବାହାରି ଅହିଂସାରେ ଆସିବାର ଅଛି ଏବଂ ଅହିଂସାରୁ ମଧ୍ୟ ବାହାରିବାର ଅଛି । ଏହି ଦ୍ୱନ୍ଦ୍ୱରୁ ଉର୍ଦ୍ଧ୍ୱକୁ ଯିବାର ଅଛି । ଅହିଂସା, ତାହା ମଧ୍ୟ ଛାଡ଼ି ଦେବାର ଅଛି ।

**ପ୍ରଶ୍ନକର୍ତ୍ତା :** ଅହିଂସାରୁ ଉର୍ଦ୍ଧ୍ୱରେ, ତାହା କେଉଁ ସ୍ଥିତି ?

**ଦାଦାଶ୍ରୀ :** ତାହା ହିଁ, ଏବେ 'ମୁଁ' ହିଂସା-ଅହିଂସାରୁ ଉର୍ଦ୍ଧ୍ୱରେ ହିଁ ଅଛି । ଅହିଂସା ଅହଙ୍କାରର ଅଧୀନ ଅଟେ ଏବଂ ଅହଙ୍କାରରୁ ଉର୍ଦ୍ଧ୍ୱରେ ଏପରି ଏହା 'ମୋର' ସ୍ଥିତି ! ହିଂସା-ଅହିଂସା ମୁଁ ପାଳୁଛି, ତାହା ପାଳିବାବାଲା ଅହଙ୍କାର ଅଟେ । ସେଥିପାଇଁ ହିଂସା-ଅହିଂସାରୁ ଉର୍ଦ୍ଧ୍ୱରେ ଅର୍ଥାତ ଦ୍ୱନ୍ଦରୁ ଉର୍ଦ୍ଧ୍ୱକୁ ଯାଇଥିବେ ତେବେ ଯାଇ ତାଙ୍କୁ ଜ୍ଞାନୀ କୁହାଯାଏ । ସମସ୍ତ ପ୍ରକାରର ଦ୍ୱନ୍ଦ୍ୱରୁ ଉର୍ଦ୍ଧ୍ୱରେ । ସେଥିପାଇଁ ଆମ ସାଧୁ-ମହାରାଜ, ସେମାନେ ବହୁତ ଦୟାଳୁ ହୋଇଥାନ୍ତି । କିନ୍ତୁ ନିର୍ଦ୍ଦୟତା ମଧ୍ୟ ଭିତରେ ଭରି ହୋଇଥାଏ । ଦୟା ଅଛି ସେଥିପାଇଁ ନିର୍ଦ୍ଦୟତା ଅଛି । ଗୋଟିଏ କୋଣରେ ପଛେ ବହୁତ ଦୟା ଅଛି । ଅଶି ପ୍ରତିଶତ ଦୟା ଅଛି ତେବେ କୋଡ଼ିଏ ପ୍ରତିଶତ ନିର୍ଦ୍ଦୟତା ଅଛି । ଅଠାଅଶୀ ପ୍ରତିଶତ ଦୟା ଅଛି ତେବେ ବାର ପ୍ରତିଶତ ନିର୍ଦ୍ଦୟତା । ଛୟାନବେ ପ୍ରତିଶତ ଦୟା ଅଛି ତେବେ ଚାରି ପ୍ରତିଶତ ନିର୍ଦ୍ଦୟତା ଅଛି ।

**ପ୍ରଶ୍ନକର୍ତ୍ତା :** ଏପରି ହିଂସାରେ ମଧ୍ୟ ହୁଏ । ଛୟାନବେ ପ୍ରତିଶତ ଅହିଂସା ଥିବ ତେବେ ଚାରି ପ୍ରତିଶତ ହିଂସା ଥାଏ, ଏପରି ।

**ଦାଦାଶ୍ରୀ :** ସର୍ବ ମୋଟ ହିଁ ଦେଖାଯାଏ ନା ! ଇଟସେଲ୍ଫ (It Self) ହିଁ କହୁଛି ନା ! ଯେ ଅହିଂସା ଛୟାନବେ (ପ୍ରତିଶତ) ଅଛି ତେବେ ରହିଲା କଣ ? ଚାରି (ପ୍ରତିଶତ) ହିଂସା ରହିଲା ।

**ପ୍ରଶ୍ନକର୍ତ୍ତା :** ତେବେ ସେହି ହିଂସା କେଉଁ ପ୍ରକାରର ହୋଇଥାଏ ?

**ଦାଦାଶ୍ରୀ :** ତାହା ଅନ୍ତିମ ପ୍ରକାରର । ନିଜେ ଜାଣେ ଏବଂ *ନିକାଲ୍* (ସମଭାବରେ

ପୂରା କରିବା) କରିଦିଏ । ଝଟପଟ ସେ *ନିକାଲ୍* କରି ମୁକୁଳି ଯାଏ ।

## ଜ୍ଞାନୀ, ହିଂସାର ସାଗରରେ ସମ୍ପୂର୍ଣ୍ଣ ଅହିଂସକ

ଆରେ, ମୋତେ ବି ଲୋକେ ପଚାରନ୍ତି ଯେ ଆପଣ ଜ୍ଞାନୀ ହୋଇ ଗାଡ଼ିରେ ବୁଲୁଛନ୍ତି, ତେବେ ଗାଡ଼ି ତଳେ କେତେ ସାରା ଜୀବହିଂସା ହେଉଥିବ, ତାହାର ଉତ୍ତରଦାୟିତ୍ୱ କାହାର ? ଏବେ ଜ୍ଞାନୀପୁରୁଷ ଯଦି ସମ୍ପୂର୍ଣ୍ଣ ଅହିଂସକ ନ ହୋଇଥିବେ, ତେବେ ଜ୍ଞାନୀ କୁହାଯିବେ ହିଁ କିପରି ? ସମ୍ପୂର୍ଣ୍ଣ ଅହିଂସକ ଅର୍ଥାତ୍ ହିଂସାର ସାଗରରେ ମଧ୍ୟ ସମ୍ପୂର୍ଣ୍ଣ ଅହିଂସକ ! ସେ ଜ୍ଞାନୀ ! ! ତାଙ୍କୁ କିଞ୍ଚିତମାତ୍ର ବି ହିଂସା ଲାଗେ ନାହିଁ ।

ପୁଣି ମୋତେ ସେମାନେ କୁହନ୍ତି ଯେ, 'ଆପଣଙ୍କ ପୁସ୍ତକ ଆମେ ପଢ଼ିଲୁ, ବହୁତ ଆନନ୍ଦଦାୟକ ଅଟେ ଏବଂ ଅବିରୋଧାଭାସୀ ଲାଗୁଛି, କିନ୍ତୁ ଆପଣଙ୍କ ଆଚରଣ ବିରୋଧାଭାସୀ ଲାଗୁଛି ।' ମୁଁ କହିଲି, 'କେଉଁ ଆଚରଣ ବିରୋଧାଭାସୀ ଲାଗୁଛି ?' ତେବେ କୁହନ୍ତି, 'ଆପଣ ଯେଉଁ ଗାଡ଼ିରେ ବୁଲୁଛନ୍ତି ତାହା ।' ମୁଁ କହିଲି, 'ତୁମକୁ ବୁଝାଉଛି, ଭଗବାନ ଶାସ୍ତ୍ରରେ କ'ଣ କହିଛନ୍ତି, ତାହା ପ୍ରଥମେ ବୁଝାଉଛି, ପରେ ତୁମେ ନ୍ୟାୟ କରିବ ।' ତେବେ କୁହନ୍ତି, 'କ'ଣ କହିଛନ୍ତି ଶାସ୍ତ୍ରରେ ?' ମୁଁ କହିଲି, 'ଆତ୍ମସ୍ୱରୂପ, ଏପରି ଜ୍ଞାନୀପୁରୁଷଙ୍କ ଉତ୍ତରଦାୟିତ୍ୱ କେତେ ! ? ଜ୍ଞାନୀପୁରୁଷଙ୍କୁ ଦେହର ମାଲିକତ୍ୱ ନଥାଏ । ଦେହର ମାଲିକତ୍ୱ ସେ ଫାଡ଼ି ଦେଇଛନ୍ତି । ଅର୍ଥାତ୍ ଏହି *ପୁଦ୍‌ଗଲ୍(ଅନାତ୍ମ ବିଭାଗ)ର* ମାଲିକତ୍ୱ ସେ ଫାଡ଼ି ଦେଇଛନ୍ତି । ସେଥିପାଇଁ ନିଜେ ଏହାର ମାଲିକ ନୁହନ୍ତି । ଆଉ ମାଲିକତ୍ୱ ନଥିବା କାରଣରୁ ତାଙ୍କୁ ଦୋଷ ଲାଗେ ନାହିଁ । ଦ୍ୱିତୀୟରେ, ଜ୍ଞାନୀପୁରୁଷଙ୍କୁ ତ୍ୟାଗ କରିବା ସମ୍ଭବ ନୁହେଁ ।' ତେବେ କୁହନ୍ତି, 'ସେହି ମାଲିକତ୍ୱ କଥା ମୁଁ ବୁଝି ପାରିଲି ନାହିଁ ।' ତେବେ ମୁଁ କହିଲି, 'ତୁମକୁ ଏପରି କାହିଁକି ଲାଗୁଛି ଯେ ମୋ ଦ୍ୱାରା ହିଂସା ହୋଇଯିବ ?' ତେବେ କୁହନ୍ତି, 'ମୋ ପାଦ ତଳେ ଯଦି ଜୀବ ଆସିଯାନ୍ତି ତେବେ ମୋ ଦ୍ୱାରା ହିଂସା ହେଲା କୁହାଯିବ ନା ?' ଏଣୁ ମୁଁ କହିଲି, 'ଏହି ପାଦ ତୁମର ଅଟେ, ସେଥିପାଇଁ ହିଂସା ହୁଏ । ଯେବେକି ଏହି ପାଦ ମୋର ନୁହେଁ । ଏହି ଦେହର ଆଜି ତୁମକୁ ଯାହା କରିବାର ଥିବ ତାହା କରିପାର । ଏହି ଦେହର ମୁଁ ମାଲିକ ନୁହେଁ ।' ପୁଣି କୁହନ୍ତି, 'ଏହି ମାଲିକତ୍ୱ ଥିବା, ମାଲିକତ୍ୱ ନ ଥିବା କାହାକୁ କହିବା ଉଚିତ୍, ତାହା ଆମକୁ ବୁଝାନ୍ତୁ ।' ତେବେ ମୁଁ କହିଲି, 'ମୁଁ ତୁମକୁ ଉଦାହରଣ ଦେଇ ବୁଝାଉଛି ।'

"ଗୋଟିଏ ଗାଁ'ରେ ଏକ ବହୁତ ଭଲ ଏରିୟା (ଜାଗା) ଅଛି, ଆଖପାଖ ଦୋକାନ

ମଝିରେ ପାଖାପାଖି ପାଞ୍ଚହଜାର ଫୁଟ୍‌ର, ଏପରି ଦାମିକା ଏରିୟା । ତାହା ପାଇଁ କେହି ଜଣେ ସରକାରଙ୍କୁ ଅଭିଯୋଗ କଲା ଯେ ଏହି ଜାଗାରେ ଏକ୍ସାଇଜ୍(Excise)ର ମାଲ୍ ଲୁଚା ହୋଇଛି । ତେବେ ପୁଣି ପୋଲିସ ଡ଼ିପାର୍ଟମେଣ୍ଟ୍ ସେଠାକୁ ଗଲା, ବର୍ଷାଦିନ ସରି ଯାଇଥିଲା ସେଥିପାଇଁ ସେହି ଜାଗାରେ ଭଲ ସବୁଜ ଘାସ,ବୁଦା ସବୁ ଉଠି ଯାଇଥିଲା । ସେହି ଜାଗା ପ୍ରଥମେ ଖୋଳି ଦେଲେ । ପରେ ଦୁଇ-ତିନି ଫୁଟ୍ ଗଭୀରକୁ ଖୋଳିଲେ, ତେବେ ପୁଣି ଭିତରୁ ସେହି ଏକ୍ସାଇଜ୍‌ର ମାଲ୍ ସବୁ ବାହାରିଲା । ତା'ପରେ ଫୌଜଦାର ଆଖପାଖବାଲାଙ୍କୁ ପଚରା-ଉଚରା କଲେ ଯେ ଏହାର ଓନର୍ କିଏ ? ତେବେ ଲୋକମାନେ କହିଲେ ଯେ ଏହା ତ ଲକ୍ଷ୍ମୀଚନ୍ଦ ସେଠ୍‌ଙ୍କର ଅଟେ । ପୁଣି ଫୌଜଦାର ପଚାରିଲେ ଯେ ସେ କେଉଁଠି ରୁହନ୍ତି ? ତେବେ ଜଣା ପଡ଼ିଲା ଯେ ଅମୁକ ଜାଗାରେ ରହୁଛନ୍ତି । ସେଥିପାଇଁ ପୋଲିସବାଲାଙ୍କୁ ପଠାଇଲେ ଯେ ଲକ୍ଷ୍ମୀଚନ୍ଦ ସେଠ୍‌କୁ ଧରି ଆଣ । ପୋଲିସବାଲା ଲକ୍ଷ୍ମୀଚନ୍ଦ ସେଠ୍ ପାଖକୁ ଗଲେ । ସେତେବେଳେ ଲକ୍ଷ୍ମୀଚନ୍ଦ ସେଠ୍ କହିଲେ ଯେ ଭାଇ, ଏହି ଜାଗା ମୋର, ଏପରି ତୁମେ କହୁଛ ତାହା ଠିକ୍ ଅଟେ, କିନ୍ତୁ ମୁଁ ତ ପନ୍ଦର ଦିନ ପୂର୍ବରୁ ବିକି ଦେଇଛି । ଆଜି ମୁଁ ଏହି ଜାଗାର ମାଲିକ ନୁହେଁ । ସେତେବେଳେ ସେମାନେ ପଚାରିଲେ ଯେ କାହାକୁ ବିକିଛ ତାହା କୁହ । ତୁମେ ତାହାର ପ୍ରମାଣ ଦେଖାଅ । ପୁଣି ସେଠ୍ ପ୍ରମାଣର ନକଲ ଦେଖାଇଲେ । ସେହି ନକଲକୁ ଦେଖି ସେମାନେ, ଯିଏ ଏହି ଜାଗା କିଣିଥିଲା, ତା' ପାଖକୁ ଗଲେ । ତାଙ୍କୁ କହିଲେ ଯେ ଭାଇ ଏହି ଜାଗା ତୁମେ କିଣିଛ ? ତେବେ ସେ କହିଲା ଯେ ହଁ, ମୁଁ ନେଇଛି । ପୋଲିସବାଲା କହିଲେ ଯେ ତୁମ ଜମିରୁ ଏପରି ବାହାରିଛି । ସେତେବେଳେ ସେ କହିଲା ଯେ, କିନ୍ତୁ ମୁଁ ତ ଏହି ଜମି ମାତ୍ର ପନ୍ଦର ଦିନ ପୂର୍ବରୁ ହିଁ ନେଇଛି, ଆଉ ଏହି ମାଲ୍ ତ ବର୍ଷାଦିନ ପୂର୍ବରୁ ଲୁଚା ହୋଇଥିବା ପରି ଲାଗୁଛି, ସେଥିରେ ମୋର କ'ଣ ଦୋଷ ? ସେତେବେଳେ ପୋଲିସବାଲା କହିଲେ ଯେ ତାହା ଆମକୁ ଦେଖିବାର ନାହିଁ । 'ହୁ ଇଜ୍ ଦି ଓନର୍ ନାଓ ? ଆଜି ମାଲିକ କିଏ ?' ଆଜି ମାଲିକତ୍ୱ ନଥିବ ତେବେ ଦାୟୀ ନୁହଁ । ମାଲିକ ଅଟ ତେବେ ଦାୟୀ ହେବ ।"

ତାହା ପରେ ସେହି ଲୋକମାନେ ବୁଝିଗଲେ । ଯଦିଓ ପନ୍ଦରଦିନ ପୂର୍ବରୁ ହିଁ ନେଇଥିଲା ତଥାପି ଦାୟୀ ହେଲା ନା ? କିନ୍ତୁ ଏହାକୁ ବୁଦ୍ଧିଦ୍ୱାରା ଯଦି ଦେଖିବାକୁ ଯିବା ତେବେ ତାହା ବର୍ଷାଦିନ ପୂର୍ବରୁ ଲୁଚା ହୋଇଛି ।

ଏବେ ଏତେ ଅଧିକ ସୂକ୍ଷ୍ମତାର ସହ ବୁଝିବେ ତେବେ ସମାଧାନ ଆସିବ । ନହେଲେ ସମାଧାନ ହିଁ ଆସିବ କିପରି ? ଏହା ତ ପଜଲ୍ ଅଟେ । ଦି ୱାର୍ଲଡ଼ ଇଜ୍ ଦି

ପଜଲ୍ ଇଟ୍‌ସେଲ୍ଫ (The world is the puzzle itself) । ଏହି ପଜଲ୍ କିପରି ସଲ୍‌ଭ କରାଯାଇ ପାରିବ ? ଦେୟର୍ ଆର୍ ଟୁ ଭିୟୁ ପଏଣ୍ଟସ ଟୁ ସଲ୍‌ଭ ଦିସ୍ ପଜଲ୍ (There are two view points to solve this puzzle) । ଓ୍ୱନ୍ ରିଲେଟିଭ ଭିୟୁ ପଏଣ୍ଟ, ଓ୍ୱନ୍ ରିଏଲ୍ ଭିୟୁ ପଏଣ୍ଟ (One relative view point,one real view point) । ଏହି ଜଗତରେ ଯଦି ପଜଲ୍ ସଲ୍‌ଭ ନକରିବ ତେବେ ସେହି ପଜଲ୍‌ରେ ହିଁ ଡ଼ିଜଲ୍‌ଭ ହୋଇଯିବ । ପୁରା ଜଗତ, ସମସ୍ତେ ଏହି ପଜଲ୍‌ରେ ହିଁ ଡ଼ିଜଲ୍‌ଭ ହୋଇଯାଇଛନ୍ତି ।

**ପ୍ରଶ୍ନକର୍ତ୍ତା :** ଏପରି ଅର୍ଥ କରି ପୁଣି ସବୁ ଲୋକ ମଜା ହିଁ କରିବେ ନା, ଯେ ମୁଁ ମାଲିକ ନୁହେଁ, ଏପରି ? ଆଉ ପୁଣି ସମସ୍ତେ ଏପରି କହି ଦୁରୁପଯୋଗ କରିବେ ନା ?

**ଦାଦାଶ୍ରୀ :** 'ମାଲିକ ନୁହେଁ' ଏପରି କେହି କହି-ବୁଲେ ନାହିଁ । ନହେଲେ ଏବେ ଯଦି ଚାପୁଡ଼ା ମାରିବା ନା, ତେବେ ସେ ମଧ୍ୟ ମାଲିକ ହୋଇଯାଏ ! ଗାଳି ଦେବା ତେବେ ମଧ୍ୟ ମାଲିକ ହୋଇଯାଏ, ତୁରନ୍ତ ମୁହାଁମୁହିଁ ହୋଇଯାଏ । ତେଣୁ ଆମେ ଜାଣିବା ଯେ ସେ ମାଲିକ ଅଟେ । ମାଲିକ ଅଟେ କି ମାଲିକ ନୁହେଁ ତାହାର ପ୍ରମାଣ ତୁରନ୍ତ ହିଁ ମିଳେ ନା ! ତା'ର ଟାଇଟଲ୍ ଜଣା ପଡ଼ିଯାଏ ଯେ ସେ ମାଲିକ ଅଟେ କି ନୁହେଁ ? ଗାଳି ଦେବା ମାତ୍ରେ ତୁରନ୍ତ ହିଁ ଟାଇଟଲ୍ ଦେଖାନ୍ତି ନା ନାହିଁ ? ମାନେ ବିଳମ୍ବ ହୁଏ ହିଁ ନାହିଁ । ବାକି, ଏମିତି ମୁହଁରେ କହିଲେ କ'ଣ ଦିନ ବଦଳିବ ?

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏହି ଗାଡ଼ିରେ ବୁଲୁଛନ୍ତି ସେଥିରେ ପାପ ନାହିଁ ?

**ଦାଦାଶ୍ରୀ :** ଏହି ପାପ ତ, ଏହି ପୁରା ଜଗତ ହିଁ ପାପମୟ ଅଟେ । ଯେବେ ଏହି ଦେହର ମାଲିକ ହେବ ନାହିଁ, ତେବେଯାଇ ନିଷ୍ପାପୀ ହେବ । ନହେଲେ (ଯେପର୍ଯ୍ୟନ୍ତ) ଏହି ଦେହର ମାଲିକ ଅଟ, ସେପର୍ଯ୍ୟନ୍ତ ସବୁ ପାପ ହିଁ ଅଟେ ।

ଆମେ ଶ୍ୱାସ ନେଉଛେ ସେତେବେଳେ କେତେସାରା ଜୀବ ମରିଯାନ୍ତି, ଆଉ ଶ୍ୱାସ ଛାଡ଼ିବା ସହିତ ମଧ୍ୟ କେତେସାରା ଜୀବ ମରିଯାନ୍ତି । ଏମିତି ହିଁ ଆମେ ଖାଲିରେ ଚାଲୁଥିବା, ତେବେ ମଧ୍ୟ କେତେସାରା ଜୀବଙ୍କୁ ଆମ ଦ୍ୱାରା ଧକ୍କା ଲାଗୁଥାଏ ଏବଂ ଜୀବ ମରୁଥାନ୍ତି । ଆମେ ହାତ ଏମିତି କରିବା ତେବେ ମଧ୍ୟ ଜୀବ ମରିଯାନ୍ତି । ଏମିତିରେ ସେହି ଜୀବ ଦେଖାଯାନ୍ତି ନାହିଁ, ତଥାପି ଜୀବ ମରୁଥାନ୍ତି ।

ଏଥିପାଇଁ ସେ ସବୁ ପାପ ହିଁ ଅଟେ । କିନ୍ତୁ ଏହି ଦେହ, ତାହା ମୁଁ ନୁହେଁ, ଏପରି

ଯେବେ *ଜ୍ଞାନ୍* (ଜାଗୃତି) ହେବ, ଦେହର ମାଲିକତ୍ୱ ରହିବ ନାହିଁ, ତେବେଯାଇ ନିଜେ ନିଷ୍ପାପ ହେବ । ମୁଁ ଏହି ଦେହର ଛବିଶ ବର୍ଷରୁ ମାଲିକ ନୁହେଁ । ଏହି ମନର ମାଲିକ ନୁହେଁ, ବାଣୀର ମାଲିକ ନୁହେଁ, ମାଲିକିଭାବର ଦଲିଲ୍ ହିଁ ଚିରି ଦେଇଛି, ସେଥିପାଇଁ ତାହାର ଉତ୍ତରଦାୟିତ୍ୱ ହିଁ ନାହିଁ ନା ! ସେଥିପାଇଁ ଯେଉଁଠି ମାଲିକିଭାବ ଅଛି, ସେଠାରେ ଦୋଷ ଲାଗୁ ହୁଏ । ମାଲିକିଭାବ ନାହିଁ ସେଠାରେ ଦୋଷ ନାହିଁ । ସେଥିପାଇଁ ମୋତେ ତ ସମ୍ପୂର୍ଣ୍ଣ ଅହିଂସକ କୁହାଯାଏ । କାହିଁକିନା ଆତ୍ମାରେ ହିଁ ରୁହେ । ହୋମ୍ ଡ଼ିପାର୍ଟମେଣ୍ଟରେ ହିଁ ରୁହେ ଏବଂ ଫରେନ୍‌ରେ ହାତ ମାରେ ହିଁ ନାହିଁ । ସେଥିପାଇଁ ଏହି ସବୁ ହିଂସାର ସାଗରରେ ସମ୍ପୂର୍ଣ୍ଣ ଅହିଂସକ ରୁହେ ।

**ପ୍ରଶ୍ନକର୍ତ୍ତା :** ଏହି 'ଜ୍ଞାନ' ନେବା ପରେ କଣ ଅହିଂସକ ହୋଇଯାନ୍ତି ?

**ଦାଦାଶ୍ରୀ :** ଏହି ଜ୍ଞାନ ତ ମୁଁ ତୁମକୁ ଦେଇଛି, ତୁମକୁ *ପୁରୁଷ* (ଆତ୍ମା) କରିଛି । ଏବେ ମୋର ଆଜ୍ଞା ପାଳିବା ଦ୍ୱାରା ହିଂସା ତୁମକୁ ଛୁଇଁବ ନାହିଁ । ତୁମେ ଯେତେ ପୁରୁଷାର୍ଥ କରିବ ସେତେ ତୁମର । ପୁରୁଷାର୍ଥ କରିବ ତେବେ ପୁରୁଷୋତ୍ତମ ହୋଇଯିବ, ନହେଲେ *ପୁରୁଷ* ତ ଅଟ ହିଁ । ଅର୍ଥାତ୍ ମୋ ଆଜ୍ଞା ପାଳିବା, ତାହା ପୁରୁଷାର୍ଥ ଅଟେ । ଅହିଂସକକୁ ହିଂସା କିପରି ଛୁଇଁବ ?

**ପ୍ରଶ୍ନକର୍ତ୍ତା :** ନଅ କଲମ ଯିଏ ଅନୁଭବରେ ଆଣେ, ତା'କୁ କଣ ହିଂସା ବାଧକ ହିଁ ହୁଏ ନାହିଁ ?

**ଦାଦାଶ୍ରୀ :** ନା, ତା'କୁ ମଧ୍ୟ ହିଂସା ବାଧକ ଅଟେ । କିନ୍ତୁ ନଅ କଲମ କରିଲେ ତାହାଦ୍ୱାରା ତ ଏପର୍ଯ୍ୟନ୍ତ ଯେଉଁ ହିଂସା ହୋଇଥାଏ, ତାହା ଧୋଇ ହୋଇଯାଏ କିନ୍ତୁ ଯିଏ ଏହି ପାଞ୍ଚ ଆଜ୍ଞା ପାଳିବ ତା'କୁ ତ ହିଂସା ଛୁଇଁବ ହିଁ ନାହିଁ । ହିଂସାର ସାଗରରେ ବୁଲେ, ପୁରା ସାଗର ହିଁ କେବଳ ହିଂସାର ଅଟେ । ଏହି ହାତ ଉପରକୁ ଉଠାଇବା ତେବେ କେତେ ସାରା ଜୀବ ମରିଯିବେ । କେବଳ ଜୀବଦ୍ୱାରା ହିଁ ଭରି ହୋଇଥିବା ଜଗତ ଅଟେ । କିନ୍ତୁ ମୋ ପାଞ୍ଚ ଆଜ୍ଞା ପାଳେ ସେହି ସମୟରେ ଏହି ଦେହରେ ନିଜେ ନଥାଏ । ଆଉ ଦେହ ଅଛି, ତାହା ସ୍ଥୁଳ ହୋଇଥିବା କାରଣରୁ ଅନ୍ୟ ଜୀବମାନଙ୍କୁ ଦୁଃଖଦାୟୀ ହୋଇଯାଏ । ଆତ୍ମା ସୂକ୍ଷ୍ମ ହୋଇଥିବା କାରଣରୁ କାହାର କ୍ଷତି କରେ ନାହିଁ । ସେଥିପାଇଁ ମୁଁ ମୋ ପୁସ୍ତକରେ ସ୍ପଷ୍ଟ ଲେଖିଛି ଯେ ମୁଁ ହିଂସାର ସାଗରରେ ସମ୍ପୂର୍ଣ୍ଣ ଅହିଂସକ ଅଟେ । ସାଗର ଅଟେ ହିଂସାର, ସେଥିରେ ମୁଁ ସମ୍ପୂର୍ଣ୍ଣ ଅହିଂସକ । ମୋ ମନ ତ ହିଂସକ ହିଁ ନୁହେଁ, କିନ୍ତୁ କିଛି ଜାଗାରେ ବାଣୀ ଟିକିଏ ହିଂସକ ଅଟେ, ତାହା ଟେପରେକର୍ଡ଼ ଅଟେ । ମୋର

ସେଥିରେ ମାଲିକତ୍ୱ ନାହିଁ । ତଥାପି ଟେପରେକର୍ଡ଼ ମୋର, ସେତିକି ପରିମାଣର ଦୋଷ ମୋର । ତାହାର ପ୍ରତିକ୍ରମଣ ମୋର ହୋଇଥାଏ । ଭୁଲ ତ ପୂର୍ବରୁ ମୋର ହିଁ ଥିଲା ନା ! ହୁ ଇଜ୍ ଦି ଓନର୍ ? ତେବେ ଆମେ କହିବା ଯେ 'ୱି ଆର୍ ନଟ୍ ଦି ଓନର୍ ।' ତେବେ କହିବା ଯେ ପୂର୍ବର ଓନର । ତୁମେ ମଝିରେ ବିକି ନଥିଲ, ମଝିରେ ବିକ୍ରି ହୋଇଯାଇଥାନ୍ତା ତେବେ, ଅଲଗା କଥା ।

**ପ୍ରଶ୍ନକର୍ତ୍ତା :** ଦାଦା, ଆପଣଙ୍କ ଅହିଂସକ ବାଣୀ ଦ୍ୱାରା ଆମେ ସବୁ ମହାତ୍ମା ଅହିଂସକ ହେଉଅଛୁ ।

**ଦାଦାଶ୍ରୀ :** ମୋ ଆଜ୍ଞା ଯଦି ପାଳ ତେବେ ତୁମେ ଅହିଂସକ ଅଟ, ଏପରି ଏତେ ସବୁ ସୁନ୍ଦର କହୁଛି ତା'ପରେ ଆଉ କଣ ରହିଲା ! ଏବଂ ଯଦି ତାହା କଷ୍ଟକର ହୋଇଥିବ, ତେବେ ମୋତେ କହିଦିଅ, ବଦଳାଇ ଦେବି ।

## ସମ୍ପୂର୍ଣ୍ଣ ଅହିଂସା, ସେଠି ପ୍ରକଟେ କେବଳ ଜ୍ଞାନ

ଅର୍ଥାତ, କେଉଁ ଧର୍ମ ଉଚ୍ଚ ଯେ ଯେଉଁଠି ସୂକ୍ଷ୍ମ ପ୍ରକାରରେ ଅହିଂସା ବୁଝାଯାଇଥିବ । ସମ୍ପୂର୍ଣ୍ଣ ଅହିଂସା, ତାହା କେବଳଜ୍ଞାନ ! ସେଥିପାଇଁ ଯଦି ହିଂସା ବନ୍ଦ ହୋଇଥିବ ତେବେ ବୁଝିବ ଯେ ଏଠି ପ୍ରକୃତ ଧର୍ମ ଅଛି ।

ହିଂସା ବିନା ଏହି ଜଗତ ହିଁ ନାହିଁ, ପୁରା ଜଗତ ହିଁ ହିଂସାମୟ ଅଟେ । ଯେବେ ତୁମେ ନିଜେ ଅହିଂସାବାଲା ହେବ, ତେବେ ଜଗତ ଅହିଂସାବାଲା ହୋଇଯିବ ଏବଂ ଅହିଂସାର ସାମ୍ରାଜ୍ୟ ବିନା କେବେବି କେବଳଜ୍ଞାନ ହୁଏ ନାହିଁ, ଯେଉଁ ଜାଗୃତି (ଆବଶ୍ୟକ) ଅଛି ତାହା ପୁରା ଆସିବ ନାହିଁ । ନାମକୁ ମାତ୍ର ବି ହିଂସା ନହେବା ଉଚିତ୍ । ହିଂସା କାହାର କରୁଛ ? ଏମାନେ ସବୁ ପରମାତ୍ମା ହିଁ ଅଟନ୍ତି, ପ୍ରତ୍ୟେକ ଜୀବ ପରମାତ୍ମା ହିଁ ଅଟନ୍ତି । କାହାର ହିଂସା କରିବ ? କାହାକୁ ଦୁଃଖ ଦେବ ?

## ଚରମ ଅହିଂସାର ବିଜ୍ଞାନ

ଯେପର୍ଯ୍ୟନ୍ତ ତୁମକୁ ଏପରି ଲାଗୁଛି ଯେ 'ମୁଁ ଫୁଲ ଛିଡ଼ାଉଛି, ମୋତେ ହିଂସା ଲାଗୁଛି', ସେପର୍ଯ୍ୟନ୍ତ ତୁମକୁ ହିଂସା ଲାଗିବ ଆଉ (ଯିଏ) ଏପରି ଜାଣନ୍ତି ନାହିଁ, ତାଙ୍କୁ ମଧ୍ୟ ହିଂସା ଲାଗିବ । ତଥାପି ଜାଣିକି ଯିଏ ଛିଡ଼ାନ୍ତି କିନ୍ତୁ ନିଜେ ସ୍ୱଭାବରେ ଆସି ଯାଇଥାନ୍ତି, ତା'ଙ୍କୁ ହିଂସା ଲାଗେ ନାହିଁ ।

କାହିଁକିନା ଏପରି ଅଟେ ଯେ, ଭରତ ରାଜାଙ୍କୁ ତେରଶହ ରାଣୀଙ୍କ ସହ ରହି, ଯୁଦ୍ଧ ଲଢ଼ିବା ସହ ମଧ୍ୟ ଜ୍ଞାନ ରହୁଥିଲା । ତେବେ ସେହି ଅଧ୍ୟାତ୍ମ କିପରି ହୋଇଥିବ ? ଆଉ ଏହି ଲୋକମାନଙ୍କୁ ଗୋଟିଏ ରାଣୀ ଥିବ ତେବେ ମଧ୍ୟ (ଜ୍ଞାନ) ରହୁ ନାହିଁ । ଭରତ ରାଜା ଋଷଭଦେବ ଭଗବାନଙ୍କୁ କହିଲେ ଯେ 'ଭଗବାନ ଏହି ଯୁଦ୍ଧ ଲଢୁଛି ଏବଂ କେତେସାରା ଜୀବଙ୍କର ହିଂସା ହେଉଛି, ଆଉ ଏହା ତ ମନୁଷ୍ୟଙ୍କର ହିଂସା ହେଉଛି, ଅନ୍ୟ ଛୋଟ ଜୀବଙ୍କର ହିଂସା ହୋଇଥାନ୍ତା ତେବେ ଠିକ ଅଛି କିନ୍ତୁ ଏହା ତ ମନୁଷ୍ୟ ହିଂସା! ଆଉ ସେହି ଯୁଦ୍ଧ ଲଢୁଛି ସେଥିପାଇଁ ହେଉଛି ନା! ସେତେବେଳେ ଭଗବାନ କହିଲେ ଯେ, 'ଏହା ସବୁ ତୋର ହିସାବ ଅଟେ ଏବଂ ତାହା ସୁଝିବାକୁ ହେବ ।' ସେତେବେଳେ ଭରତ ରାଜା କହିଲେ ଯେ, 'କିନ୍ତୁ ମୋତେ ବି ମୋକ୍ଷରେ ଯିବାର ଅଛି, ମୋତେ ଏପରି ବସି ରହିବାର ନାହିଁ ।' ସେତେବେଳେ ଭଗବାନ କୁହନ୍ତି ଯେ 'ମୁଁ ତୋତେ ଅକ୍ରମ ବିଜ୍ଞାନ ଦେଉଛି, ତାହା ତୋତେ ମୋକ୍ଷରେ ନେଇଯିବ । ସେଥିପାଇଁ ସ୍ତ୍ରୀମାନଙ୍କ ସହିତ ରହିବା ସତ୍ତ୍ୱେ, ଯୁଦ୍ଧ ଲଢ଼ିବା ସତ୍ତ୍ୱେ କିଛି ଛୁଇଁବ ନାହିଁ । ନିର୍ଲେପ ରହି ହେବ, ଅସଙ୍ଗ ରହି ହେବ ଏପରି ଜ୍ଞାନ ଦେଉଛି ।'

## ଶଙ୍କା, ସେପର୍ଯ୍ୟନ୍ତ ଦୋଷ

'ଏହି' ଜ୍ଞାନ ପରେ ନିଜେ ଶୁଦ୍ଧାତ୍ମା ହୋଇଗଲ । ଏବେ ପ୍ରକୃତ ଶୁଦ୍ଧାତ୍ମା ବୁଝିଗଲେ ତେବେ କୌଣସି ବି ପ୍ରକାରର ହିଂସା ଅଥବା କିଛି ବି ଅଶୁଭ କରେ, ତାହା ନିଜ ଗୁଣଧର୍ମରେ ବିଲକୁଲ ବି ନ ଥାଏ । ତା'କୁ ଶୁଦ୍ଧାତ୍ମାର ଲକ୍ଷ ସମ୍ପୂର୍ଣ୍ଣ ଥାଏ । କିନ୍ତୁ ଯେପର୍ଯ୍ୟନ୍ତ ଏବେ ବି ନିଜକୁ ଶଙ୍କା ହେଉଛି ଯେ ମୋତେ ଦୋଷ ଲାଗୁଥିବ ! ଜୀବ ମୋ ଦ୍ୱାରା ଦଳି ହେଇଯାଉଛି ଏବଂ ମୋତେ ଦୋଷ ଲାଗୁଛି, ଏପରି ଶଙ୍କା ହୁଏ, ସେପର୍ଯ୍ୟନ୍ତ ସକାଳେ ପ୍ରଥମେ ନିଜେ 'ନିଶ୍ଚୟ' କରି ବାହାରିବ ଯେ 'କୌଣସି ଜୀବକୁ ମନ-ବଚନ-କାୟା ଦ୍ୱାରା କିଞ୍ଚିତମାତ୍ର ଦୁଃଖ ନହେଉ', ଏପରି ପାଞ୍ଚଥର କହି ବାହାର, ଏପରି 'ଆମକୁ' 'ଚନ୍ଦୁଭାଇ' ପାଖରେ କୁହାଇବାର ଅଛି । ଅତଃ ଆମକୁ ଏପରି ସହଜ ଭାବରେ କହିବାର ଅଛି ଯେ ଚନ୍ଦୁଭାଇ, ସକାଳୁ ପ୍ରଥମେ ଉଠିବା ମାତ୍ରେ କୁହ, 'ମନ-ବଚନ-କାୟା ଦ୍ୱାରା କୌଣସି ବି ଜୀବକୁ କିଞ୍ଚିତମାତ୍ର ଦୁଃଖ ନହେଉ, ତାହା ମୋର ଦୃଢ଼ ପ୍ରତିଜ୍ଞା ଅଟେ' ଆଉ ଏପରି 'ଦାଦା ଭଗବାନ'ଙ୍କ ସାକ୍ଷୀରେ କହି ବାହାରିବା ତେବେ ପୁଣି ସବୁ ଉତ୍ତରଦାୟିତ୍ୱ 'ଦାଦା ଭଗବାନ'ଙ୍କର ।

ଆଉ ଯଦି ଶଙ୍କା ହେଉ ନଥିବ ତେବେ ତା'ର କୌଣସି ଅସୁବିଧା ନାହିଁ ।

ମୋତେ ଶଙ୍କା ହୁଏ ନାହିଁ ଏବଂ ତୁମକୁ ଶଙ୍କା ହୁଏ, ତାହା ସ୍ୱାଭାବିକ ଅଟେ । କାହିଁକିନା ତୁମକୁ ତ ଏହା ଦିଆଯାଇଥିବା ଜ୍ଞାନ ଅଟେ । ଜଣେ ବ୍ୟକ୍ତି ନିଜେ ଲକ୍ଷ୍ମୀ ରୋଜଗାର କରି ଏକାଠି କରିଥିବ ଆଉ ଜଣେ ବ୍ୟକ୍ତିକୁ ଲକ୍ଷ୍ମୀ ଦିଆଯାଇଥିବ, ସେ ଦୁହିଁଙ୍କ ବ୍ୟବହାରରେ ବହୁତ ଫରକ ଥାଏ ।

ବାସ୍ତବରେ ଜ୍ଞାନୀପୁରୁଷ ଯେଉଁ ଆତ୍ମା ଜାଣିଛନ୍ତି, ସେହି ଆତ୍ମା ତ କାହାକୁ କିଞ୍ଚିତମାତ୍ର ବି ଦୁଃଖ ଦିଏ ନାହିଁ ଏପରି ଅଟେ ଏବଂ କେହି ତା'କୁ କିଞ୍ଚିତମାତ୍ର ଦୁଃଖ ଦେଇପାରିବ ନାହିଁ, ଏପରି ସେହି ଆତ୍ମା ଅଟେ । ବାସ୍ତବରେ ମୂଳ ଆତ୍ମା ସେପରି ଅଟେ ।

## ବେଦକ-ନିର୍ବେଦକ-ସ୍ୱସମ୍ବେଦକ

ଜଣେ ବ୍ୟକ୍ତି ମୋତେ ପଚାରୁଥିଲା । ସେ ମୋତେ କୁହେ, 'ଏହି ମଶା କାମୁଡ଼ନ୍ତି, ତାହା କିପରି ପୋଷାଇବ ?' ତେବେ ମୁଁ କହିଲି, 'ଧ୍ୟାନରେ ବସିବୁ । ମଶା କାମୁଡ଼ିବେ ତେବେ ଦେଖିବୁ ।' ତେବେ ସେ କୁହେ, 'ତାହା ତ ସହି ହେଉ ନାହିଁ ।' ତେବେ ମୁଁ କହିଲି, 'ଏପରି କହିବୁ ଯେ ମୁଁ ନିର୍ବେଦ ଅଟେ । ଏବେ ବେଦକ ସ୍ୱଭାବ ମୋର ନୁହେଁ, ମୁଁ ତ ନିର୍ବେଦ ଅଟେ । ଏହାଦ୍ୱାରା କିଛି ଅଂଶରେ ତୁ ଫେରି ତୋ ହୋମ୍ ଡ଼ିପାର୍ଟମେଣ୍ଟ ଆଡ଼କୁ ଆସିବୁ । ଏପରି କରି-କରି ସେହିପରି ଶହେ-ଦୁଇଶହ ଥର ମଶା ତୋତେ କାମୁଡ଼ିବେ, ଏପରି କରୁ-କରୁ ନିଜେ ନିର୍ବେଦ ହୋଇଯିବୁ ।' ନିର୍ବେଦ ଅର୍ଥାତ୍ କ'ଣ ? କେବଳ ଜାଣିବାବାଲା, ଯେ ମଶା ଏଠି କାମୁଡ଼ିଲା । ନିଜେ ବେଦୁ୍ୟ (ସୁଖ-ଦୁଃଖ ଭୋଗିବା) ନାହିଁ, ସେ ନିର୍ବେଦ ! ବାସ୍ତବରେ ନିଜେ ବେଦେ (ସୁଖ-ଦୁଃଖ ଭୋଗେ) ହିଁ ନାହିଁ, କିନ୍ତୁ ବେଦେ ତାହା ପୂର୍ବ ଅଭ୍ୟାସ ଅଟେ । ପୂର୍ବର ଅଭ୍ୟାସ ଅଛି ନା, ସେଥିପାଇଁ ସେ କୁହେ ଯେ 'ଇଏ ମୋତେ କାମୁଡ଼ିଲା' । ଅର୍ଥାତ୍ ବାସ୍ତବରେ ନିଜେ ନିର୍ବେଦ ହିଁ ଅଟେ । କିନ୍ତୁ ଆମକୁ ଏହି ସତସଙ୍ଗରେ ବସିବସି ସେହି ପଦ ବୁଝିନେବାର ଅଛି, ସେ ପୂର୍ଣ୍ଣ ପଦ ବୁଝିନେବାର ଅଛି ଯେ ଆତ୍ମା ବାସ୍ତବରେ ଏପରି ଅଟେ । ତେଣୁ ଏବେ ଆମକୁ ଶୁଦ୍ଧାତ୍ମା ପଦରେ ଚଳେଇନେବାର ଅଛି । ଏତିକି କୁହେ ତେବେ ମଧ୍ୟ ତା'କୁ କର୍ମ ବନ୍ଧନ ବନ୍ଦ ହୋଇଯିବ । ସେହି ଆରୋପିତ ଭାବରୁ ମୁକ୍ତ ହେଲା ଅର୍ଥାତ୍ କର୍ମ ବନ୍ଧନ ଅଟକି ଗଲା ।

**ପ୍ରଶ୍ନକର୍ତ୍ତା :** ଏହି ମଶା କାମୁଡ଼େ, ତଥାପି 'ମୁଁ ବେଦକ ନୁହେଁ' କହିବି ?

**ଦାଦାଶ୍ରୀ :** ହଁ, ଏଠାରେ ତୁମେ ଏମିତି ବସିଥିବ ଆଉ ଏଠି ହାତରେ ମଶା

ବସିଲା । 'ବସିଲା' ତେଣୁ ତାହା ତୁମକୁ ପ୍ରଥମେ ଅନୁଭବ ହୁଏ । ତାହା ତୁମକୁ ଜଣା ପଡ଼େ । ଏହି ମଶା ବସିଲା, ସେହି ସମୟରେ ତୁମେ ଜାଣିବାରେ ଥାଅ ନା ବେଦକରେ ଥାଅ ? ତୁମକୁ କ'ଣ ଲାଗୁଛି ?

**ପ୍ରଶ୍ନକର୍ତ୍ତା :** ବସିଥିବ ସେହି ସମୟରେ ତ ଜାଣୁଥାଏ ।

**ଦାଦାଶ୍ରୀ :** ହଁ, ପୁଣି ସେ ଫୋଡ଼ିଦିଏ, ସେହି ସମୟରେ ମଧ୍ୟ ଜାଣିବାରେ ଥାଅ, କିନ୍ତୁ ପରେ 'ମୋତେ ମଶା କାମୁଡ଼ିଲା, ମୋତେ କାମୁଡ଼ିଲା' କୁହେ ସେଥିପାଇଁ ସେ ବେଦକ ହୋଇଯାଏ । ଏବେ ବାସ୍ତବରେ ନିଜେ ନିର୍ବେଦ ଅଟେ, ଏଣୁ ଯେତେବେଳେ ମଶା କାମୁଡ଼େ ସେତେବେଳେ ଆମେ କହିବା ଉଚିତ ଯେ 'ମୁଁ ତ ନିର୍ବେଦ ଅଟେ ।' ପୁଣି ଶୁଣ୍ଢ ଭୀତରକୁ ଯାଏ, ସେତେବେଳେ ଆମେ ପୁଣି କହିବା ଯେ, 'ମୁଁ ନିର୍ବେଦ ଅଟେ ।'

**ପ୍ରଶ୍ନକର୍ତ୍ତା :** ଏବେ ଆପଣ ନିର୍ବେଦ କଥା କହିଲେ, କିନ୍ତୁ ଅନ୍ୟ ଏକ ଶବ୍ଦର ଉପଯୋଗ କରିଛନ୍ତି ଯେ ସ୍ୱ-ସମ୍ବେଦନ ।

**ଦାଦାଶ୍ରୀ :** ସ୍ୱସମ୍ବେଦନ ତ କୁହାଯାଇ ପାରିବ ନାହିଁ । ତାହା ତ ବହୁତ ଉଚ୍ଚ ବସ୍ତୁ ଅଟେ । ସ୍ୱସମ୍ବେଦନ, ତାହା ତ ଶେଷ କଥା ଅଟେ । ଏବେ ତ ଆମକୁ 'ମୁଁ ନିର୍ବେଦ ଅଟେ' କହିବାର ଅଛି, ଯାହାଦ୍ୱାରା ଏହି ବେଦନା କମ୍ ହେବ । ମୁଁ କ'ଣ କହିବାକୁ ଚାହୁଁଛି ଯେ ତଥାପି ବେଦନା ଏକଦମ୍ ଚାଲିଯାଏ ନାହିଁ । ଆଉ ସ୍ୱସମ୍ବେଦନ ତ 'ଜ୍ଞାନ' ହିଁ ହେଲା କୁହାଯିବ । ତାହାକୁ କେବଳ 'ଜାଣେ'! ପଛେ ଫୋଡୁଥାଉ, ଜବରଦସ୍ତ ଫୋଡୁ ତଥାପି ତାହାକୁ ଜାଣୁ ହିଁ ଥାଏ, ବେଦେ (ଭୋଗେ)ହିଁ ନାହିଁ, ତାହାକୁ ସ୍ୱସମ୍ବେଦନ କୁହାଯାଏ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଏହି ମଶା ଯେଉଁ କାମୁଡ଼ିଲା ଏବଂ ତାହାର ଯେଉଁ ପ୍ରତିକ୍ରିୟା ହେଲା ଯେ 'ଏହି ମଶା ମୋତେ କାମୁଡ଼ିଲା' । ସେହି ପ୍ରତିକ୍ରିୟାକୁ ମଧ୍ୟ କଣ ସ୍ୱସମ୍ବେଦନରେ ଜାଣେ ?

**ଦାଦାଶ୍ରୀ :** ହଁ, ତାହାକୁ ମଧ୍ୟ ଜାଣେ ।

**ପ୍ରଶ୍ନକର୍ତ୍ତା :** କିନ୍ତୁ ଆପଣ କହିଲେ ଯେ, 'ମୁଁ ଭୋଗୁ ନାହିଁ, ଭୋଗୁ ନାହିଁ' କହିବୁ, ତେବେ ପୁଣି ଲୋକ ଏପରି ବୁଝିବେ ଯେ ବେଦନା ଚାଲିଗଲା ।

**ଦାଦାଶ୍ରୀ :** ନା, ଏପରି ନୁହେଁ । ବେଦନାକୁ ମଧ୍ୟ ସେ ଜାଣେ । କିନ୍ତୁ ଏତେ ଅଧିକ ସାମର୍ଥ୍ୟ ମଣିଷର ନାହିଁ । ସେଥିପାଇଁ 'ମୁଁ ନିର୍ବେଦ ଅଟେ' ଏପରି ଯଦି କୁହେ, ତେବେ ତା'କୁ ତାହାର ପ୍ରଭାବ ହୁଏ ନାହିଁ । 'ଆତ୍ମାର' ସ୍ୱଭାବ ନିର୍ବେଦ ଅଟେ । ଏହା କୁହେ ତେବେ 'ତାକୁ' କୌଣସି ପ୍ରଭାବ ହୁଏ ନାହିଁ । କିନ୍ତୁ ସ୍ୱସମ୍ବେଦନ ତାହା ଉଚ୍ଚ ବସ୍ତୁ ଅଟେ । ସେ ଯଦି କେବଳ ଜାଣି ଚାଲିବ ତେବେ ସ୍ୱସମ୍ବେଦନରେ ଆସିବ । ସେଥିରେ ତ ତା'କୁ କେବଳ ଜାଣିବାର ହିଁ ଅଛି ଯେ ଏହା ଶୁଣ୍ଢ ପୁରାଇଲା । ତାହାକୁ ମଧ୍ୟ ଜାଣିଲା । ପୁଣି ଶୁଣ୍ଢ ବାହାର କରିଦେଲା ତାହାକୁ ମଧ୍ୟ ଜାଣିଲା । ଏପରି କରୁ କରୁ ସ୍ୱସମ୍ବେଦନରେ ଆସେ, କିନ୍ତୁ ନିର୍ବେଦ ତ ଏକ ଷ୍ଟେପ୍ (Step) ଅଟେ ଯାହା ଦ୍ୱାରା ଅଧୀର ନହୋଇ ତାହାକୁ ସହି ପାରିବା ।

**ପ୍ରଶ୍ନକର୍ତ୍ତା :** ସ୍ୱସମ୍ବେଦନରୁ ହିଁ ଆତ୍ମା ଜାଣି ହୁଏ ନା ?

**ଦାଦାଶ୍ରୀ :** ଆତ୍ମା ସ୍ୱୟଂ ସ୍ୱସମ୍ବେଦନ ହିଁ ଅଟେ । କିନ୍ତୁ ତୁମେ 'ଏହି' ଜ୍ଞାନ ନେଇଛ ତଥାପି ପୂର୍ବ ଅହଙ୍କାର ଏବଂ ମମତା ଯାଇନାହିଁ ନା, ଏପର୍ଯ୍ୟନ୍ତ !

**ପ୍ରଶ୍ନକର୍ତ୍ତା :** ଯିଏ ସ୍ୱସମ୍ବେଦନଶୀଳ ଅଟେ, ତା'ର ଦର୍ଶନ ସମଗ୍ର ହୋଇଥାଏ ନା ?

**ଦାଦାଶ୍ରୀ :** ସମଗ୍ର ହୋଇଥାଏ । କିନ୍ତୁ ସେହି ଦଶା ଏପର୍ଯ୍ୟନ୍ତ ଏହି କାଳରେ ସେପରି ହୋଇପାରିବ ନାହିଁ । ସେଥିପାଇଁ ସ୍ୱସମ୍ବେଦନ ସେତିକି ଅପରିପକ୍ୱ ରହିଯାଏ । ସମ୍ପୂର୍ଣ୍ଣ ସ୍ୱସମ୍ବେଦନ ହୋଇ ପାରିବ ନାହିଁ ଏହି କାଳରେ । ସମଗ୍ର ଦଶା ତ ଯେବେ କେବଳଜ୍ଞାନ ହୁଏ ତେବେ ହୋଇଥାଏ ।

## ଲାଇଟ୍‌କୁ କାଦୁଅ ରଙ୍ଗେଇ ପାରିବ ?

ତୁମେ ଆତ୍ମାର ପ୍ରକାଶ କଣ ଜାଣି ନାହଁ ? ଏହି ଗାଡ଼ିର ଲାଇଟ୍‌ର ପ୍ରକାଶ ଏହି ବାନ୍ଦ୍ରାର ନାଳରେ ପଡ଼େ, ତେବେ ସେହି ପ୍ରକାଶକୁ ଗନ୍ଧ ଛୁଇଁବ ନା ଛୁଇଁବ ନାହିଁ ? ନହେଲେ କଣ ସେହି ପ୍ରକାଶ କେନାଲ୍‌ର ଯେଉଁ ରଙ୍ଗ ସେପରି ହୋଇଯିବ ?

**ପ୍ରଶ୍ନକର୍ତ୍ତା :** ନା ।

**ଦାଦାଶ୍ରୀ :** ତାହେଲେ କଣ କାଦୁଅ ଭଳି ହୋଇଯିବ ?

**ପ୍ରଶ୍ନକର୍ତ୍ତା :** ନା ।

**ଦାଦାଶ୍ରୀ :** ଏହି ପ୍ରକାଶ କାଦୁଅକୁ ଛୁଏଁ କିନ୍ତୁ କାଦୁଅ ତାହାକୁ ଛୁଏଁ ନାହିଁ । ଯଦି ଗାଡ଼ିର ପ୍ରକାଶ ଏପରି ଅଟେ, ତେବେ ଆତ୍ମାର ପ୍ରକାଶ କିପରି ହୋଇଥିବ ! ତା'କୁ କୌଣସି ଜାଗାରେ ଲେପ ହିଁ ଚଢ଼େ ନାହିଁ । ସେଥିପାଇଁ ଆତ୍ମା ନିରନ୍ତର ନିର୍ଲେପ ହିଁ ହୋଇଥାଏ, ଅସଙ୍ଗ ହିଁ ରହିଥାଏ । କିଛି ଛୁଏଁ ହିଁ ନାହିଁ, ସ୍ପର୍ଶ ହିଁ କରେ ନାହିଁ ଆତ୍ମା ଏପରି ଅଟେ ।

ଅର୍ଥାତ୍ ଆତ୍ମା ତ ଲାଇଟ୍ ସ୍ୱରୂପ ଅଟେ, କିନ୍ତୁ ତାହା ଏପରି ଲାଇଟ୍ ନୁହେଁ । ସେହି ପ୍ରକାଶ ମୁଁ ଯାହା ଦେଖିଛି, ସେପରି ପ୍ରକାଶ ଅଟେ । ଏହି ଗାଡ଼ିର ଲାଇଟ୍‌ର ପ୍ରକାଶ ତ କାନ୍ଥଦ୍ୱାରା ଅବରୋଧ ହୋଇଯାଏ । କାନ୍ଥ ଆସିଲେ ସେହି ପ୍ରକାଶ ଅବରୋଧ ହୋଇଯାଏ । 'ସେହି'(ଆତ୍ମାର) ପ୍ରକାଶ କାନ୍ଥଦ୍ୱାରା ଅବରୋଧ ହୁଏ ଏପରି ନୁହେଁ । କେବଳ ଏହି *ପୁଦ୍‌ଗଲ୍* ହିଁ ଏପରି ଅଟେ ଯେ ଯାହାଦ୍ୱାରା ସେ ଅବରୋଧ ହୋଇଯାଏ, କାନ୍ଥଦ୍ୱାରା ଅବରୋଧ ହୁଏ ନାହିଁ । ମଝିରେ ପାହାଡ଼ ଥିବ ତେବେ ମଧ୍ୟ ସେ ଅବରୋଧ ହୁଏ ନାହିଁ ।

**ପ୍ରଶ୍ନକର୍ତ୍ତା :** *ପୁଦ୍‌ଗଲ୍‌ରେ* କାହିଁକି ଅବରୋଧ ହୁଏ ?

**ଦାଦାଶ୍ରୀ :** ଏହି ଯେଉଁ *ପୁଦ୍‌ଗଲ୍* ତାହା ଭିତରେ *ମିଶ୍ରଚେତନ* ଅଛି । ଯଦି ଜଡ଼ ହୋଇଥାନ୍ତା ନା ତେବେ ଅବରୋଧ ହୋଇ ନଥାନ୍ତା । କିନ୍ତୁ ଏହା ମିଶ୍ର ଚେତନ ଅଟେ ସେଥିପାଇଁ ଅବରୋଧ ହୁଏ ।

**ପ୍ରଶ୍ନକର୍ତ୍ତା :** ଏହି ନାଳ ଏବଂ ପ୍ରକାଶର ଉଦାହରଣ ଦେଲେ ତାହା ବହୁତ ସଠିକ୍ ଅଟେ ।

**ଦାଦାଶ୍ରୀ :** ହଁ, କିନ୍ତୁ ମୁଁ ତାହା କେବେ କେମିତି ହିଁ ଦିଏ ନହେଲେ ଦିଆଯାଇ ପାରିବ ନାହିଁ । ଏହି ଉଦାହରଣ ସମସ୍ତଙ୍କୁ ଦିଆଯାଇ ପାରିବ ନାହିଁ । ନହେଲେ ଲୋକେ ଓଲଟା ରାସ୍ତାରେ ଚଢ଼ିଯିବେ ।

## ଛୁଏଁ ନାହିଁ ହିଂସା, ଆତ୍ମସ୍ୱରୂପୀକୁ

ଏବେ ଏହି ରୋଡ଼ ଉପରେ ଚନ୍ଦ୍ରମାର ଆଲୋକ ଥିବ, ତେବେ ସେହି ଆଗର ଲାଇଟ୍ ନଥାଏ, ତେବେ ଗାଡ଼ି ଚଲାନ୍ତି କି ଚଲାନ୍ତି ନାହିଁ ଲୋକେ ?

**ପ୍ରଶ୍ନକର୍ତ୍ତା :** ଚଲାନ୍ତି ।

**ଦାଦାଶ୍ରୀ :** ତେବେ ତା'କୁ କୌଣସି ଶଙ୍କା ହୁଏ ନାହିଁ । କିନ୍ତୁ ଲାଇଟ୍ ଥିଲେ ସେତେବେଳେ ଶଙ୍କା ହୁଏ । ବାହାରେ ଆଗରେ ଲାଇଟ୍ ଥିଲେ ତେବେ ସେହି ଆଲୋକରେ ତାକୁ ଦେଖାଯାଏ ଯେ ଓହୋହୋ, ଏତେ ସାରା କୀଟ-ପତଙ୍ଗ ବୁଲୁଛନ୍ତି ଏବଂ ଗାଡ଼ି ସହ ବାଡ଼େଇ ହେଉଛନ୍ତି, ସେମାନେ ସବୁ ମରିଯାଉଛନ୍ତି । କିନ୍ତୁ ସେଠି ତା'କୁ ଶଙ୍କା ହୁଏ ଯେ ମୁଁ ଜୀବହିଂସା କଲି ।

ହଁ, ସେହି ଲୋକମାନଙ୍କର ଲାଇଟ୍ ନାମ ମାତ୍ରକୁ ମଧ୍ୟ ନାହିଁ, ସେଥିପାଇଁ ସେମାନଙ୍କୁ ଜୀବଜନ୍ତୁ ଦେଖାଯାନ୍ତି ହିଁ ନାହିଁ । ସେଥିପାଇଁ ସେମାନଙ୍କୁ ଏହି ବାବଦରେ ଶଙ୍କା ହିଁ ହୁଏ ନାହିଁ । ଜୀବ ଦଳି ହୋଇଯାଉଛନ୍ତି, ଏପରି ଜଣା ବି ପଡ଼େ ନାହିଁ! କିନ୍ତୁ ଯାହାକୁ ଯେତିକି ଆଲୋକ ହେଉଥାଏ, ସେତିକି ଜୀବ ଦେଖା ଯାଉଥାଏ । ଲାଇଟ୍ ଯେମିତି-ଯେମିତି ବଢ଼ିବାକୁ ଲାଗେ, ସେମିତି ସେମିତି ଲାଇଟ୍‌ରେ କୀଟ-ପତଙ୍ଗ ଦେଖା ଯାଉଥାଏ ଯେ କୀଟ-ପତଙ୍ଗ ଗାଡ଼ିରେ ବାଡ଼େଇ ହେଉଛନ୍ତି ଏବଂ ମରି ଯାଉଛନ୍ତି । ଏହିପରି ଜାଗୃତି ବଢ଼ି ବଢ଼ି ଯିବ ତେବେ ନିଜର ଦୋଷ ଦେଖାଯିବ । ନହେଲେ ଲୋକଙ୍କୁ ତ ନିଜ ଦୋଷ ଦେଖାଯାଏ ହିଁ ନାହିଁ! ଆତ୍ମା ତାହା ଲାଇଟ୍ ସ୍ୱରୂପ ଅଟେ, ପ୍ରକାଶ ସ୍ୱରୂପ ଅଟେ, ସେହି ଆତ୍ମାକୁ ସ୍ପର୍ଶ କଲେ କୌଣସି ଜୀବକୁ କିଛି ଦୁଃଖ ହୁଏ ହିଁ ନାହିଁ । କାହିଁକିନା ଜୀବ ମଧ୍ୟ ଦେଇ ଆରପାର ବାହାରିଯିବ, ଏପରି ଆତ୍ମା ଅଟେ । ଜୀବମାନେ ସ୍ଥୁଳ ଅଟନ୍ତି ଏବଂ ଆତ୍ମା ସୂକ୍ଷ୍ମତମ ଅଟେ । ସେହି 'ଆତ୍ମା' ଅହିଂସକ ହିଁ ଅଟେ । ଯଦି ସେହି ଆତ୍ମାରେ ରୁହ, ତେବେ 'ତୁମେ' ଅହିଂସକ ହିଁ ଅଟ । ଆଉ ଯଦି ଦେହର ମାଲିକ ହେବ ତେବେ ହିଂସକ ଅଟ । ସେ ଆତ୍ମା ଜାଣିବା ଯୋଗ୍ୟ ଅଟେ । ଏପରି ଆତ୍ମା ଯଦି ଜାଣିନିଏ, ପୁଣି ତା'କୁ କିପରି ଦୋଷ ଲାଗିବ? କିପରି ହିଂସା ଛୁଇଁବ? ସେଥିପାଇଁ ଆତ୍ମସ୍ୱରୂପ ହେବା ପରେ କର୍ମବନ୍ଧନ ହୁଏ ହିଁ ନାହିଁ ।

**ପ୍ରଶ୍ନକର୍ତ୍ତା :** ପରେ ଜୀବହିଂସା କରେ ତେବେ ମଧ୍ୟ କର୍ମବନ୍ଧନ ହୁଏ ନାହିଁ?

**ଦାଦାଶ୍ରୀ :** ହିଂସା ହୁଏ ହିଁ ନାହିଁ ନା! 'ଆତ୍ମସ୍ୱରୂପ' ଦ୍ୱାରା ହିଂସା ହିଁ ହୁଏ ନାହିଁ । 'ଆତ୍ମସ୍ୱରୂପ' 'ଯିଏ' ହେଲା, ତା'ଦ୍ୱାରା ହିଂସା ହୁଏ ହିଁ ନାହିଁ ।

ସେଥିପାଇଁ ଆତ୍ମଜ୍ଞାନ ହେବା ପରେ କୌଣସି ନିୟମ ଛୁଏଁ ନାହିଁ । ଯେପର୍ଯ୍ୟନ୍ତ ଦେହାଧ୍ୟାସ ଅଛି ସେପର୍ଯ୍ୟନ୍ତ ସବୁ ନିୟମ ଅଛି ଏବଂ ସେହି ପର୍ଯ୍ୟନ୍ତ ହିଁ ସବୁ କର୍ମ ଛୁଅନ୍ତି । ଆତ୍ମଜ୍ଞାନ ହେବା ପରେ କୌଣସି ଶାସ୍ତ୍ରର ନିୟମ ଛୁଏଁ ନାହିଁ, କର୍ମ ଛୁଏଁ ନାହିଁ, ହିଂସା ଅଥବା କିଛି ବି ଛୁଏଁ ନାହିଁ ।

**ପ୍ରଶ୍ନକର୍ତ୍ତା :** ଅହିଂସା ଧର୍ମ କିପରି ଅଟେ ? ସ୍ୱୟଂଭୂ ?

**ଦାଦାଶ୍ରୀ :** ସ୍ୱୟଂଭୂ ନୁହେଁ । କିନ୍ତୁ ଅହିଂସା ଆତ୍ମାର ସ୍ୱଭାବ ଅଟେ ଏବଂ ହିଂସା, ତାହା ଆତ୍ମାର ବିଭାବ ଅଟେ । କିନ୍ତୁ ବାସ୍ତବରେ ଏହା ସ୍ୱଭାବ ନୁହେଁ । ଏହା ସର୍ବଦା ପାଇଁ ଭିତରେ ରହିବା ପରି ସ୍ୱଭାବ ନୁହେଁ । କାହିଁକିନା ଏମିତି ଯଦି ଗଣିବାକୁ ଯିବା ତେବେ ବହୁତ ସବୁ ସ୍ୱଭାବ ଅଛି । ସେଥିପାଇଁ ଏସବୁ ଦ୍ୱନ୍ଦ୍ୱ ଅଟେ ।

ଏଥିପାଇଁ କଥାକୁ ହିଁ ବୁଝିବାର ଆବଶ୍ୟକତା ଅଛି । ଏହା 'ଅକ୍ରମ ବିଜ୍ଞାନ' ଅଟେ । ଏହା ବୀତରାଗଙ୍କ, ଚବିଶି ତୀର୍ଥଙ୍କରଙ୍କ ବିଜ୍ଞାନ ଅଟେ ! କିନ୍ତୁ ତୁମେ ଶୁଣି ନାହଁ ସେଥିପାଇଁ ତୁମକୁ ଆଶ୍ଚର୍ଯ୍ୟ ଲାଗୁଛି ଯେ ଏପରି କ'ଣ ନୂଆ ପ୍ରକାରର ହେଉଥିବ ? ସେଥିପାଇଁ ଭୟ ପଶିଯାଏ । ଆଉ ଭୟ ପଶିଯାଏ ତେଣୁ କାର୍ଯ୍ୟ ହୁଏ ନାହିଁ । ଭୟ ଚାଲିଯିବ ତେବେ କାର୍ଯ୍ୟ ହେବ ନା !

ସେହି ଆତ୍ମସ୍ୱରୂପ ତ ଏତେ ସୂକ୍ଷ୍ମ ଅଟେ ଯେ ଅଗ୍ନି ଭିତରେ ଆରପାର ଚାଲିଯିବ ତଥାପି କିଛି ହେବ ନାହିଁ । କୁହ ଏବେ ସେଠାରେ ହିଂସା କିପରି ଛୁଇଁବ ? ଏହା ତ ନିଜ ସ୍ୱରୂପ ସ୍ଥୁଳ ଅଟେ ଏପରି ଯାହାକୁ ଦେହାଧ୍ୟାସ ସ୍ୱଭାବ ଅଛି, ସେଠି ତା'କୁ ହିଂସା ଛୁଏଁ । ଏଥିପାଇଁ ଏପରି ଯଦି ହେଉଥିବ, ଆତ୍ମସ୍ୱରୂପକୁ ହିଂସା ଛୁଉଁଥିବ, ତେବେ ତ କେହି ମୋକ୍ଷରେ ଯାଇପାରିବେ ହିଁ ନାହିଁ । କିନ୍ତୁ ମୋକ୍ଷ ପାଇଁ ତ ବହୁତ ସୁନ୍ଦର ବ୍ୟବସ୍ଥା ଅଛି । ଏହା ତ ଏବେ ତୁମେ ଯେଉଁ ଜାଗାରେ ବସିଛ, ସେଠାରେ ରହି, ସେ ସମସ୍ତ କଥା ବୁଝିପାରିବ ନାହିଁ, ନିଜେ ଆତ୍ମସ୍ୱରୂପ ହେବା ପରେ ସବୁ ବୁଝା ପଡ଼ିଯାଏ, ବିଜ୍ଞାନ ସ୍ପଷ୍ଟ ହୋଇଯାଏ !

**-ଜୟ ସଚ୍ଚିଦାନନ୍ଦ**

## ମୂଳ ଗୁଜରାଟୀ ଶବ୍ଦର ସମାର୍ଥକ ଶବ୍ଦ

| | |
|---|---|
| ବୀତରାଗ | : ରାଗ୍ ଦ୍ୱେଷ ରହିତ |
| କନ୍ଦମୂଳ | : ପିଆଜ,ରସୁଣ,ଆଳୁ ଇତ୍ୟାଦି ଯାହାସବୁ ମାଟି ତଳେ ଫଳିଥାଏ |
| ତ୍ରସ | : ଭୟ |
| ତ୍ରାସ୍ | : କଷ୍ଟ |
| ସାମୟିକ | : ଆତ୍ମ ନିରିକ୍ଷଣ |
| ପୁଦ୍‌ଗଲ୍ | : ଅନାତ୍ମା ବିଭାଗ, ଶରୀର |
| ତ୍ରସକାୟା | : ଦୁଇ ରୁ ପାଞ୍ଚ ଇନ୍ଦ୍ରୀୟ ଅସ୍ଥାବର ଜୀବ ଯିଏ ଭୟକୁ ଅନୁଭବ କରେ |
| ସ୍ଥାବରକାୟା | : ଏକ ଇନ୍ଦ୍ରୀୟ ସ୍ଥାବର ଜୀବ ଯଥା ଅପକାୟ,ପୃଥୀବିକାୟ, ତେଓକାୟ,ବନସ୍ପତିକାୟ,ବାୟୁକାୟ |
| ମିଶ୍ରଚେତନ | : ଅହଂକାର |
| ବ୍ୟବସ୍ଥିତ | : ବୈଜ୍ଞାନିକ ସଂଯୋଗଯୁକ୍ତ ପ୍ରମାଣ |

## ନଅ କଲମ

୧. ହେ ଦାଦା ଭଗବାନ ! ମୋତେ, କୌଣସି ବି ଦେହଧାରୀ ଜୀବାତ୍ମାର କିଞ୍ଚିତମାତ୍ର ବି ଅହମ୍ ନ ଦୁଭେ(ଆହତ ନ ହୁଏ) ନ ଦୁଭାଯାଏ ଅଥବା ଦୁଭାଇବା ପ୍ରତି ଅନୁମୋଦନ ନ କରାଯାଏ, ଏପରି ପରମ ଶକ୍ତି ଦିଅନ୍ତୁ ।

ମୋତେ, କୌଣସି ବି ଦେହଧାରୀ ଜୀବାତ୍ମାର କିଞ୍ଚିତମାତ୍ର ବି ଅହମ୍ ନ ଦୁଭେ, ଏପରି ସ୍ୟାଦବାଦ ବାଣୀ, ସ୍ୟାଦବାଦ ବର୍ତ୍ତନ(ବ୍ୟବହାର) ଏବଂ ସ୍ୟାଦବାଦ ମନନ କରିବା ପାଇଁ ପରମ ଶକ୍ତି ଦିଅନ୍ତୁ ।

୨. ହେ ଦାଦା ଭଗବାନ ! ମୋତେ, କୌଣସି ବି ଧର୍ମର କିଞ୍ଚିତମାତ୍ର ବି ପ୍ରମାଣ(ମର୍ଯ୍ୟାଦା) ନ ଦୁଭେ, ନ ଦୁଭାଯାଏ ଅଥବା ଦୁଭାଇବା ପ୍ରତି ଅନୁମୋଦନ ନ କରାଯାଏ, ଏପରି ପରମ ଶକ୍ତି ଦିଅନ୍ତୁ ।

ମୋତେ, କୌଣସି ଧର୍ମର କିଞ୍ଚିତମାତ୍ର ବି ପ୍ରମାଣ ନ ଦୁଭାଯାଏ ଏପରି ସ୍ୟାଦବାଦ ବାଣୀ, ସ୍ୟାଦବାଦ ବର୍ତ୍ତନ ଏବଂ ସ୍ୟାଦବାଦ ମନନ କରିବା ପାଇଁ ପରମ ଶକ୍ତି ଦିଅନ୍ତୁ ।

୩. ହେ ଦାଦା ଭଗବାନ ! ମୋତେ, କୌଣସି ବି ଦେହଧାରୀ ଉପଦେଶକ ସାଧୁ, ସାଧ୍ୱୀ ଅବା ଆଚାର୍ଯ୍ୟଙ୍କର ଅବର୍ଣ୍ଣବାଦ, ଅପରାଧ, ଅବିନୟ ନ କରିବା ପାଇଁ ପରମ ଶକ୍ତି ଦିଅନ୍ତୁ ।

୪. ହେ ଦାଦା ଭଗବାନ ! ମୋତେ, କୌଣସି ବି ଦେହଧାରୀ ଜୀବାତ୍ମା ପ୍ରତି କିଞ୍ଚିତମାତ୍ର ବି ଅଭାବ, ତିରସ୍କାର କେବେ ବି ନ କରେ, ନ କରାଏ, ଅଥବା କର୍ତ୍ତା ପ୍ରତି ଅନୁମୋଦନ ନ କରେ, ଏପରି ପରମ ଶକ୍ତି ଦିଅନ୍ତୁ ।

୫. ହେ ଦାଦା ଭଗବାନ ! ମୋତେ, କୌଣସି ବି ଦେହଧାରୀ ଜୀବାତ୍ମା ସହ କେବେ ବି କଠୋର ଭାଷା, ଟଂଟିଲି ଭାଷା ନ କୁହେ, ନ କୁହାଏ ଅଥବା କହିବା ପାଇଁ ଅନୁମୋଦନ ନ କରେ, ଏପରି ପରମ ଶକ୍ତି ଦିଅନ୍ତୁ ।

କେହି କଠୋର ଭାଷା, ଟଂଟିଲି ଭାଷା କୁହେ ତେବେ ମୋତେ ମୃଦୁ-ଋଜୁ ଭାଷା କହିବା ପାଇଁ ପରମଶକ୍ତି ଦିଅନ୍ତୁ ।

୬. ହେ ଦାଦା ଭଗବାନ ! ମୋତେ, କୌଣସି ବି ଦେହଧାରୀ ଜୀବାତ୍ମା ପ୍ରତି ସ୍ତ୍ରୀ, ପୁରୁଷ ଅଥବା ନପୁଂସକ, କୌଣସି ବି ଲିଙ୍ଗଧାରୀ ହେଉ, ତେବେ ତାଙ୍କ ସମ୍ବନ୍ଧରେ କିଞ୍ଚିତମାତ୍ର ବି ବିଷୟ-ବିକାର ସମ୍ବନ୍ଧି ଦୋଷ, ଇଚ୍ଛା, ଚେଷ୍ଟା ଅଥବା ବିଚାର ସମ୍ବନ୍ଧି ଦୋଷ ନ କରେ, ନ କରାଏ ଅଥବା କର୍ତ୍ତା ପ୍ରତି ଅନୁମୋଦନ ନ କରେ, ଏପରି ପରମ ଶକ୍ତି ଦିଅନ୍ତୁ ।

ମୋତେ ନିରନ୍ତର ନିର୍ବିକାର ରହିବା ପାଇଁ ପରମ ଶକ୍ତି ଦିଅନ୍ତୁ ।

୭. ହେ ଦାଦା ଭଗବାନ ! ମୋତେ, କୌଣସି ବି ରସରେ ଲୁବ୍ଧତା ନ ହେଉ, ଏପରି ଶକ୍ତି ଦିଅନ୍ତୁ ।

ସମରସୀ ଆହାର ନେବା ପାଇଁ ପରମ ଶକ୍ତି ଦିଅନ୍ତୁ ।

୮. ହେ ଦାଦା ଭଗବାନ ! ମୋତେ, କୌଣସି ବି ଦେହଧାରୀ ଜୀବାତ୍ମାର ପ୍ରତ୍ୟକ୍ଷ ଅଥବା ପରୋକ୍ଷ, ଜୀବିତ ଅଥବା ମୃତ, କାହାରି କିଞ୍ଚିତମାତ୍ର ବି ଅବର୍ଣ୍ଣବାଦ, ଅପରାଧ, ଅବିନୟ ନ କରେ, ନ କରାଏ ଅଥବା କର୍ତ୍ତା ପ୍ରତି ଅନୁମୋଦନ ନ କରେ ଏପରି ପରମ ଶକ୍ତି ଦିଅନ୍ତୁ ।

୯. ହେ ଦାଦା ଭଗବାନ ! ମୋତେ, ଜଗତ କଲ୍ୟାଣ କରିବାରେ ନିମିତ୍ତ ହେବାପାଇଁ ପରମ ଶକ୍ତି ଦିଅନ୍ତୁ, ଶକ୍ତି ଦିଅନ୍ତୁ, ଶକ୍ତି ଦିଅନ୍ତୁ ।

(ଏତିକି ତୁମକୁ ଦାଦା ଭଗବାନଙ୍କ ପାଖରେ ମାଗିବାର ଅଛି । ଏହା ପ୍ରତିଦିନ ଯନ୍ତ୍ରବତ୍ ପଢ଼ିବାର ଜିନିଷ ନୁହେଁ, ହୃଦୟରେ ରଖିବାର ଜିନିଷ ଅଟେ । ଏହା ପ୍ରତିଦିନ ଉପଯୋଗପୂର୍ବକ ଭାବନା କରିବାର ଜିନିଷ ଅଟେ । ଏତିକି ପାଠରେ ସମସ୍ତ ଶାସ୍ତ୍ରର ସାର ଆସିଯାଏ ।)

## ପ୍ରାତଃ ବିଧି

**(ପ୍ରତିଦିନ ସକାଳେ ଥରେ କରନ୍ତୁ)**

**(ଶୁଦ୍ଧାତ୍ମାର ଲକ୍ଷ୍ୟ ସହ କୁହନ୍ତୁ)**

- ଶ୍ରୀ ସୀମନ୍ଧର ସ୍ୱାମୀଙ୍କୁ ନମସ୍କାର କରୁଛି । (୫)
- ବାତ୍ସଲ୍ୟମୂର୍ତ୍ତି 'ଦାଦା ଭଗବାନ'ଙ୍କୁ ନମସ୍କାର କରୁଛି । (୫)
- ପ୍ରାପ୍ତ ମନ-ବଚନ-କାୟା ଦ୍ୱାରା ଏହି ସଂସାରର କୌଣସି ବି ଜୀବକୁ କିଞ୍ଚିତ୍‌ମାତ୍ର ବି ଦୁଃଖ ନ ହେଉ, ନ ହେଉ, ନ ହେଉ । (୫)
- କେବଳ ଶୁଦ୍ଧାତ୍ମାନୁଭବ ବ୍ୟତୀତ ଏହି ସଂସାରର କୌଣସି ବିନାଶୀ ଜିନିଷ ମୋତେ ଦରକାର ନାହିଁ । (୫)
- ପ୍ରକଟ ଜ୍ଞାନୀପୁରୁଷ ଦାଦା ଭଗବାନଙ୍କ ଆଜ୍ଞାରେ ହିଁ ନିରନ୍ତର ରହିବା ପାଇଁ ପରମ ଶକ୍ତି ପ୍ରାପ୍ତ ହେଉ, ପ୍ରାପ୍ତ ହେଉ, ପ୍ରାପ୍ତ ହେଉ । (୫)
- ଜ୍ଞାନୀପୁରୁଷ 'ଦାଦା ଭଗବାନ'ଙ୍କ ବୀତରାଗ ବିଜ୍ଞାନର ଯଥାର୍ଥ ରୂପରେ, ସମ୍ପୂର୍ଣ୍ଣ-ସର୍ବାଙ୍ଗ ରୂପରେ କେବଳଜ୍ଞାନ, କେବଳଦର୍ଶନ ଏବଂ କେବଳଚାରିତ୍ରରେ ପରିଣମନ ହେଉ, ପରିଣମନ ହେଉ, ପରିଣମନ ହେଉ । (୫)

❖ ❖ ❖

## ପ୍ରତିକ୍ରମଣ ବିଧି

ପ୍ରତ୍ୟକ୍ଷ ଦାଦା ଭଗବାନଙ୍କ ସାକ୍ଷୀରେ, ଦେହଧାରୀ ......... (ଯାହା ପ୍ରତି ଦୋଷ ହୋଇଥିବ, ସେ ବ୍ୟକ୍ତିର ନାମ)ର ମନ-ବଚନ-କାୟାର ଯୋଗ, ଭାବକର୍ମ-ଦ୍ରବ୍ୟକର୍ମ-ନୋକର୍ମରୁ ଭିନ୍ନ, ଏପରି ହେ ଶୁଦ୍ଧାତ୍ମା ଭଗବାନ! ଆପଣଙ୍କ ସାକ୍ଷୀରେ, ଆଜି ଦିନ ପର୍ଯ୍ୟନ୍ତ ମୋ ଦ୍ୱାରା ଯେଉଁ ଯେଉଁ ★★ ଦୋଷ ହୋଇଛି, ସେ ସବୁ ପାଇଁ ମୁଁ କ୍ଷମା ମାଗୁଛି, ହୃଦୟପୂର୍ବକ ବହୁତ ପଶ୍ଚାତାପ କରୁଛି । ମୋତେ କ୍ଷମା କରନ୍ତୁ ଏବଂ ପୁଣି ଏପରି ଦୋଷ କେବେ ମଧ୍ୟ କରିବି ନାହିଁ, ଏପରି ଦୃଢ଼ 'ନିଶ୍ଚୟ' କରୁଛି । ସେଥିପାଇଁ ମୋତେ ପରମ ଶକ୍ତି ଦିଅନ୍ତୁ ।

★★ କ୍ରୋଧ-ମାନ-ମାୟା-ଲୋଭ, ବିଷୟ-ବିକାର, କଷାୟ ଆଦି ଦ୍ୱାରା ସେହି ବ୍ୟକ୍ତିକୁ ଯାହା ବି ଦୁଃଖ ପହଞ୍ଚାଇ ଥିବ, ସେ ଦୋଷଗୁଡ଼ିକୁ ମନରେ ସ୍ମରଣ କରନ୍ତୁ ।

❖ ❖ ❖

# ଦାଦା ଭଗବାନ ଫାଉଣ୍ଡେସନ୍ ଦ୍ୱାରା ପ୍ରକାଶିତ ପୁସ୍ତକ

## ହିନ୍ଦୀ


୧. ଜ୍ଞାନୀପୁରୁଷ କୀ ପେହଚାନ୍
୨. ସର୍ବ ଦୁଃଖୋଁ ସେ ମୁକ୍ତି
୩. ଆତ୍ମବୋଧ
୪. ବର୍ତ୍ତମାନ ତୀର୍ଥଙ୍କର ଶ୍ରୀ ସୀମନ୍ଧର ସ୍ୱାମୀ
୫. ଦାଦା ଭଗବାନ କୌନ୍?
୬. ପୈସୋଁ କା ବ୍ୟବହାର
୭. ପ୍ରେମ
୮. ସମଝ୍ ସେ ପ୍ରାପ୍ତ ବ୍ରହ୍ମଚର୍ଯ୍ୟ (ସଂ.)
୯. ଦାନ
୧୦. ନିଜଦୋଷ ଦର୍ଶନ ସେ... ନିର୍ଦୋଷ
୧୧. ପତି-ପତ୍ନୀ କା ଦିବ୍ୟ ବ୍ୟବହାର
୧୨. କ୍ଲେଶ ରହିତ ଜୀବନ
୧୩. ଗୁରୁ-ଶିଷ୍ୟ
୧୪. ସତ୍ୟ-ଅସତ୍ୟ କେ ରହସ୍ୟ
୧୫. ଚମତ୍କାର
୧୬. ବାଣୀ, ବ୍ୟବହାର ମେ...
୧୭. ସହଜତା
୧୮. ଆପ୍ତବାଣୀ - ୧
୧୯. ଆପ୍ତବାଣୀ - ୨
୨୦. ଆପ୍ତବାଣୀ - ୩
୨୧. ଆପ୍ତବାଣୀ - ୪
୨୨. ଆପ୍ତବାଣୀ - ୫
୨୩. ଆପ୍ତବାଣୀ - ୬
୨୪. ଆପ୍ତବାଣୀ - ୭
୨୫. ଆପ୍ତବାଣୀ - ୮
୨୬. ଆପ୍ତବାଣୀ - ୯
୨୭. ଆପ୍ତବାଣୀ - ୧୩ (ପୂର୍ବାର୍ଦ୍ଧ - ଉତ୍ତରାର୍ଦ୍ଧ)
୨୮. ଆପ୍ତବାଣୀ - ୧୪ (ଭାଗ-୧)
୨୯. ସମଝ୍ ସେ ପ୍ରାପ୍ତ ବ୍ରହ୍ମଚର୍ଯ୍ୟ (ପୂର୍ବାର୍ଦ୍ଧ - ଉତ୍ତରାର୍ଦ୍ଧ)
୩୦. ଜ୍ଞାନୀ ପୁରୁଷ (ଭାଗ-୧)
୩୧. ପ୍ରତିକ୍ରମଣ (ଗ୍ରନ୍ଥ)


**ଓଡ଼ିଆ ପୁସ୍ତକ :**


୧. ଆତ୍ମସାକ୍ଷାତ୍କାର
୨. ଚିନ୍ତା
୩. କ୍ରୋଧ
୪. ମାନବ ଧର୍ମ
୫. ମୁଁ କିଏ ?
୬. ତ୍ରିମନ୍ତ୍ର
୭. ପାପ-ପୁଣ୍ୟ
୮. ସେବା ପରୋପକାର
୯. ପ୍ରତିକ୍ରମଣ
୧୦. କର୍ମର ବିଜ୍ଞାନ
୧୧. ଜଗତ କର୍ତ୍ତା କିଏ ?
୧୨. କର୍ମର ସିଦ୍ଧାନ୍ତ
୧୩. ଘର୍ଷଣ ଟାଳନ୍ତୁ
୧୪.ଏଡ଼ଜଷ୍ଟ ଏଭ୍ରିହ୍ୱେୟାର
୧୫. ଯିଏ ଭୋଗେ ତା'ର ଭୁଲ
୧୬. ଯାହା ହେଲା ତାହା ନ୍ୟାୟ
୧୭. ଭାବନା ସୁଧାରେ ଜନ୍ମୋଜନ୍ମ
୧୮. ମାତା-ପିତା ଏବଂ ପିଲାଙ୍କ ବ୍ୟବହାର
୧୯. ମୃତ୍ୟୁ ସମୟରେ, ପୂର୍ବରୁ ଏବଂ ପରେ
୨୦. ଅନ୍ତଃକରଣର ସ୍ୱରୂପ
୨୧. ଅହିଂସା


★ ଦାଦା ଭଗବାନ ଫାଉଣ୍ଡେସନ୍ ଦ୍ୱାରା ଗୁଜରାଟୀ ଭାଷାରେ ମଧ୍ୟ ଅନେକ ପୁସ୍ତକ ପ୍ରକାଶିତ ହୋଇଛି । ୱେବସାଇଟ୍ **www.dadabhagwan.org** ଏବଂ **Dadabhagwan App** ରେ ମଧ୍ୟ ଆପଣ ଏ ସମସ୍ତ ପୁସ୍ତକ ପ୍ରାପ୍ତ କରିପାରିବେ ।

★ ଦାଦା ଭଗବାନ ଫାଉଣ୍ଡେସନ୍ ଦ୍ୱାରା ପ୍ରତ୍ୟେକ ମାସ ହିନ୍ଦୀ, ଗୁଜରାଟୀ ତଥା ଇଂରାଜୀ ଭାଷାରେ "ଦାଦାବାଣୀ" ମାଗାଜିନ୍ ପ୍ରକାଶିତ ହେଉଛି ।

★ ଉପରୋକ୍ତ ଓଡ଼ିଆ ପୁସ୍ତକ ହିନ୍ଦୀ ଭାଷାରେ ମଧ୍ୟ ଉପଲବ୍ଧ ।

# ସମ୍ପର୍କ ସୂତ୍ର

## ଦାଦା ଭଗବାନ ପରିବାର


| | | |
|---|---|---|
| ଅଡ଼ାଲଜ (ମୂଖ୍ୟ କେନ୍ଦ୍ର) | : | ତ୍ରିମନ୍ଦିର, ସୀମନ୍ଧର ସିଟୀ, ଅହମଦାବାଦ-କଲୋଲ ହାଇୱେ, ପୋଷ୍ଟ-ଅଡ଼ାଲଜ,ଜିଲ୍ଲା-ଗାନ୍ଧୀନଗର, ଗୁଜରାଟ-382421<br>ଫୋନ- 9328661166/77<br>**Email :** info@dadabhagwan.org |
| ମୁମ୍ବାଇ | : | ତ୍ରିମନ୍ଦିର, ଋଷିବନ, କାଜୁପାଡା, ବୋରିବଲି (E)<br>ଫୋନ-9323528901 |

| | | | |
|---|---|---|---|
| ଦିଲ୍ଲୀ | 9810098564 | ବେଙ୍ଗାଲୁରୁ | 9590979099 |
| କୋଲକତା | 9830093230 | ହାଇଦ୍ରାବାଦ | 9885058771 |
| ଚେନ୍ନାଇ | 7200740000 | ପୁନେ | 7218473468 |
| ଜୟପୁର | 8890357990 | ଜଲନ୍ଧର | 9814063043 |
| ଭୋପାଲ | 6354602399 | ଚଣ୍ଡିଗଡ | 9780732237 |
| ଇନ୍ଦୋର | 6354602400 | କାନପୁର | 9452525981 |
| ରାୟପୁର | 9329644433 | ବାରାଣସୀ | 9795228541 |
| ପାଟନା | 7352723132 | କଟକ | 8763090042 |
| ଅମରାବତୀ | 9422915064 | ଭୁବନେଶ୍ୱର | 8763073111 |

**U.S.A** : **DBVI, Tel . :**+1 877-505-DADA (3232),
**Email :** info@us.dadabhagwan.org

**U.K.** : +44 330-111-DADA (3232)

**Kenya** : +254 795-92-DADA (3232)

**UAE** : +971 557316937

**Dubai** : +971 501364530

**Australia** : +61 402179706

**New Zealand** : +64 21 0376434

**Singapore** : +65 91457800


**www.dadabhagwan.org**



## ସମ୍ପୂର୍ଣ୍ଣ ଅହିଂସା, ସେଠି ପ୍ରକଟେ କେବଳ ଜ୍ଞାନ !

ହିଂସା ବିନା ଏହି ଜଗତ କେବେ ବି ରହି ନାହିଁ । ଯେତେବେଳେ ତୁମେ ନିଜେ ଅହିଂସାବାଲା ହୋଇଯିବ, ସେତେବେଳେ ଜଗତ ଅହିଂସାବାଲା ହେବ ଏବଂ ଅହିଂସାର ସାମ୍ରାଜ୍ୟ ବିନା କେବେ ବି କେବଳଜ୍ଞାନ ହୁଏ ନାହିଁ, ଯେଉଁ ଜାଗୃତି ଆବଶ୍ୟକ ତାହା ପୂରା ଆସିବ ନାହିଁ । ନାମକୁ ମାତ୍ର ବି ହିଂସା ନହେବା ଉଚିତ୍ । ପ୍ରତ୍ୟେକ ଜୀବ ଭିତରେ ପରମାତ୍ମା ହିଁ ଅଛନ୍ତି । କାହାର ହିଂସା କରିବ ? କାହାକୁ ଦୁଃଖ ଦେବ ?

-ଦାଦାଶ୍ରୀ

मूल दीपक से प्रकटे दीपमाला

dadabhagwan.org

9 789391 375751

Printed in India

Price ₹ 80